ଧରିତ୍ରୀ
DHARITRI
Digital Edition
Digital Edition Sunday, January 07 / 2024 www.orissakhabar.com / www.dharitri.com

MEE
My Eco Energy

# INDIZEL
# BEST FUEL FOR YOUR DIESEL ENGINE

**MEE INVITING DEALERS FOR INDIZEL FUEL PUMP/STATION.**

**MY ECO ENERGY (MEE) INDIA'S FIRST & ONLY RENEWABLE DIESEL MANUFACTURING COMPANY.**

WWW.MYECOENERGY.COM




- 18% GST set-off
- More power
- Warranties
- No engine modification needed
- More mileage
- Low maintenance
- Lower emissions
- Seamlessly interchangeably

**18% GST SET OFF.**

MEE fuel stations running at
**Pipili, Jashipur, Baripada, Berhampur**

EURO6 emission norms compliant
Biofuel meeting EN 590:2013 fuel specifications

Indizel®

Call for more information **+918658624613, +918984068619**

*A non petroleum automotive diesel fuel made from bio raw materials which compies with EN590 specifications.

# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ରବିବାର, ଜାନୁଆରୀ ୭/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 7/2024 Page 20 ₹ 7.00

୫୦ଶ ଭାଗ ୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 45 ମୂଲ୍ୟ ₹୭/-





# ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ

ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ବିଭିନ୍ନ କ୍ଷେତ୍ରରେ ଏବଂ ନୂତନ ସମସ୍ୟାକୁ ସାମ୍ନା କରିବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତସ୍ତରରେ ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଛି। ସୋଆର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ସହିତ ସେମାନଙ୍କୁ ପ୍ରସ୍ତୁତ କରିବା, ଯେପରି ସେମାନେ ଆହରଣ କରିଥିବା ଜ୍ଞାନ ସମାଜକୁ ଆଲୋକିତ କରିବ।

୨୦୦୭ ଜୁଲାଇ ୧୭ରେ ସୋଆକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୟୁଜିସି ଆକ୍ଟ ୧୯୫୬ର ଧାରା-୩ ଅନୁଯାୟୀ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ମିଳିଥିଲା। ବର୍ତ୍ତମାନ ଏହା ଗୁଣାତ୍ମକ ଶିକ୍ଷା ଓ ଗବେଷଣାକୁ ନେଇ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।ବହୁବିଧ କ୍ୟାମ୍ପସ ବିଶିଷ୍ଟ ସୋଆରେ ୧୫୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଓ ବିଦେଶୀ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସୋଆ ୨୦୧୬ଠାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ବାର୍ଷିକ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ୍ ର୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍ୟାଙ୍କିଙ୍ଗ୍‌ରେ ୬ଥର ଦେଶର ଶ୍ରେଷ୍ଠ ୨୦ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛି। ୨୦୨୩ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ରେ ସୋଆ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ସ୍ଥାନିତ କରିଛି। ସେହିପରି ନାକ୍ ପକ୍ଷରୁ ସୋଆକୁ ୨୦୨୨ରେ ପୁନଃ ସ୍ୱୀକୃତି ପ୍ରଦାନ କରାଯାଇ ସର୍ବୋଚ୍ଚ A++ଗ୍ରେଡ୍ ପ୍ରଦାନ କରାଯାଇଛି।

କ୍ୟୁ.ଏସ୍ ଇଣ୍ଡିଆ ର୍ୟାଙ୍କିଙ୍ଗ୍ ଅନୁଯାୟୀ ବିଶ୍ୱସ୍ତରରେ ଦେଶର ୫୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସୋଆ ସାମିଲ ହୋଇଛି। ସୋଆର ଫାକଲ୍ଟି ଅଫ୍ ମେଡିକାଲ୍ ସାଇନ୍‌ସେସ୍ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ) ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ ୨୦୨୩ରେ ଦେଶରେ ୧୬ତମ ସ୍ଥାନ ହାସଲ କରିଛି।

ଏହି ଡିମ୍‌ଡ ଟୁ ବି ୟୁନିଭର୍ସିଟିରେ ୨୪ଟି ଅଣ୍ଡର ଗ୍ରାଜୁଏଟ୍ ଓ ୮୩ଟି ପୋଷ୍ଟ ଗ୍ରାଜୁଏଟ୍, ପିଏଚ୍‌ଡି ଓ ପୋଷ୍ଟ ଡକ୍ଟରାଲ ପ୍ରୋଗ୍ରାମ ପ୍ରଚଳିତ। ଏହା ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, ମେଡିକାଲ ସାଇନ୍‌ସେସ୍, ଡେଣ୍ଟାଲ ସାଇନ୍‌ସେସ୍, ନର୍ସିଂ, ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍, ବାୟୋଟେକ୍ନୋଲୋଜି, ହସ୍ପିଟାଲିଟି ଆଣ୍ଡ ଟ୍ୟୁରିଜମ୍ ମ୍ୟାନେଜମେଣ୍ଟ, ଲ, ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ ଓ ଭେଟେରିନାରି ସାଇନ୍‌ସେସ୍ ପାଠ୍ୟକ୍ରମ କ୍ଷେତ୍ରରେ ଶିକ୍ଷା ପ୍ରଦାନ କରାଯାଉଛି।

ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ସୋଆ ପକ୍ଷରୁ ୧୮ଟି ଗବେଷଣା କେନ୍ଦ୍ର ଆରମ୍ଭ କରାଯାଇ ୨୬ଟି ଚିହ୍ନିତ କ୍ଷେତ୍ରରେ ଗବେଷଣା କରାଯାଉଛି।

ସୋଆର ଫାକଲ୍ଟି ଅଫ୍ ମେଡିକାଲ ସାଇନ୍‌ସେସ୍ ରାଜ୍ୟର ଅନ୍ୟତମ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କେନ୍ଦ୍ର ଭାବେ ଖ୍ୟାତି ଅର୍ଜନ କରିଛି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ ଅତ୍ୟାଧୁନିକ ଓ ଉନ୍ନତ ଏବଂ ଜୀବନରକ୍ଷାକାରୀ ସରଞ୍ଜାମ ଥିବା ବେଳେ ରୋଗୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି।

**ଛାତ୍ରୀଛାତ୍ରଙ୍କ ସୁନ୍ଦର ଭବିଷ୍ୟତ ଗଠନରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଥିପାଇଁ ଉପଯୁକ୍ତ ଶିକ୍ଷାନୁଷ୍ଠାନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଆମ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମ୍ପର୍କରେ ସବିଶେଷ ସୂଚନା ଦେବା ଲାଗି ପ୍ରୟାସ କରାଯାଉଛି।**



# ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ

**ଆ**ନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରିୟାଯୋଗ ମହାମଣ୍ଡଳର ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କ ଆଦର୍ଶରେ ଅନୁପ୍ରାଣିତ ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମିଡ଼ିୟମ ସ୍କୁଲ୍ ଏକକ ଭାବେ ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବରେ ବିଗତ ୩୭ ବର୍ଷ ଭିତରେ ବହୁ ମେଧାବୀ ଛାତ୍ରୀଛାତ୍ରଙ୍କର ପ୍ରାଣକେନ୍ଦ୍ର ରୂପେ ନିଜକୁ ପ୍ରତିଷ୍ଠିତ କରିପାରିଛି । ଏଠାରେ ଛାତ୍ରୀଛାତ୍ରଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଉଚ୍ଚ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ଶିକ୍ଷାଦାନକୁ ବ୍ରତ ଭାବରେ ଗ୍ରହଣ କରିଥାଆନ୍ତି । ୬ଷ୍ଠଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବାତାନୁକୂଳ ଶ୍ରେଣୀ କକ୍ଷରେ ବିଦ୍ୟା ଅଧ୍ୟୟନ କରାଯାଏ । ସେହିପରି ବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ବାତାନୁକୂଳିତ ଛାତ୍ରାବାସ ଏବଂ ଛାତ୍ରୀନିବାସର ସୁବିଧା ରହିଛି । ଛାତ୍ରୀଛାତ୍ରମାନଙ୍କ ଗମନାଗମନ ନିମନ୍ତେ ବିଦ୍ୟାଳୟ ତରଫରୁ ସ୍କୁଲ ବସ୍‌ର ବ୍ୟବସ୍ଥା ଅଛି ।

ପ୍ରତିବର୍ଷ ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲକରିବା ସହ ମେଡିକାଲ, ଇଞ୍ଜିନିୟରିଂ, ଆଇଜର ଏବଂ ନାଇଜର ଭଳି ଜାତୀୟସ୍ତରର ପରୀକ୍ଷାରେ ଛାତ୍ରୀଛାତ୍ରମାନେ ସଫଳତା ପାଇ ଆସୁଛନ୍ତି । ବିଗତ ବର୍ଷ ଦ୍ୱାଦଶ ଶ୍ରେଣୀର ଶ୍ରୀମାନ୍ ଅଲିଭ ସାହୁ ଶତକଡ଼ା ୯୮% ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ସହ ଆଇଆଇଟି ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇ ଅନୁଷ୍ଠାନର ନାମ ଉଜ୍ଜ୍ୱଳ କରିଛନ୍ତି। ସେହିପରି ଅନୁଷ୍ଠାନର ଅନ୍ୟତମ ଶ୍ରେଷ୍ଠ ଛାତ୍ର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶ୍ରୀମାନ୍ ଶାଶ୍ୱତ ରଥ ଶତକଡ଼ା ୯୯ % ନମ୍ବର ରଖି ଷ୍ଟେଟ୍ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି । ଚଳିତ ବର୍ଷ ଜାନୁଆରୀ ୧୫ ରୁ ଏଲ୍. କେଜିଠାରୁ ତୃତୀୟ କକ୍ଷ ପର୍ଯ୍ୟନ୍ତ ନାମଲେଖା ଆରମ୍ଭ ହେବା ସହ ଏକାଦଶ କକ୍ଷ ପାଇଁ ବିଜ୍ଞାନ, ବାଣିଜ୍ୟ ଏବଂ କଳା ବିଭାଗରେ ନାମ ପଞ୍ଜୀକରଣ ହେବାକୁ ଯାଉଛି । ଆଗ୍ରହୀ ଅଭିଭାବକମାନେ ଏହାର ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଅଭୟ କୁମାର ରଥ ମତ ପ୍ରକାଶ କରିଛନ୍ତି ।

# ଫ୍ୟୁଚର ଭୁବନେଶ୍ୱର ସ୍କୁଲ

**ଫ୍ୟୁ**ଚର ଫୋକସ୍ ଇନିସିଏଟିଭ୍ ଟ୍ରଷ୍ଟ ଅଧୀନରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ (ଏଫ୍‌ବିଏସ୍) ହେଉଛି ଏକ ପ୍ରୟାସ। ଏହା ବୃତ୍ତିଗତ ଗୋଷ୍ଠୀର ଏକ ପଦକ୍ଷେପ, ଯେଉଁମାନେ କି ନିଜ କ୍ଷେତ୍ରରେ ସଫଳ ହୋଇଛନ୍ତି। ସ୍କୁଲ ଶିକ୍ଷାକ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବାକୁ ଯାଇ ଶିକ୍ଷାର ଦର୍ଶନରେ ନବସୃଜନ ଏବଂ କିଛି ସ୍ୱତନ୍ତ୍ର ସେବା ଦୃଷ୍ଟିରୁ ଯାହା ଉଭୟ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିପାରିବ। ଛାତ୍ରୀଛାତ୍ରଙ୍କ ଆଗ୍ରହ ଏବଂ ଆବଶ୍ୟକତାକୁ ଧ୍ୟାନରେ ରଖି ଉପଯୁକ୍ତ ଶିକ୍ଷା ଯୋଗାଇଦେବ। ଏଫ୍‌ବିଏସ୍ ହେଉଛି ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଆଉ ଏକ ଡ୍ରିମ୍ ପ୍ରୋଜେକ୍ଟ। ଓଡ଼ିଶାରେ ଗୁଣାତ୍ମକ ଶିକ୍ଷାକୁ ସୁଲଭ ତଥା ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ବଢୁଥିବା ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ପ୍ରୟାସ। ଏଫ୍‌ବିଏସ୍ ଏକ ପ୍ରଦୂଷଣମୁକ୍ତ ପରିବେଶରେ ରହିଛି, ଏପରିକି ଦ୍ରୁତ ଯାନବାହନ ଚଳାଚଳ ସ୍ଥାନ ଠାରୁ ଏହା ଦୂରରେ ରହିଛି। ୫ ଏକର ପରିବ୍ୟାପ୍ତ ସ୍ଥାନରେ ଏହା ଗଢ଼ିଉଠିଛି। ଏକାଡେମିକ୍ ଉତ୍କର୍ଷ ପାଇଁ ସ୍କୁଲ ଏକ ସୁନ୍ଦର ପରିବେଶ ପ୍ରଦାନକରୁଛି। ଏହି କ୍ୟାମ୍ପସ ଇନ୍‌ଫୋସିସ୍, ଟିସିଏସ୍, ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ଅନ୍ୟ ଅନେକ ଶିକ୍ଷାନୁଷ୍ଠାନ ନିକଟରେ ସୁବିଧାଜନକ ଭାବେ ରହିଛି। ଏଫ୍‌ବିଏସ୍ ଦିଲ୍ଲୀର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସହ ଜଡ଼ିତ ବୋଲି ସ୍କୁଲର ପ୍ରିନ୍ସିପାଲ ମାଥ୍ୟୁ ଥୋମାସ ମତବ୍ୟକ୍ତ କରିଛନ୍ତି।

# ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗ

**୨**୦୦୩ରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ ବା ଡିପିଏସ୍ କଳିଙ୍ଗ ଶିକ୍ଷା ଜଗତରେ ପ୍ରବେଶ କରିଥିଲା। ଏହାର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର ଏବଂ ମାଳା ମିଶ୍ର ଓଡ଼ିଶାରେ ଅତ୍ୟାଧୁନିକ ସ୍କୁଲ ସ୍ଥାପନ କରିବା ପାଇଁ ପରିକଳ୍ପନା କରିଥିଲେ। ସ୍କୁଲ ଶିକ୍ଷାର ସାମଗ୍ରିକ ବିକାଶ ଲକ୍ଷ୍ୟରେ ଡିପିଏସ୍ କଳିଙ୍ଗ ଆରମ୍ଭ କଲେ। ୨୧ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଡିପିଏସ୍ କଳିଙ୍ଗ ଏକ ଗୌରବମୟ ଇତିହାସ ସହିତ ଠିଆ ହୋଇଛି। ଶିକ୍ଷାର୍ଥୀମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ଶିକ୍ଷା କ୍ଷେତ୍ରରେ ପ୍ରତିଯୋଗିତା କରିବା ପାଇଁ ପ୍ରସ୍ତୁତ କରୁଛି। ଓଡ଼ିଶା ସହିତ ପୂର୍ବ ଭାରତରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଭାବରେ ଏକ ସ୍ଥାନ ହାସଲ କରିଛି । ଓଡ଼ିଶାର ପ୍ରଥମ ଶିକ୍ଷାଗତ ଉଦ୍ୟୋଗୀ ମାଳା ମିଶ୍ର, ପିଲାମାନଙ୍କର ସ୍ୱପ୍ନକୁ ସତ୍ୟରେ ପରିଣତ କରିବାରେ ବିଶ୍ୱାସ କରନ୍ତି। ଓଡ଼ିଶାର ଶିକ୍ଷା ଇତିହାସରେ ଡିପିଏସ୍ କଳିଙ୍ଗକୁ ସେ ଏକ ଗୁରୁତ୍ୱପୂର୍ଣ୍ଣ ସ୍କୁଲ କରି ପାରିଛନ୍ତି।

ଶ୍ରୀମତୀ ମିଶ୍ର କୁହନ୍ତି, ପ୍ରତ୍ୟେକ ଶିଶୁଙ୍କର ସ୍ୱପ୍ନ ଥାଏ ଏବଂ ଏହାକୁ ବାସ୍ତବତାରେ ପରିଣତ କରିବା ପାଇଁ ଉତ୍ତମ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଡିପିଏସ୍ କଳିଙ୍ଗ ସେହି ସ୍ୱପ୍ନକୁ ସାକାର ଲାଗି ପ୍ରୟାସ କରିଥାଏ। ସାମଗ୍ରିକ ଶିକ୍ଷା ପ୍ରଦାନ ପାଇଁ ଡିପିଏସ୍ କଳିଙ୍ଗ ୨୦୨୦ରୁ ୨୦୨୩ ବ୍ରିଟିଶ କାଉନସିଲ ଦ୍ୱାରା ପୁରସ୍କୃତ ହୋଇଛି ଏବଂ ପୂର୍ବରୁ ୨୦୧୭-୨୦୨୦ ବର୍ଷରେ ମଧ୍ୟ ପୁରସ୍କୃତ ହୋଇଥିଲା। ଏଜୁକେଶନ ଟୁଡେ ଅନୁଯାୟୀ କ୍ରମାଗତ ୫ ବର୍ଷ ପାଇଁ (୨୦୧୯ - ୨୦୨୩), କୋ-ଏଡ୍ ଡେ ସ୍କୁଲ ବର୍ଗରେ ଏହା ଓଡ଼ିଶାରେ ୧ ନମ୍ବର ଥିଲା।

# ଓଡିଏମ୍ ଗ୍ଲୋବାଲ ସ୍କୁଲ

ଭୁବନେଶ୍ୱରସ୍ଥିତ ଓଡିଏମ୍ ଗ୍ଲୋବାଲ ସ୍କୁଲ ଶିକ୍ଷା ନବସୃଜନର ଏକ ନୂଆ ଦିଗ ଦେଖାଇଛି। ଶିକ୍ଷାର୍ଥୀମାନଙ୍କୁ ଏକ ପରିବର୍ତ୍ତନଶୀଳ ଶିକ୍ଷଣ ଅଭିଜ୍ଞତା ପ୍ରଦାନକରି ଶିକ୍ଷାକୁ ନବୀନତା ପ୍ରଦାନ କରିଛି, ଯାହା ପାରମ୍ପରିକ ଶିକ୍ଷାଗତ ସୀମା ଅତିକ୍ରମକରି ବିଶ୍ୱସ୍ତରୀୟ ସଫଳତାକୁ ନିଶ୍ଚିତ କରିଛି।

**ଆଜୀବନ ସଫଳତା ପାଇଁ ହୋଲିଷ୍ଟିକ ଶିକ୍ଷା**

ଓଡିଏମ୍‌ଗ୍ଲୋବାଲ ସ୍କୁଲରେ ସାମଗ୍ରିକ ବିକାଶ, ବ୍ୟକ୍ତିଗତ ସମ୍ଭାବନାକୁ ପ୍ରାଧାନ୍ୟ ଦେବା ଏବଂ କୌତୂହଳକୁ ପ୍ରଜ୍ୱଳିତ କରିବା ତଥା ସମାଲୋଚିତ ଚିନ୍ତାଧାରାକୁ ଉତ୍ସାହିତ କରିଥାଏ । ସିପିଏକ୍ସ ଶିକ୍ଷଣ ମଡେଲ ସହ ଉତ୍କର୍ଷକୁ ପ୍ରତିପାଦିତ କରିବା: ସିପିଏକ୍ସ ଲର୍ନିଂ ମଡେଲ, ଓଡିଏମ୍ ଗ୍ଲୋବାଲ ସ୍କୁଲର ବ୍ରେନ୍ ଚାଇଲ୍ଡ। ଏକ ଅଭିନବ ଶିକ୍ଷଣ ପଦ୍ଧତି ଯାହା ସୂଚନାଭିତ୍ତିକ ଶିକ୍ଷାକୁ ସ୍ୱୀକୃତି ଦେଇଥାଏ। ଏହି ବୈପ୍ଳବିକ ମଡେଲ ଚରିତ୍ରଗତ ଗୁଣକୁ ବୃଦ୍ଧି କରିଥାଏ।

**ଉତ୍କୃଷ୍ଟ ଶିକ୍ଷା ପାଇଁ ଭବିଷ୍ୟତ ସୁବିଧା**

ଶିକ୍ଷାନୁଷ୍ଠାନ ପରିସରରେ ଅତ୍ୟାଧୁନିକ ସୁବିଧା ରହିଛି, ଯାହା ଶିକ୍ଷା ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିଥାଏ। ଶିକ୍ଷାର ଯୋଗ୍ୟତାକୁ ବଢ଼ାଇବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଶ୍ରେଣୀଗୃହରେ ନିରବିଚ୍ଛିନ୍ନ ଭାବରେ ସଂଯୁକ୍ତ। ଆଧୁନିକ ଶ୍ରେଣୀଗୃହଠାରୁ ଆରମ୍ଭକରି ଯତ୍ନର ସହ ନିର୍ମିତ ସୁସଜ୍ଜିତ ଲାବରେଟୋରି ପର୍ଯ୍ୟନ୍ତ ସବୁକିଛି ଏଠାରେ ଉପଲବ୍ଧ। ଓଡିଏମ୍ ଗ୍ଲୋବାଲ ସ୍କୁଲ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ବୌଦ୍ଧିକ କ୍ଷମତାର ଅନୁସନ୍ଧାନ ଏବଂ ବିସ୍ତାର ପାଇଁ ଆବଶ୍ୟକ ସୁଯୋଗ ମଧ୍ୟ ଯୋଗାଇ ଦେଇଥାଏ।















ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ଜାନୁଆରୀ ୭/୨୦୨୪ | Bhubaneswar, Sunday, January 7/2024 | ପୃଷ୍ଠା-୧



## ଅଭିମନ୍ୟୁ ଈଶ୍ୱରନ ଅଧିନାୟକ

ଇଂଲଣ୍ଡ ଲାୟନ୍ସ ବିପକ୍ଷ କ୍ରିକେଟ ମ୍ୟାଚ ପାଇଁ ଅଭିମନ୍ୟୁ ଈଶ୍ୱରନ ଭାରତ 'ଏ' ର ଅଧିନାୟକ ମନୋନୀତ ହୋଇଛନ୍ତି।

୧୦ ୦୬

## ଦୁଲ୍‌ହନିଆ ୩ରେ ବରୁଣଙ୍କ ସହ ଜାହ୍ନବୀ

ଦୁଲ୍‌ହନିଆର ୩ୟ ସଂସ୍କରଣରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସ୍ଥାନରେ ଜାହ୍ନବୀ କପୁରଙ୍କୁ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି।



# 'ମୋ ପୁଅକୁ ମାରିଦେଲେ'

## ଜୀବିତ କହିବାର ଦିନକ ପରେ ଦିଲୀପଙ୍କ ଜୀବନ ଗଲା

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ଏସି କମ୍ପ୍ରେସରରେ ଗ୍ୟାସ୍ ଭର୍ତ୍ତିବେଳେ ବିସ୍ଫୋରଣ ଘଟଣା ଶନିବାର ଭିନ୍ନ ମୋଡ଼ ନେଇଛି। ତୃତୀୟ ଆହତ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ଦିଲୀପ ସାମନ୍ତରାୟଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ତେବେ ପ୍ରଥମେ ତାଙ୍କୁ ମୃତ ଦର୍ଶାଇ ପରିବାର ଲୋକଙ୍କୁ ଅନ୍ୟତମ ଆହତ ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ମୃତଦେହକୁ ଧରାଇ ଦିଆଗଲା। ମୃତଦେହ ସଂସ୍କାର ପରେ ଦିଲୀପଙ୍କ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ଜୀବନ ହାରିଲେ। ହେଲେ ଚିକିତ୍ସା ଶଯ୍ୟାରେ ଥିବା ଦିଲୀପ ଚେତା ଫେରିବା ପରେ ନିଜ ପରିଚୟ ଦେବାରୁ ବଡ଼ ତ୍ରୁଟି ପଦାକୁ ଆସିଥିଲା। ତେବେ ନିଜକୁ ଜୀବିତ କରିବାର ଦିନକରେ ଦିଲୀପଙ୍କ ଜୀବନ ଯିବା ଘଟଣାକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି। ବୋହୂଙ୍କୁ ସିନା ହରାଇଲେ, ହେଲେ ପୁଅ ଜୀବିତ ଥିବା ଶୁଣି ହସ୍ପିଟାଲକୁ ଧାଇଁଥିବା ପରିବାର ଲୋକେ ଏବେ ଦିଲୀପଙ୍କ ମୃତ୍ୟୁରେ ପୂରା ଭାଙ୍ଗିପଡ଼ିଛନ୍ତି। ପୁଅକୁ ସମସ୍ତେ ମିଳିମିଶି ମାରିଦେଲେ ବୋଲି ମା' ଅହଲ୍ୟା କାନ୍ଦି କାନ୍ଦି କହିବା ସହ ହସ୍ପିଟାଲ କର୍ତ୍ତୃପକ୍ଷ ଓ ପୋଲିସ ନାଁରେ ଏପରି ସାଂଘାତିକ ଅଭିଯୋଗ ଆଣି ଏତଲା ଦେଇଛନ୍ତି।

### ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା



କ୍ରନ୍ଦନରତ ଦିଲୀପ ସାମନ୍ତରାୟଙ୍କ ମା'

ଭୁବନେଶ୍ୱର,୬।୧
(ସୂର୍ଯ୍ୟକାନ୍ତ ବେହେରା)

ଯାହା ଆଶଙ୍କା କରାଯାଉଥିଲା, ତାହା ହିଁ ହେଲା। ଦିଲୀପ ସାମନ୍ତରାୟଙ୍କ ଚିକିତ୍ସାକୁ ନେଇ ଶୁକ୍ରବାର ସନ୍ଦେହ ପ୍ରକାଶ କରିଥିଲେ ଶ୍ୱଶୁର ସଦାଶିବ ଜେନା। ଏପରିକି ତାଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ଠିକ୍ ଭାବେ ଚିକିତ୍ସା କରାଯାଉ ବୋଲି ଦାବି କରିଥିଲେ। ହେଲେ ଜୀବିତ ଥିବା ଦିଲୀପଙ୍କର ଶୁକ୍ରବାର ରାତି ପ୍ରାୟ ୩ଟାରେ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ଏହି ଘଟଣା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ଅଧିକ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ଏପରିକି ବିସ୍ଫୋରଣ ଘଟଣା ଓ ପରିଚୟ ଦ୍ୱନ୍ଦ୍ୱ ଆହୁରି ଅଧିକ ରହସ୍ୟାବୃତ୍ତ ହୋଇଯାଇଛି। ଏହାକୁ ନେଇ ଦିଲୀପଙ୍କ ମା' ଅହଲ୍ୟା ସାମନ୍ତରାୟଙ୍କ ସମେତ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ହାଇଟେକ୍ ହସ୍ପିଟାଲ ପରିସରରେ ଶନିବାର ସକାଳୁ ଧାରଣା ଦେବା ସହ ନ୍ୟାୟ ଦାବି କରିଥିଲେ। ତେବେ କାହା ଭୁଲ୍ ପାଇଁ ଏଭଳି ବଡ଼ ତ୍ରୁଟି ହେଲା, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହସ୍ପିଟାଲ ଓ ପୋଲିସର ସୂଚନା ଆଧାରରେ ପ୍ରଥମେ ଜ୍ୟୋତିରଞ୍ଜନଙ୍କ ମୃତଦେହକୁ ଦିଲୀପଙ୍କ ମୃତଦେହ ଭାବି ଗତ ୩୧ ତାରିଖରେ ଅନ୍ତିମ ସତ୍କାର କରିଥିବା ପରିବାର ଲୋକେ ଦ୍ୱନ୍ଦ୍ୱ ଭିତରେ ଫସିଯାଇଛନ୍ତି। ଏବେ ପୁଣିଥରେ ଦିଲୀପଙ୍କ ମୃତଦେହର ସତ୍କାର କିପରି କରିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏପଟେ ଆଇନ ଅନୁଯାୟୀ, ପୋଲିସ ଜ୍ୟୋତିରଞ୍ଜନଙ୍କ ମୃତଦେହ ଦିଲୀପ ପରିଚୟରେ ବ୍ୟବଚ୍ଛେଦ ହୋଇଯାଇଥିବାବେଳେ ଏବେ ଦିଲୀପଙ୍କ ମୃତଦେହ ବ୍ୟବଚ୍ଛେଦକୁ ନେଇ ଅଡୁଆରେ ପଡ଼ିଛି। ଦିଲୀପ ବୋଲି କୁହାଯାଉଥିବା ତୃତୀୟ ମୃତଦେହର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ବିଦ୍ୱେଷପୂର୍ଣ୍ଣ ମିଥ୍ୟା



ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବିଭିନ୍ନ ଅତ୍ୟାବଶ୍ୟକ ସେବା ବ୍ୟାହତ ହୋଇଥିବାବେଳେ ଲୋକେ ପେଟ୍ରୋଲ ସରିଯିବା ଆଶଙ୍କାରେ କଟକର ଗଣେଶ ଘାଟ ପମ୍ପରେ ଭିଡ଼ ଲଗାଇଛନ୍ତି।

## ସ୍କୁଲ ଯିବା ବେଳେ ଛାତ୍ରୀଙ୍କୁ ବଳାତ୍କାର

ନୀଳଗିରି, ୬।୧ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଶୁକ୍ରବାର ଏକ ଲଜ୍ଜାଜନକ ଘଟଣା ଘଟିଛି। ସ୍କୁଲ ଯାଉଥିବା ବେଳେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ବାଟରୁ ଟେକି ନେଇ ବଳାତ୍କାର କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ପୂର୍ବାହ୍ନ ସମୟରେ ସମ୍ପୃକ୍ତ ଛାତ୍ରୀ ଏକାକୀ ବିଲ ରାସ୍ତା ଦେଇ ନିକଟସ୍ଥ ସ୍କୁଲକୁ ଯାଉଥିଲେ। ଏହାର ସୁଯୋଗ ନେଇ ମିତ୍ରପୁର ଅଞ୍ଚଳର ଜଣେ ନାବାଳକ(୧୫) କିଛି ପ୍ରଲୋଭନ ଦେଖାଇ ଛାତ୍ରୀଙ୍କୁ ଟେକିନେଇ ଜବରଦସ୍ତ ବଳାତ୍କାର କରିଥିଲେ। କିଛି ଘଣ୍ଟା ପରେ ଛାତ୍ରୀଜଣକ କାନ୍ଦି କାନ୍ଦି ଆସି ତାଙ୍କ ପରିବାର ଆଗରେ ସବୁ କଥା କହିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଶୁକ୍ରବାର ରାତିରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ନାବାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି।

## ଆନ୍ଦୋଳନରୁ ଓହରିଲେ ଡ୍ରାଇଭର

ଭୁବନେଶ୍ୱର,୬।୧ (ଅନିଲ ଦାସ)

କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍‌କୁ ନେଇ ହୋଇଥିବା ନୂଆ ଆଇନ ଓ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଓଡ଼ିଶା ଡ୍ରାଇଭର ସଂଘ ଚଳାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନରୁ ଓହରି ଯାଇଛି। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରି ଯାଇଥିବା ସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି। ଏଥିସହିତ ଡ୍ରାଇଭରମାନଙ୍କୁ ଆନ୍ଦୋଳନରୁ ଓହରି ନିଜ କାର୍ଯ୍ୟରେ ଯୋଗଦେବାକୁ ସେ

### ହଇରାଣ ହେଲେ ଯାତ୍ରୀ

ଆହ୍ୱାନ ଦେଇଛନ୍ତି। ରାଜ୍ୟ ସରକାର ଦାବି ଶୁଣିଥିବାରୁ ଆନ୍ଦୋଳନରୁ ଓହରି ଯିବାକୁ ସେ ଭିଡିଓ ବାର୍ତ୍ତା ଜାରିକରି କହିଛନ୍ତି। ହିଟ୍ ଆଣ୍ଡ ରନ୍ ଆଇନକୁ ବିରୋଧ କରି ୨୮ଟି ରାଜ୍ୟ ଆନ୍ଦୋଳନରେ ସାମିଲ ହେଉ ନ ଥିବାରୁ ଆମେ ଓହରିଗଲୁ । ସୋମବାର କେନ୍ଦ୍ର ଆଇନ ବିଷୟରେ ଆଲୋଚନା କରିବୁ ବୋଲି ସେ କହିଛନ୍ତି।

ଆନ୍ଦୋଳନ ସ୍ଥଗିତ ନେଇ ରାଜ୍ୟ ପରିବହନ କମିଶନର ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**
ପାର୍ଲାମେଣ୍ଟରେ ଜନସାଧାରଣଙ୍କ ପ୍ରସଙ୍ଗ ଉଠାଇବାକୁ ସରକାର ସୁଯୋଗ ନ ଦେବାରୁ କଂଗ୍ରେସ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆୟୋଜନ କରୁଛି। ନ୍ୟାୟିକ ସିଦ୍ଧାନ୍ତ, କାର୍ଯ୍ୟ କରିବାରେ ସ୍ୱାଧୀନତା, ସମାନତା, ଭ୍ରାତୃଭାବ ପୁନଃପ୍ରତିଷ୍ଠା କରିବା ଏହି ଯାତ୍ରାର ଲକ୍ଷ୍ୟ। –ମଲ୍ଲିକାର୍ଜ୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦେଣନେଣ
ଚାଲୁଛି ଅଣେବଣେ
କିଏ ଦେଖୁଛି କିଏ ନେଉଛି
ଜାଣେ ସେ ପ୍ରଭୁ ଜଣେ।

ସାଧାରଣତଃ ଲୁଚାଛପାରେ ହିଁ ଲାଞ୍ଚ କାରବାର କରାଯାଇଥାଏ। ବାହାର ଲୋକ ଏଭଳି ଦୁର୍ନୀତି ବିଷୟରେ କୌଣସି ଟେର ପାଉ ନ ଥିବାବେଳେ ଏହି କାରବାରକୁ କେବଳ ଉପରବାଲା ହିଁ ଠିକ ଜାଣୁଥିବାର ଏଠାରେ ଦର୍ଶାଯାଇଛି।

ଦୃଢ଼ ନ ଥାଇ କର୍ମ ଯେତେ
ଫଳ ନ ଫଳେ କଦାଚିତେ।

ଆନ୍ତରିକ ଇଚ୍ଛାଶକ୍ତି ରଖି ଯେ କୌଣସି କାର୍ଯ୍ୟରେ ହାତ ଦେଲେ ସେ କାର୍ଯ୍ୟ ଅଚିରେ ସଫଳ ହୁଏ ବୋଲି ଜଣାଯାଇଥାଏ। ପରନ୍ତୁ ଦୃଢ଼ମନା ହୋଇ କାର୍ଯ୍ୟ ନ କରିବା ଦ୍ୱାରା ପରିଶେଷରେ ବିଫଳତା ହିଁ ମିଳେ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଆନ୍ଦୋଳନରୁ...

ଅମିତାଭ ଠାକୁର ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଡ୍ରାଇଭର ସଂଘ ଆନ୍ଦୋଳନରୁ ଓହରି ଯାଇଛି। ରାଜ୍ୟ ସରକାରଙ୍କଠାରେ ଥିବା ସେମାନଙ୍କ ଦାବି ପୂରଣ ହୋଇଛି। ଗାଡ଼ି ଚଳାଚଳ ସ୍ୱାଭାବିକ କରିବାକୁ ସଂଘ ସବୁ ଜିଲାକୁ ଜଣାଇଛି। ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ଶନିବାର ରାଜ୍ୟରେ ପେଟ୍ରୋଲ, ଡିଜେଲ, କ୍ଷୀର ସମେତ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଅଭାବ ପରିଲକ୍ଷିତ ହୋଇଥିଲା। ଏହି ଆନ୍ଦୋଳନ ପ୍ରଭାବରେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ଲୋଡ଼ିଂ ୭୫% କମିଥିବା ବେଳେ ପେଟ୍ରୋଲ ପମ୍ପରେ ତେଲ ପାଇଁ ପ୍ରବଳ ଭିଡ଼ ଦେଖାଦେଇଥିଲା। ଲୋକମାନେ ବିକଳରେ ତେଲ କିଣୁଥିବାରୁ ଟାଙ୍କିରେ ମହଜୁଦ ତେଲ ଶେଷ ହୋଇଯିବା ଆଶଙ୍କା ଦେଖାଦେଇଥିଲା। ସାରା ରାଜ୍ୟରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ପ୍ରଭାବ ସବୁଠି ଦେଖିବାକୁ ମିଳିଛି। ଏଥିଯୋଗୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପରିବହନରେ ବାଧା ସୃଷ୍ଟି ହୋଇଥିଲା। ଓମ୍‌ଫେଡ କ୍ଷୀର ବଜାରକୁ ଆସିପାରି ନ ଥିଲା। ସେହିପରି ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବିଭିନ୍ନ ରୁଟ୍‌ରେ ବସ୍ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ସାରା ଓଡ଼ିଶାରେ ଗାଡ଼ି ଚଳାଚଳ ବନ୍ଦ ଥିଲା। ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ଅଟକି ରହି ହଇରାଣ ହରକତ ହୋଇଥିଲେ। ଭୁବନେଶ୍ୱର-କଟକରେ ମୋ ବସ୍ ଚଳାଚଳ କରୁଥିବାରୁ ସେଥିରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ଏକ କମିଟି ଗଠନ କରି ଡ୍ରାଇଭରଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହାକୁ କାର୍ଯ୍ୟକାରୀ ନ କରିବାରୁ ଡ୍ରାଇଭରମାନେ ଗାଡ଼ି ଚଳାଇବା ବନ୍ଦ କରିଥିଲେ।

### 'ମୋ ପୁଅକୁ ...

ବ୍ୟବଚ୍ଛେଦ କରିବାକୁ ପୋଲିସ ଦୁଇଟି ନାଁରେ (ଜ୍ୟୋତିରଞ୍ଜନ/ଦିଲୀପ) ପଞ୍ଜୀକୃତ କରିଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏମ୍ସ ପଠାଇଛି। ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି, ଏନେଇ ରବିବାର ମୃତଦେହର ବ୍ୟବଚ୍ଛେଦ କରାଯିବା ସହ ଡିଏନ୍‌ଏ ଟେଷ୍ଟ ପାଇଁ ସାମ୍ପଲ କଲେକ୍ସନ କରାଯିବ। ପରେ ଏହାକୁ ଦିଲ୍ଲୀ ପଠାଯିବ। ଡିଏନ୍‌ଏ ରିପୋର୍ଟ ଆସିବାକୁ ଅତିକମ୍‌ରେ ୭ ଦିନ ସମୟ ଲାଗିବ। ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ ମୃତଦେହକୁ ସମ୍ପୃକ୍ତ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏନେଇ ହାଇଟେକ୍ ହସ୍ପିଟାଲର ସିଇଓ ସ୍ମିତା ପାଢ଼ୀ କହିଛନ୍ତି, ନିଜକୁ ଦିଲୀପ କହୁଥିବା ବ୍ୟକ୍ତିଙ୍କର ଶୁକ୍ରବାର ରାତିରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୁଣିଥରେ ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସବୁ ଚେଷ୍ଟା ସତ୍ତ୍ୱେ ଶେଷରେ ସେ ଆଖି ବୁଜିଦେଇଥିବା ସ୍ମିତା କହିଛନ୍ତି। ତେବେ ଦିଲୀପଙ୍କ ମୃତ୍ୟୁକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନ ଥିବାରୁ ହସ୍ପିଟାଲ ଓ ପୋଲିସ ପାଇଁ ଅଡୁଆ ବଢ଼ିଛି। ଅହଲ୍ୟା କହିଛନ୍ତି, ରାତି ୧ଟା ଯାଏ ସେ ତାଙ୍କ ପୁଅ ସହ କଥା ହୋଇଥିଲେ। ରାତି ପ୍ରାୟ ୨ଟା ବେଳେ ଡାକ୍ତର କହିଥିଲେ, ପୁଅର ହାର୍ଟ କାମ କରୁନାହିଁ ଏବଂ ରକ୍ତଚାପ ସ୍ତର ହ୍ରାସ ପାଇଛି। ପରେ ରାତି ପ୍ରାୟ ୩ଟାରେ ପୁଅକୁ ମୃତ ଘୋଷଣା କରିଦେଲେ ହସ୍ପିଟାଲ କର୍ତ୍ତୃପକ୍ଷ। ଏପରିକି ମୃତଦେହ ଦେବା ପାଇଁ ବଳପୂର୍ବକ ଟିପଚିହ୍ନ ବି ନେଇଗଲେ। ପୁଅକୁ ହସ୍ପିଟାଲରେ ଷଡ଼ଯନ୍ତ୍ର କରି ହତ୍ୟା କରିଦେଲେ। ଏଥିପାଇଁ ହସ୍ପିଟାଲ ଓ ପୋଲିସକୁ ଦାୟୀ କରି ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି ଦିଲୀପଙ୍କ ମା' ଅହଲ୍ୟା। ହସ୍ପିଟାଲ ପରିସରରେ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲଙ୍କୁ ଅହଲ୍ୟା ଅଭିଯୋଗପତ୍ର ଦେଇଥିଲେ। ଅନ୍ୟପକ୍ଷରେ ଜ୍ୟୋତିରଞ୍ଜନଙ୍କ ବଡ଼ ଭିଣୋଇ ବିପିନ ମଲ୍ଲିକ ହସ୍ପିଟାଲ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ବିପିନଙ୍କ କହିବା କଥା, ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ଡାକି ବସାଇ ବୁଝାଇଥିଲେ। ତାଙ୍କୁ କୁହାଯାଇଥିଲା ଯେ, ହସ୍ପିଟାଲରେ ସେମାନଙ୍କ ପକ୍ଷରୁ ଏକ ବଡ଼ ଭୁଲ ହୋଇଯାଇଛି। ଜ୍ୟୋତିରଞ୍ଜନଙ୍କ ମୃତଦେହକୁ ଦିଲୀପଙ୍କ ମୃତଦେହ ଭାବି ପଠାଇ ଦିଆଯାଇଛି। ଏହାକୁ ନେଇ ଆମ ଭିତରେ କଥା ହୋଇଯିବା। ଏହି କଥାକୁ ହାଇଲାଇଟ୍ କରନ୍ତୁ ନାହିଁ। ୮, ୧୦ ଲକ୍ଷ ଟଙ୍କା ଯାହା କ୍ଷତିପୂରଣ ଆମେ ଦେଇଦେବୁ ବୋଲି କହିଥିଲେ। ଚୁପଚାପ୍ ହୋଇ ତମେ ରହିବ, ଏହି କଥାକୁ ପ୍ରଘଟ ନ କରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଚାପ ପକାଇଥିଲେ ବୋଲି ସେ କହିଛନ୍ତି। ତେବେ ଆଉ ଏକ ଦିଗକୁ ନେଇ ମଧ୍ୟ ସମ୍ପର୍କୀୟମାନେ ଅଭିଯୋଗ କରୁଛନ୍ତି। ତାହା ହେଲା, ଚିକିତ୍ସାଧୀନ ବ୍ୟକ୍ତି ସୁସ୍ଥ ହେବା ପରେ ତାଙ୍କୁ ଭେଣ୍ଟିଲେଟରରୁ ବାହାରକୁ ଅଣାଯାଇଥାଏ। ହେଲେ ଯଦି ଦିଲୀପ ସମ୍ପୂର୍ଣ୍ଣ ଭଲ ହୋଇ ନ ଥିଲେ ତାଙ୍କୁ ଭେଣ୍ଟିଲେଟରରୁ ବାହାରକୁ ଅଣାଯାଇ ପଚରାଉଚରା କରାଯିବାରୁ ତାଙ୍କ ଜୀବନ ପ୍ରତି ବିପଦ ଆସିଲା ବୋଲି କୁହାଯାଉଛି। ଏହି ତ୍ରୁଟିକୁ ନେଇ ସମ୍ପର୍କୀୟମାନେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ଦୋଷ ଲଦିଛନ୍ତି। ଅନ୍ୟପକ୍ଷରେ ଶନିବାର ସକାଳେ ହସ୍ପିଟାଲ ପରିସରରେ ମଧ୍ୟ ଶୁକ୍ରବାର ଭଳି ସମାନ ପରିସ୍ଥିତି ଉପୁଜିଥିଲା। ଦିଲୀପଙ୍କ ସମ୍ପର୍କୀୟମାନେ ମୁଖ୍ୟଗେଟ୍ ପାର ହୋଇ ହସ୍ପିଟାଲ ଭିତରକୁ ପ୍ରବେଶ କରିବା ବେଳେ ସେମାନଙ୍କୁ ସୁରକ୍ଷାକର୍ମୀ ଅଟକାଇଥିଲେ। ଏହାକୁ ନେଇ କିଛି ସମୟ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପରେ ସେମାନେ ହସ୍ପିଟାଲ ଭିତରକୁ ଯାଇ ପ୍ରତିବାଦ କରିଥିଲେ।

## ଶୀତରୁ ରକ୍ଷା ପାଇଁ ଟ୍ରେନ୍ ବଗିରେ ନିଆଁ ପୁଆଁଇ ୨ ଗିରଫ




# 'ବାଲେଶ୍ୱରକୁ ମୁଖ୍ୟମନ୍ତ୍ରୀ ଭଲ ପାଆନ୍ତି'

ବାଲେଶ୍ୱର,୬।୧ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁତ ଭଲ ପାଆନ୍ତି। ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଦେଇଥିବା ପ୍ରତିଶ୍ରୁତି ରଖିଛନ୍ତି। ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଗତ ୨୦୨୩ ଜୁନ୍ ୨୨ ଓ ୨୩ରେ ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସି ମୋଟ୍ ୮୪୦ ଦରଖାସ୍ତଭିତ୍ତିକ ଅଭିଯୋଗକୁ ସଂଗ୍ରହ କରି ୬ମାସ ମଧ୍ୟରେ ୭୬୦ ଅଭିଯୋଗକୁ ସମାଧାନ କରିଛନ୍ତି। ମାତ୍ର ୮୦ଟି ଅଭିଯୋଗ ସମାଧାନ ଅପେକ୍ଷାରେ ରହିଛି। ଇତିମଧ୍ୟରେ ବାଲେଶ୍ୱର ଜିଲାର ବିଭିନ୍ନ ପ୍ରକଳ୍ପର ଉନ୍ନତୀକରଣ ନିମନ୍ତେ ୧୦୩୮କୋଟି ଟଙ୍କା ମଞ୍ଜୁର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। ସେଥିମଧ୍ୟରୁ ସହରରେ ପାନୀୟଜଳ ପ୍ରକଳ୍ପ ପାଇଁ ୨୩୫କୋଟି, ବୁଢ଼ାବଳଙ୍ଗ ନଦୀର ବଳରାମଗଡ଼ି ନିକଟସ୍ଥ ପରିକ୍ଷୀ ବ୍ରିଜ୍ ପାଇଁ ୧୧୩କୋଟି, ବସ୍ତାର ମାଛ ମାର୍କେଟ୍ ପାଇଁ ୮୦ କୋଟି, ସଲ୍ଟରୋଡ୍‌ର ଉନ୍ନତୀକରଣ ପାଇଁ ୫୭ କୋଟି, ବାହାନଗା ଓ ତାଳପଦା ରାସ୍ତାର ଉନ୍ନତୀକରଣ ପାଇଁ ୩୫କୋଟି, କାଂଶବାଂଶ ନଦୀର ଚଢ଼କମରା ବ୍ରିଜ୍ ପାଇଁ ୨୫ କୋଟି, ପଞ୍ଚୁଲିଙ୍ଗେଶ୍ୱର ଶୈବପୀଠର ଉନ୍ନତୀକରଣ ପାଇଁ ୧୫.୫ କୋଟି, ରେମୁଣାରେ ମଲ୍ଟିପର୍ପୋଜ କମ୍ୟୁନିଟି ସେଣ୍ଟର ପାଇଁ ୮କୋଟି, ସୋର-କୁପାରୀ ବ୍ରିଜ୍ ପାଇଁ ୯କୋଟି, ବାଲେଶ୍ୱର ମ୍ୟୁନିସିପାଲିଟିସ୍ଥିତ ଦରଘା ମଇଦାନ ପଡ଼ିଆର ଉନ୍ନତୀକରଣ ପାଇଁ ୧.୫କୋଟି, ବାଲିଆପାଳର ଡଗରା ବିଚ୍‌ର ଉନ୍ନତୀକରଣ ପାଇଁ ୧.୧୭କୋଟି, ନୀଳଗିରି ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୧ କୋଟି ଆଦି ସାମିଲ ରହିଛି ବୋଲି ବାଲେଶ୍ୱର ମିଶନ ପଡ଼ିଆରେ ଆୟୋଜିତ ସଭାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନ ହେଲିକପ୍ଟର ଯୋଗେ ଆସି ଶନିବାର ପୂର୍ବାହ୍ନରେ ଆଇଟିଆଇ ପଡ଼ିଆରେ ଓହ୍ଲାଇବା ପରେ ବିଜେଡିର ପ୍ରମୁଖ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଏକ ବିଶାଳ ବାଇକ୍ ରାଲି ମାଧ୍ୟମରେ ସହର ପରିକ୍ରମା କରି ତାଙ୍କୁ ମିଶନ ପଡ଼ିଆରେ ଆୟୋଜିତ ସଭାସ୍ଥଳକୁ ଅଣାଯାଇଥିଲା। ସେଠାରେ ପହଞ୍ଚି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନ ଲୋକମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ କରମର୍ଦ୍ଦନ


ମିଶନ ପଡ଼ିଆରେ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

- **ଜିଲାରେ ଗଡ଼ିବ ଲକ୍ଷ୍ମୀ ବସ୍**
- **ପ୍ରତି ପଞ୍ଚାୟତରେ ଖୋଲିବ ବ୍ୟାଙ୍କ**
- **୫% ଭୋଟ ବଢ଼ାଇ କୃତଜ୍ଞତା ଜଣାଇବା ପାଇଁ ଆହ୍ୱାନ**

କରି ସେମାନଙ୍କ ନିକଟରୁ ଅଭିଯୋଗ ଗ୍ରହଣ କରିଥିଲେ। ମିଶନ ପଡ଼ିଆରେ ଆୟୋଜିତ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ତାଙ୍କୁ ସ୍ୱାଗତ ଜଣାଇ ମଞ୍ଚକୁ ଆହ୍ୱାନ କରିଥିଲେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନ ଗତ ୬ମାସ ପୂର୍ବରୁ ଜିଲାକୁ ଆସି ପାଇଥିବା ଅଭିଯୋଗର ସମାଧାନ ଏବଂ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ବାଲେଶ୍ୱର ଜିଲାରେ ପ୍ରତ୍ୟେକ ଗରିବ ପରିବାରଙ୍କୁ ବିଏସ୍‌କେୱାଇ-ନବୀନ କାର୍ଡରେ ସାମିଲ କରିବା ସହ ଜିଲାରେ ଖୁବ୍‌ଶୀଘ୍ର ପ୍ରତି ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ପ୍ରଚଳିତ କରିବ। ସେହିପରି ପ୍ରତି ପଞ୍ଚାୟତରେ ଖୋଲିବ ବ୍ୟାଙ୍କ। ମହିଳା ଏବଂ ଛାତ୍ରୀଛାତ୍ରମାନେ ସହରକୁ ସୁବିଧାରେ ଯା'ଆସ କରିପାରିବେ। ବ୍ୟାଙ୍କ କାମ ପାଇଁ ଅଧିକ ସମୟ ନଷ୍ଟ କରିବେ ନାହିଁ। ଏଥିସହିତ ଗତ ୨୦୧୪ ଓ ୨୦୧୯ ନିର୍ବାଚନରେ କେଉଁ ନିର୍ବାଚନମଣ୍ଡଳୀର ପ୍ରତି ବୁଥ୍‌ରେ କେତେ ଭୋଟ୍ ମିଳିଥିଲା ତାକୁ ସମୀକ୍ଷା କରି ଆସନ୍ତା ୨୦୨୪ ନିର୍ବାଚନରେ ପ୍ରତି ବୁଥ୍‌ରୁ ୫% ଅଧିକ ଭୋଟ ପାଇବା ପାଇଁ ଘରେ ଘରେ ବିଜେଡିର ଉନ୍ନତିମୂଳକ କାର୍ଯ୍ୟ ପହଞ୍ଚାଇବାକୁ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମିଳିଥିବା ରିପୋର୍ଟ ଅନୁସାରେ ଗାଁ ଗହଳିର ଅଧିକାଂଶ ଲୋକଙ୍କୁ ବିଏସ୍‌କେୱାଇ କାର୍ଡ ମିଳି ନ ଥିବା ଜଣାପଡ଼ିଛି। ଆଜିଠାରୁ ଆରମ୍ଭ ହେଉଥିବା ବିଏସ୍‌କେୱାଇ-ନବୀନ କାର୍ଡ ଯୋଜନାରେ ସମସ୍ତଙ୍କୁ ସାମିଲ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଖେଳଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଗମନାଗମନରେ ରାଜ୍ୟବାସୀଙ୍କୁ ସବୁ ପ୍ରକାର ସାହାଯ୍ୟ କରୁଛନ୍ତି। ତେଣୁ ଆସନ୍ତା ୨୦୨୪ ନିର୍ବାଚନରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ସହ ଅଧିକରୁ ଅଧିକ ଭୋଟରେ ବିଜେଡି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇ ପାରିଲେ ତାଙ୍କ ପ୍ରତି କୃତଜ୍ଞତା ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅଶ୍ୱିନୀ ପାତ୍ର, ବିଧାୟକ ପ୍ରଣବ ପ୍ରକାଶ ଦାସ, ଅନନ୍ତ ଦାସ, ନିତ୍ୟାନନ୍ଦ ସାହୁ, ପର୍ଶୁରାମ ଧଡ଼ା, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଜେଡି ଜିଲା ସଭାପତି ରବୀନ୍ଦ୍ର ଜେନା, ରାଜ୍ୟ ବିଜୁ ମହିଳା କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ପୌରାଞ୍ଚଳ ଅଧ୍ୟକ୍ଷ ସବିତା ସାହୁ, ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଜିଲା ସଭାପତି ସୂର୍ଯ୍ୟକାନ୍ତ କରଙ୍କ ସମେତ ସମସ୍ତ କାଉନ୍‌ସିଲର, ଜିଲାପରିଷଦ ସଦସ୍ୟାସଦସ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଛାମୁଆ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସଭାରେ ପ୍ରାୟ ୧୮ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ବହୁ ଅଧିକ ଥିବା ପରିଲକ୍ଷିତ ହୋଇଥିଲା।

# ୨୭ରେ ସମଲେଇ ପ୍ରକଳ୍ପ ଲୋକାର୍ପଣ



ଭୁବନେଶ୍ୱର,୬।୧ (ଅନିଲ ଦାସ)

- **ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ଟ୍ରଷ୍ଟ ବୋର୍ଡ, ସେବାୟତ**
- **ମା'ଙ୍କ ପାଇଁ ପ୍ରତି ଘରୁ ଆସିବ ସିନ୍ଦୂର**
- **ମା'ଙ୍କ କାମରେ ସମସ୍ତଙ୍କ ସହଯୋଗ କାମନା କଲେ ମୁଖ୍ୟମନ୍ତ୍ରୀ**

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠର ରୂପାନ୍ତରଣ କାର୍ଯ୍ୟ ଚାଲିଛି। ଆସନ୍ତା ୨୭ ତାରିଖରେ ପ୍ରକଳ୍ପର ଲୋକାର୍ପଣ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ, ସଭାପତି ଓ ପୂଜାରୀମାନେ ନବୀନ ନିବାସ ଆସି ମଙ୍ଗଳାଷ୍ଟକ ଗାନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିବା ସହ ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ ଦେଇଛନ୍ତି। ମା'ଙ୍କ ପୀଠର ରୂପାନ୍ତର ପାଇଁ ସେମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଲୋକାର୍ପଣ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସବୁଘରକୁ ନଡ଼ିଆ ଦିଆଯିବ। ସବୁ ଘରୁ ମା'ଙ୍କ ପାଇଁ ସିନ୍ଦୂର ଆସିବ। ସମସ୍ତଙ୍କ ସହଯୋଗ କାମନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମା'ଙ୍କ ପୀଠ ଓ ସମ୍ବଲପୁର ସହରର ଉନ୍ନତି ପାଇଁ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ। ୫-ଟି ଅଧ୍ୟକ୍ଷ କହିଛନ୍ତି ଯେ ମା'ଙ୍କ ଆଶୀର୍ବାଦରୁ ସବୁ କାମ ଭଲରେ ଚାଲିଛି ଏବଂ ଆଗକୁ ମଧ୍ୟ ସବୁ କାମ ଭଲରେ ହେବ। ସମସ୍ତଙ୍କ ସହଯୋଗରେ ରୂପାନ୍ତର କାମ ଜାରି ରହିବ। ସୂଚନାଯୋଗ୍ୟ, ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ଷୋଡ଼ଶ ଶତାବ୍ଦୀର ଏକ ପ୍ରସିଦ୍ଧ ପୀଠ। ଏହାର ଉନ୍ନତି ପାଇଁ ୨୦୨୧ରେ ମୁଖ୍ୟମନ୍ତ୍ରୀ ସମଲେଇ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଭକ୍ତମାନଙ୍କ ପାଇଁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ମନ୍ଦିର ସହିତ ମହାନଦୀ ଘାଟର ମଧ୍ୟ ଉନ୍ନତୀକରଣ କରାଯାଉଛି। ୫-ଟି ଅଧ୍ୟକ୍ଷ ଅନେକ ଥର ସମ୍ବଲପୁର ଯାଇ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପୂର୍ବରୁ ସେମାନେ ମା' ସମଲେଶ୍ୱରୀଙ୍କୁ ପୂଜା କରି ମା' ପାଟଣେଶ୍ୱରୀ, ମା' ଦଶମତୀ, ମା' ବାଟମଙ୍ଗଳା, ବାବା ସୋମନାଥ ଏବଂ ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜିର କାମଟିକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଦ୍ୱିଜା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସାମୟିକ ମନ ହାଲୁକା ରହିବ। ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ୍ ହୋଇପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, କିନ୍ତୁ ପାରିବାରିକ ଦିଗଟି ପୂର୍ବପରି ରହିବ।

**ବୃଷ** — ବନ୍ଧୁଙ୍କ ନିକଟରୁ ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନ ପରେ ପାଇବେ। ଆଖିରେ ନ ଦେଖି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। କୃତ୍ତିକା ନକ୍ଷତ୍ର ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିବେ।

**ମିଥୁନ** — ନିଜର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମୃଗଶିରା ପରିବାରର ଖର୍ଚ୍ଚ ପରିମାଣ ଦୁଇଗୁଣା ହୋଇପାରେ, ଏଣୁ ବ୍ୟସ୍ତତା ବଢ଼ିବ। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଅସଫଳତା ହେତୁ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ** — ଗତାନୁଗତିକ ରୀତିରେ ଆପଣଙ୍କ କର୍ମପ୍ରବାହ ଆଗକୁ ଆଗକୁ ଗଡ଼ି ଗଡ଼ି ଚାଲିବ। ପୁନର୍ବସୁ ନକ୍ଷତ୍ର ଜାତ ବ୍ୟକ୍ତିଙ୍କୁ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହାନୁଭୂତିଶୀଳ କଥାରେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସମାଜ କଲ୍ୟାଣମୂଳକ କର୍ମ ହେତୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** — ଚଳିତ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ବିଭିନ୍ନ ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରିବ ନାହିଁ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ବିବାଦୀୟ ପରିସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିବ ଓ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**କନ୍ୟା** — ଆଜିର କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିପାରିଲେ ଉପକୃତ ହେବେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାର ଆଶଙ୍କା ଦେଖାଦେଇପାରେ। ଚିତ୍ରା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟର କ୍ରୟବିକ୍ରୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି।

**ତୁଳା** — ଅବସାଦଗ୍ରସ୍ତ ଯୋଗୁ ମନୋରଞ୍ଜନ କାର୍ଯ୍ୟ, ସାମୂହିକ ଆଲୋଚନା ତଥା ଦୂରଯାତ୍ରାରୁ ଦୂରେଇ ରହିବା ଭଲ। କୌଣସି ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିବେ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ବିଛା** — ବ୍ୟକ୍ତିଗତ ଭାବରେ ସମସ୍ୟାମୁକ୍ତ ରହିଥିଲେ ମଧ୍ୟ ଅନ୍ୟମାନଙ୍କ ସକାଶେ ନିଜକୁ ସନ୍ତୁଳିତ ହେବାକୁ ପଡ଼ିବ। ଅଭିଳଷିତ ଜିନିଷ ପାଇବାରେ ଅସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଲୋକସମ୍ପର୍କ ବୃଦ୍ଧି ପାଇବାରୁ ସାମୟିକ ଖୁସି ରହିପାରନ୍ତି।

**ଧନୁ** — ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ବନ୍ଧୁଙ୍କ ସହାୟତାରେ ମନୋମାଳିନ୍ୟ ଘଟିଥିବା ଅନ୍ୟ ଜଣେ ବନ୍ଧୁଙ୍କ ସହ ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ର ପାରିବାରିକ ସମସ୍ୟାର ସରଳ ସମାଧାନ ହେବ। ଆଶା ପୂରଣରେ ଜଣେ ବନ୍ଧୁ ସାହାଯ୍ୟ କରିବେ ଏବଂ ଶିକ୍ଷା ଓ ଲେଖାପଢ଼ାରୁ ଶୁଭଫଳ ମିଳିବ।

**ମକର** — ବିଭିନ୍ନ ଦିଗରୁ ରୋଜଗାର ଜାରି ରହିଲେ ମଧ୍ୟ ଖର୍ଚ୍ଚ ପରିମାଣ ନ କମିବା କାରଣରୁ ଅଭାବ ମଧ୍ୟରେ ଚଳିବେ। ସତର୍କରେ ନ ଚଳିଲେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଧନିଷ୍ଠା ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ ନେଇ ଟଣାଓଟରା ଦେଖାଦେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସାଙ୍ଗକୁ ସହଜରେ କାମ ହାସଲ କରିବେ।

**କୁମ୍ଭ** — କର୍ମକ୍ଷେତ୍ରରେ ସତର୍କତାମୂଳକ ପଦକ୍ଷେପ ନ ନେଲେ ପସ୍ତାଇବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିପାରିଲେ ବହୁତ ଉପକାରରେ ଆସିବ। ପୂର୍ବ ଭାଦ୍ରବ ନକ୍ଷତ୍ରର ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ହୋଇପାରିବ।

**ମୀନ** — ଅସୁସ୍ଥତା ସାଙ୍ଗକୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଉତ୍ତର ଭାଦ୍ରବ ନକ୍ଷତ୍ରର ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ସାମୟିକ ଖୁସି ରହିବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ। ଆକସ୍ମିକ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଅପରାହ୍ନେ ଶୁଭ ଖବର ଯୋଗ।

ଆଜି ଜାନୁଆରୀ ୭ ତାରିଖ, ପୌଷ କୃଷ୍ଣପକ୍ଷର ସର୍ବସମ୍ମତ ସଫଳା ଏକାଦଶୀ ରବିବାର, ରାଶି ନକ୍ଷତ୍ର-ବିଶାଖା/ ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୧୦ ଗତେ ଘ.୦୯।୨୦ ମଧ୍ୟେ, ଘ. ୦୧।୧୪ ଗତେ ଘ.୦୩।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୭ ମି. ଗତେ ଘ.୦୫।୧୮ ମଧ୍ୟେ ରାହୁକାଳ।



ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ପ୍ରଭାରୀ ଅଜୟ କୁମାର ଭୁବନେଶ୍ୱରସ୍ଥିତ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟଠାରେ ଦଳୀୟ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

# କଂଗ୍ରେସ ଛାଡ଼ିଥିବା ନେତାଙ୍କୁ ଫେରାଇ ଅଣାଯିବ: ଅଜୟ କୁମାର

## ନୂଆ ପ୍ରଭାରୀଙ୍କୁ କଂଗ୍ରେସର ବିପୁଳ ସମ୍ବର୍ଦ୍ଧନା

ଭୁବନେଶ୍ୱର,୬।୧(ଅନିଲ ଦାସ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ନବନିଯୁକ୍ତ ପ୍ରଭାରୀ ଅଜୟ କୁମାର ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ଶନିବାର ଭୁବନେଶ୍ୱର ଆସିଛନ୍ତି। କଂଗ୍ରେସ କାର୍ଯ୍ୟାଳୟଠାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ଓ କର୍ମକର୍ତ୍ତା ବୈଠକରେ ଯୋଗଦେଇ ଅଜୟ କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ବିଜୟର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାରେ କଂଗ୍ରେସ ଆଜି ଯେଉଁ ସ୍ଥିତିରେ ଅଛି ତେଲଙ୍ଗାନାରେ ମଧ୍ୟ ସମାନ ସ୍ଥିତିରେ ଥିଲା। କଂଗ୍ରେସ କର୍ମୀ ଓ ନେତୃବର୍ଗ ସଂକଳ୍ପ ନେଇ ସେଠାରେ ଯଦି କଂଗ୍ରେସକୁ ପୁନଃକ୍ଷମତାସୀନ କରିପାରିଲେ ଓଡ଼ିଶାରେ ତାହା ନିଶ୍ଚୟ ହୋଇପାରିବ। ସେ ଦଳୀୟ ଶୃଙ୍ଖଳାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ତେଲଙ୍ଗାନା ନିର୍ବାଚନୀ ସଫଳତାରେ ସାମାଜିକ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଓଡ଼ିଶା କଂଗ୍ରେସରେ ସାମାଜିକ ଗଣମାଧ୍ୟମକୁ ଅଧିକ କ୍ରିୟାଶୀଳ କରିବାକୁ ସେ ପରାମର୍ଶ ଦେଇଛନ୍ତି। କଂଗ୍ରେସ ପକ୍ଷରୁ 'ଦେଶ ପାଇଁ ଦାନ' ଅଭିଯାନରେ ବ୍ୟାପକ ଭାବରେ ଲୋକମାନଙ୍କୁ ସାମିଲ କରିବା ପାଇଁ ସେ କହିଛନ୍ତି। ଯେଉଁମାନେ କଂଗ୍ରେସ ଛାଡ଼ି ଯାଇଛନ୍ତି ସେମାନେ ଫେରିଆସିବା ପାଇଁ ଅଜୟ କୁମାର ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଓଡ଼ିଆମାନଙ୍କ ପାଇଁ। ଏହି ପ୍ରସଙ୍ଗରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବା ଉଚିତ ନୁହେଁ। ଆଗାମୀ ଦିନରେ ଅଜୟଙ୍କ ଦିଗ୍‌ଦର୍ଶନରେ ଏହି ୨୪ ବର୍ଷର ଭ୍ରଷ୍ଟାଚାରୀ ବିଜେଡି ସରକାରକୁ ହଟାଇବାକୁ ସମସ୍ତେ ଆଗେଇ ଆସିବାକୁ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି। ଶେଷରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଜୟ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସପ୍ତଗିରି ଉଲ୍ଲାକା, ଶରତ ରାଉତ, ସୁଶ୍ରୀ ସୁଶୀଳା ତିରିଆ,ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା, ଡ. ଦେବାଶିଷ ପଟ୍ଟନାୟକ, ଦାଶରଥି ଗମାଙ୍ଗୋ, ଅଧିରାଜ ପାଣିଗ୍ରାହୀ, କିଶୋର ପଟେଲ, ଅନନ୍ତ ପ୍ରସାଦ ସେଠୀ, ରାଜନ ଏକ୍କା, ସୁରେନ୍ଦ୍ର ସିଂ ଭୋଇ, ବିଶ୍ୱ ରଞ୍ଜନ ମହାନ୍ତି, ବିଜୟଲକ୍ଷ୍ମୀ ସାହୁ, ଭୁଜବଳ ମାଝିଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ।

ବୈଠକ ପୂର୍ବରୁ ଅଜୟ କୁମାରଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟ କଂଗ୍ରେସ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ପିସିସି ସଭାପତି, ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ବାଦ୍ୟ, ନୃତ୍ୟ ମାଧ୍ୟମରେ ତାଙ୍କୁ ସ୍ୱାଗତ କରାଯାଇଥିଲା। କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ସଂଯୋଜନାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ବିମାନବନ୍ଦରଠାରୁ ଅଜୟ କୁମାରଙ୍କୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିଆଯାଇଥିଲା। ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ସଭାପତି ବିଶ୍ୱଜିତ ଦାଶ ଓ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଶିଶୁଭବନ ଛକ, ରାଜମହଲ ଛକଠାରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ସେବାଦଳ ପକ୍ଷରୁ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ସେବାଦଳ କର୍ମୀମାନେ ଅଜୟଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ ।

# ସମ୍ବଲପୁରରେ ୧୨୦ କୋଟିର କ୍ରୀଡ଼ା ପ୍ରକଳ୍ପ ଶୁଭାରମ୍ଭ

ଭୁବନେଶ୍ୱର,୬।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବଲପୁରଠାରେ ୧୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ କ୍ରୀଡ଼ା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେ ବୁର୍ଲା ଇନ୍‌ଡୋର ଷ୍ଟାଡିୟମକୁ ଉଦ୍‌ଘାଟନ କରିଥିବାବେଳେ ସମ୍ବଲପୁର ଫୁଟ୍‌ବଲ ଏକାଡେମୀ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ହକି ଷ୍ଟାଡିୟମର ଭିତ୍ତି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭିଜନ 'ସ୍ପୋର୍ଟ୍ସ ଫର୍ ୟୁଥ୍, ୟୁଥ୍ ଫର୍ ଫ୍ୟୁଚର' ଲକ୍ଷ୍ୟ ନେଇ ୫-ଟି କାର୍ଯ୍ୟକ୍ରମ ଜରିଆରେ ଏହି କ୍ରୀଡ଼ା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି। ମୁଖ୍ୟମନ୍ତ୍ରୀ ସମ୍ବଲପୁର କ୍ରୀଡ଼ା ସଂସ୍କୃତିକୁ ପ୍ରଶଂସା କରିବା ସହ ଏହି ପ୍ରକଳ୍ପ ଜିଲାର କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବ ବୋଲି ଆଶାପ୍ରକଟ କରିଛନ୍ତି। ବୁର୍ଲା ଇନ୍‌ଡୋର ଷ୍ଟାଡିୟମରେ ୪୦୦ ଦର୍ଶକ ବସିବା ଭଳି ବ୍ୟବସ୍ଥା ରହିଛି। ଏଥିସହିତ ଚେଞ୍ଜିଂ ରୁମ୍ ପାଇଁ ସେଣ୍ଟ୍ରାଲାଇଜ ଏସି, ପ୍ରାଥମିକ ଚିକିତ୍ସା ସୁବିଧା, ଜିମ୍ ଏବଂ ବହୁମୁଖୀ ହଲ୍ ରହିଛି। ଷ୍ଟାଡିୟମ ନିର୍ମାଣ ପାଇଁ ମୋଟ ୩୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିରେ ଏଫ୍‌ଆଇଏଚ୍ କ୍ୟାଟେଗୋରି ୱାନ ସାର୍ଟିଫାଏଡ୍ ସିନ୍ଥେଟିକ ଟର୍ଫ ହକି ଷ୍ଟାଡିୟମ ନିର୍ମାଣ ହେବ। ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧ ହଜାର ଦର୍ଶକ ବସିବା ଭଳି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବ। ବିଡବ୍ଲ୍ୟୁଏଫ୍ ମାନର ବ୍ୟାଡ୍‌ମିଣ୍ଟନ କୋର୍ଟ, ଭଲିବଲ, ବାସ୍କେଟ ବଲ, ଖୋ ଖୋ ଏବଂ ଅନ୍ୟାନ୍ୟ ଇନ୍‌ଡୋର ଖେଳ ଟେବୁଲ ଟେନିସ କୋର୍ଟ ନିର୍ମାଣ କରାଯିବ। କମ୍ପ୍ଲେକ୍ସରେ ଫିଟ୍‌ନେସ ସେଣ୍ଟର, ୱେଟ୍ ଲିଫ୍ଟିଂ ହଲ୍, ଅଫିସ, କୋଚ୍ ରୁମ୍, ମେଡିକାଲ ରୁମ୍ ଆଦି ନିର୍ମାଣ ହେବ। ସେହିପରି ସମ୍ବଲପୁର ଫୁଟ୍‌ବଲ ଏକାଡେମୀରେ ନାଚୁରାଲ ଟର୍ଫ ସହିତ ଫ୍ଲଡ୍ ଲାଇଟ ବ୍ୟବସ୍ଥା ହେବ। ଏଥିରେ ଏକାସାଙ୍ଗରେ ୧ ହଜାର ଦର୍ଶକ ବସି ଖେଳ ଉପଭୋଗ କରିପାରିବେ। ଏଥିପାଇଁ ରାଜ୍ୟ ସରକାର ୧୭ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ।


ସମ୍ବଲପୁରର ୧୨୦ କୋଟିର କ୍ରୀଡ଼ା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରୁଛନ୍ତି ।

# 'ଡିଗ୍ରୀ ଅପେକ୍ଷା ଦକ୍ଷତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ'

## ଗୁଜରାଟ ଗସ୍ତରେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୬।୧(ଅସମାପିକା ସାହୁ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁଜରାଟ ଗସ୍ତରେ ଯାଇ ଦୁଇଟି ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ସମାରୋହରେ ଯୋଗଦେଇଛନ୍ତି। ଆମର ପ୍ରତିଭାବାନ୍ ଯୁବଶକ୍ତି ସମାଜ ପ୍ରତି ଥିବା ନିଜର ଦାୟିତ୍ୱ ନିର୍ବାହ କରିବା ଉଚିତ। ଆଗାମୀ ଦିନରେ ଆମ ଯୁବବର୍ଗ ଅନେକ ଉଲ୍ଲେଖନୀୟ ସଫଳତାର କାହାଣୀ ରଚିବା ସହ ସମାଜର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ରହିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ ଶନିବାର ଗୁଜରାଟରେ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(ଚାରୁସାଟ୍)ର ୧୩ତମ ସମାବର୍ତ୍ତନ ସମାରୋହ ଏବଂ ଗାନ୍ଧୀନଗରସ୍ଥିତ ନ୍ୟାଶନାଲ ଫୋରେନସିକ ସାଇନ୍ସ ୟୁନିଭର୍ସିଟି(ଏନ୍‌ଏଫ୍‌ଏସ୍‌ୟୁ)ର ଦ୍ୱିତୀୟ ସମାବର୍ତ୍ତନ ସମାରୋହରେ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଅଧିକ ନିଯୁକ୍ତିଦାତା ସୃଷ୍ଟି କରିବା ପାଇଁ ଡିଗ୍ରୀ ଅପେକ୍ଷା ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡିବ। ନୂଆ ପିଢ଼ି ପାଇଁ ନୂଆ ରାଷ୍ଟ୍ରୀୟ ଶିକ୍ଷାନୀତି



କାର୍ଯ୍ୟକାରୀ ହେଉଛି। ଜାତୀୟ ଶିକ୍ଷା ନୀତିରେ ଛାତ୍ରୀଛାତ୍ରଙ୍କ କ୍ରିଟିକାଲ ଥିଙ୍କିଂ ବଢ଼ାଇବା ସହ ସେମାନଙ୍କୁ ତର୍କ ଓ ଗବେଷଣା କରିବାର କ୍ଷମତା ବୃଦ୍ଧି କରାଇବା ପାଇଁ ମାତୃଭାଷାରେ ଶିକ୍ଷାଦାନ ଉପରେ ପ୍ରାଥମିକତା ଦିଆଯାଇଛି। ଏଥିସହ କ୍ରିୟାନ୍ୱୟନ ମାଧ୍ୟମରେ ଆମେ ଗବେଷଣା, ଉଦ୍ଭାବନ, ଉଦ୍ୟମିତା ଏବଂ ଦକ୍ଷତାଭିତ୍ତିକ ଶିକ୍ଷାକୁ ପ୍ରାଥମିକତା ଦେଉଛୁ। ମଲ୍ଟିଡିସିପ୍ଲିନାରି ଉପରେ ଗୁରୁତ୍ୱ ଦିଆଯାଉଛି। ଶିକ୍ଷାର ଆନ୍ତର୍ଜାତିକୀକରଣ ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସ୍ନାତକ, ପଦକ ବିଜେତା ଏବଂ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରୀମାନେ ଅଧିକ ସ୍ୱର୍ଣ୍ଣ ପଦକ ପାଇଥିବାରୁ କେନ୍ଦ୍ରମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ।

# ୩ଦିନ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ

ଭୁବନେଶ୍ୱର,୬।୧(ଅନୁରାଧା ମହାରଣା)

ବର୍ତ୍ତମାନ ରାଜ୍ୟରେ କୌଣସି ନିର୍ଦ୍ଦିଷ୍ଟ ପାଣିପାଗର ପ୍ରଭାବ ନ ଥିବାରୁ ରାଜ୍ୟରେ ଆସନ୍ତା ୬ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ବାୟୁମଣ୍ଡଳର ନିମ୍ନଭାଗରେ ଜଳୀୟବାଷ୍ପର ମାତ୍ରା, ବାୟୁ ଚଳାଚଳରେ ନିଷ୍କ୍ରିୟତା ଓ ନିର୍ମଳ ଆକାଶ ହେତୁ କେତେକ ଅଞ୍ଚଳରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି। ଏହି ଦୃଶ୍ୟମାନ ଦୂରତା ୨୦୦ ମିଟର ରହୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ଦିନ ଯାଏ ବିଭିନ୍ନ ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବା ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ରାତ୍ରି ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଅଧିକ ଅର୍ଥାତ୍ ୧୫ରୁ ୧୬ ଡିଗ୍ରୀ ରହିପାରେ। ରବିବାର କୋରାପୁଟ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ସୁନ୍ଦରଗଡ଼, ଦକ୍ଷିଣ ଉପକୂଳ ଓଡ଼ିଶା ସହ ରାଜ୍ୟର ଅନ୍ୟ ଜିଲାର କିଛି ସ୍ଥାନରେ କୁହୁଡ଼ିର ପ୍ରଭାବ ରହିବ। ତେଣୁ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ନବରଙ୍ଗପୁର, ଝାରସୁଗୁଡ଼ା,ଖୋର୍ଦ୍ଧା, କଟକ, ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲାରେ ଘନକୁହୁଡ଼ି ରହିବ। ସୋମବାର ମଧ୍ୟ ପାଗ ଶୁଖିଲା ରହିବା ସହ ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ କୁହୁଡ଼ି ଦେଖିବାକୁ ମିଳିବ। ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କଟକ, ଜଗତ୍‌ସିଂହପୁର ଆଦି ଜିଲାକୁ ଘନ କୁହୁଡି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଗାନ୍ଧୀ ଶିଳ୍ପ ବଜାର
ରାଜ୍ୟ ସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ
ଭାରତର ପ୍ରମୁଖ ହସ୍ତଶିଳ୍ପୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକର ପ୍ରଦର୍ଶନୀ ଏବଂ ବିକ୍ରୟ
ସ୍ଥାନ : ନୟାପଲ୍ଲୀ ଦୁର୍ଗା ପୂଜା ପଡିଆ, ଭୁବନେଶ୍ୱର, ଓଡିଶା
ତା ୨୯.୧୨.୨୦୨୩ ରିଖ ଠାରୁ ତା ୦୭.୦୧.୨୦୨୪ ରିଖ ପର୍ଯ୍ୟନ୍ତ
ସକାଳ ୧୦ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ
ନିଃଶୁଳ୍କ ପ୍ରବେଶ
ପ୍ରାୟୋଜକ : ବିକାଶ ଆୟୁକ୍ତ (ହସ୍ତଶିଳ୍ପ) କାର୍ଯ୍ୟାଳୟ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ନୂଆ ଦିଲ୍ଲୀ
ଆୟୋଜକ : ଡୋଭ, ଅନୁଗୋଳ

# ସାମଗ୍ରିକ ଖର୍ଚ୍ଚ ହାର ୫%, ରାଜସ୍ୱ ଆଦାୟ ୧୯% ବୃଦ୍ଧି



## ସଚିବସ୍ତରୀୟ ବୈଠକ

### ■ ଲେଟର ହେଡ୍ ଇଂଲିଶ ବଦଳରେ ଓଡ଼ିଆ ଲେଖିବାକୁ ସଚିବଙ୍କୁ ପରାମର୍ଶ

ଭୁବନେଶ୍ୱର,୬।୧(ଅନିଲ ଦାସ)

ବଜେଟ ବ୍ୟୟବରାଦ ଅନୁସାରେ ବିଭିନ୍ନ ବିଭାଗର ସାମଗ୍ରିକ ଖର୍ଚ୍ଚ ହାର ଡିସେମ୍ବର ଶେଷ ସୁଦ୍ଧା ଆଶାନୁରୂପ ହୋଇନାହିଁ। ବିଭାଗଗୁଡ଼ିକର ଖର୍ଚ୍ଚ ହାର ସାମଗ୍ରିକ ଭାବେ ମାତ୍ର ୫ ପ୍ରତିଶତ ବୃଦ୍ଧି ହୋଇଛି। ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ବିଭିନ୍ନ ବିଭାଗର ସାମଗ୍ରିକ ଖର୍ଚ୍ଚ ହାର ୪୮.୩% ହୋଇଥିବା ବେଳେ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ୫୩.୩୫% ହୋଇଛି। ଶନିବାର ଖାରବେଳ ଭବନଠାରେ ଅନୁଷ୍ଠିତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଏହା ଜଣାପଡ଼ିଛି।

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଗତବର୍ଷ ୫୩.୯୨% ବ୍ୟୟ ହୋଇଥିବାବେଳେ ଚଳିତବର୍ଷ ଏହି ଖର୍ଚ୍ଚ ୫୫.୨୭%କୁ ବୃଦ୍ଧିପାଇଛି। ସେହିପରି ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଶିକ୍ଷା, ମିଶନ ଶକ୍ତି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ଆଦି ସାମାଜିକ କ୍ଷେତ୍ରରେ ଗତବର୍ଷ ୫୩.୬୧% ଖର୍ଚ୍ଚ ହୋଇଥିବାବେଳେ ଚଳିତ ବର୍ଷ ଖର୍ଚ୍ଚ ୫୮.୩୫% ରହିଛି। ବଜେଟ ଅର୍ଥ ଆବଣ୍ଟନ ଅନୁସାରେ ଗତବର୍ଷ ଖର୍ଚ୍ଚ ଏହି ସମୟ ସୁଦ୍ଧା ୧୫%ରୁ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ୨୭%କୁ ବୃଦ୍ଧି ଘଟିଛି। ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୨୦୨୨ ଡିସେମ୍ବର ସୁଦ୍ଧା ଖର୍ଚ୍ଚ ହାର ୪୬.୩% ଥିବାବେଳେ ଡିସେମ୍ବର ୨୦୨୩ ସୁଦ୍ଧା ୫୦.୪୯% ରହିଛି । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଜଳସମ୍ପଦ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ସମବାୟ ଆଦି କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ଖର୍ଚ୍ଚ ବିନିଯୋଗ ପ୍ରତିଶତ ଗତବର୍ଷ ତୁଳନାରେ ଅଧିକ ରହିଛି। ସେହିପରି ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ତ୍ତ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ଶକ୍ତି କ୍ଷେତ୍ରରେ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ବିନିଯୋଗ ହାର ବଢ଼ିଛି। ଆଗାମୀ ମାସଗୁଡ଼ିକରେ ବଜେଟ ଅନୁସାରେ କାର୍ଯ୍ୟ ଓ ଖର୍ଚ୍ଚ ବିନିଯୋଗକୁ ବୃଦ୍ଧି କରିବା ସହ ଶିକ୍ଷା, ସଡ଼କ ନିର୍ମାଣ ଭଳି ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବୈଠକରୁ ଜଣାଯାଇଛି ଯେ ଭୂ-ରାଜସ୍ୱ, ଅବକାରୀ, ଜିଏସ୍‌ଟି ସଂଗ୍ରହ ଓ ଅନ୍ୟ ରାଜସ୍ୱ ସଂଗ୍ରହକୁ ମିଶାଇ ମୋଟ ରାଜସ୍ୱ ଆଦାୟ ଗତବର୍ଷ ଡିସେମ୍ବର ତୁଳନାରେ ୧୯.୯% ବୃଦ୍ଧି ହୋଇଛି। ବିକ୍ରୟ କର (ଭାଟ୍) ବାବଦରେ ଡିସେମ୍ବର ସୁଦ୍ଧା ୨୫,୭୬୮.୬୩ କୋଟି ସଂଗ୍ରହ ହୋଇଛି, ଯାହାକି ଗତ ଡିସେମ୍ବର ତୁଳନାରେ ୨୧.୩୬% ବୃଦ୍ଧି ପାଇଛି। ଅଣ ରାଜସ୍ୱ କର ବାବଦରେ ୨୦.୨୨% ବୃଦ୍ଧି ଘଟିଛି ।

ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବକେୟା ପଡ଼ିଥିବା ବିଦ୍ୟୁତ୍ ବିଲ୍ ପୈଠ କରାଯାଇ ନ ଥିବାରୁ ତାହାକୁ ଠିକ୍ ସମୟରେ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ସେହିପରି ରାଜ୍ୟକୁ ସ୍ୱତନ୍ତ୍ର ଅନୁଦାନ ସହାୟତା ଅର୍ଥ ପ୍ରଦାନ ବାବଦରେ ହୋଇଥିବା କାର୍ଯ୍ୟ ସମ୍ପର୍କିତ ବିନିଯୋଗପତ୍ର ପ୍ରଦାନ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବୈଠକ ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଚଳିତ ଜାନୁଆରୀ ୧୭ରେ ଲୋକାର୍ପଣ ହେବାକୁ ଥିବା ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଗୁରୁତ୍ୱାରୋପ କରି ଏଥିରେ ସମ୍ପୃକ୍ତ ବିଭାଗଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକ ପ୍ରାରମ୍ଭରେ ଉନ୍ନୟନ କମିଶନର ଅନୁ ଗର୍ଗ ଗତ ଡିସେମ୍ବରରେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟରେ ହେବାକୁ ଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ସମ୍ପର୍କରେ ମିଶନ ଶକ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ଆର୍ କାର୍ତ୍ତିକେୟନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଏହାଛଡ଼ା ସଚିବ ତଥା ଅଧିକାରୀମାନେ ନିଜ ନିଜ କାର୍ଯ୍ୟରେ ଚିଠିପତ୍ର ପ୍ରେରଣ ବେଳେ ଲେଟର ହେଡ୍ ଇଂଲିଶ ବଦଳରେ ଓଡ଼ିଆ ଭାଷା ବ୍ୟବହାର କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଜିଲାରେ କି କି ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି, ସେ ସମ୍ପର୍କରେ ଜିଲାରେ ଦକ୍ଷତା ବିକାଶ ସମ୍ପର୍କିତ ଏକ ସ୍କିଲ୍ କ୍ୟାଲେଣ୍ଡର ରହିବ । ଫଳରେ ଯୁବତୀଯୁବକମାନେ ଏହାର ଲାଭ ନେଇପାରିବେ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

କାଦମ୍ବିନୀ ସାହିତ୍ୟ ଏକାଡେମୀ
Kadambini Sahitya Akademi
ସର୍ବଜନାଦୃତ ମାସିକ ଓଡ଼ିଆ ପତ୍ରିକା
କାଦମ୍ବିନୀ
କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ପତ୍ରିକା ହାଟ ୨୦୨୪
ଡ. ଅଚ୍ୟୁତ ସାମନ୍ତ, ପ୍ରତିଷ୍ଠାତା, କାଦମ୍ବିନୀ ଓ କିଟ୍, କିସ୍ ଓ କିମ୍‌ସ
ଡ. ଇତିରାଣୀ ସାମନ୍ତ, ସମ୍ପାଦିକା, କାଦମ୍ବିନୀ
୨୦୦୨ରୁ ଆରମ୍ଭ ହୋଇଥିବା ଦେଶର ନିଆରା ସାହିତ୍ୟ ମହୋତ୍ସବ
ସମ୍ମାନୀୟ ଅତିଥିଗଣ:
ମୃଦୁଳା ଗର୍ଗ, ବିଶିଷ୍ଟ ଭାରତୀୟ ସାହିତ୍ୟିକା (ଜାତୀୟ ନୀଳିମାରାଣୀ ସାହିତ୍ୟ ସମ୍ମାନ ପ୍ରାପକ)
ବିଜୟ ନାୟକ, ବିଶିଷ୍ଟ କଥାକାର (କାଦମ୍ବିନୀ ସାହିତ୍ୟ ସମ୍ମାନ ପ୍ରାପକ)
ଅନୀତା ଅଗ୍ନିହୋତ୍ରୀ, ବିଶିଷ୍ଟ ଭାରତୀୟ ଲେଖିକା
ସୁବୋଧ ସରକାର, ବିଶିଷ୍ଟ ଭାରତୀୟ କବି ଓ ସମ୍ପାଦକ
ଅଭୟ ବର୍ମା, ଲୋକପ୍ରିୟ ଅଭିନେତା
ବିନୋଦ ଗନତ୍ରା, ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ
ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରଖ୍ୟାତ କଥାକାର
ସ୍ୱତନ୍ତ୍ର ଅତିଥି: ସନ୍ଦୀପ ସିଂହ, ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ
ସର୍ବଜନାଦୃତ ମାସିକ ଓଡ଼ିଆ ପତ୍ରିକା 'କାଦମ୍ବିନୀ' ୨୪ ବର୍ଷ ପୂରଣ କରି ୨୫ ବର୍ଷରେ ପଦାର୍ପଣ କରୁଛି। ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, କିଟ୍, କିସ୍, କିମ୍‌ସ ଓ 'କାଦମ୍ବିନୀ'ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ 'କାଦମ୍ବିନୀ' ସମ୍ପାଦିକା ଡକ୍ଟର ଇତିରାଣୀ ସାମନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଆସୁଛି କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ପତ୍ରିକା ହାଟ।
ପ୍ରତିବର୍ଷ ଜାନୁଆରୀ ମାସ ପ୍ରଥମ ରବିବାର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସାହିତ୍ୟ ମହୋତ୍ସବ ତଥା ଅଭିନବ ପରିକଳ୍ପନାରେ ଭାରତର ଅନନ୍ୟ, ଅଦ୍ୱିତୀୟ, ଏକମାତ୍ର ପତ୍ରିକା ହାଟ ଆୟୋଜନ କରାଯାଇଥାଏ। ୨୦୨୪ର ଏହି ସାହିତ୍ୟ ମହାକୁମ୍ଭରେ ୨ଶହ ଅତିଥି ସାହିତ୍ୟିକ ଏବଂ ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଲେଖକ, କବି, କଥାକାର, ବ୍ୟଙ୍ଗକାର, ପ୍ରକାଶକ, ସମ୍ପାଦକ, ପାଠକ, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ସାହିତ୍ୟପ୍ରେମୀ ଯୋଗ ଦେଉଛନ୍ତି। କାଦମ୍ବିନୀ ପତ୍ରିକା ହାଟ ହେଉଛି ଏକମାତ୍ର ପତ୍ରିକା ହାଟ; ଯେଉଁଠି ଓଡ଼ିଶାର କୋଣ ଅନୁକୋଣରୁ ପ୍ରକାଶ ପାଉଥିବା ବିଭିନ୍ନ ଛୋଟବଡ଼ ପତ୍ରପତ୍ରିକା ଅଂଶଗ୍ରହଣ କରିଥାନ୍ତି। ଏହି ଅବସରରେ ଓଡ଼ିଶାର କୋଣ ଅନୁକୋଣରୁ ଯୋଗ ଦେଉଥିବା ଗ୍ରାମାଞ୍ଚଳ ଲେଖକ ଲେଖିକାଙ୍କୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥାଏ।
୭ ଜାନୁଆରୀ ୨୦୨୪ (ରବିବାର), ସକାଳ ୯ଟା ୩୦ମି., ସ୍ଥାନ: କିଟ୍ କନ୍‌ଭେନ୍‌ସନ୍ ସେଣ୍ଟର, କ୍ୟାମ୍ପସ-୬

ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ୱର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା । ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ୍ୟ ପଡୁଛି–ଏହା ଆମେ ଆହୁରି ଅଧିକ ପରିମାଣରେ ମଧ୍ୟ ଦେଖିପାରିବା । –ଶ୍ରୀଅରବିନ୍ଦ



# ବିଦ୍ୱେଷପୂର୍ଣ୍ଣ ମିଥ୍ୟା



ଆକାର ପଟେଲ

ଅନେକ ସମୟରେ ବର୍ତ୍ତମାନକୁ ବୁଝିବାକୁ ହେଲେ ଅତୀତକୁ ମନେପକାଇବା ଦରକାର । ୪ବର୍ଷ ପୂର୍ବେ ୨୦୨୦ ମାର୍ଚ୍ଚ ୧୦ରୁ ୧୩ ଯାଏ ମୁସଲିମ ଧର୍ମୀୟ ସଙ୍ଗଠନ ତବ୍‌ଲିଗ୍ ଦିଲ୍ଲୀରେ ଏକ ବୈଠକ କରିଥିଲା । କୋଭିଡ୍ –୧୯ ଆରମ୍ଭ ପୂର୍ବରୁ ଏହା ସ୍ଥିର କରାଯାଇଥିଲା ଏବଂ ସେମାନେ ଯେଉଁ ସମୟରେ ଏକତ୍ରିତ ହୋଇଥିଲେ ସେତେବେଳେ ମହାମାରୀର ବିପଦ ନ ଥିବା ମୋଦି ସରକାର କହିଥିଲେ । 'କୋଭିଡ୍ –୧୯ ସ୍ୱାସ୍ଥ୍ୟ ଜରୁରୀ ନୁହେଁ, ଭୟଭୀତ ହେବାର ଆବଶ୍ୟକତା ନାହିଁ: ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ' ଶୀର୍ଷକ ଖବର ୧୩ ମାର୍ଚ୍ଚ ୨୦୨୦ରେ ପିଟିଆଇରେ ପ୍ରକାଶ ପାଇଥିଲା । ବାସ୍ତବରେ ସମାବେଶ ଉପରେ ଭାରତ ସରକାର ନିର୍ଦ୍ଦେଶନାମା ଜାରି କରିବା ପୂର୍ବରୁ ତବ୍‌ଲିଗ୍ ବୈଠକ ଅନୁଷ୍ଠିତ ହୋଇଥିଲା । କିନ୍ତୁ ମାର୍ଚ୍ଚ ଶେଷ ସୁଦ୍ଧା ଭାରତରେ କୋଭିଡ୍ ସଂକ୍ରମଣ ବଢ଼ିବା ଯୋଗୁ ସରକାର ମୁସଲମାନମାନଙ୍କୁ ଘୃଣା ଦୃଷ୍ଟିରେ ଦେଖି 'କରୋନା ଜିହାଦ'ର ଷଡ଼ଯନ୍ତ୍ର ବିସ୍ତାର କରିବାକୁ ଗଣମାଧ୍ୟମର ସହଯୋଗ ଲୋଡ଼ିଥିଲେ । ଯେଉଁଠି ସେମାନେ ଏକାଠି ବୈଠକ କରିଥିଲେ କେନ୍ଦ୍ର ସରକାର ସେହି ସ୍ଥାନକୁ ଖାଲି କରିବାକୁ ପଦକ୍ଷେପ ନେଇଥିଲେ । ନୂଆ ପ୍ରକାର କରୋନା ଭୂତାଣୁଜନିତ ପ୍ରଥମ ମୃତ୍ୟୁ ଖବର ପ୍ରକାଶ ପାଇଲା ପରେ ତବ୍‌ଲିଗ୍ ଜମାତ ସମାବେଶ ସହ ଏହାର ସମ୍ପର୍କ ଥିବା କୁହାଗଲା ଏବଂ ତା' ଉପରେ କଟକଣା ଲଗାଯାଇଥିଲା । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ୍ ଅଗ୍ରୱାଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ତବ୍‌ଲିଗ୍ ଜମାତର ସଦସ୍ୟମାନେ ବିଭିନ୍ନ ଦେଶ ଭ୍ରମଣ କରିଥିବା ଯୋଗୁ ସଂକ୍ରମଣ ବୃଦ୍ଧି ପାଇଲା । ୧ ଏପ୍ରିଲରେ, ଭାଜପା ଆଇଟି ସେଲ୍‌ର ମୁଖ୍ୟ ଅମିତ ମାଲବ୍ୟ ଟୁଇଟ କରି କହିଥିଲେ, ତବଲିଗ୍ ସମାବେଶ ଏକ ଇସ୍‌ଲାମିକ ବିଦ୍ରୋହ ସଦୃଶ । କପିଲ ମିଶ୍ର ଏହି ଗୋଷ୍ଠୀକୁ 'ଆତଙ୍କବାଦ' ବୋଲି ଅଭିହିତ କରିଥିଲେ । ଏପ୍ରିଲ ୪ ରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ମୁଖ୍ୟ ରାଜ୍ ଠାକ୍‌ରେ କହିଥିଲେ, ଦିଲ୍ଲୀର ମର୍‌କଜ୍‌ରେ ଅନୁଷ୍ଠିତ ତବ୍‌ଲିଗ୍ ବୈଠକରେ ଯୋଗ ଦେଇଥିବା ଲୋକଙ୍କୁ ଗୁଳି ଚଳାଇ ହତ୍ୟା କରାଯିବା ଦରକାର । ଉତ୍ତରପ୍ରଦେଶରେ ତବ୍‌ଲିଗ୍‌ର ସଦସ୍ୟମାନଙ୍କୁ ଆତଙ୍କବାଦ ବିରୋଧୀ ଜାତୀୟ ସୁରକ୍ଷା ଅଧିନିୟମ ଅନୁଯାୟୀ ଜେଲରେ ରଖାଯାଇଥିଲା । ୧୮ ଏପ୍ରିଲରେ ଅଗ୍ରୱାଲ ଆଉ ଦାବି ଉଠାଇଲେ ଯେ, ଏହି ଗୋଷ୍ଠୀ ହିଁ ମହାମାରୀ ବ୍ୟାପିବାର ମୁଖ୍ୟ କାରଣ । ଏହିପରି କ୍ଷତିକାରକ ମିଥ୍ୟା ନାଗରିକମାନଙ୍କ ମଧ୍ୟରେ ଶୀଘ୍ର ଖେଳିଗଲା । ହିନ୍ଦୀ ଦୈନିକ ଖବରକାଗଜ ଅମର ଉଜାଲା ପ୍ରକାଶ କରିଥିଲା ଯେ, ପଶ୍ଚିମ ଉତ୍ତରପ୍ରଦେଶର ସାହାରନପୁରର ଏକ କେନ୍ଦ୍ରରେ ତବ୍‌ଲିଗ୍ ଜମାତର ସଦସ୍ୟମାନେ ଆମିଷ ଖାଦ୍ୟ ମାଗିଥିଲେ ଏବଂ ଡାକ୍ତରଖାନା ଭିତରେ ଖୋଲା ସ୍ଥାନରେ ମଳତ୍ୟାଗ କରିଥିଲେ । ତେବେ ସାହାରନପୁର ପୋଲିସ ଏପରି ଘଟଣା ଘଟି ନାହିଁ ବୋଲି କହିଥିଲା ଏବଂ କାହାଣୀ ସେଇଠି ବନ୍ଦ ହୋଇଗଲା ।

ଯେଉଁ ସମୟରେ ତବ୍‌ଲିଗ୍ ଗୋଷ୍ଠୀର ସଦସ୍ୟମାନଙ୍କ ଉପରେ ନିର୍ଯାତନା ଜାରି ରହିଥିଲା ସେତେବେଳେ ବିଦେଶୀଙ୍କ ସମେତ ସେମାନଙ୍କୁ ଜେଲରେ ରଖାଯାଇଥିଲା । ସେମାନଙ୍କ ଉପରେ ହତ୍ୟା ଉଦ୍ୟମ ତଥା ଧାରା ୨୬୯ରେ ଅଭିଯୋଗ ଅଣାଯାଇଥିଲା । ଏହି ଯୁକ୍ତିକୁ ପ୍ରୋତ୍ସାହିତ କରୁଥିବା ତତ୍ତ୍ୱଗୁଡିକ ହେଲା– ସେମାନେ ଜାଣିଶୁଣି ସଂକ୍ରମିତ ହୋଇ ଫଳ ଉପରେ ଛେପ ପକାଇବା, ମାସ୍କ ପିନ୍ଧିବାକୁ ମନା କରିବା, ନିଜ ୱାର୍ଡରେ ଉଲଗ୍ନ ହୋଇ ଦୌଡ଼ିବା, ନର୍ସମାନଙ୍କୁ ହଇରାଣ କରିବା । ଏହା ମଧ୍ୟରୁ କୌଣସିଟି ସତ ନ ଥିଲା । ମୁସଲମାନମାନଙ୍କ ପ୍ରତି ଭାରତର ଦୁର୍ଭାବନାକୁ ବିଶ୍ୱ ଲକ୍ଷ୍ୟକଲା । ଦୋଷୀ ସାବ୍ୟସ୍ତ ନ ହୋଇ ଏବଂ କୌଣସି ପ୍ରମାଣ ବିନା ଜମାତ ସଦସ୍ୟମାନଙ୍କୁ ଭବିଷ୍ୟତରେ ଭିସା ଗ୍ରହଣ କ୍ଷେତ୍ରରେ 'କଳା ତାଲିକାଭୁକ୍ତ' କରାଯାଇଥିଲା । ଜୁନ୍‌ରେ ମୋଦି ସରକାର ଭାରତରେ ନିର୍ଦ୍ଦିଷ୍ଟ ଭାବେ ତବ୍‌ଲିଗ୍ ଧାରା ଯୋଡ଼ି ଭିଜା ଆବେଦନ ନୀତିରେ ସଂଶୋଧନ କରିଥିଲେ । ଭାରତରେ ପ୍ରଥମ ଥର ପାଇଁ ଗୋଟିଏ ଧର୍ମୀୟ ଗୋଷ୍ଠୀକୁ ଭିଜା ନୀତିରେ ସୂଚିତ କରାଗଲା । ଭାରତରେ ସୁଚିନ୍ତିତ ଭାବେ କୋଭିଡ୍‌ର ସଂକ୍ରମଣ ପାଇଁ ଗଣମାଧ୍ୟମ ଏହି ଗୋଷ୍ଠୀକୁ ଦାୟୀ କରିଥିଲା ଏବଂ ସରକାରଙ୍କୁ ବିଶେଷକରି ବିପର୍ଯ୍ୟସ୍ତ ୨୦୨୦ ଲକ୍‌ଡାଉନ ପାଇଁ ତାଙ୍କ ଉତ୍ତରଦାୟିତ୍ୱରୁ ମୁକ୍ତ କରିଥିଲା । ତେବେ କରୋନା ଭୂତାଣୁକୁ ବିଶ୍ୱରେ ରୋକାଯାଇପାରିବ ନାହିଁ ଓ ଏକାଧିକ ଉପାୟରେ ଏହା ବ୍ୟାପିପାରେ ବୋଲି ଯେତେବେଳେ ସାଧାରଣରେ ଗ୍ରହଣୀୟ ହେଲା ସେତେବେଳେ 'ତବ୍‌ଲିଗ୍ ଷଡ଼ଯନ୍ତ୍ର'ର କାହାଣୀ ଫିକା ପଡ଼ିଗଲା । କୋଭିଡ୍ ପରୀକ୍ଷା ନେଗେଟିଭ ହେବା ସତ୍ତ୍ୱେ ଦେଢ଼ମାସରୁ ଅଧିକ ସମୟ ଧରି ସଙ୍ଗରୋଧରେ ରହିଥିବା ଜମାତର ବିଦେଶୀ ସଦସ୍ୟମାନେ ସେଥିରୁ ମୁକ୍ତହେବା ପାଇଁ ୧୯ ମେ'ରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସରକାର କୋର୍ଟଙ୍କୁ କହିଥିଲେ ଯେ, କୌଣସି ପରିଦର୍ଶକଙ୍କୁ ଅଟକାଯାଇ ନାହିଁ, ବରଂ ସେମାନଙ୍କୁ କେବଳ ତଦନ୍ତରେ ସହଯୋଗ କରିବାକୁ କୁହାଯାଇଛି । କିନ୍ତୁ ୭୦୦ରୁ ଅଧିକ ଜମାତ ସଦସ୍ୟଙ୍କ ପାସ୍‌ପୋର୍ଟ ଜବତ କରାଯାଇଥିଲା ଏବଂ ସେମାନେ ପ୍ରକୃତରେ ମୁକ୍ତ ନ ଥିଲେ ।

ଜୁଲାଇ ୬ରେ ଦିଲ୍ଲୀର ସାକେତ୍ କୋର୍ଟରେ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ୪୪ ତବ୍‌ଲିଗ୍ ଜମାତ ସଦସ୍ୟ ମାମଲା ବନ୍ଦ ବଦଳରେ ୪୦୦୦ ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ମନା କରିଦେଇଥିଲେ ଏବଂ ସାହସର ସହ ବିଚାର ପ୍ରକ୍ରିୟାକୁ ସାମ୍ନା କରିବାକୁ ପସନ୍ଦ କରିଥିଲେ । ୧୧ ରାଜ୍ୟ ୨୫୦୦ରୁ ଅଧିକ ତବ୍‌ଲିଗ ଜମାତ ସଦସ୍ୟଙ୍କ ବିରୋଧରେ ୨୦ଟି ଏଫ୍ଆଇଆର୍ ଦାଖଲ କରିବାର ୮ ମାସ ପରେ ଡିସେମ୍ବର ସୁଦ୍ଧା କେହି ଦୋଷୀ ସାବ୍ୟସ୍ତ ହୋଇ ନ ଥିଲେ । ବରଂ ସରକାରଙ୍କ କାର୍ଯ୍ୟକଳାପକୁ କୋର୍ଟ କଡ଼ା ସମାଲୋଚନା କରିଥିଲେ । ବିଚାରପତିମାନେ ଏହି ମାମଲାଗୁଡ଼ିକୁ 'ବିଦ୍ୱେଷପୂର୍ଣ୍ଣ', 'ଏକ ଭର୍ଚୁଆଲ ନିର୍ଯାତନା', 'ପ୍ରକ୍ରିୟାର ଅପବ୍ୟବହାର','କ୍ଷମତାର ଅପବ୍ୟବହାର' ବୋଲି କହିଥିଲେ । ସରକାର କୌଣସି ପ୍ରମାଣ ନ ଥାଇ ଏହି ଗୋଷ୍ଠୀ ବିରୋଧରେ କାର୍ଯ୍ୟ କରିଥିଲେ । ଏପରି ଏକ ବିଦ୍ୱେଷପୂର୍ଣ୍ଣ ମିଥ୍ୟାକୁ ଜାଣିଶୁଣି ବିସ୍ତାର କରିବାକୁ ଅନୁମତି ଦିଆଗଲା । ପ୍ରକୃତରେ ଆମେ ଆଜି କେଉଁଠାରେ ଅଛି ସେ ବିଷୟରେ ବୁଝିବା ଆବଶ୍ୟକ ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | 4 |
| | 2 | 6 | | | | | | |
| | 7 | | 1 | | 4 | | | 9 |
| | | | | | | | | |
| | 1 | | 8 | | | | 3 | |
| 8 | | | | | | | 4 | 7 |
| 3 | 6 | | | | | 9 | | 1 |
| | | | | 3 | | | | 2 |
| | | | | 2 | 9 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 5 | 8 | 2 | 6 | 3 | 4 |
| 3 | 6 | 5 | 9 | 7 | 4 | 1 | 8 | 2 |
| 4 | 2 | 8 | 1 | 6 | 3 | 5 | 7 | 9 |
| 5 | 8 | 7 | 6 | 3 | 9 | 2 | 4 | 1 |
| 2 | 9 | 3 | 4 | 1 | 7 | 8 | 5 | 6 |
| 6 | 4 | 1 | 8 | 2 | 5 | 7 | 9 | 3 |
| 8 | 5 | 2 | 3 | 4 | 1 | 9 | 6 | 7 |
| 7 | 3 | 6 | 2 | 9 | 8 | 4 | 1 | 5 |
| 9 | 1 | 4 | 7 | 5 | 6 | 3 | 2 | 8 |

ଗତକାଲିର ଉତ୍ତର

# 'ଚମତ୍କାର' ବୋଲି କିଛି ଅଛି



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆଠ ବର୍ଷର କଅଁଳ କଳିକା ଝିଅଟିଏ । ଗୋଟିଏ ଛୋଟ ମୁଣିରେ ଚାଳିଶ ଟଙ୍କାର ଖୁଚୁରା ଧରି ସହରର ଗୋଟିଏ ଔଷଧ ଦୋକାନରୁ ଅନ୍ୟ ଦୋକାନ ବୁଲି ଏମିତି ଏକ ଔଷଧ ଖୋଜୁଛି ଯେ, ଯାହା କେଉଁଠି ବି ଉପଲବ୍ଧ ହେଉ ନାହିଁ । ତଥାପି ସେ ଆଶା ହରାଉନାହିଁ । ତା' ଟିକି ଆଖି ଦିଓଟିରେ ଭରି ରହିଛି ମେଞ୍ଚାଏ ଆଶା, କେଉଁଠି ନା କେଉଁଠି ତା' ଇପ୍‌ସିତ ଔଷଧଟି ନିଶ୍ଚୟ ମିଳିଯିବ, ଯାହାକୁ ନେଇ ସେ ତା' ମା'କୁ ଦେବ ଏବଂ ସେଇ ଔଷଧ ସେବନ କରି ତା' ମା' ରୋଗମୁକ୍ତ ହୋଇଯିବେ । କଥା ହେଉଛି, ଦୀର୍ଘଦିନ ଧରି ଏକ ଦୁଃସାଧ୍ୟ ରୋଗରେ ପୀଡ଼ିତା ତା' ରୁଗ୍‌ଣା ମା'ଙ୍କ ସକଳ ଚିକିତ୍ସା ବିଫଳ ହେଲାପରେ ଡାକ୍ତର କହି ଦେଇଛନ୍ତି, ଆଉ କିଛି କରିବାର ନାହିଁ । ଏଣିକି କେବଳ କୌଣସି 'ମିରାକଲ୍' ହିଁ ତାଙ୍କୁ ସୁସ୍ଥ କରିପାରେ । ବାସ୍, ଡାକ୍ତରଙ୍କ ଏଇ କଥା ପଦକ ତା' କାନରେ ପଡ଼ିଲା କ୍ଷଣି ନିଜ ସ୍ୱଳ୍ପ ଜୀବନର ସମସ୍ତ ସଞ୍ଚୟକୁ ଧରି ସେ 'ମିରାକଲ୍' କିଣିବାକୁ ଏ ଦୋକାନରୁ ସେ ଦୋକାନକୁ ଘୂରି ବୁଲୁଛି । ଟିକି ଝିଅଟିର ଏହି ବିଚିତ୍ର ଔଷଧଟିର ନାମ ଶୁଣି ସବୁ ଦୋକାନୀଙ୍କଠୁ ମିଳୁଥିଲା ହାଲୁକା ହସ ସହ କୌତୂହଳମିଶା ନିଷ୍ପ୍ରାଣ ପ୍ରତିବେଦନ । ଝିଅଟି ନିରାଶ ହେଉଥିଲା ସିନା, ଅଟକିଯାଉ ନ ଥିଲା ।

ଏମିତି ଯାଉ ଯାଉ ଗୋଟିଏ ଦୋକାନରେ 'ଏଠି ମିରାକଲ୍ ମିଳିବ କି' ବୋଲି ତା'ର ସେଇ ପ୍ରଶ୍ନଟି ପଚାରି ଦୋକାନୀଙ୍କଠୁ ଉତ୍ତର ଅପେକ୍ଷା କରୁଥିଲାବେଳେ ଦୋକାନରୁ ଔଷଧ କିଣୁଥିବା ଜଣେ ଗ୍ରାହକ ତା' ଆଡ଼କୁ ଚାହିଁଲେ ଓ ମିରାକଲ୍ କାହିଁକି ଦରକାର କରୁଛ ବୋଲି ପଚାରିଦେଲେ । ଝିଅଟି ସବୁକଥା କହିଗଲା । ମୁମୂର୍ଷୁ ମା'ଙ୍କୁ ରୋଗମୁକ୍ତ କରିବାକୁ କେବଳ ମିରାକଲ୍ କାମରେ ଆସିବ ବୋଲି ଡାକ୍ତର କହିଥିବା ଜଣାଇଲା । କୁନି ଝିଅଟିର ମାତୃପ୍ରୀତି ସହ ତା'ର ସରଳତାରେ ମୁଗ୍ଧ ହୋଇଥିବା ସେଇ ଗ୍ରାହକ ଜଣକ ଥିଲେ ରାଜ୍ୟର ଏକ ପ୍ରତିଷ୍ଠିତ ମେଡିକାଲ କଲେଜର ମେଡିସିନ୍ ବିଭାଗର ପ୍ରଫେସର, ଯିଏ ସେଇ ଛୋଟ ସହରଟିରେ ଥିବା ତାଙ୍କ ଭଉଣୀ ଘରକୁ ଆସିଥିଲେ ଓ ଗୋଟିଏ ଔଷଧ କିଣିବାକୁ ସେଇ ସମୟରେ ଉକ୍ତ ଦୋକାନକୁ ଆସିଥିଲେ । କହିବା ଲୋଡ଼ାନାହିଁ ଝିଅଟି ସହ ତାଙ୍କ ଘରକୁ ଯାଇ ତା' ଅସୁସ୍ଥ ମା'ର ଚିକିତ୍ସା ଦାୟିତ୍ୱ ନିଜ ହାତକୁ ନେଇଥିଲେ ସେଇ ପରାର୍ଥପ୍ରାଣ ପ୍ରଫେସର ମହୋଦୟ ଓ କିଛିଦିନର ଚିକିତ୍ସା ପରେ ଝିଅଟିର ମା' ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରି ମିରାକଲ୍ ସଂଘଟିତ ହୋଇଥିଲା ।

ମିରାକଲ୍ ବା ଚମତ୍କାର କିଛି ଦେଖି ଦେଖାଇଲା ଭଳି ଚିଜ ନୁହେଁ କି ପ୍ରମାଣିତ କଲା ଭଳି ଏକ ସିଦ୍ଧାନ୍ତ ନୁହେଁ । ଏହା ବିନା କୌଣସି ପ୍ରସ୍ତୁତିରେ ଅକସ୍ମାତ୍ ସଂଘଟିତ ହେଉଥିବା ଏକ ଦିବ୍ୟ ସଂଯୋଗ, ଯାହା ମଣିଷର ସୀମିତ ଜ୍ଞାନ ବଳୟ ମଧ୍ୟରେ ନିର୍ଦ୍ଧାରିତ ଅବା ନିୟନ୍ତ୍ରିତ ହୁଏ ନାହିଁ । ମଣିଷର ସକଳ ସାମର୍ଥ୍ୟ ଯେଉଁଠି ଶେଷ ହୋଇ ଯାଇଥାଏ, ତା'ର ଜ୍ଞାନ, ବିଜ୍ଞାନ, ବିଦ୍ୟା, ବୌଦ୍ଧିକତା ବା ବିପୁଳ ଧନ ସାଙ୍ଗକୁ ଅପରିମିତ କ୍ଷମତା ଯେଉଁଠି ଅସହାୟ ଭାବେ ହାର୍ ମାନିଥାଏ, ସେଠି ଅଚାନକ ମୁଣ୍ଡ ଟେକିଥିବା ଏକ ରହସ୍ୟମୟ ସଂଯୋଗର ନାମ ଚମତ୍କାରିତା । ଏଭଳି ଚମତ୍କାରକୁ ଅଦୃଶ୍ୟ ଈଶ୍ୱରଙ୍କ କୃପା ବୋଲି



ମାନି ନେବାର ଯେମିତି କିଛି ଯୁକ୍ତିଯୁକ୍ତ କାରଣ ନାହିଁ, ଅବିଶ୍ୱାସ କରିବାର ମଧ୍ୟ ସେମିତି କିଛି ଯୁକ୍ତି ବି ନାହିଁ ।

ଅଳ୍ପଦିନ ତଳେ ସମ୍ବଲପୁର ଜିଲାର ରେଙ୍ଗାଲି ନିକଟରେ ଏକ ପରିତ୍ୟକ୍ତ ବୋର୍‌ୱେଲ ଭିତରକୁ ତା' ସଦ୍ୟଜାତ ଶିଶୁକନ୍ୟାକୁ ନିକ୍ଷେପ କରିଥିଲା ଏକ ନିର୍ଦ୍ଦୟ ମା' । ଅବାଞ୍ଛିତ ଶିଶୁଟିକୁ ପ୍ରାୟ ଅଶୀଫୁଟ ଗଭୀର ଗର୍ତ୍ତ ମଧ୍ୟକୁ ଖସିବାକୁ ନ ଦେଇ ତାକୁ ଟେକି ଧରିଥିଲା ଭୂପୃଷ୍ଠରୁ ମାତ୍ର ତେର ଫୁଟ ଭିତରେ ଲଟକି ରହିଥିବା ଗୋଟିଏ ପରିତ୍ୟକ୍ତ ମଦ ବୋତଲ । ମଦ ବୋତଲରୁ ମଦତକ ନିଃଶେଷ କରି କେହି ମଦ୍ୟପ ମସ୍ତିରେ ଖାଲି ବୋତଲଟିକୁ ସେଇ ବୋରୱେଲ ଭିତରକୁ ପକାଇ ଦେଇଥିଲା । ଅଥଚ ସେ କଳ୍ପନା ବି କରି ନ ଥିଲା ଯେ ସେଇ ମଦ ବୋତଲଟି ଗଭୀର ଗାତଟିର ଶେଷ ପର୍ଯ୍ୟନ୍ତ ନ ଯାଇ ଅଳ୍ପ ଦୂର ଅତିକ୍ରମ କରି ମଝିବାଟରେ ଲଟକି ରହିବ ଓ କିଛିଦିନ ପରେ ସେଇ ଗାତଟି ଭିତରକୁ ନିକ୍ଷିପ୍ତ ହୋଇଥିବା ଶିଶୁକନ୍ୟାକୁ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇବା ପାଇଁ ବ୍ୟବହାରରେ ଆସିବ । ଶିଶୁଟିର ଶଯ୍ୟାଭାବେ ବୋତଲଟିର ଉପଯୋଗ ଭଳି ଅପୂର୍ବ ସଂଯୋଗର ନାମ ତ ଚମତ୍କାର ! ତା' ନ ହେଲେ ଶିଶୁଟି ଗାତର ଶେଷଯାଏଁ ଖସି ଖସି ଯାଇଥା'ନ୍ତା ଓ ତା' କାନ୍ଦ ସେଇ ବାଟ ଦେଇ ଯାଉଥିବା ଜଣେ ବୁଢ଼ୀର କାନରେ ପଡ଼ି ନ ଥା'ନ୍ତା କି ପ୍ରଶାସନର ସହଯୋଗ ମଧ୍ୟରେ ଦୀର୍ଘ ଦଶଘଣ୍ଟା ପରେ ଉଦ୍ଧାର ହୋଇ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହୋଇ ପୁନର୍ଜୀବନ ଲାଭ କରି ନ ଥା'ନ୍ତା । ଆନନ୍ଦର ବିଷୟ, ଶିଶୁଟି ସମ୍ପୂର୍ଣ୍ଣ ବିପଦମୁକ୍ତ ହୋଇ ଡାକ୍ତରଖାନାରେ ତା'ର ଏକୋଇଶା ପାଳନ କରିଛି ଓ ମୃତ୍ୟୁ ଉପରେ ବିଜୟ ଲାଭ କରି ବିଜୟିନୀ ନାମ ଗ୍ରହଣ କରିଛି ।

ଆମେରିକାର ପ୍ରସିଦ୍ଧ ଭେଷଜ ବିଜ୍ଞାନୀ ଜର୍ଜ ଉଇଲସନ୍ ଟେକ୍‌ସାସ୍‌ର ଏକ ବିଶ୍ୱବିଦ୍ୟାଳୟରେ ଆୟୋଜିତ କର୍ମଶାଳାରେ ବକ୍ତୃତା ଦେବାକୁ ଏକ ଚାର୍ଟାର୍ଡ ଫ୍ଲାଇଟ୍‌ରେ ଯାଉଥିଲା ବେଳେ ଲକ୍ଷ୍ୟସ୍ଥଳରୁ ପଚାଶ କିମି ଦୂରରୁ ଅଚାନକ ଅସଜ ହୋଇଗଲା ତାଙ୍କ ବ୍ୟୋମଯାନ । ବ୍ୟୋମଯାନଟିକୁ ସଜ କରିବାକୁ ଅନ୍ୟୂନ ଦୁଇଘଣ୍ଟା ସମୟ ଲାଗିବ ବୋଲି ପାଇଲଟ୍‌ଙ୍କ ପାଖରୁ ଜାଣି ପୂର୍ବ ସ୍ଥିରୀକୃତ ନିର୍ଘଣ୍ଟରେ ପହଞ୍ଚିବା ପାଇଁ ସେ ଏକ କାର୍ ଭଡ଼ା କରି ସଡ଼କ ପଥରେ ଯିବାକୁ ପ୍ରସ୍ତୁତ ହୋଇଗଲେ । କିଛି ବାଟ ଯାଇଛନ୍ତି, ଏକ ଜଙ୍ଗଲ ପଥରେ ଅଚାନକ କାର୍‌ଟି ଅଚଳ ହୋଇଗଲା । ହଠାତ୍ ଆରମ୍ଭ ହୋଇଗଲା ଭୟଙ୍କର ବର୍ଷା ବିତ୍ପାତ ଓ ବଜ୍ରପାତ । ସମ୍ଭାବ୍ୟ ବିପଦ ଆଶଙ୍କାରେ ଉଇଲସନ୍‌ଙ୍କୁ ଧରି ନିକଟସ୍ଥ ଏକ ଘରେ ଆଶ୍ରୟ ନେଲା କାର୍ ଡ୍ରାଇଭର । ତୁହାକୁ ତୁହା ବର୍ଷା ସହ ଅବିରାମ ଗତିରେ ଚାଲିଥାଏ ବଜ୍ରପାତ । ନିମ୍ନତମ ସୌଜନ୍ୟ ପ୍ରଦର୍ଶନ କରି ଅତିଥିଦ୍ୱୟଙ୍କୁ ଚା' ଦେଇ ସଂଖୋଳିଲେ ସେଇ ଘରର ଆଶ୍ରୟଦାତ୍ରୀ ମାଲିକାଣୀ । ଚା' ପିଉ ପିଉ ଉଦାର ଗୃହକର୍ତ୍ତ୍ରୀଙ୍କ ସୌଜନ୍ୟରେ ମୁଗ୍ଧ ହୋଇ ଉଇଲ୍‌ସନ ତାଙ୍କ ପରିବାର ସମ୍ପର୍କରେ ପଚାରି ବୁଝିଲେ ଓ ଯାହା ଜାଣିଲେ ତହିଁରେ ଆଶ୍ଚର୍ଯ୍ୟ ଚକିତ ହୋଇ ରହିଗଲେ ।

ନିଜ ଦୁର୍ଭାଗ୍ୟ ସମ୍ପର୍କରେ ବଖାଣି ଗୃହକର୍ତ୍ତ୍ରୀ ଦୁଃଖରେ କହୁଥିଲେ, ''ଦୁଇବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ସ୍ୱାମୀଙ୍କୁ ତ ହରାଇ ବସିଲି, ମାଆପୁଅ ଦୁହେଁ ବଞ୍ଚିଗଲୁ ଯେ ସେଦିନରୁ ଏଯାଏଁ ପକ୍ଷାଘାତଗ୍ରସ୍ତ ପୁଅର ବୋଝ ବୋହି ମୋତେ ବଞ୍ଚିବାକୁ ପଡୁଛି । ସେଇ ଦୁର୍ଘଟଣାରେ ପନ୍ଦର ବର୍ଷର ପୁଅ ମୋର ସ୍ନାୟୁଭେଦରେ ଆକ୍ରାନ୍ତ ହୋଇ ଚଳତ୍‌ଶକ୍ତି ହରାଇ ବସିଛି । ବହୁ ଚିକିତ୍ସା ସତ୍ତ୍ୱେ ସୁସ୍ଥ ହେଉନାହିଁ । ସମସ୍ତେ କହୁଛନ୍ତି କେବଳ ସ୍ନାୟୁ ବିଶାରଦ ଡାକ୍ତର ଉଇଲସନ୍ ହିଁ କିଛି କରିପାରନ୍ତି । ମାତ୍ର ତାଙ୍କ ଭଳି ବିଖ୍ୟାତ ଚିକିତ୍ସକଙ୍କ ସେବା ଲାଭ କରିବାକୁ ଉଭୟ ଦୂରତା ଓ ଅର୍ଥ ବାଧକ ହେଉଥିବାରୁ ଭାଗ୍ୟକୁ ଆଦରି ମାଆପୁଅ ଦୁହେଁ ଏମିତି ପଡ଼ିରହିଛୁ ।

ଏ ଘଟଣାର ପରବର୍ତ୍ତୀ ପର୍ଯ୍ୟାୟ ବଖାଣିବା ଲୋଡ଼ା ନାହିଁ । ଇଂଲିଶ୍‌ରେ ଯେଉଁ ଆପ୍ତବାକ୍ୟ ଅଛି ଯେ 'ମହମ୍ମଦ ପର୍ବତ ସମୀପକୁ ଯାଇ ନ ପାରିଲେ, ପର୍ବତ ମହମ୍ମଦଙ୍କ ପାଖକୁ ଉଠି ଆସିବ', ତାହା ଏହି କ୍ଷେତ୍ରରେ ପ୍ରମାଣିତ ହୋଇଗଲା । ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହେଉଥିବା ଡକ୍ଟର ଉଇଲ୍‌ସନଙ୍କ ଚିକିତ୍ସା ପ୍ରାପ୍ତ କରି ସେଇ ତରୁଣ ପକ୍ଷାଘାତଗ୍ରସ୍ତ ରୋଗୀ ସୁସ୍ଥହେବା ମୂଳରେ ଥିଲା ଫ୍ଲାଇଟ୍ ଅଚଳ ହେବା ଓ ଅଚାନକ ସଂଘଟିତ ହୋଇଥିବା ବର୍ଷାବିତ୍ପାତ ଓ ବଜ୍ରପାତ ଭଳି ଆକସ୍ମିକ ସଂଯୋଗ । ଆଉ ଏଇ ଅବିଶ୍ୱସନୀୟ ସଂଯୋଗର ନାମ ତ 'ମିରାକଲ୍' ବା 'ଚମତ୍କାର' । ଲକ୍ଷ୍ୟ କରିବାର କଥା ଏଭଳି ଦିବ୍ୟ ସଂଯୋଗ ମଣିଷର ଆୟତ୍ତାଧୀନ ନୁହେଁ କି ତା'ର ଜ୍ଞାନ ବିଜ୍ଞାନ, ବିଦ୍ୟା ବିଦ୍‌ବତ୍ତା ବା ଶକ୍ତି ସାମର୍ଥ୍ୟର ପରିସରଭୁକ୍ତ ନୁହେଁ । ଏହା ସମ୍ପୂର୍ଣ୍ଣ ଭାବେ ମାନବୀୟ ସାମର୍ଥ୍ୟ ବାହାରେ ଥିବା ଏକ ଆକସ୍ମିକ ବିଧି ବ୍ୟବସ୍ଥା, ଯାହାକୁ ଐଶ୍ୱରୀୟ କୃପା ବା ବିଭୁ ବରଦାନ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଏହି ବରଦାନ ପାଇଁ ତ ସେଦିନ ଚନ୍ଦ୍ରୟାନ–ତିନିର ସଫଳ ଉତ୍କ୍ଷେପଣ ପାଇଁ ଅନ୍ଧବିଶ୍ୱାସଠୁଁ ଯୋଜନ ଦୂରତ୍ୱରେ ଥିବା ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ଇସ୍ରୋର ନିର୍ଦ୍ଦେଶକ ଡକ୍ଟର ସୋମନାଥ ସଦଳବଳ ଯାଇ ତିରୁପତି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ !

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଉତ୍କୃଷ୍ଟ କାହାଣୀକାର

ଭାରତୀୟ ଭାଷା ସାହିତ୍ୟକୁ କନ୍ନଡର ପ୍ରସିଦ୍ଧ କବି କୁଭେମ୍ପୁଙ୍କ ଅବଦାନ ଅତୁଳନୀୟ । ସ୍ୱର୍ଗତ କବିଙ୍କ ପ୍ରତି ସମ୍ମାନ ସ୍ୱରୂପ ପ୍ରତିବର୍ଷ କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର ପ୍ରଦାନ କରାଯାଉଛି । ବିଭିନ୍ନ ଭାରତୀୟ ଭାଷାରେ ସାହିତ୍ୟ ରଚନା କରି ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଏଥିଲାଗି ଚୟନ କରାଯାଇଥାଏ । ବିଶିଷ୍ଟ ବଙ୍ଗଳା ଲେଖକ ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ ୨୦୨୩ ମସିହା ଲାଗି ଏହି ପୁରସ୍କାର ପାଇଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୨୨ ପାଇଁ ତାମିଲ ଲେଖକ ଇମାୟମଙ୍କୁ ପୁରସ୍କୃତ କରାଯାଇଥିଲା । ବିଜେତାଙ୍କୁ ସମ୍ମାନ ସ୍ୱରୂପ ୫ ଲକ୍ଷ ଟଙ୍କାର ଅର୍ଥରାଶି, ଏକ ରୌପ୍ୟ ପଦକ ଓ ଫଳକ ପ୍ରଦାନ କରାଯାଇଥାଏ । ତେବେ ଶିଶୁଠାରୁ ବୟସ୍କ ବର୍ଗଙ୍କ ପାଇଁ ଦୀର୍ଘବର୍ଷ ଧରି ଲେଖି ଭାରତୀୟ ସାହିତ୍ୟରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ଶୀର୍ଷେନ୍ଦୁଙ୍କୁ କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର ତାଙ୍କ ସାହିତ୍ୟ ଯାତ୍ରାକୁ ଆହୁରି ଋଦ୍ଧିମନ୍ତ କରିବ ବୋଲି କୁହାଯାଇପାରିବ ।

ଶୀର୍ଷେନ୍ଦୁ ୨ ନଭେମ୍ବର ୧୯୩୫ରେ ବ୍ରିଟିଶ୍ ଇଣ୍ଡିଆର ବେଙ୍ଗଲ ପ୍ରେସିଡେନ୍ସି ଅଧୀନ ମୈମେନ୍‌ସିଂ (ଏବେ ବାଂଲାଦେଶ)ଠାରେ ଜନ୍ମଗ୍ରହଣ କରିଥିଲେ । ବିଭାଜନ ପରେ ତାଙ୍କ ପରିବାର କଲିକତା ଚାଲିଆସିଥିଲେ । ପିତା ରେଲୱେରେ ଚାକିରି କରୁଥିବାରୁ ତାଙ୍କ ପିଲାଦିନ ବିହାର, ବେଙ୍ଗଲ ଓ ଆସାମର ବିଭିନ୍ନ ସ୍ଥାନରେ କଟିଥିଲା । କୋଚ ବିହାର ଭିକ୍ଟୋରିଆ କଲେଜରୁ ଇଣ୍ଟରମିଡିଏଟ୍ ପାସ୍ କରିବା ପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ବଙ୍ଗଳା ସାହିତ୍ୟରେ ସ୍ନାତକୋତ୍ତର କରିଥିଲେ । ଉଚ୍ଚଶିକ୍ଷା ପରେ ସେ ଶିକ୍ଷକତା କରିଥିଲେ । ଏବେ କୋଲକାତାଠାରେ 'ଆନନ୍ଦବଜାର ପତ୍ରିକା'ରେ କାର୍ଯ୍ୟ କରୁଛନ୍ତି । ସେ ମଧ୍ୟ ବଙ୍ଗଳା ପତ୍ରିକା 'ଦେଶ୍' ସହ ଜଡ଼ିତ ଅଛନ୍ତି ।

ଲେଖାଲେଖି ପ୍ରତି ପିଲାଟି ବେଳୁ ଶୀର୍ଷେନ୍ଦୁଙ୍କ ଦୁର୍ବଳତା ଥିଲା । ସେ ସର୍ବଦା ସମାଜରେ ଘଟୁଥିବା ଘଟଣା ଓ ଚରିତ୍ରଗୁଡ଼ିକୁ ତାଙ୍କ ଲେଖାରେ ପ୍ରତିଫଳିତ କରିଥାଆନ୍ତି । ସେଥିପାଇଁ ତାଙ୍କ ଗଳ୍ପ ଓ ଉପନ୍ୟାସ ନାଟ୍ୟ ରୂପାନ୍ତର ହେବା ସହ ଚଳଚ୍ଚିତ୍ରରେ ପରିଣତ ହୋଇପାରିଛି । ତାଙ୍କ ହାସ୍ୟରସାତ୍ମକ ପୁସ୍ତକ 'ବିପିନ୍‌ବାବୁର ବିପଦ' ବେଶ୍ ପାଠକୀୟ ଆଦୃତି ପାଇଛି । ସ୍ୱପନ ଦେବନାଥଙ୍କ ଚିତ୍ର ସହ ତାହା 'ଆନନ୍ଦମେଳା'ରେ ସେପ୍ଟେମ୍ବର ୨୦୦୬ରୁ ଡିସେମ୍ବର ୨୦୦୬ ଯାଏ କ୍ରମାଗତ ପ୍ରକାଶ ପାଇ ବଙ୍ଗଳା ସାହିତ୍ୟରେ



ବ୍ୟକ୍ତିତ୍ୱ

ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ

ଚହଳ ପକାଇଥିଲା । ସେହିପରି ତାଙ୍କ ଗଳ୍ପ 'ନବାବଗଞ୍ଜେର ଆଗନ୍ତୁକ'କୁ ଭିଜୁଆଲ ଲିଟରେଚର ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଆକ୍ସନ କମିକ୍ସ ଲାଗି ପ୍ରସ୍ତୁତ କରାଯାଉଛି । ତାଙ୍କ ଲୋକପ୍ରିୟ ଶିଶୁ ଉପନ୍ୟାସ 'ଗୋସାଇନ୍‌ବାଗାନେର ଭୁତ୍'କୁ 'ଘୋଷ୍ଟ ଅଫ୍ ଗୋସାଇନ୍‌ବାଗାନେର' ଗ୍ରାଫିକ୍ ନଭେଲ୍ କରାଯାଇଛି । ଅନୁରୂପ ଭାବେ ଶୀର୍ଷେନ୍ଦୁଙ୍କ ଉପନ୍ୟାସ 'ହିରେର୍ ଅଙ୍ଗଟି'କୁ ଋତୁପୋର୍ଣ୍ଣ ଘୋଷ ୧୯୯୨ରେ ଚଳଚ୍ଚିତ୍ର କରିଥିଲେ । ୧୯୯୮ରେ ତାଙ୍କ 'ନବିଗଞ୍ଜର ଦାୟିତ୍ୱ'କୁ ତପନ ସିହ୍ନା 'ଅଜବ ଗାୟେର ଅଜବ କଥା' ନାମରେ ସିନେମା କରିଥିଲେ । ତାଙ୍କ କ୍ଷୁଦ୍ରଗଳ୍ପ 'ଦୋସାର' କାହାଣୀକୁ ନେଇ ୨୦୦୬ରେ ଋତୁପୋର୍ଣ୍ଣ ଘୋଷ ମଧ୍ୟ ଫିଲ୍ମ କରିଥିଲେ । ୨୦୧୦ରେ ତାଙ୍କ ଉପନ୍ୟାସ 'ବଂଶୀୱଲା' ମଧ୍ୟ ବଡ଼ ପରଦାରେ ପ୍ରଦର୍ଶିତ ହୋଇ ଦର୍ଶକୀୟ ସଫଳତା ହାସଲ କରିଛି । ଦେଖିବାକୁ ଗଲେ ଶୀର୍ଷେନ୍ଦୁଙ୍କ ଗଳ୍ପ ଓ ଉପନ୍ୟାସକୁ ନେଇ ୨୦୧୦ ପରଠାରୁ ପ୍ରାୟ ପ୍ରତିବର୍ଷ ଫିଲ୍ମ କରାଯାଇଛି । ୨୦୨୧ରେ ତାଙ୍କ ଉପନ୍ୟାସ 'ବୋନି' ସେହି ନାମରେ ଓ ୨୦୨୨ରେ 'ତୀରନ୍ଦାଜ' ନଭେଲ 'ତୀରନ୍ଦାଜ ଶାବୋର' ନାମରେ ଚଳଚ୍ଚିତ୍ର ହୋଇପାରିଛି ।

ଜଣେ ଲେଖକଙ୍କ ଅଧିକାଂଶ କାହାଣୀ ଯେତେବେଳେ ପାଠକୀୟ ସହ ଦର୍ଶକୀୟ ଆଦୃତି ପାଇଥାଏ, ସେତେବେଳେ ତାଙ୍କ ଲେଖା ଈର୍ଷଣୀୟ ସ୍ତର ଛୁଇଁଥାଏ । ଶୀର୍ଷେନ୍ଦୁ ସେହି ଶ୍ରେଣୀର ହୋଇପାରିଥିବାରୁ ୮୮ ବର୍ଷ ବୟସରେ ମଧ୍ୟ ନୂଆନୂଆ କାହାଣୀ ଭେଟି ଦେବାକୁ ତାଙ୍କ ମସ୍ତିଷ୍କ ଚଳଚଞ୍ଚଳ ରହିଛି । ପୁରସ୍କାର ପାଇବା ପରେ ସେ ତାଙ୍କ ପୁରୁଣା ଦିନକୁ ମନେପକାଇଛନ୍ତି । ସେ କହିଛନ୍ତି, ତାଙ୍କ ପ୍ରଥମ ଗଳ୍ପ 'ଜଲ୍ ତରଙ୍ଗ' ୧୯୫୯ରେ 'ଦେଶ୍' ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା । ୭/୮ ବର୍ଷ ଗପ ଲେଖିବା ପରେ ସେହି 'ଦେଶ୍'ରେ 'ଘୁଣପୋକ' ଉପନ୍ୟାସ ପୂଜାସଂଖ୍ୟାରେ ପ୍ରକାଶ ପାଇ ତାଙ୍କୁ ପାଠକୀୟ ସ୍ୱୀକୃତି ଦେଇଥିଲା । ତାଙ୍କ ପ୍ରଥମ ଶିଶୁ ଉପନ୍ୟାସ 'ମନୋଜ୍‌ଦେର ଅଦ୍ଭୁତ ବାରି' ପ୍ରକାଶ ପାଇବା ପରେ ପିଲାମାନେ ତାହାକୁ ଖୁବ୍ ପସନ୍ଦ କରିଥିଲେ ବୋଲି ଶୀର୍ଷେନ୍ଦୁ କହିଛନ୍ତି । ତାଙ୍କର ୯୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶ ପାଇଛି । ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି । ଶିଶୁ ସାହିତ୍ୟ କ୍ଷେତ୍ରରେ ୧୯୮୫ରେ ସେ ବିଦ୍ୟାସାଗର ପୁରସ୍କାର ପାଇଥିଲେ । ୧୯୭୩ ଓ ୧୯୯୦ରେ ଦୁଇଥର ଆନନ୍ଦ ପୁରସ୍କାର, ୧୯୮୯ରେ ଉପନ୍ୟାସ 'ମାନବଜମିନ୍' ସକାଶେ ସାହିତ୍ୟ ଏକାଡେମୀ ପୁରସ୍କାର ହାସଲ କରିଥିଲେ । ତାଙ୍କୁ ୨୦୧୨ରେ 'ବଙ୍ଗ ବିଭୂଷଣ', ୨୦୨୧ରେ 'ସାହିତ୍ୟ ଏକାଡେମୀ ଫେଲୋଶିପ୍' ଏବଂ ଏବିପି ଆନନ୍ଦ ସେରା ବେଙ୍ଗଲୀ ସମ୍ମାନରେ ମଧ୍ୟ ବିଭୂଷିତ କରାଯାଇଥିଲା ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପଣସର ଆଦର ସବୁଠି ବେଶି । କିନ୍ତୁ ଫଳିବା ଋତୁ ପରେ ଏହାକୁ ଆଉ ରୋଷେଇ ଘରେ ଦେଖିବାକୁ ମିଳେନାହିଁ । ସବୁ ଅଞ୍ଚଳରେ ବି ପର୍ଯ୍ୟାପ୍ତ ପଣସ ଫଳେନାହିଁ । ଏଣୁ ସେଠାକାର ଲୋକେ ମଧ୍ୟ ପଣସ ଖାଇପାରନ୍ତି ନାହିଁ । ହେଲେ ଏଭଳି ସମସ୍ୟାର ସମାଧାନ କରିଛନ୍ତି ମୁମ୍ବାଇର ଅମନ ଛାବ୍ରା । ସେ 'କଥାଲ୍‌ଫି' ନାମକ ଷ୍ଟାର୍ଟଅପ୍ ଗଠନ କରି ତା' ମାଧ୍ୟମରେ ପଣସ(ଜ୍ୟାକ୍‌ଫ୍ରୁଟ)କୁ ଏବେ ବର୍ଷର ସବୁ ସମୟରେ ରୋଷେଇ ଘର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ ହୋଇପାରିଛନ୍ତି । ଅମନଙ୍କ ବୟସ ଏବେ ୩୩ । ସେ ପଣସରୁ ଜ୍ୟାକ୍‌ଫ୍ରୁଟ ମଖାନି, ଜ୍ୟାକ୍‌ଫ୍ରୁଟ ଟିକା ମସଲା,ଜ୍ୟାକ୍‌ଫ୍ରୁଟ କିମାଠାରୁ ଆରମ୍ଭ କରି ପଣସ ମଞ୍ଜି ଚୂନା, ଆଚାର, କେକ୍ ଏବଂ ଫ୍ରାଏଡ ଚିପ୍ସ ଏପରିକି ଚକୋଲେଟ ଆଦି ୧୩ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି । ୨୦୨୩ ଏପ୍ରିଲରୁ ଏହାର ବିକ୍ରି ଆରମ୍ଭ କରିଛନ୍ତି । ପ୍ରତି ମାସରେ ୬୦୦ରୁ ଅଧିକ ଅର୍ଡର ମିଳୁଛି । ଏହା ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ ଏବଂ ଦିଲ୍ଲୀ–ଏନ୍‌ସିଆରରୁ ଆସୁଛି ।

## ୫୦ ବର୍ଷ ତଳର ଧରିତ୍ରୀ
୭ ଜାନୁଆରୀ ୧୯୭୫

- ବିକାଶ ଓ ଅଗ୍ରଗତିରେ ଉନ୍ନତି ଆଣିବା ଲକ୍ଷ୍ୟରେ ଭାରତ ଓ ବାହାରେନ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ବୁଝାମଣା ଅନୁଷ୍ଠିତ ।
- ଆଙ୍ଗୋଲାର ତିନୋଟି ମୁକ୍ତି ସଙ୍ଗଠନ ଯଥା ଆଙ୍ଗୋଲା ଗଣ ମୁକ୍ତି ଆନ୍ଦୋଳନ, ଆଙ୍ଗୋଲା ଜାତୀୟ ମୁକ୍ତି ସାମ୍ମୁଖ୍ୟ ଏବଂ ଆଙ୍ଗୋଲା ପୂର୍ଣ୍ଣ ସ୍ୱାଧୀନତା ଜାତୀୟ ୟୁନିୟନ ଗୋଟିଏ ମିଳିତ ସାମ୍ମୁଖ୍ୟ ଗଠନ କରିବା ନେଇ ସହମତି ।
- କଟକର ଶିଶୁଭବନ ନାମ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଭବନ ରଖାଯିବା ନେଇ ନିଷ୍ପତ୍ତି ଗ୍ରହଣ ।

## ଚିରନ୍ତନୀ

ଫେରି ଆସିବରେ ପୁରାଣ ଭାରତ ମମ
ଉଠିବ ଘେନି ସେ ନବ ରୂପ ଅନୁପମ
ସବୁ କଳଙ୍କ ଦୂରେ ଯିବ ଖସି
ପୁରାତନ ମାଟି ଉଠିବରେ ହସି
ପରାଚୀର ଭାଲେ ଉକୁଟେ ଆଲୋକ,
ନାହିଁ ନାହିଁ ଆଉ ଡେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି ।।
–(ଭାରତ ଆସିବ ଫେରି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାଘସଂଖ୍ୟା ବଢ଼ିବା ଖୁସିର ବିଷୟ

ମହାଶୟ,

ରାଜ୍ୟରେ ବାଘ ବଂଶ ଧୀରେ ଧୀରେ ବୃଦ୍ଧି ପାଉଛି । ସାତକୋଶିଆ, ସୁନାବେଡ଼ା, ଶିମିଳିପାଳ ଏବଂ ରାୟଗଡ଼ା ଜିଲାର ସଂରକ୍ଷିତ ଜଙ୍ଗଲ ମୁଡ଼ିଗୁଡ଼ାରେ ମହାବଳ ବାଘ ସାଙ୍ଗକୁ କଳରାପତରିଆ ବାଘ ଦେଖାଦେବା ଖୁସିର ବିଷୟ । ପୁଣି କେତେକ ଜାଗାରେ କଳାବାଘ ଦେଖାଯିବା ଉଭୟ ପରିବେଶବିତ୍ ଓ ଜଙ୍ଗଲପ୍ରେମୀମାନଙ୍କ ଭିତରେ ଖୁସିର ବାତାବରଣ ଖେଳାଇ ଦେଇଛି । ବାଘମାନଙ୍କର ବଂଶ କିପରି ବିସ୍ତାର ହୋଇପାରିବ ସମସ୍ତେ ସଚେତନ ହେବା ଉଚିତ । ଶିକାରୀମାନଙ୍କ ହାବୁଡ଼ରୁ ଏମାନଙ୍କୁ ସୁରକ୍ଷିତ ରଖିବାକୁ ପଡ଼ିବ । ବିଗତ ଦିନର କିଛି ଘଟଣା ସୂଚାଇ ଦେଉଛି, ଏମାନଙ୍କର ସୁରକ୍ଷା ଆମମାନଙ୍କର ଦାୟିତ୍ୱ ।

–ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭାରତ ଆଡ଼କୁ ବ୍ୟାପୁଛି ପିଓକେ ବନାଗ୍ନି**

ପାକ୍ ଅଧିକୃତ କଶ୍ମୀର (ପିଓକେ) ଜଙ୍ଗଲରେ ଲାଗିଥିବା ନିଆଁ ଭାରତ ଆଡ଼କୁ ବ୍ୟାପୁଥିବାରୁ ଏହାର ସୁଯୋଗ ନେଇ ଆତଙ୍କବାଦୀ ଅନୁପ୍ରବେଶ କରିବା ଆଶଙ୍କା ଥିବାରୁ ସୀମାରେ ସୁରକ୍ଷା ବଳକୁ ସଜାଗ କରାଯାଇଛି। ଶୁକ୍ରବାର ରାତିରେ ପିଓକେରେ ନିଆଁ ଲାଗି ତାହା ପୁଞ୍ଛ୍ ଜିଲାରେ ଥିବା ଏଲ୍ଓସି ପର୍ଯ୍ୟନ୍ତ ଜଙ୍ଗଲ ଅଞ୍ଚଳକୁ ବ୍ୟାପିଗଲାଣି। ଯବାନମାନେ ନିଆଁ ଲିଭାଇବାକୁ ଉଦ୍ୟମ ଚଳାଇଛନ୍ତି।



# ଉଡ଼ନ୍ତା ବିମାନରୁ ବାହାରିଗଲା ଡୋର୍

**ପୋର୍ଟଲାଣ୍ଡରୁ** ଓଣ୍ଟାରିଓ ଯାଉଥିବା ଆଲାସ୍କା ଏୟାରଲାଇନ୍ସର ବୋଇଂ ୭୩୭-୯ ମାକ୍ସ ବିମାନରୁ ଉଡ଼ନ୍ତା ଅବସ୍ଥାରେ ଗୋଟିଏ ଡୋର ସମ୍ପୂର୍ଣ୍ଣ ବାହାରିଯିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଉଡ଼ାଣ ଭରିବାର କିଛି ସମୟ ପରେ ଏଭଳି ଅଘଟଣ ଘଟିଥିଲା। ବିମାନରେ ୧୭୧ ଯାତ୍ରୀ ଏବଂ ୬ ଜଣ କ୍ରିଉ ସଦସ୍ୟ ଥିଲେ। ସେତେବେଳକୁ ବିମାନ ୧୬,୩୨୫ ଫୁଟ୍ ଉଚ୍ଚରେ ଉଡ଼ୁଥିଲା। ଏହାକୁ ଫେରାଇ ଅଣାଯାଇ ପୋର୍ଟଲାଣ୍ଡ ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଥିଲା। ଫଳରେ ଯାତ୍ରୀମାନଙ୍କର କୌଣସି କ୍ଷତି ହୋଇନାହିଁ। ତେବେ କ'ଣ ପାଇଁ ଏଭଳି ଅଘଟଣ ଘଟିଲା ତା'ର ତଦନ୍ତ କରାଯାଉଥିବା ଆଲାସ୍କା ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଆମେରିକା ଜାତୀୟ ପରିବହନ ନିରାପତ୍ତା ବୋର୍ଡ (ଏନ୍‌ଟିଏସ୍‌ବି) ମଧ୍ୟ ଘଟଣାର ତଦନ୍ତ କରୁଛି। ଆଲାସ୍କା ଏୟାରଲାଇନ୍ସ ବୋଇଂ ୭୩୭-୯ ବିମାନଗୁଡ଼ିକର ଉଡ଼ାଣକୁ ସାମୟିକ ଭାବେ ବନ୍ଦ କରିଦେଇଛି। ଡୋର ବାହାରିଯିବା ଯୋଗୁ ଯାତ୍ରୀ ଓ କର୍ମଚାରୀମାନଙ୍କ ସୁରକ୍ଷାକୁ ନେଇ ଏୟାରଲାଇନ୍ସ ସିଇଓ ବେନ୍ ମିନିକୁସି ଚିନ୍ତାବ୍ୟକ୍ତ କରିଛନ୍ତି।



# ଟ୍ରେନ୍‌ରେ ନିଆଁ ପୋଉଁଥିବା ୨ ଯାତ୍ରୀ ଗିରଫ

**ଟ୍ରେନ୍‌ରେ** ଅସାବଧାନତା ପାଇଁ ଅନେକ ସମୟରେ ଅଗ୍ନିକାଣ୍ଡ ଘଟୁଛି। ଏହାକୁ ପରବାୟ ନ କରି ୨ ଜଣ ଯୁବକ ଟ୍ରେନ୍ ଭିତରେ ଘଷି ଜାଳି ନିଆଁ ପୋଉଁଥିବାବେଳେ ଗିରଫ ହୋଇଛନ୍ତି। ଆସାମରୁ ଦିଲ୍ଲୀ ଯାଉଥିବା ସମ୍ପର୍କ କ୍ରାନ୍ତି ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି। ୨ ଯୁବକ ଚନ୍ଦନ ଏବଂ ଦେବେନ୍ଦ୍ର ସେମାନଙ୍କ ଲଗେଜରେ ଘଷି ନେଇଥିଲେ। ଟ୍ରେନ୍ ଭିତରେ ହଜାର ହଜାର ଯାତ୍ରୀଙ୍କୁ ବିପଦ ମୁହଁକୁ ଠେଲିଦେଇ ସେମାନେ ଘଷି ଜାଳି ନିଆଁ ପୋଉଁଥିବାବେଳେ ଉତ୍ତରପ୍ରଦେଶର ଆଲିଗଡ଼ଠାରେ ସେମାନଙ୍କୁ ଗିରଫ କରାଯାଇଥିଲା। ସାଧାରଣ ବଗିରେ ପ୍ରବଳ ଶୀତ ହେଉଥିବାରୁ ସେମାନେ ନିଆଁ ଲଗାଇଥିଲେ ବୋଲି କହିଛନ୍ତି। ଆଇପିସି ଏବଂ ରେଲୱେ ଆକ୍ଟର ବିଭିନ୍ନ ଧାରାରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଜେଲ ପଠାଇଦିଆଯାଇଛି। ଉକ୍ତ ବଗିରେ ଥିବା ଅନ୍ୟ ୧୪ ଯାତ୍ରୀଙ୍କୁ ଜେରା ପରେ ତାଗିଦ କରି ଛାଡ଼ିଦିଆଯାଇଛି। ଟ୍ରେନ୍‌ରେ ଡ୍ୟୁଟିରେ ଥିବା ଆର୍‌ପିଏଫ୍ କର୍ମଚାରୀ ସାଧାରଣ ବଗିରେ ଧୂଆଁ ଦେଖି ସେଠାରେ ପହଞ୍ଚିଲାବେଳକୁ କେତେଜଣ ନିଆଁ ଚାରିପଟେ ଛିଡ଼ାହୋଇଥିବା ଦେଖିଥିଲେ। ଆଲିଗଡ଼ ଷ୍ଟେଶନରେ ଏକ୍ସପ୍ରେସ୍ ଟ୍ରେନ୍‌କୁ ଅଟକାଯାଇ ଅଭିଯୁକ୍ତମାନଙ୍କୁ ଜେରା ପାଇଁ ନିଆଯାଇଥିଲା।



**ବାଂଲାଦେଶ ଭୋଟ ଆଜି**

# ବ୍ୟାପକ ହିଂସା, ପୋଡ଼ାଜଳା

ଢାକା,୬।୧

ବାଂଲାଦେଶ ସାଧାରଣ ନିର୍ବାଚନ ରବିବାର ହେବାକୁ ଯାଉଛି। ଅନ୍ୟପକ୍ଷରେ ବେଆଇନ ସରକାରରେ ହିଂସା ବଢ଼ୁଥିବାରୁ ଏହାର ପ୍ରତିବାଦରେ ବିରୋଧୀ ଦଳ ବିଏନ୍‌ପି ଶନିବାରଠାରୁ ୪୮ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଫଳରେ ବିରୋଧୀ ଶୂନ୍ୟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଚତୁର୍ଥ ଥର ପାଇଁ ଜିତିବା ଆଶା କରାଯାଉଛି। ଦେଶର ୩୦୦ ନିର୍ବାଚନ ମଣ୍ଡଳୀରେ ଭୋଟ ପାଇଁ ପ୍ରସ୍ତୁତି ଶେଷ ହୋଇଥିବା ନିର୍ବାଚନ କମିଶନ କହିଛନ୍ତି। ୪୨ ହଜାର ଭୋଟକେନ୍ଦ୍ରରେ ୧୧.୯୬ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ୨୭ ଦଳରୁ ୧,୫୦୦ରୁ ଅଧିକ ପ୍ରାର୍ଥୀ ଓ ୪୩୬ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ନିର୍ବାଚନ ବର୍ଜନ କରିଥିବାବେଳେ ମତଦାନର ଦିନକ ପୂର୍ବରୁ ବାଂଲାଦେଶର ବିଭିନ୍ନ ଅଞ୍ଚଳରେ ବ୍ୟାପକ ହିଂସାକାଣ୍ଡ ଓ ପୋଡ଼ାଜଳା ଦେଖାଯାଇଛି। ଦୁର୍ବୃତ୍ତମାନେ ଶୁକ୍ରବାର ମଧ୍ୟରାତ୍ରରେ ୪ଟି ବୁଥ୍ ସମେତ ୫ଟି ପ୍ରାଥମିକ ବିଦ୍ୟାଳୟରେ ନିଆଁ ଲଗାଇଦେଇଛନ୍ତି। ରାଜଧାନୀ ଢାକା ଉପକଣ୍ଠ ଗାଜିପୁରରେ ହୋଇଥିବା ପୋଡ଼ାଜଳା ଘଟଣାର ପୋଲିସ ତଦନ୍ତ ଚଳାଇଥିବାବେଳେ ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ଏଭଳି କରାଯାଇଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରେ ନିଆଁ ଲଗାଇଦେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଢାକାର କମଲାପୁର ରେଳଷ୍ଟେଶନରେ ପହଞ୍ଚିବାର ୨ କିଲୋମିଟର ପୂର୍ବରୁ ବେନାପୋଲ୍ ଏକ୍ସପ୍ରେସ୍‌ରେ ନିଆଁ ଲଗାଇ ଦିଆଯାଇଥିଲା। ଏହି ଘଟଣାରେ ଢାକା ପୋଲିସ ଶନିବାର ବିଏନ୍‌ପିର ଜଣେ ଖ୍ୟାତନାମା ନେତାଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଢାକାର ବିଏନ୍‌ପି ଯୁଗ୍ମ ଆବାହକ ନବି ଉଲ୍ଲାହ ନବି ଏବଂ ବିଏନ୍‌ପି ଯୁବ ଦଳର ୫ କର୍ମୀ ଅଛନ୍ତି।

ଗତ ୩ଟି ନିର୍ବାଚନ ମଧ୍ୟରୁ ବିଏନ୍‌ପି ଦ୍ୱିତୀୟ ଥର ପାଇଁ ଭୋଟ ବର୍ଜନ କରିଛି। ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଆୱାମି ଲିଗ୍ ପାର୍ଟି ଜାଲ୍ ଭୋଟ ବଳରେ ଚତୁର୍ଥ ଥର ପାଇଁ କ୍ଷମତା ଦଖଲ କରିବାକୁ ଉଦ୍ୟମ କରୁଥିବା ବିଏନ୍‌ପି ଅଭିଯୋଗ କରିଛି। ଏକ ନିରପେକ୍ଷ ସରକାରଙ୍କ ଦ୍ୱାରା ନିର୍ବାଚନ ପରିଚାଳନା ପାଇଁ ହାସିନା ଇସ୍ତଫା ଦେବାକୁ ବିଏନ୍‌ପି ଦାବି କରିଥିଲା। ବିରୋଧୀ ଦଳର ଦାବିକୁ ପ୍ରଧାନମନ୍ତ୍ରୀ ଅଗ୍ରାହ୍ୟ କରିଦେଇଛନ୍ତି। ବିରୋଧୀ ଦଳ ସରକାର ବିରୋଧୀ ଆନ୍ଦୋଳନକୁ ବଢ଼ାଇବା ସହ ଅକ୍ଟୋବର ମାସରୁ ଢାକାକୁ ଅଚଳ କରି ରଖିଥିବା ହାସିନା ଅଭିଯୋଗ କରିଛନ୍ତି। ବିରୋଧୀ କର୍ମୀମାନେ ହିଂସାକାଣ୍ଡ ଘଟାଇ ୧୦ ଜଣଙ୍କୁ ହତ୍ୟା କଲେଣି ବୋଲି ସେ କହିଛନ୍ତି।



ଢାକାର କମଲାପୁର ରେଳଷ୍ଟେଶନରେ ଏକ୍ସପ୍ରେସ୍ ଟ୍ରେନ୍‌ରେ ନିଆଁ ଲଗାଇଦେଇଛନ୍ତି ବିରୋଧୀ।

- ବିଏନ୍‌ପିର ୪୮ ଘଣ୍ଟିଆ ବନ୍ଦ ଡାକରା
- ଟ୍ରେନ୍ ପୋଡ଼ି ଘଟଣାରେ ୮ ଗିରଫ

# ଚାର୍ଜଶିଟ୍‌ରେ ବଘେଲଙ୍କ ନାଁ

**ମହାଦେବ ଆପ୍ ମାମଲା**

ରାୟପୁର,୬।୧

ମହାଦେବ ଆପ୍‌ର ପ୍ରମୋଟରମାନଙ୍କଠାରୁ ୫୦୮ କୋଟି ଟଙ୍କା ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ୧ ତାରିଖରେ ରାୟପୁରର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ସପ୍ଲିମେଣ୍ଟାରି ଚାର୍ଜଶିଟ୍ ଦାଖଲ କରିଥିଲା। ଉକ୍ତ ଚାର୍ଜଶିଟ୍‌ରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ନାଁ ରହିଛି। ଚାର୍ଜଶିଟ୍ ଅନୁଯାୟୀ ମହାଦେବ ଆପ୍‌ର ପ୍ରମୋଟର ତଥା ଅଭିଯୁକ୍ତ ଶୁଭମ୍ ସୋନି ତଦନ୍ତ ସମୟରେ ବିସ୍ମୟକର ତଥ୍ୟ ପ୍ରକାଶ କରିଥିଲେ। ଏଥିରେ ଶୁଭମ୍‌ଙ୍କ ସମେତ ଅନିଲ କୁମାର ଅଗ୍ରୱାଲ ଓରଫ ଅତୁଲ ଅଗ୍ରୱାଲ, ରୋହିତ ଗୁଲାଟି, ଭୀମ ସିଂ ଯାଦବ ଏବଂ ଅସିମ୍ ଦାସଙ୍କ ନାଁ ରହିଛି। ଭୂପେଶ ବଘେଲଙ୍କ ନିକଟରେ ଅର୍ଥ ପହଞ୍ଚାଇବା ପାଇଁ ଶୁଭମ୍ ନିର୍ଦ୍ଦେଶ ଦେଇଥିଲେ ବୋଲି ଅଭିଯୁକ୍ତ ଅସିମ୍ ଜେରା ବେଳେ କହିଛନ୍ତି। ଅସିମ୍‌ଙ୍କ କହିବା ଅନୁଯାୟୀ ଗତବର୍ଷ ଅକ୍ଟୋବର ୨୫ରେ ଶୁଭମ୍ ତାଙ୍କୁ ଦୁବାଇ ଡାକିଥିଲେ ଏବଂ ବଘେଲଙ୍କୁ ଟଙ୍କା ପୈଠକରିବା ପାଇଁ ତାଙ୍କୁ ଦେଇଥିଲେ। ଅସିମ୍‌ଙ୍କ ଫୋନ୍‌ରୁ ମିଳିଥିବା ଭଏସ୍ ମେସେଜ୍ ଉକ୍ତ ଦାବିକୁ ପୁଷ୍ଟ କରିଛି, ଯେଉଁଥିରେ ବଘେଲଙ୍କୁ ୮ରୁ ୧୦ କୋଟି ଟଙ୍କା ଦେବା ପାଇଁ ଶୁଭମ୍ ତାଙ୍କୁ କହୁଛନ୍ତି। ଗତ ନଭେମ୍ବର ୨ରେ ଇଡି ଅସିମ୍‌ଙ୍କୁ ପିଛାକରି ତାଙ୍କଠାରୁ ୫.୩୯ କୋଟି ଟଙ୍କା ଜବତ କରିଥିଲା। ଛତିଶଗଡ଼ର ନିର୍ଦ୍ଦିଷ୍ଟ ରାଜନେତାମାନଙ୍କ ପାଖକୁ ଉକ୍ତ ଅର୍ଥ ମହାଦେବ ଆପ୍‌ର ପ୍ରମୋଟରମାନେ ପଠାଇଥିଲେ ବୋଲି ଅଭିଯୋଗ ହୋଇଥିଲା।



# ବିମାନ ଦୁର୍ଘଟଣାରେ ହଲିଉଡ୍ ଅଭିନେତା, ୨ ଝିଅଙ୍କ ମୃତ୍ୟୁ

ୱାଶିଂଟନ,୬।୧

କାରିବିଆନ୍ ସମୁଦ୍ରରେ ଶୁକ୍ରବାର ଏକ ବିମାନ ଦୁର୍ଘଟଣାରେ ହଲିଉଡ୍ ଅଭିନେତା କ୍ରିଷ୍ଟିଆନ୍ ଓଲିଭର ଓ ତାଙ୍କର ୨ ଝିଅଙ୍କ ମୃତ୍ୟୁ ଘଟିଛି। ଜର୍ମାନୀ ଜନ୍ମିତ ଓଲିଭର ଆମେରିକୀୟ ଅଭିନେତା ଭାବେ ପରିଚିତ ଥିଲେ ଓ ସେ ହଲିଉଡ୍ ଷ୍ଟାର ଟମ୍ କ୍ରୁଜ୍ ଏବଂ ଜର୍ଜ କ୍ଲୁନିଙ୍କ ସମେତ ବିଭିନ୍ନ ଅଭିନେତାଙ୍କ ସହ ଏକାଠି କାମ କରିଥିଲେ। ଓଲିଭରଙ୍କୁ ୫୧ ବର୍ଷ ହୋଇଥିବାବେଳେ ତାଙ୍କ ଝିଅ ଆନିକଙ୍କୁ ୧୦ ବର୍ଷ ଓ ମାଦିତାଙ୍କୁ ୧୨ ବର୍ଷ। ସେଣ୍ଟ ଭିନ୍‌ସେଣ୍ଟ ଏବଂ ଗ୍ରେନାଡାଇନ୍ସ ମଧ୍ୟରେ ଥିବା ବେକ୍ୱିଆ ଦ୍ୱୀପରୁ ସେମାନେ ଏକ ସିଙ୍ଗଲ୍ ଇଞ୍ଜିନ ବିମାନରେ ଯାଉଥିବାବେଳେ ତାହା ସମୁଦ୍ରରେ ଖସିପଡ଼ିଥିଲା। ତେବେ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ସମୁଦ୍ରରୁ ୩ ଯାତ୍ରୀ ଓ ପାଇଲଟ୍‌ଙ୍କ ମୃତଦେହ ମିଳିଛି।


କ୍ରିଷ୍ଟିଆନ୍ ଓଲିଭର

# ବେଆଇନ ଆଶ୍ରୟ ଗୃହରୁ ୨୬ ବାଳିକା ନିଖୋଜ

ଭୋପାଳ,୬।୧

ଭୋପାଳରେ ବେଆଇନ ଭାବେ ଚାଲିଥିବା ଏକ ଆଶ୍ରୟ ଗୃହରୁ ଅନ୍ୟୁନ ୨୬ ନାବାଳିକା ନିଖୋଜ ହୋଇଯାଇଛନ୍ତି। ସେମାନେ ଗୁଜରାଟ, ଝାଡ଼ଖଣ୍ଡ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରୁ ଆସି ଉକ୍ତ ଆଶ୍ରୟ ଗୃହରେ ରହିଥିଲେ। ଭୋପାଳ ଉପକଣ୍ଠ ପରୱାଲିଆରେ ଥିବା ଆଞ୍ଚଲ ଗର୍ଲ୍ସ ହଷ୍ଟେଲକୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନ୍‌ସିପିସିଆର୍) ଅଧ୍ୟକ୍ଷ ପ୍ରିୟଙ୍କା କାନୁନ୍‌ଗୋ ଅଚାନକ ପରିଦର୍ଶନରେ ଯିବାରୁ ଉକ୍ତ ଘଟଣା ପଦାକୁ ଆସିଛି। କାନୁନ୍‌ଗୋ ସେଲ୍ଟର ହୋମ୍‌ର ରେଜିଷ୍ଟର ଯାଞ୍ଚ କରିବାରୁ ୬୮ ଝିଅଙ୍କ ମଧ୍ୟରୁ ୨୬ ଜଣ ନିଖୋଜ ଥିବା ଦେଖାଯାଇଥିଲା। ଏନେଇ ଆଶ୍ରୟ ଗୃହର ନିର୍ଦ୍ଦେଶକ ଅନିଲ ମାଥ୍ୟୁଙ୍କୁ ପ୍ରଶ୍ନ କରାଯିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ବାଳିକା ନିଖୋଜ ନେଇ ଥାନାରେ ଏତଲା ଦାଏର ହୋଇଛି। ଏକ ମିଶନାରି ବିନା ଲାଇସେନ୍ସରେ ଉକ୍ତ ସେଲ୍ଟର ହୋମ୍ ଚଳାଉଥିଲେ। ରାସ୍ତାଘାଟରୁ ଉଦ୍ଧାର କେତେଜଣ ପିଲାଙ୍କୁ ସେଠାରେ ଗୋପନରେ ରଖାଯାଇ ଖ୍ରୀଷ୍ଟିଆନ୍ ଧର୍ମ ଶିକ୍ଷା ଦିଆଯାଉଥିଲା। ଅଧିକାଂଶ ଝିଅଙ୍କ ବୟସ ୬ରୁ ୧୮ ବର୍ଷ। ଶିଶୁ କଲ୍ୟାଣ କମିଟିର ନିର୍ଦ୍ଦେଶ ବିନା ସେମାନେ ଉକ୍ତ ଆଶ୍ରୟ ଗୃହରେ ରହିଥିଲେ ବୋଲି କାନୁନ୍‌ଗୋ କହିଛନ୍ତି।



# ଅଯୋଧ୍ୟାରୁ କାଶୀ ରାମଜ୍ୟୋତି ନେବେ ୨ ମୁସଲମାନ ମହିଳା

ବାରାଣସୀ,୬।୧

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ପୂର୍ବରୁ ବାରାଣସୀର ୨ ଜଣ ମୁସଲମାନ ମହିଳା ଅଯୋଧ୍ୟାରୁ ରାମଜ୍ୟୋତି ନେଇ କାଶୀରେ ପହଞ୍ଚାଇବାକୁ ଯାଉଛନ୍ତି। ମହିଳାଦ୍ୱୟ ହେଲେ ନଜନିନ୍ ଅନସାରୀ ଏବଂ ନଜମା ପର୍ବିନ। ରାମ ଲାଲା ସେମାନଙ୍କର ପୂର୍ବପୁରୁଷ ଓ ପ୍ରତ୍ୟେକ ଭାରତୀୟଙ୍କ ଡିଏନ୍‌ଏରେ ସେ ରହିଛନ୍ତି, ଏହି ବାର୍ତ୍ତା ପ୍ରସାର ପାଇଁ ସେମାନେ ରାମଜ୍ୟୋତି ନେଇ ମୁସଲମାନ ଅଞ୍ଚଳ ଦେଇ ଯାତ୍ରା କରିବେ। ଶନିବାର ସେମାନେ ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି। ଅଯୋଧ୍ୟାରେ ମହନ୍ତ ଶମ୍ଭୁ ଦେବାଚାର୍ଯ୍ୟ ସେମାନଙ୍କୁ ରାମଜ୍ୟୋତି ହସ୍ତାନ୍ତର କରିବେ। ଉକ୍ତ ଜ୍ୟୋତିକୁ ଧରି ସେମାନେ ରବିବାର କାଶୀ ଅଭିମୁଖେ ବାହାରିବେ। ଅଯୋଧ୍ୟାର ମାଟି ଓ ସରଯୂ ନଦୀର ଜଳ ମଧ୍ୟ କାଶୀ ଅଣାଯିବ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ରେ ଦ୍ୱନ୍ଦ୍ୱ ପରିଚାଳନା ଅଧ୍ୟୟନ କରୁଥିବା ନଜନିନ୍ ହନୁମାନ ଚାଳିଶା ଏବଂ ରାମଚରିତ ମାନସକୁ ଉର୍ଦ୍ଦୁରେ ଅନୁବାଦ କରିଛନ୍ତି। ଶାନ୍ତି ଓ ଏକତା ପାଇଁ ସେ କାମ କରିବା ସହ ରାମଭକ୍ତିର ପ୍ରସାର କରିଆସୁଛନ୍ତି। ପାତାଳପୁରୀ ମଠ ମହନ୍ତ ବାଳକ ଦାସ ହେଉଛନ୍ତି ତାଙ୍କ ଗୁରୁ। ସେହିପରି ନଜମା ବିଏଚ୍‌ୟୁରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପିଏଚ୍.ଡି. କରିଛନ୍ତି। ସେ ୧୭ ବର୍ଷ ହେଲା ରାମଭକ୍ତି ପ୍ରସାରରେ ନିୟୋଜିତ ଅଛନ୍ତି।

**ଫୁର୍‌ସତ୍**

# ୧୨୫ ବର୍ଷ ଧରି ଶିକୁଳିରେ ବନ୍ଧା ଗଛ

ଇସ୍‌ଲାମାବାଦ

ଯେତେବେଳେ କୌଣସି ବ୍ୟକ୍ତି କିଛି ଅପରାଧ କରିଥାଏ, ସେତେବେଳେ ତାଙ୍କୁ ଗିରଫ ହେବାକୁ ପଡ଼େ। ହେଲେ କୌଣସି ଗଛ ଗିରଫ ହେବା ଆଶ୍ଚର୍ଯ୍ୟର କଥା। ନିକଟରେ ଏପରି ଏକ ଘଟଣା ଚର୍ଚ୍ଚାକୁ ଆସିଛି। ଜଣେ ଅପରାଧୀଙ୍କୁ ଯେପରି ମୋଟା ଶିକୁଳିରେ ବନ୍ଧାଯାଏ, ସେପରି ଏକ ଗଛକୁ ବର୍ଷେ କି ୨ ବର୍ଷ ନୁହେଁ ୧୨୫ ବର୍ଷ ହେବ ଶିକୁଳିରେ ବନ୍ଧାହୋଇଛି। ଏପରି ଗଛ ଆମ ପଡ଼ୋଶୀ ଦେଶ ପାକିସ୍ତାନରେ ରହିଛି, ଯାହାକୁ ବର୍ଷ ବର୍ଷ ଧରି ଶିକୁଳିରେ ବାନ୍ଧି ରଖାଯାଇଛି। ରିପୋର୍ଟ ମୁତାବକ, ପାକିସ୍ତାନର ପେଶାୱର ସହରରେ ଏଭଳି ଏକ ଗଛ ରହିଛି, ଯାହାକୁ ୧୨୫ ବର୍ଷ ହେବ ଗିରଫ କରି ରଖାଯାଇଛି। ବାସ୍ତବରେ ଏହି ଗଛକୁ ଶିକୁଳିରେ ବାନ୍ଧି ରଖାଯାଇଛି, ଯାହାକୁ ଦେଖିଲେ ଲାଗିବ ଗଛକୁ ହାତକଡ଼ି ପକାଯାଇଛି। ୧୮୯୯ ମସିହାରୁ ଶିକୁଳିରେ ଏପରି ବନ୍ଧାହୋଇ ରଖାଯାଇଛି। ଏପରି କରିଛନ୍ତି ଜଣେ ବ୍ରିଟିଶ ଅଧିକାରୀ ଜେମ୍ସ ସ୍କ୍ୱିଡ୍ ପୋଷ୍ଟେଡ୍। ସେ ନିଶାସକ୍ତ ଅବସ୍ଥାରେ ଏହି ଗଛକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ଏହି ଗଛ କେବେ ଶିକୁଳିରୁ ମୁକୁଳି ପାରିନାହିଁ। ପାକିସ୍ତାନର ତୋରଖାନ ବର୍ଡର ନିକଟରେ ଲଣ୍ଡି କୋତାଲ ନାମକ ଏକ ସ୍ଥାନ ରହିଛି। ସେଠାରେ ଜେମ୍ସ ରହୁଥିଲେ। ଦିନେ ସେ ମଦ ନିଶାରେ ଗଛଥିବା ବାଟ ଦେଇ ଯାଉଥିଲେ। ତାଙ୍କୁ ଲାଗିଲା ଯେ ସେ ଗଛ ପାଖକୁ ଯାଉଥିବାବେଳେ ତାଙ୍କ ନିକଟରୁ ଗଛ ଦୂରକୁ ଘୁଞ୍ଚିଘୁଞ୍ଚି ଯାଉଛି। ଏଥିରେ ସେ କ୍ରୋଧାନ୍ୱିତ ହୋଇ ପଡ଼ିଥିଲେ। ସେ ତୁରନ୍ତ ଗଛକୁ ଗିରଫ କରି ଶିକୁଳିରେ ବାନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ହିଁ ଗଛଟି ଶିକୁଳିରେ ବନ୍ଧାହୋଇ ରହିଛି। ଏବେ ବି ଏହି ଗଛ ଶିକୁଳିରେ ବନ୍ଧାଥିବା ଦେଖିବାକୁ ମିଳେ। ଗଛ ପାଖରେ ଏକ ସୂଚନା ବୋର୍ଡ ଲାଗିଛି, ଯେଉଁଥିରେ ଏହି ଗଛର ଗିରଫର କାରଣ ଲେଖାଯାଇଛି। ସ୍ଥାନୀୟ ଲୋକେ ଏହାକୁ ବ୍ରିଟିଶ ସରକାରଙ୍କ ଅତ୍ୟାଚାର ପ୍ରତୀକ ରୂପେ ଦେଖୁଛନ୍ତି।



# ଦୁଲ୍‌ହନିଆ- ୩ରେ ବରୁଣଙ୍କ ସହ ଜାହ୍ନବୀ

**ମୁମ୍ବାଇ:** ୨୦୧୪ର ସିନେମା 'ହମ୍ପ୍ଟି ଶର୍ମା କି ଦୁଲ୍‌ହନିଆ' ଓ ୨୦୧୭ରେ ରିଲିଜ ହୋଇଥିବା 'ବଦ୍ରିନାଥ କି ଦୁଲ୍‌ହନିଆ' ପରେ ଏବେ ଏହାର ୩ୟ ସଂସ୍କରଣ ପାଇଁ ବରୁଣ ଧାୱନ ପୁଣି ଥରେ କରଣ ଜୋହରଙ୍କ ସହ ହାତ ମିଶାଇଛନ୍ତି। ଏହି ୨ଟି ଯାକ ଫିଲ୍ମରେ ବରୁଣଙ୍କ ସହ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଲିଡ୍ ରୋଲରେ ଦେଖିବାକୁ ମିଳିଥିଲା। କିନ୍ତୁ ଏହାର ୩ୟ ସଂସ୍କରଣରେ ଆଲିଆଙ୍କ ବଦଳରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। ହେଲେ ପ୍ରଯୋଜକ କରଣ ଏଥିନେଇ କୌଣସି ତଥ୍ୟ ରଖିନାହାନ୍ତି। ସମୟ ଆସିଲେ ସତ ସମସ୍ତଙ୍କ ସମ୍ମୁଖକୁ ଆସିବ ବୋଲି ସେ କହିଛନ୍ତି। ଫିଲ୍ମର ପରବର୍ତ୍ତୀ ସଂସ୍କରଣରେ ଶଶାଙ୍କ ଖୈତାନ ନିର୍ଦ୍ଦେଶନା ଦେବେ। ଏହାର ଚରିତ୍ର ଏବଂ ପୃଷ୍ଠଭୂମି ମଧ୍ୟ ଭିନ୍ନ ହେବ। ଆଉ କିଛି ମାସ ମଧ୍ୟରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ। ବରୁଣ 'ଥେରି' ରିମେକ୍ ଶୁଟିଂ ଶେଷ କରି ଏଥିରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଜାହ୍ନବୀ ୨୦୧୮ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହା ଭିତରେ ସେ ୮ଟି ଫିଲ୍ମରେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ରକି ଔର ରାନୀ କି ପ୍ରେମ୍ କାହାନି'ରେ ଦେଖିବାକୁ ମିଳିଥିଲା।



# ୩ ଲକ୍ଷ ଟଙ୍କା ଖାଇଦେଲା ପୋଷା କୁକୁର

**ୱାଶିଂଟନ:** ପୋଷା ଜୀବ ବେଳେବେଳେ ତାଙ୍କ ଅଜାଣତରେ ଏପରି କିଛି କାମ କରିଥାନ୍ତି, ଯେଉଁଥିରେ ମାଲିକଙ୍କ କ୍ଷତି ହୋଇଥାଏ। ନିକଟରେ ଏପରି ଏକ କ୍ଷତି ଆମେରିକାର ଦମ୍ପତିଙ୍କୁ ଭୋଗିବାକୁ ପଡ଼ିଛି। ରିପୋର୍ଟ ମୁତାବକ, ପେନ୍‌ସିଲଭାନିଆର ବାସିନ୍ଦା ୩୩ ବର୍ଷୀୟ କ୍ୟାରି ଲ ଏବଂ ତାଙ୍କ ଲାଇଫ୍ ପାର୍ଟନର କ୍ଲେଟନଙ୍କ ପୋଷା କୁକୁର ତାଙ୍କ ଜମାପୁଞ୍ଜିକୁ ଖାଦ୍ୟ ଭାବି ଖାଇଦେଇଛି। ପ୍ରକୃତରେ ଦମ୍ପତି ତାଙ୍କ ଜଏଣ୍ଟ ଆକାଉଣ୍ଟରୁ ୪ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୩ ଲକ୍ଷ ଟଙ୍କା ଉଠାଇଥିଲେ। ସେମାନେ ସେହି ଟଙ୍କାକୁ ରୋଷେଇ ଘରେ ଏକ ପେଟିରେ ରଖି ଦେଇଥିଲେ। ଏହାର ଅଧ ଘଣ୍ଟା ପରେ ତାଙ୍କ ୭ ବର୍ଷୀୟ ପୋଷା କୁକୁର ସେସିଲ ଆସି ସେହି ପେଟିରୁ ସମସ୍ତ ଟଙ୍କାକୁ ଖାଇଦେଲା। ପରେ ସେମାନେ ସେସିଲର ମଳରୁ ଟଙ୍କା ବାହାର କରିବାକୁ ଉପାୟ କଲେ। ସେସିଲ ଅଧଘଣ୍ଟା ପରେ ମଳତ୍ୟାଗ କଲାରୁ ଦୁହେଁ ତା' ମଳକୁ ଏକ ପାତ୍ରରେ ରଖି ସେଥିରୁ ଟଙ୍କାକୁ ସଫା କରିବାକୁ ଲାଗିଲେ। ଆମେରିକା ବ୍ୟାଙ୍କରେ ନୋଟ୍‌ର ନମ୍ବର ଦେଖାଇ ବଦଳି କରିଥିଲେ। ଦମ୍ପତିଙ୍କୁ ୩୭ ହଜାର ଟଙ୍କା କ୍ଷତି ସହିବାକୁ ପଡ଼ିଲା।



# ପତଞ୍ଜଳି ଗୁରୁକୁଳମ୍‌ର ଶିଳାନ୍ୟାସ କଲେ ରାମଦେବ



**ଭୁବନେଶ୍ୱର,୬।୧**

ପତଞ୍ଜଳି ଯୋଗପୀଠର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସ୍ୱାମୀ ରାମଦେବ ହରିଦ୍ୱାରଠାରେ 'ପତଞ୍ଜଳି ଗୁରୁକୁଳମ୍'ର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଆଚାର୍ଯ୍ୟ ବାଲକ୍ରିଷ୍ଣ ପ୍ରମୁଖ ଯୋଗଦେଇଥିଲେ। ୫୦୦ କୋଟି ଟଙ୍କା ବ୍ୟୟରେ ପତଞ୍ଜଳି ଗୁରୁକୁଳମ୍ ଏବଂ ଆଚାର୍ଯ୍ୟକୁଳମ୍ ପ୍ରସ୍ତୁତି ପାଇଁ ଯୋଜନା ହୋଇଛି। ସେଠାରେ ଶିକ୍ଷାର ବିକାଶ ପାଇଁ ଆଗାମୀ ୫ ବର୍ଷରେ ୫ରୁ ୧୦ ହଜାର କୋଟି ଟଙ୍କା ବ୍ୟୟ ହେବ ବୋଲି ରାମଦେବ କହିଛନ୍ତି। ଗୁରୁକୁଳଗୁଡ଼ିକରେ ଶିକ୍ଷା ସାଙ୍ଗକୁ ପବିତ୍ରତା ଓ ନୈତିକତା ଶିକ୍ଷା ଦିଆଯାଉଥିଲା। ମାକାଉଲେ ଷଡ଼ଯନ୍ତ୍ର କରି ଏଭଳି ଶିକ୍ଷା ବ୍ୟବସ୍ଥାର ବିକାଶ କଲେ, ଯାହା ଆମ ଗୁରୁକୁଳ ପରମ୍ପରାକୁ ସମ୍ପୂର୍ଣ୍ଣ ଶେଷ କରିଦେଲା ବୋଲି ରାଜନାଥ କହିଛନ୍ତି।

ସେହିଭଳି ରାମଦେବ ପତଞ୍ଜଳି ଗୁରୁକୁଳମ୍‌ର ଶିଳାନ୍ୟାଶ କରି ପୁଣିଥରେ ଗୁରୁକୁଳ ପରମ୍ପରାକୁ ମହିମାନ୍ୱିତ କରିଛନ୍ତି। ଏହି ଅବସରରେ ଉଜ୍ଜୟିନୀରେ ଗୁରୁକୁଳ ପ୍ରତିଷ୍ଠା ପାଇଁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ରାମଦେବଙ୍କୁ ଆମନ୍ତ୍ରଣ କରିଥିଲେ।

# ବିଓବିର ନୂତନ ଉତ୍ପାଦ

**ଭୁବନେଶ୍ୱର, ୬।୧୨**




ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ନୂତନ ଉତ୍ପାଦ 'ନ୍ୟାଶନାଲ କମନ୍ ମୋବିଲିଟି କାର୍ଡ' ବା ଏନ୍‌ସିଏମ୍‌ସି ରୁପେ ରିଲୋଡେବଲ୍ ପ୍ରିପେଡ୍ କାର୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ କାର୍ଡ ବସ୍, ଟ୍ରେନ୍, କ୍ୟାବ୍, ଫେରି, ଟୋଲ୍ ଏବଂ ପାର୍କିଂ ଆଦି ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ଏପରିକି ପିଓଏସ୍ ଏବଂ ଇ-କମର୍ସ ଜରିଆରେ ଦୈନନ୍ଦିନ ଏଟିଏମ୍‌ରୁ ନଗଦ ଉଠାଣ ଏବଂ ଦେୟ ପାଇଁ ମଧ୍ୟ ଏହି କାର୍ଡ ବ୍ୟବହାର ହୋଇପାରିବ।

ଏ ସମ୍ପର୍କରେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲାଲ୍ ସିଂହ କହିଛନ୍ତି,ବିଓବିର ଏନ୍‌ସିଏମ୍‌ସି ରୂପେ ପ୍ରିପେଡ୍ କାର୍ଡ କ୍ୟାଶଲେସ୍, ଅନ୍ ଦି-ଗୋ ଟ୍ରାଞ୍ଜାକ୍ସନରେ ଏକ ନୂତନ ଦିଗ ଯୋଡ଼ିଛି ଏବଂ ଗ୍ରାହକଙ୍କ ପାଇଁ ସାର୍ବଜନୀନ ପରିବହନ ଅନୁଭୂତିରେ ଉନ୍ନତି ଆଣିବା ସମ୍ଭାବନା ରହିଛି। ଏକାଧିକ ବ୍ୟବହାର କେସ୍ ସହିତ କାର୍ଡ ଧାରକମାନଙ୍କୁ ବହୁ ସୁବିଧା, ନମନୀୟତା ଏବଂ ସୁରକ୍ଷା ପ୍ରଦାନ କରିଥାଏ। ଏପରିକି ଉକ୍ତ କାର୍ଡଧାରୀମାନେ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଉତ୍ସର୍ଗୀକୃତ ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ ୱାଲେଟରେ ଟଙ୍କା ଲୋଡ୍-ପୁନଃ ଲୋଡ୍ କରିପାରିବେ। ଅଫ୍‌ଲାଇନ୍ ୱାଲେଟ୍ ପରିବହନ ସ୍ଥାନରେ ନିର୍ଦ୍ଦିଷ୍ଟ ଏନ୍‌ସିଏମ୍‌ସି ଟର୍ମିନାଲ୍ ଅପରେଟରରେ ପୁନଃ ଲୋଡ୍ କରାଯାଇପାରିବ।

# କାନାରା ବ୍ୟାଙ୍କ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୬।୧(ଅନୁରାଧା ମହାରଣା)**

କାନାରା ବ୍ୟାଙ୍କ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ପୁରୀର ନରେନ୍ଦ୍ର ପୋଖରୀ ନିକଟରେ ଥିବା ବାବା କପିଳେଶ୍ୱର ମନ୍ଦିର ପରିଦର୍ଶନ କରୁଥିବା ଲକ୍ଷାଧିକ ଭକ୍ତଙ୍କ ପାଇ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ୱାଟର କୁଲର, ଆକ୍ୱାଗାର୍ଡ ଓ ୱାଟର ଟ୍ୟାଙ୍କ ଯୋଗାଇ ଦିଆଯାଇଥିଲା। ମନ୍ଦିର ବାହାରେ ପାଦ ଧୋଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦର ମନ୍ଦିର ଟ୍ରଷ୍ଟକୁ ଏହି ସାମଗ୍ରୀଗୁଡ଼ିକ ପ୍ରଦାନ କରିଥିଲେ।

# ହୋଣ୍ଡା ପକ୍ଷରୁ ସଡ଼କ ସୁରକ୍ଷା ସମ୍ମିଳନୀ

**ଭୁବନେଶ୍ୱର, ୬।୧୨**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇପିଏଲ୍) ପକ୍ଷରୁ ଭବିଷ୍ୟତ ପିଢ଼ିର ମନସ୍ତାତ୍ତ୍ୱିକ ବିକାଶ ପ୍ରକଳ୍ପର ଅଂଶ ସ୍ୱରୂପ ଗୁରୁଗ୍ରାମର ନୌରଙ୍ଗପୁର ସ୍ଥିତ ହୋଣ୍ଡା ସାମାଜିକ ବିକାଶ କେନ୍ଦ୍ର ଠାରେ ସ୍କୁଲର ପ୍ରିନ୍ସିପାଲ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ନେଇ ଦୁଇ ସଡ଼କ ସୁରକ୍ଷା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ସଭାପତି, ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ସୁସ୍ମୁ ଓଟାନି କହିଛନ୍ତି,ଆମେ ଯୁବ ମାନସିକତାକୁ ଗଢ଼ି ତୋଳିବା ପାଇଁ ଶିକ୍ଷାର ପରିବର୍ତ୍ତନଶୀଳ ଶକ୍ତିରେ ବିଶ୍ୱାସ କରୁଛୁ। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଆଇଟି ଓ କର୍ପୋରେଟ୍ ଆଫେୟାର୍ସର ବରିଷ୍ଠ ନିର୍ଦ୍ଦେଶକ ବିନୟ ଢିଙ୍ଗରା କହିଛନ୍ତି, ଆମେ ଭାରତର ସଡ଼କ ସୁରକ୍ଷାର ଆହ୍ୱାନପୂର୍ଣ୍ଣ ଦୃଶ୍ୟପଟ ଦେଇ ଗତି କରୁଥିବା ବେଳେ ଉଦ୍‌ବେଗଜନକ ପରିସଂଖ୍ୟାନର ସମାଧାନ କରିବା ଏବଂ ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ଶୃଙ୍ଖଳାର ଭାବନା ସୃଷ୍ଟି କରିବା ଜରୁରୀ ହୋଇପଡ଼ିଛି।

# ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୬।୧୨**

ୟୁକୋ ବ୍ୟାଙ୍କ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୮୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ ସହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ ୟୁନିଭର୍ସିଟି) ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିର ୟୁଥ୍ ରେଡ୍‌କ୍ରସ୍ ଜିଏମ୍ ୟୁନିଭର୍ସିଟିର ମିଳିତ ସହାୟତାରେ ଆୟୋଜନ ହୋଇଥିଲା। ଏହି ଅବସରରେ ବ୍ୟାଙ୍କର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର, ଜିଏମ୍ ୟୁନିଭର୍ସିଟିର ରେଜିଷ୍ଟ୍ରାର ଯୁଗଳେଶ୍ୱରୀ ଦାଶ, ଜିଏମ୍ ୟୁନିଭର୍ସିଟିର ଉପ ରେଜିଷ୍ଟ୍ରାର ଉମାଚରଣ ପତି, ଜିଏମ୍ ୟୁନିଭର୍ସିଟିର ପିଜି କାଉନ୍‌ସିଲ ଚେୟାରମ୍ୟାନ୍ ସୁଶାନ୍ତ କୁମାର ଦାସ, ଆସିଷ୍ଟାଣ୍ଟ ପ୍ରଫେସର କଲ୍ୟାଣୀ ରଥ ଏବଂ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖିମ୍‌ଜୀଙ୍କୁ ରିଟେଲ ଜୁଏଲେରି ଏମ୍‌ଡି ଆଣ୍ଡ ସିଇଓ ଆୱାର୍ଡ

**ଭୁବନେଶ୍ୱର, ୬।୧ (ଅଭୟ ଦାଶ)**




ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ 'ଖିମ୍‌ଜୀ ଜୁଏଲର୍ସ'କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ 'ରିଜିଓନାଲ ରିଟେଲ ଚେନ୍ ଅଫ୍ ଦି ଇୟର (ଇଷ୍ଟ) ପୁରସ୍କାର' ପ୍ରଦାନ କରାଯାଇଛି। ଏପରିକି ଭାରତର ପୂର୍ବାଞ୍ଚଳରୁ ଜୁଏଲେରି ଶିଳ୍ପରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଖିମ୍‌ଜୀ ଜୁଏଲର୍ସକୁ ରିଟେଲ ଜୁଏଲେରି ଏମ୍‌ଡି ତଥା ସିଇଓ ଆୱାର୍ଡସରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ରିଟେଲ ଜୁଏଲେରି ଗ୍ରୁପ୍ ଦ୍ୱାରା ମୁମ୍ବାଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ଯୋଗଦେଇ ଖିମ୍‌ଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମ୍‌ଜୀ ବଲିଉଡ୍ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଏବଂ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ-୨୦୨୧ର ବିଜେତା ତଥା ଅଭିନେତ୍ରୀ ଜୋୟା ଆଫ୍ରୋଜଙ୍କ ଠାରୁ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାରତର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ ସମୂହର ଏମ୍‌ଡି ଏବଂ ସିଇଓମାନେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ମିତେଶ ଖିମ୍‌ଜୀ କହିଛନ୍ତି, ଜୁଏଲେରି ଶିଳ୍ପର ଏଭଳି ଏକ ଭବ୍ୟ ସମାବେଶରେ ସ୍ୱୀକୃତି ଲାଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ସମକକ୍ଷମାନଙ୍କ ମଧ୍ୟରେ ସ୍ୱୀକୃତି ଲାଭ କରିବା ଆମର ମୂଲ୍ୟବୋଧ, କଠିନ ପରିଶ୍ରମ, କର୍ତ୍ତବ୍ୟପରାୟଣତା, ଉତ୍ପାଦବର୍ଗ ଏବଂ ଗ୍ରାହକ ହିତୈଷୀ ନୀତିଗୁଡ଼ିକ ପ୍ରତି ଆମର ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ବିଶେଷକରି ଏହି ମୂଲ୍ୟବୋଧ ଏବଂ କାର୍ଯ୍ୟଗୁଡ଼ିକ ବଜାରରେ ଅନ୍ୟ ସମସ୍ତଙ୍କଠାରୁ ଆମକୁ ପୃଥକ୍ କରୁଛି ଏବଂ ଏହି ସମୁଦାୟ ଶ୍ରେୟ ୧୧୦୦ରୁ ଅଧିକ ଲୋକଙ୍କର ଏକ ଟିମ୍‌କୁ ଯାଉଛି।

# ଆଜି ସରିବ କଲ୍ୟାଣ ଏଣ୍ଡ ଅଫ୍ ଇୟର ସେଲ୍

**ଭୁବନେଶ୍ୱର, ୬।୧୨**

KALYAN JEWELLERS

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସର ବହୁପ୍ରତୀକ୍ଷିତ 'ଏଣ୍ଡ ଅଫ୍ ଇୟର ସେଲ୍' ଆନୁଷ୍ଠାନିକ ଭାବେ ରବିବାର ଶେଷ ହେଉଛି। ଏହା ପୂର୍ବରୁ ଗ୍ରାହକଙ୍କ ଚାହିଦା ଓ କାରବାରକୁ ଆଖି ଆଗରେ ରଖି କଲ୍ୟାଣ ପକ୍ଷରୁ ଅବଧି ବୃଦ୍ଧି କରାଯାଇଥିଲା। ଏହି ସେଲ୍ ଜରିଆରେ ଆକର୍ଷଣୀୟ ଡିଜାଇନ ଓ ରିହାତି ସହ ଅନ୍ ମେକିଂ ଚାର୍ଜସ ଫର୍ ଅଲ୍ ପ୍ରଡକ୍ଟସ ଉପରେ ଫ୍ଲାଟ୍ ୫୦%ର ରିହାତି ଦିଆଯାଉଛି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୭୨ **ବିଜ୍ଞାପନ** ତା:୩୧।୧୨।୨୦୨୩

No. CAD-3586: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଢୁମୁଢୁମା, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଡି.ଡି.ଏଲ୍-୨୦୧ (DDL-201)ଟିକୁ ଶ୍ରୀମତୀ ଗୁଡୁ ମହାନ୍ତି, ସ୍ୱାମୀ: ଶ୍ରୀ ହୃଷୀକେଶ ମହାନ୍ତି, ସା: ଫକିରସାହି, ପୋ: ସୁହାଗପୁର, ଥାନା: କାକଟପୁର, ଜିଲ୍ଲା: ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଗୁଡୁ ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଶ୍ମିତା ପଟ୍ଟନାୟକ, ସ୍ୱାମୀ: ଶ୍ରୀ ମନୋଜ କୁମାର ପ୍ରଧାନ, ସା: ନାରାୟଣ ମନ୍ଦିର ସାହି, ଭଞ୍ଜନଗର, ପୋ/ଥା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଘରର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0592/2324



## OFFICE OF THE PANCHAYAT SAMITI, ANGUL

(E-mail-ori-bangul@nic.in) Ph. 06764-230579
No. 52 Dt. 04.01.2024

**QUOTATION CALL NOTICE**

No. i-577:- Quotation in sealed covers are invited from eligible and interested agencies for printing of **84326** nos of Booklets (1 Booklet contains 4 sheets of A-4 size Paper containing 16 coloured Photos and description) for documentation in respect of 34 G.P.s of Angul Block. Further for Block Level, 300 nos of Coloured Booklet containing 100 Pages (Cover Page-300 GSM, Inner Page- 130 GSM) in Odia Language will be printed.

The interested agencies can visit the District website of Angul District www.angul.nic.in to access the Detail Quotation Call Notice. The last date of receive of Quotation is Dt. 16.01.2024 before 5.30 PM through Registered Post/ Speed Post only.

Sd./- Block Development Officer, Angul
OIPR-19073/11/0001/2324



ODISHA SKILL DEVELOPMENT AUTHORITY · Skilled in ODISHA · National Career Service

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ବାଲେଶ୍ୱର

ତାରିଖ:- ୧୩.୦୧.୨୦୨୪, ଦିବା ୯ ଘଟିକାରୁ ୨ ଘଟିକା, ସ୍ଥାନ: ରିଜର୍ଭ ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର

No. KK-364:- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ବାଲେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତାତା ୧୩.୦୧.୨୦୨୪ରିଖ (ଶନିବାର) ଦିବା ୯ ଘଟିକାଠାରୁ ୨ ଘଟିକା ପର୍ଯ୍ୟନ୍ତ ରିଜର୍ଭ ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱରଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବେସରକାରୀ / ଘରୋଇ ଅନୁଷ୍ଠାନ / ଶିଳ୍ପାନୁଷ୍ଠାନ / ନିଯୁକ୍ତିଦାତା ଯୋଗଦେଇ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଚୟନକରି ସିଧାସଳଖ ନିଯୁକ୍ତି ପ୍ରଦାନ କରିବେ। ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ମଧ୍ୟ ଯୋଗଦେଇ ଦେୟମୁକ୍ତ ତାଲିମ ପାଇଁ ଚୟନ କରିବେ ଓ ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ। ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ପଞ୍ଚମ ପାସ୍‌ଠାରୁ ଊର୍ଦ୍ଧ୍ୱ, ମାଟ୍ରିକ୍, ଯୁକ୍ତ ୨, ସ୍ନାତକ, ଆଇ.ଟି.ଆଇ./ଡିପ୍ଲୋମା ପାସ୍ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଯୁକ୍ତି ମେଳାରେ ଭାଗ ନେଇପାରିବେ। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ପାସପୋର୍ଟ ଫଟୋ, ଆଧାରକାର୍ଡ, ଜାତିଗତ ପ୍ରମାଣପତ୍ର ଯଦି ଥାଏ ସହିତ ବାଲେଶ୍ୱର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ବହୁଳ ସଂଖ୍ୟାରେ ଯୋଗଦେଇ ଉକ୍ତ ନିଯୁକ୍ତି ମେଳାରେ ନିଯୁକ୍ତିର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଅଛି।

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, ବାଲେଶ୍ୱର
ଜିଲ୍ଲାପାଳ, ବାଲେଶ୍ୱର
OIPR-44021/11/0001/2324



## ବ୍ୟାଙ୍କ ଅଫ୍ ଇଣ୍ଡିଆ — ଦଖଲ ନୋଟିସ୍

Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ : ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ-୮(୧)

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ର **କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ବିଯୁକ୍ତ କଥିତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍ୱାରା ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେସୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପବିତ୍ର ଜେନା,** ପିତା: ଶ୍ରୀ ଗଙ୍ଗାଧର ଜେନା, **କୋ-ଆପ୍ଲିକାଣ୍ଟ/ବନ୍ଧକଦାତା: ଶ୍ରୀ ଗଙ୍ଗାଧର ଜେନା,** ପିତା: ଶ୍ରୀ ହାଲୁ ଜେନା, ଉଭୟଙ୍କ ଠିକଣା- ସା:ବେଲପଡା (ନିମିଖେତା ରଣସିଂପ୍ରସାଦ), ପୋ:ବେଲପଡା, ଭାୟା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୩୦। | ଟ.୨୫,୨୯,୮୬୯.୬ପ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୦.୧୦.୨୦୨୩ / ୦୫.୦୧.୨୦୨୪ | **ଶ୍ରୀ ଗଙ୍ଗାଧର ଜେନା,** ପିତା: ୰ହାଲୁ ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୧୪୩/୨୩, ପ୍ଲଟ ନଂ.୨୪୧, ମୌଜା: ରଣସିଂପ୍ରସାଦ, ତହସିଲି: ଚିଲିକା, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଏସ୍‌ଆରଓ: ବାଣପୁର, କିସମ: ଘରବାରୀ, ଏରିଆ:୦.୦୪୩ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ମକ୍ଦୁମ ଦାସ, ପୂର୍ବ- ନିତ୍ୟାନନ୍ଦ ଲେଙ୍କା ଏବଂ ଅନ୍ୟମାନେ, ପଶ୍ଚିମ- ଭାସ୍କର ଘଟୁଆଳି |
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସର୍ବଜିତ୍ ମହାରଣା,** ପିତା: ଶ୍ରୀ କାହ୍ନୁ ଚରଣ ମହାରଣା, **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ଉଲ୍ଲାସ ମହାରଣା,** ସ୍ୱା: ଶ୍ରୀ କାହ୍ନୁ ଚରଣ ମହାରଣା, ଉଭୟଙ୍କ ଠିକଣା: ଫ୍ଲାଟ ନଂ.୧୦୨, ବ୍ଲକ ଏ, ଲିଙ୍ଗରାଜ ରେସିଡେନ୍ସି, ଓଲ୍ଡ ଟାଉନ, ଭୁବନେଶ୍ୱର, ପିନ୍-୭୫୧୦୦୨। | ଟ.୭୫,୩୪,୧୬୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୦.୧୦.୨୦୨୩ / ୦୬.୦୧.୨୦୨୪ | **ଶ୍ରୀ ସର୍ବଜିତ୍ ମହାରଣା**ଙ୍କ ନାମରେ ଥିବା ବାସପୋଯୋଗି ଫ୍ଲାଟ ଯାହା ଲିଙ୍ଗରାଜ ରେସିଡେନ୍ସିର ଫ୍ଲାଟ ନଂ.୧୦୨, ପ୍ରଥମ ମହଲା, ବ୍ଲକ-ଏ (୩ବିଏଚ୍‌କେ), ଉନ୍ନତ ନିର୍ମାଣ ଏରିଆ: ୧୪୪୫ ବର୍ଗଫୁଟ, ପ୍ଲିନ୍ଥ ଏରିଆ: ୧୧୭୫ ବର୍ଗଫୁଟ, ଆନୁପାତିକ ଅବିଭାଜିତ ଜମି ଏରିଆ: ଏ୦.୦୨୪.୨୪ ଡିସିମିଲି, ମୌଜା: କପିଳପ୍ରସାଦ, ୟୁନିଟ୍ ନଂ.୨୩, ତହସିଲି/ଡିଏସ୍‌ଆରଓ: ଭୁବନେଶ୍ୱର, ଥାନା: ଭୁବନେଶ୍ୱର, ଥାନା ନଂ.୬୬, ଜିଲ୍ଲା: ଖୋର୍ଦ୍ଧା, ଚାରିପାର୍ଶ୍ୱରେ: ଉତ୍ତର- ପାହାଚ ଏବଂ ବାରଣ୍ଡା, ଦକ୍ଷିଣ- ଖୋଲା ଯାଗା, ପୂର୍ବ- ଫ୍ଲାଟ ନଂ.୧୦୧, ପଶ୍ଚିମ- ଖୋଲା ଯାଗା। |

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୬.୦୧.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



GOVT. OF ODISHA No. MM-406

## OFFICE OF THE DIVISIONAL FOREST OFFICER, ANGUL DIVISION, ANGUL

**e-Procurement Notice, Angul Forest Division**
**Bid Identification No. 09 of 2023-24**
**e-mail ID: dfoangul@gmail.com**

1. Number of Works : 04 Nos. of SMC Works
2. Approximate Estimated Cost : 12.49 Lakhs to 35.21 Lakhs
3. Period of Completion : 45 (Forty Five) Calendar Days
4. Date & time of availability of bid document in the portal : Dt.08.01.2024 at 11.00 A.M. to 19.01.2024
5. Last date/time for receipt of bid in the portal : Dt.19.01.2024 upto 5.00 P.M.
6. Date of Opening Bid : Dt.20.01.2024 at 11.00 A.M.
7. Name and address of the Office Inviting Bid : Divisional Forest Officer, Angul Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https:/tendersodisha.gov.in**.

Sd./- Divisional Forest Officer
Angul Division, Angul
OIPR-08027/11/0020/2324



## OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO. II, BHUBANESWAR

eerb2_bbsr@yahoo.com

INVITATIONS FOR BIDS THROUGH e-Procurement
Bid Identification No. C.C. (R&B) - 02
**e-Procurement Notice No. 62 of 2023-24**

No. B-1557: The Executive Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for four Number works to be received in online bidding. Single & Double cover system as detailed in **https://tendersorissa.gov.in**. The details of bid documents will be available in the above website from 08.01.2024 to 5.00 P.M. of 16.01.2024. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 17.01.2024 in the Office of the Executive Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

Sd./- Executive Engineer
BBSR (R&B) Division No. II, BBSR
OIPR-34088/11/0038/2324



## Government of Odisha "e" Procurement Notice

**Bid Identification No.: Online-AGL-25 of 2023-2024**

No. O-2113:-

| | | | |
|---|---|---|---|
| 1. | Name of the Work | : | Building Work |
| 2. | Estimated Cost | : | Rs.1.26 Lakhs to 5.04 Lakhs |
| 3. | Period of Completion | : | 06 (Six) Calendar Months |
| 4. | Date & time of availability of bid document in the portal | : | From 09.01.2024 to 16.01.2024 upto 5.00 P.M. |
| 5. | Last Date/time for receipt of bids in the portal | : | 16.01.2024 upto 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website
**www.tendersorissa.gov.in**
**Sd./- Executive Engineer, R.W. Division, Angul**
OIPR-25096/11/0026/2324



## OFFICE OF THE SUPERINTENDING ENGINEER, RWS & S DIVISION, BARGARH

Email :- eerwss_bgh@nic.in, Ph (O):-06646 233220, FAX :- 06646 234626
No. 5597 / Dt. 30.12.2023

**GOVERNMENT OF ODISHA "e" PROCUREMENT NOTICE**
**Bid Identification No 14 of 2023-24**

**No. O-2112:-** The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the reputed licensed Electrical contractors, having valid H.T. License with experience in similar nature of works to be eventually drawn up in P1 Contract Form for the work as per terms and condition noted below.

1. Name of the work:- **External Electrification to the Pump House in different Rural piped water supply schemes under Jharbandh and Paikmal Block.**
2. Approx. Estimated cost :- **Varies from Rs 9.04** to **14.85** lakhs
3. Date and time of availability of documents in the portal :- **Dt 10.01.2024** to **Dt. 24.01.2024** up to **5.00** P.M.
4. Last date/time for receipt of bids in the portal :- Dt **24.01.2024** up to **5.00** P.M
5. Date & time of Opening of Tender :- Dt **25.01.2024** at **11.00** A.M.
6. Name and address of the Officer Inviting Bid :- Superintending Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal "http://tendersorissa.gov.in".
The authority reserves the right to reject any or all the tenders without assigning any reason thereof.

OIPR-25157/11/0016/2324 **Sd./- Superintending Engineer, RWS&S Division, Bargarh**

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ରେ ଲୋକାର୍ପିତ ହେବାକୁ ଯାଉଛି। ଏଥିପାଇଁ ସମସ୍ତ କାର୍ଯ୍ୟକୁ ସୁବ୍ୟବସ୍ଥିତ ଢଙ୍ଗରେ କରିବାକୁ ସମସ୍ତ ପ୍ରକାର ଚେଷ୍ଟା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଛି। ଏପରି କି ରାଜ୍ୟବାସୀଙ୍କ ନିକଟରେ ଏହି ପରିକ୍ରମା ପ୍ରକଳ୍ପର ବାର୍ତ୍ତା ପହଞ୍ଚାଇବା ସହ ଲୋକମାନଙ୍କୁ ଏହି ପୁଣ୍ୟ କାର୍ଯ୍ୟରେ ସାମିଲ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଜିଲାର ବ୍ଲକ୍ ଏବଂ ପଞ୍ଚାୟତରେ ଶନିବାରଠାରୁ ପରିକ୍ରମା ଅର୍ପଣ ରଥ ଗଡ଼ିବା ଆରମ୍ଭ କରିଛି। ଅର୍ପଣ ରଥ ବୁଲିବା ସମୟରେ ଲୋକମାନଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରୁଛି। ଏହି ସମୟରେ ଉକ୍ତ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଉଛି।



# ଶ୍ରୀକ୍ଷେତ୍ରରେ ଗଡ଼ିଲା ପରିକ୍ରମା ରଥ

ଶ୍ରୀମନ୍ଦିର ଲୋକାର୍ପଣ ଉତ୍ସବ ପାଇଁ ଜୋର୍‌ସୋରରେ ପ୍ରସ୍ତୁତି ଚାଲିଛି। ପୁରୀ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଜାରି ରହିଛି ନିମନ୍ତ୍ରଣ ଉତ୍ସବ। ଏଥିପାଇଁ ୧୨ତାରିଖରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ତେବେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଶ୍ରୀଜଗନ୍ନାଥ ରଥ ପରିକ୍ରମା ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପରିକ୍ରମା ରଥ ବୁଲି ଗୁଆ ଚାଉଳ ସଂଗ୍ରହ କରିବ। ପ୍ରତ୍ୟେକ ପଞ୍ଚାୟତରୁ ଘର ଘର ବୁଲି ଭକ୍ତମାନଙ୍କଠାରୁ ଗୁଆ, ଚାଉଳ ସଂଗ୍ରହ କରାଯିବ। ଏହାର ଶୁଭାରମ୍ଭ ଶନିବାରଠାରୁ ଆରମ୍ଭ କରାଯାଇଛି। ରାଜ୍ୟରେ ସମସ୍ତ ପଞ୍ଚାୟତ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗାଁ ପରିକ୍ରମା କରିବା ସହ ଘରୁ ଘରୁ ଅରୁଆ ଚାଉଳ, ଗୁଆ ଓ ନଡ଼ିଆ ସଂଗ୍ରହ କରିବ। ଏହି ପରିପ୍ରେକ୍ଷୀରେ ପୁରୀ ସଦର ବ୍ଲକ ୨୫ ନମ୍ବର ଜୋନ୍ ଅନ୍ତର୍ଗତ ତଳଜଂଘ ଓ ମାଳତୀପାଟପୁର, ୨୬ ନମ୍ବର ଜୋନ୍ ଅନ୍ତର୍ଗତ ଗୋପୀନାଥପୁର ଓ କାଶୀ ହରିପୁର ଏବଂ ୨୭ ନମ୍ବର ଜୋନ୍ ଅନ୍ତର୍ଗତ ବାଲିପୁଟ ଓ ରାଏଗୋରଡା ପଞ୍ଚାୟତରେ ଏହି ରଥ ପରିକ୍ରମା କରିଛି। ପିଇଓ ଓ ଜିଆର୍‌ଏସ୍ ମାନେ ପଞ୍ଚାୟତରେ ନୋଡାଲ ଅଧିକାରୀ ଭାବେ ଏହି ଦାୟିତ୍ୱ ନିର୍ବାହ କରିବେ।

# ଲୀଳାକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ



ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ୧୦ ଦିନ ଥିବାବେଳେ ଶନିବାର ଖୋର୍ଦ୍ଧା ପୌରାଞ୍ଚଳ ୪ ନମ୍ବର ୱାର୍ଡ ଅନ୍ତର୍ଗତ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାରୁ ଶ୍ରୀଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ହୋଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନ କଅକବ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଧାୟକ ମିତ୍ର ଅକ୍ଷତ ଚାଉଳ, ଗୁଆ ଦେଇ ଶୁଭାରମ୍ଭ କରିଥିଲେ। ଶ୍ରୀଜଗନ୍ନାଥଙ୍କ ସ୍ତୁତି, ନାମ ସଙ୍କୀର୍ତ୍ତନ ସହ ଗଡ଼ଖୋର୍ଦ୍ଧା ପରିକ୍ରମା କରିଥିଲା। ମହିଳାମାନେ ଘର ଆଗରେ ଦୀପ ଜାଳିବା ସହ ଫୁଲ ପକାଇଥିଲେ। ପ୍ରତ୍ୟେକ ପରିବାର ଅକ୍ଷତ ଚାଉଳ, ଗୁଆ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ସ୍ଥାନୀୟ କାଉନସିଲର ପ୍ରଶାନ୍ତ ସେଠୀଙ୍କ ସମେତ ସମସ୍ତ କାଉନସିଲର ଅମିୟ ମହାନ୍ତି, କମଳ ପ୍ରଧାନ, ସୃଷ୍ଟି ମାଝି, ଶୁଭଲକ୍ଷ୍ମୀ ମହାରଣା, ପ୍ରବୀଣା ଜଗଦ୍ଦେବରାୟ, ଟୁଟୁ ବଳିୟାରସିଂ, ନାଗଭୂଷଣ ଜେନା, ବିଦ୍ୟୁଲତା ସାହୁ, ପଦ୍ମିନୀ ମିଶ୍ର ଉପସ୍ଥିତ ଥିଲେ। ଗବେଷକ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ସଂସ୍କୃତି ଗବେଷକ ପ୍ରସନ୍ନ ମହାପାତ୍ର, ଶିକ୍ଷାବିତ୍ ଓ ସ୍ଥାନୀୟ ବାସିନ୍ଦା ରଥ ପରିକ୍ରମାରେ ସାମିଲ ହୋଇଥିଲେ। ଏହି ରଥ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ୨୨ ୱାର୍ଡ ପରିକ୍ରମା କରିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ସେହିପରି ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ପ୍ରତି ପଞ୍ଚାୟତ ଏବଂ ସହରାଞ୍ଚଳରୁ ୧୫ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିବ। ଶନିବାର ସହରାଞ୍ଚଳରେ ଆରମ୍ଭ ହୋଇଥିବା ବେଳେ ରବିବାରଠାରୁ ପ୍ରତି ପଞ୍ଚାୟତରେ ରଥ ପରିକ୍ରମା କରିବ।



# ଇସ୍ପାତ ସହରରେ ଗଡ଼ିଲା ରଥ



ଜାନୁଆରୀ ୧୭ ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ହେବାକୁ ଯାଉଛି। ଏଭଳି ଦିବ୍ୟ କାର୍ଯ୍ୟକ୍ରମ ସହିତ ପ୍ରତିଟି ଓଡ଼ିଆଙ୍କୁ ଯୋଡ଼ିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଏହି କ୍ରମରେ ଶନିବାର ପୂର୍ବାହ୍ନରେ ରଘୁନାଥପାଲି ଓ ରାଉରକେଲାରେ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇ ସହର ପରିକ୍ରମା କରିଥିଲା। ରାଉରକେଲା ନିର୍ବାଚନମଣ୍ଡଳୀର ବାସନ୍ତୀ କଲୋନି ସ୍ଥିତ ଜଗନ୍ନାଥ ମନ୍ଦିରରେ ଏହା ଆରମ୍ଭ ହୋଇଥିଲା। ମନ୍ଦିର ପରିସରରେ ଓଡ଼ିଶୀ ନୃତ୍ୟ ସହ ସଂକୀର୍ତ୍ତନ, ଶଙ୍ଖ ଧ୍ୱନିରେ ଚାରିଆଡେ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ରାଉରକେଲା ଏଡିଏମ୍ ଡା. ଶୁଭଙ୍କର ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅଧୀନ ସେକ୍ଟର-୩ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପରିସରରେ ବିଧାୟକ ସୁବ୍ରତ ତରାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଆର୍‌ଏମ୍‌ସି ଉପାୟୁକ୍ତ ସୁଧାଂଶୁ ଭୋଇ, ଟ୍ରଷ୍ଟି ସୁଧୀର ସୁନ୍ଦର ରାୟ, ବଡପଣ୍ଡା ତ୍ରିନାଥ ପାଢ଼ୀଙ୍କ ସମେତ ସେବାୟତ ନିୟୋଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ୧୬ଟି ରଥ ମାଧ୍ୟମରେ ସହରର ୪୦ଟି ୱାର୍ଡରୁ ଅକ୍ଷତ ଓ ଗୁଆ ସଂଗ୍ରହ କରାଯାଇ ପୁରୀ ପଠାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ହିଞ୍ଜିଳିକାଟୁରୁ ଗୁଆ, ଚାଉଳ

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଗଞ୍ଜାମ ଜିଲାର ବୁଗୁଡ଼ା, ହିଞ୍ଜିଳିକାଟୁ ଓ ଦିଗପହଣ୍ଡିଠାରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅର୍ପଣ ରଥ ପରିକ୍ରମା କରିବା ସହିତ ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଛି। ହିଞ୍ଜିଳିଠାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତିଭାସନ ଏହି ରଥକୁ ଉଦ୍‌ଘାଟନ କରିଥିଲେ। ସେହିପରି ବୁଗୁଡ଼ାଠାରେ ଏନ୍‌ଏସି ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ ପ୍ରମୁଖ ସାମିଲ ହୋଇ ଗୁଆ ଚାଉଳ ସଂଗ୍ରହ କରିଛନ୍ତି। ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ଅର୍ପଣ ରଥକୁ ଶୁଭାରମ୍ଭ କରିବା ସହିତ ଘର ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରିଛନ୍ତି।

# ଭକ୍ତିମୟ ପରିବେଶ ସୃଷ୍ଟି କରିଛି



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ବଡ଼ଭରାଣ୍ଡି, ବଡ଼କୁମାରୀ, କାରାଗାଁ, ମୁଣ୍ଡିଗୁଡ଼ା ପଞ୍ଚାୟତ ପାଇଁ ଅର୍ପଣ ରଥକୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଶୁଭାରମ୍ଭ କରିଛନ୍ତି। ପଞ୍ଚାୟତର ସବୁ ଗ୍ରାମକୁ ଏହି ରଥ ଯାଇ ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବ। ତାହାକୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ନିଆଯିବ। ଅର୍ପଣ ରଥ ଉମରକୋଟ ବ୍ଲକ ବଡ଼ଭରାଣ୍ଡି ପଞ୍ଚାୟତ ପରିକ୍ରମା କରିବାବେଳେ ଏମ୍‌ପି ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଉଠା ଜଳସେଚନ ପ୍ରକଳ୍ପ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସୁଷମା ମାଝି ମହାପ୍ରଭୁଙ୍କ ପାଇଁ ଚାଉଳ ଓ ଗୁଆ ଅର୍ପଣ କରିଛନ୍ତି। ବିଡିଓ ପ୍ରୀତିରଞ୍ଜନ ରଥ ଓ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ଅର୍ପଣ ରଥ ଶୁଭାରମ୍ଭ କରାଯାଇଛି। ଏହି ସମୟରେ ବିଡିଓ ଦୁର୍ଯ୍ୟୋଧନ ଭୋଇ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଥାନାଧିକାରୀ ଦୀପକ ଜେନା, ତହସିଲଦାର ତପନ ନାୟକ, ଆର୍‌ସିଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ସରପଞ୍ଚ ଚନ୍ଦ୍ରଶେଖର ମାଝି ପ୍ରମୁଖ ଯୋଗଦେଇଥିଲେ। ୧୫ ତାରିଖ ପର୍ଯ୍ୟନ୍ତ ବ୍ଲକର ୨୩ ପଞ୍ଚାୟତ ପରିକ୍ରମା କରି ପ୍ରତ୍ୟେକ ଘରୁ ଚାଉଳ ଓ ଗୁଆ ସଂଗ୍ରହ କରାଯିବ। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ପିଇଓ ପ୍ରମୋଦ କୁମାର ମିଶ୍ର ଅର୍ପଣ ରଥର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ସଂକୀର୍ତ୍ତନ ମଣ୍ଡଳୀ ସହ ଏହି ରଥ ବାହାରି ଦୁର୍ଗୀ ଅଞ୍ଚଳରେ ବୁଲି ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରୁଛି। ଏହି ସମୟରେ ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

# ପଟ୍ଟାଙ୍ଗି, ସେମିଳିଗୁଡ଼ା ବ୍ଲକରେ ଶୁଭାରମ୍ଭ ହେଲା ଅର୍ପଣ ରଥ

ପୁରୀ ଶ୍ରୀକ୍ଷେତ୍ରରେ ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲ ହେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ପ୍ରତି ଜିଲା, ବ୍ଲକ ଓ ପଞ୍ଚାୟତରେ ଲୋକଙ୍କୁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଶନିବାରଠାରୁ କୋରାପୁଟ ଜିଲାର ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକରେ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ପଟ୍ଟାଙ୍ଗି ସଦର ମହକୁମାର ଗାଙ୍ଗମା ମନ୍ଦିରଠାରୁ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ବିଡିଓ ସୁକାନ୍ତ ପଟ୍ଟନାୟକ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପଟ୍ଟାଙ୍ଗି ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଜିଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ଲଇଚନ ଖରାଙ୍କ ସମେତ ଅଧିକାରୀ, ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇ ଅର୍ପଣ ରଥକୁ ଶୋଭାଯାତ୍ରାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନେଇ ସହର ପରିକ୍ରମା କରିଥିଲେ। ପରେ ଏହି ରଥ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ପୁରୀ ଶ୍ରୀକ୍ଷେତ୍ର ଯିବାକୁ ଶ୍ରଦ୍ଧାଳୁଙ୍କ ଘରେ ଘରେ ଯାଇ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲା। ସେହିପରି ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ପରିକ୍ରମା ରଥକୁ ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ଶୁଭାରମ୍ଭ କରିଥିଲେ। ଏହି ଶୁଭାରମ୍ଭ ଉତ୍ସବରେ ଏବିଡିଓ ଧୀରେନ୍ଦ୍ର କଣ୍ଡାଗିରି, ଏପିଓ ସୌମେନ୍ଦ୍ର ନାୟକ, ଜିପିଓ କେ. କେଶବଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପରେ ପରିକ୍ରମା ରଥ ବ୍ଲକ ଅଧୀନ ପାକଝୋଲା ପଞ୍ଚାୟତର ସମସ୍ତ ଗ୍ରାମରେ ଘର ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରିଛି।



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଜୟ ଜଗନ୍ନାଥ ରଥ ଶୁଭାରମ୍ଭ ହେଉଛି।



# ଜଗତ୍‌ସିଂହପୁରରେ ଜଗନ୍ନାଥ ଅର୍ପଣ ରଥ

ଆମ ଓଡ଼ିଶା, ନବୀନ ଓଡ଼ିଶା ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ଶନିବାର ଜଗତ୍‌ସିଂହପୁର ଜିଲାରେ ଶୁଭାରମ୍ଭ ହୋଇଯାଇଛି। ଏହି ରଥ ଜିଲାର ସମସ୍ତ ୮ ବ୍ଲକରେ ପରିକ୍ରମା ଆରମ୍ଭ କରିଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର, ସଂରକ୍ଷଣ ଏବଂ ସୁରକ୍ଷା ନିମନ୍ତେ ଜନସାଧାରଣଙ୍କୁ ଯୋଡ଼ିବା ହେଉଛି ଏହି ରଥ ପରିକ୍ରମା କରିବାର ମୂଳ ଉଦ୍ଦେଶ୍ୟ। ତେଣୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏହି ରଥ କୀର୍ତ୍ତନ ମଣ୍ଡଳୀ ସହ ପରିକ୍ରମା ଆରମ୍ଭ କରିଛି।





ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

# ଲୀଳାମୟଙ୍କୁ ସମର୍ପିତ କଳାସ୍ଥାପତ୍ୟ

ପଥର ବି ଈଶ୍ୱରଙ୍କ ଉପାସନା କରିପାରେ। ଏହାର ନିଦର୍ଶନ ଦେଖିବାକୁ ମିଳୁଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ। ଉତ୍କୃଷ୍ଟ କଳାର ଭୂଖଣ୍ଡ 'ଉତ୍କଳ' ମନ୍ଦିର ନିର୍ମାଣ କୌଶଳରେ ଜଗତ ବିଖ୍ୟାତ। କଳା ଓ ସ୍ଥାପତ୍ୟ ହେଉଛି ଓଡ଼ିଆମାନଙ୍କ ସାଧନା ଓ ପୂଜା। ସେଇଥି ପାଇଁ କାହିଁ କେଉଁ ସମୟରୁ ଏଜାତିର ତ୍ରାଣକର୍ତ୍ତା ପ୍ରଭୁ ଜଗନ୍ନାଥଙ୍କ ପାଇଁ ଓଡ଼ିଆ ଜାତି ନିର୍ମାଣ କରିଥିଲା କଳା ସ୍ଥାପତ୍ୟରେ ଭରପୂର ଶ୍ରୀମନ୍ଦିର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆରମ୍ଭରୁ ହିଁ ଏଥିରେ କଳିଙ୍ଗ ଶ୍ରେଣୀୟ ମନ୍ଦିର ନିର୍ମାଣ ଶୈଳୀକୁ ପ୍ରାଧାନ୍ୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ସେଇଥି ପାଇଁ ପରିକ୍ରମା ପ୍ରକଳ୍ପର ପ୍ରତିଟି କାର୍ଯ୍ୟରେ ଓଡ଼ିଶାର ସ୍ୱତନ୍ତ୍ର ନିର୍ମାଣ ଶୈଳୀର ଝଲକ ଦେଖିବାକୁ ମିଳୁଛି।

ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଓ ପ୍ରଯତ୍ନରେ ଏହି ପରିକ୍ରମା ପ୍ରକଳ୍ପ ମାଧ୍ୟମରେ କଳିଙ୍ଗ ସ୍ଥପତି ଆଉ ଏକ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି। ଏହିସବୁ କାର୍ଯ୍ୟକୁ ନିର୍ମାଣର ପ୍ରଥମ ଦିନରୁ ହିଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସ୍ୱତନ୍ତ୍ର ଭାବରେ ନିରୀକ୍ଷଣ କରିଆସୁଛନ୍ତି। ଯେଉଁଭଳି ଭାବେ ଉଚିତ୍‌ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିବ ଏବଂ ଏକ ବିଶ୍ୱସ୍ତରୀୟ ସ୍ଥପତି କଳାର ଏକ ଉଦାହରଣ ସାଜି ପାରିବ ସେଥିପ୍ରତି ୫-'ଟି' ଅଧ୍ୟକ୍ଷ ଆରମ୍ଭରୁ ଯତ୍ନବାନ ରହି ଆସିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ମନ୍ଦିର ନିର୍ମାଣରେ ସ୍ୱତନ୍ତ୍ର ଭାବେ ବ୍ୟବହୃତ ହେଉଥିବା ଖଣ୍ଡୋଲାଇଟ ପଥରର ବ୍ୟବହାର ହୋଇଛି। ଏହି ପଥର ସ୍ୱତନ୍ତ୍ର ଭାବେ କେବଳ ଓଡ଼ିଶାରେ ମିଳିଥାଏ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏହି ପଥର ଅଣାଯାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବ୍ୟବହାର ହୋଇଛି। ପରିକ୍ରମା ପ୍ରକଳ୍ପ ମଧ୍ୟରେ ଥିବା ବିଭିନ୍ନ ମୂର୍ତ୍ତି, ଖମ୍ବ, ପରିକ୍ରମା ବାଡ଼, ବିଦ୍ୟୁତ ଗୃହ, ଶୌଚାଳୟ, ବସିବା ସ୍ଥାନ, ମଣ୍ଡପ, ମୁକ୍ତାକାଶ ମଞ୍ଚ ଆଦି ଏହି ଖଣ୍ଡୋଲାଇଟ ପଥରରେ ନିର୍ମାଣ କରାଯାଇଛି।

ପରିକ୍ରମା ପ୍ରକଳ୍ପରେ ମୁଖ୍ୟ ସ୍ଥପତି ଭାବରେ କାର୍ଯ୍ୟରତ ଭବାନୀ ମିଶ୍ର ବିକେ ଆର୍ଟ କଲେଜର ୬୦ଜଣ ସ୍ଥପତିମାନଙ୍କୁ ତାଲିମ ଦେବାପରେ ବିଭିନ୍ନ ମୂର୍ତ୍ତି ନିର୍ମାଣ କରାଯାଇଛି। ଶ୍ରୀସେତୁ, ଶ୍ରୀଦାଣ୍ଡ ତଥା ପରିକ୍ରମା ପ୍ରକଳ୍ପର ବିଭିନ୍ନ ସ୍ଥାନରେ ସେହି ମୂର୍ତ୍ତିଗୁଡିକ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ପୂଜ୍ୟପୂଜାର ନିଦର୍ଶନ ସମଗ୍ର ବିଶ୍ୱକୁ ଉପସ୍ଥାପିତ କରାଯାଇଛି।



### ସ୍ଥପତିଙ୍କ ମୁହଁରୁ ...

- ମହାପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ମତେ ଏହି ସୁଯୋଗ ମିଳିଛି। ମୋର ମନେ ହେଉଛି ଏହି ମୂର୍ତ୍ତି ସବୁ ଜୀବନ୍ତ ଭାବେ ଜଗନ୍ନାଥ ଭକ୍ତିରେ ଲୀନ ଅଛନ୍ତି। ସେହି ମହାପ୍ରଭୁଙ୍କ ଆଶୀର୍ବାଦରୁ ହିଁ ଏହି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଶ୍ୱସ୍ତରୀୟ ହୋଇପାରିଛି।

**- ଭବାନୀ ମିଶ୍ର, ମୁଖ୍ୟ ସ୍ଥପତି, ଭୁବନେଶ୍ୱର**

- ମୋ ଜୀବନର ଏହା ସୌଭାଗ୍ୟ ଯେ ମୁଁ ସୁଦୂର ମୟୂରଭଞ୍ଜରୁ ପ୍ରଭୁ ଜଗନ୍ନାଥଙ୍କ ସେବା କରିବା ପାଇଁ ପୁରୀ ଆସିଛି। ମହାପ୍ରଭୁଙ୍କ ଆଜ୍ଞାରେ ହିଁ ମୁଁ ଏହି କାର୍ଯ୍ୟ କରିପାରୁଛି। ମତେ ଲାଗୁଛି ମୋର ଏହି ନିର୍ମାଣ କାର୍ଯ୍ୟ ହିଁ ମହାପ୍ରଭୁଙ୍କୁ ମୋର ପୂଜା। ମୋ ଜୀବନ ଧନ୍ୟ ହେଇଛି।

**- ସନ୍ତୋଷ ନାଏକ, କାରିଗର, ମୟୂରଭଞ୍ଜ**

- ବିହାରରୁ ଆସି ପୁରୀରେ ସେ ପୁଣି ପ୍ରଭୁ ଜଗନ୍ନାଥଙ୍କ କାର୍ଯ୍ୟ କରିବି ବୋଲି କେବେ ଭାବି ନ ଥିଲି। ଏଠାରେ ଯେଉଁ ଗତିରେ କାର୍ଯ୍ୟ ଚାଲିଛି ତାହା ମତେ ଆଶ୍ଚର୍ଯ୍ୟ କରୁଛି। ଏହା କେବଳ ଜଗନ୍ନାଥଙ୍କ ଅଲୌକିକ ଲୀଳା। ଅନ୍ୟଥା ମୋ ପରି ସାମାନ୍ୟ ମଣିଷ ଏଭଳି କାର୍ଯ୍ୟ କରିବାକୁ ସୁଯୋଗ ପାଇବ ବା କେଉଁଠୁ। ମତେ ଲାଗୁଛି ଜଗନ୍ନାଥ ହିଁ ମତେ ତାଙ୍କ ଚରଣରେ ଶରଣ ଦେଇଛନ୍ତି।

**- ସୋନେଲାଲ କୁମାର, କାରିଗର, ପାଟନା, ବିହାର**



# ଅତ୍ୟାଧୁନିକ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଶ୍ରୁତି ହେଲା ପୂରଣ

ବିକାଶ ପଥରେ ଶ୍ରୀକ୍ଷେତ୍ର ପୁରୀ। ସାମଗ୍ରିକ ଭାବେ ପୁରୀକୁ ଦିଆଯାଉଛି ନୂଆ ରୂପ। ଏଥିପାଇଁ ଏକାଧିକ ମେଗା ପ୍ରକଳ୍ପ ନିର୍ମାଣ ପୂର୍ଣ୍ଣାଙ୍ଗ ରୂପ ନେଇଥିବାବେଳେ ଅନେକ କାମ ଚାଲିଛି। ତେବେ ଏହି ପ୍ରକଳ୍ପ ମଧ୍ୟରେ ୩ଟି ଅତ୍ୟାଧୁନିକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ଶେଷ ହୋଇଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବିସ୍ଥାପିତ ବ୍ୟବସାୟୀଙ୍କୁ ଏହି ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ ଘର ଆବଣ୍ଟନ କରାଯିବ। ଏଥିପାଇଁ ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେଉଁ ଆଧାରରେ ଦୋକାନ ଘର ବଣ୍ଟନ ହେବ, ସେଥିଲାଗି ପୂର୍ବରୁ ପ୍ରସ୍ତୁତ ଏସ୍‌ଓପିକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ଏଥିରେ ବ୍ୟବସାୟୀଙ୍କ ଏକ ଚିଠା ସୂଚୀ ଦୋକାନ ଉଚ୍ଛେଦ ତାରିଖ ଅନୁସାରେ ପ୍ରସ୍ତୁତ ହୋଇଛି।

ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ୭୫ ମିଟର ପରିଧି ମଧ୍ୟରେ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଥିଲେ। ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ତଥା ଭକ୍ତଙ୍କ ସୁବିଧା ପାଇଁ ଦୀର୍ଘ ଦିନର ଭିଟାମାଟି ଛାଡ଼ିଥିଲେ ଅନେକ ପୁରୀବାସୀ। ଏହି ପ୍ରକଳ୍ପ ପାଇଁ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ କରାଯାଇଥିଲା। ଏଥିରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ଉଚ୍ଛେଦ ହୋଇଥିଲା। ସେମାନଙ୍କୁ ଥଇଥାନ କରିବା ଲାଗି ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ଲକ୍ଷ୍ୟ ରଖି ପୁରୀର ପୁରାତନ ଦୁଇଟି ମାର୍କେଟ୍ କମ୍ପ୍ଲେକ୍ସ (ମହୋଦଧି ଓ ମ୍ୟୁନିସିପାଲିଟି)କୁ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ ଆରମ୍ଭ ହୋଇଥିଲା। ମୋଚିସାହି ଛକରେ ନିର୍ମିତ ମହୋଦଧି ମାର୍କେଟ୍ କମ୍ପ୍ଲେକ୍ସରେ ୧୫୧ଟି ଦୋକାନ ଘର ରହିଥିବା ବେଳେ ମାର୍କେଟ୍ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସରେ ୫୦୦ ଓ ଜେଲ ରୋଡ ପାର୍କିଂରେ ୩୫୦ଟି ଦୋକାନ ଘର ବାହାରିଛି। ଦୋକାନଘରଗୁଡ଼ିକୁ କିପରି ସ୍ୱଚ୍ଛତାର ସହ ବିସ୍ଥାପିତ ଦୋକାନୀମାନଙ୍କୁ ଆବଣ୍ଟନ କରାଯିବ, ତା' ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ଅତ୍ୟାଧୁନିକ ମୌଳିକ ସୁବିଧା ଥାଇ ପ୍ରସ୍ତୁତ ହୋଇ ରହିଥିବା ମାର୍କେଟ୍ କମ୍ପ୍ଲେକ୍ସଗୁଡ଼ିକ ବେଶ୍ ସୁନ୍ଦର ହୋଇଥିବା ବେଳେ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଯାଉଥିବାରୁ ସାଧାରଣରେ ଏହାକୁ ସ୍ୱାଗତ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଯେଉଁ ବ୍ୟବସାୟୀମାନେ ବିସ୍ଥାପିତ ହୋଇଥିଲେ, ସେମାନଙ୍କୁ ଦୋକାନ ଘର ଆବଣ୍ଟନ କରାଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।



## ସବୁଜ ବଳୟରେ ପରିକ୍ରମା ପ୍ରକଳ୍ପ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରରେ ଶ୍ରୀମନ୍ଦିର ସଂସ୍କୃତି ସହର ଜଡିତ ବିଭିନ୍ନ ବୃକ୍ଷରାଜି ଲଗାଯାଉଛି। ଏହା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସୌନ୍ଦର୍ଯ୍ୟକୁ ଦୁଇଗୁଣିତ କରୁଛି। ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ପରିକ୍ରମା ପ୍ରକଳ୍ପର ଏହିଠାରେ କିଛି ସମୟ ଅତିବାହିତ କରିବା ସହ ମହାପ୍ରଭୁଙ୍କ ନୀତିରେ ଲାଗୁଥିବା ବିଭିନ୍ନ ପୁଷ୍ପ ଓ ବିଭିନ୍ନ ବୃକ୍ଷାଦି ବିଷୟରେ ସୂଚନା ପାଇପାରିବ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନେ ଏପରି ବୃକ୍ଷ ରୋପଣକୁ ଦେଖି ବେଶ୍ ଖୁସି ପ୍ରକଟ କରିବା ସହ ସରକାରଙ୍କ ଏପରି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରୁଛନ୍ତି। ବୃକ୍ଷଗୁଡ଼ିକ ମଧ୍ୟରେ ତୁଳସୀ, ଦୁଲଭା, ଦୂବ ସହ ବିଭିନ୍ନ ପ୍ରକାରର ଫୁଲ ଗଛ ରହିଛି। ଫୁଲ ଗଛ ବ୍ୟତିରେକ ଅନ୍ୟାନ୍ୟ ଗଛଗୁଡିକ ମଧ୍ୟ ଲଗାଯାଉଛି। ପରିକ୍ରମା ପ୍ରକଳ୍ପକୁ ସବୁଜ ବଳୟ ମଧ୍ୟରେ ପରିଣତ କରାଯିବାକୁ ପ୍ରଚେଷ୍ଟା ଜାରି ରହିଛି।

## ଏସି ଶେଡ୍‌ରେ ଶୃଙ୍ଖଳିତ ଦର୍ଶନ

ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଏସି ବ୍ୟାରିକେଡ ନିର୍ମାଣ କରାଯାଇଛି। ଯାହାକୁ ନେଇ ଭକ୍ତମାନେ ବେଶ ଖୁସି ପ୍ରକଟ କରିଛନ୍ତି। ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ଘଣ୍ଟା ଘଣ୍ଟା ଧରି ଖରା ବର୍ଷାରେ ଦର୍ଶନ ଲାଗି ବଡ଼ଦାଣ୍ଡରେ ଠିଆ ହେଇ ରହୁଥିଲେ। ଯାହାଫଳରେ ଅନେକ ସମୟରେ ଅଘଟଣ ଘଟିବା ସହ ଭକ୍ତମାନେ ନାହିଁ ନ ଥିବା ସମସ୍ୟା ଭୋଗୁଥିଲେ। ଭକ୍ତମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏସି ଶେଡ ନିର୍ମାଣ କରାଯାଇଛି। ନୂଆବର୍ଷ ଠାରୁ ସ୍ୱତନ୍ତ୍ର ଏସି ଶେଡ୍ ଦେଇ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନପାଇଁ ଯାଉଛନ୍ତି। ଏହି ଶୀତତାପ ନିୟନ୍ତ୍ରିତ ଶେଡ୍‌ରେ ବସିବା ପାଇଁ ଭକ୍ତମାନଙ୍କ ଲାଗି ବ୍ୟବସ୍ଥା କରାଯାଇଛି। ସେହଭଳି ବିଭିନ୍ନ ସ୍ଥାନରେ ବିଶ୍ରାମର ସୁବିଧା ବ୍ୟବସ୍ଥା କରାଯାଇଛି। ବଡ଼ଦାଣ୍ଡରେ ଆସୁଥିବା ଭକ୍ତମାନେ ମରିଚିକୋଟ ଛକଠାରୁ ଏସି ଶେଡ ଦେଇ ଶ୍ରୀମନ୍ଦିର କାର୍ଯ୍ୟାଳୟର ଗ୍ରାଉଣ୍ଡ ଫ୍ଲୋରରେ ବିଶ୍ରାମ କରିବେ। ସେଠାରୁ ବଡ଼ ଆଖଡ଼ା ମଠଦେଇ ଏସି ଜର୍ମାନ ହ୍ୟାଙ୍ଗରରେ ୬ଟି ଧାଡ଼ି ମଧ୍ୟରେ ମନ୍ଦିରକୁ ଯାଉଛନ୍ତି । ଏସି ଟନେଲରେ ମଧ୍ୟ ଭକ୍ତମାନଙ୍କୁ ସର୍ବାଧିକ ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ମିଳି ପାରୁଛି। ଏହି ଏସି ଶେଡରେ ଏକକାଳୀନ ପ୍ରାୟ ଅଢେଇ ହଜାର ଭକ୍ତ ରହିପାରିବେ। ଟନେଲ ମରିଚିକୋଟ ଛକରୁ ଶ୍ରୀକୃଷ୍ଣ ସିନେମା ହଲ୍ ଛକ ପର୍ଯ୍ୟନ୍ତ କରାଯାଇଛି। ଏଥିରେ ଭକ୍ତଙ୍କ ପାଇଁ ୧୨ଟି ଧାଡ଼ି ରହିବା ସହ ବସିବା ପାଇଁ ଷ୍ଟିଲ୍ ବେଞ୍ଚର ବ୍ୟବସ୍ଥା ରହିଛି। ବ୍ୟାରିକେଡକୁ ସମ୍ପୂର୍ଣ୍ଣ ସେଣ୍ଟ୍ରାଲ ଏସି କରାଯାଇଛି। ଏଥିସହିତ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ସିସିଟିଭି, ଏୟାର କଟନ୍‌ର ବ୍ୟବସ୍ଥା କରାଯାଇଛି।



# ଆସ୍ଥା ଓ ବିଶ୍ୱାସର ପ୍ରତିଫଳନ

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ବେଶ୍ ଉତ୍ସବ ମୁଖର ହୋଇଉଠିଛି ସାରା ରାଜ୍ୟ। ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବେ। ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ପାଇଁ ଆସନ୍ତା ୧୨ ତାରିଖ ଦିନ ଗଜପତି ମହାରାଜା ବ୍ରାହ୍ମଣମାନଙ୍କୁ ଗୁଆ ଟେକି ବରଣ କରିବେ। ସେହିପରି ୧୫ ତାରିଖରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯଜ୍ଞ ଆରମ୍ଭ ହେବ। ଯଜ୍ଞର ପୂର୍ଣ୍ଣାହୁତି ଜାନୁଆରୀ ୧୭ରେ ଅନୁଷ୍ଠିତ ହେବ। ଗଜପତି ମହାରାଜା ପୂର୍ଣ୍ଣାହୁତି ଦେବା ପରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଲୋକାର୍ପଣ କରିବେ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ। ତାଙ୍କ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଅଗଣତି ଜଗନ୍ନାଥପ୍ରେମୀଙ୍କ ମନରେ ଆନନ୍ଦ ପରିଲକ୍ଷିତ ହେଲାଣି। ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଆସ୍ଥା ଓ ବିଶ୍ୱାସର ପ୍ରତିଫଳନ ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ତେବେ ଭକ୍ତ, ଶ୍ରଦ୍ଧାଳୁ, ସ୍ଥାନୀୟ ବାସିନ୍ଦା ଓ ଠାକୁରଙ୍କ ବାହାର ବିଜେ ଆଦିକୁ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ୯ଭାଗରେ ବିଭକ୍ତ କରାଯାଇ ପୂର୍ଣ୍ଣ ରୂପ ଦିଆଯାଇଛି। ଏଥିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ପାଇଁ ନିର୍ଦ୍ଦିଷ୍ଟ ମାର୍ଗ ରହିଛି। ସେହିଭଳି ଭକ୍ତ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବାସିନ୍ଦା ଯା'ଆସ ଭିନ୍ନ ମାର୍ଗ ପ୍ରସ୍ତୁତ କରାଯାଇଛି। ମେଘନାଦ ପାଚେରିଠାରୁ ୭ ମିଟର ବଫର ଜୋନ୍ ହୋଇଛି। ଏହା ମଧ୍ୟରୁ ୨ମିଟର ମେଘନାଦ ପାଚେରିର ରକ୍ଷଣାବେକ୍ଷଣ ପାଇଁ ରହିଛି। ଅବଶିଷ୍ଟ ୫ ମିଟରରେ ୧ଫୁଟ ଉଚ୍ଚ ବିଶିଷ୍ଟ ପିଣ୍ଡି ଓ ସବୁଜ ବଳୟ ସୃଷ୍ଟି କରାଯାଇଛି। ସେହିଭଳି ପରବର୍ତ୍ତୀ ୧୦ମିଟର ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ଉଦ୍ଦେଶ୍ୟରେ ଖୋଲା ରଖାଯାଇଛି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏହି ମାର୍ଗ ଦେଇ ଯିବାର ବ୍ୟବସ୍ଥା ହୋଇଛି। ୧୦ ମିଟରରୁ ୧୪ ମିଟର ମଧ୍ୟରେ ଲ୍ୟାଣ୍ଡ୍ ସ୍କେପ୍ ଜୋନ୍ ରହିବ। ଏହା ମଧ୍ୟରେ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ ବୃକ୍ଷରାଜି ରୋପଣ କରାଯାଇଛି।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁଆରୀ ୭/୨୦୨୪ Bhubaneswar, Sunday, January 7/ 2024



ଓଡ଼ିଶା ଜଗରନଟ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ଖୋଖୋ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ସେମିରେ ଜଗରନଟ୍ସ, କୁଇକ୍‌ଗନ୍ସ

## ଅଲ୍‌ଟିମେଟ୍ ଖୋ ଖୋ

ଭୁବନେଶ୍ୱର,୬।୧(ସରୋଜ ଜେନା)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ସିଜନ୍ ୨ର ସେମି ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ। ଶନିବାର ଗୁଜରାଟ ଜାଏଣ୍ଟ୍ସକୁ ୩୦–୨୭ରେ ହରାଇ ତୃତୀୟ ଦଳ ଭାବରେ ଜଗରନଟ୍ସ ସେମିରେ ସ୍ଥାନ ସୁରକ୍ଷିତ କରିଥିଲା। ସନ୍ଧ୍ୟାର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ କୁଇକ୍ ଗନ୍ସ ୪୧–୧୮ ପଏଣ୍ଟରେ ମୁମ୍ବାଇ ଖିଲାଡିଜ୍‌କୁ ପରାସ୍ତ କରିଥିଲା। ଶୁକ୍ରବାର ଗୁଜରାଟ ଓ ତେଲୁଗୁ ଯୋଦ୍ଧାସ ସେମିରେ ପ୍ରବେଶ କରିଥିଲା। ଅନ୍ତିମ ଟର୍ନରେ ରୋହନ ସିଙ୍ଗାଡେ ଦୁଇଟି ଡ୍ରିମ୍ ରନ୍ ହାସଲ କରିବାରୁ ଓଡ଼ିଶା ବିଜୟୀ ହେବା ସହ କ୍ରମାଗତ ସଂସ୍କରଣରେ ସେମି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଅନ୍ତିମ ଟର୍ନରେ ଓଡ଼ିଶା ଡିଫେଣ୍ଡ କରୁଥିବା ବେଳେ ଅନ୍ତିମ ୩.୩୫ ମିନିଟରେ ଦଳକୁ ୫ ପଏଣ୍ଟ ସେଭ୍ କରିବାର ଥିଲା। ଏହା ମଧ୍ୟରେ ରୋହନ ସିଙ୍ଗାଡେ ଦୁଇଟି ଡ୍ରିମ୍ ରନ ସହ ୨ ପଏଣ୍ଟ ହାସଲ କରିଥିଲେ। ଦୁଇ ଡିଫେଣ୍ଡର ଆଉଟ ହୋଇଥିଲେ ମଧ୍ୟ ରୋହନ ନଟ୍ ଆଉଟ ରହି ଦଳକୁ ବିଜୟୀ କରିଥିଲେ। ମନୋଜ ପାଟିଲ ୬, ଦୀପେଶ ମୋରେ ୪ ଓ ରୋହନ ସିଙ୍ଗାଡେ ୪ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ୬ ଷ୍ଟ୍ରାଇକ୍ ପଏଣ୍ଟ ହାସଲ କରିଥିବା ମନୋଜ ପାଟିଲଙ୍କୁ ଆଟାକର ଅଫ୍ ଦ ଡେ ପୁରସ୍କାର ଦିଆଯାଇଥିଲା। ଓଡ଼ିଶା ଜଗରନଟ୍ସର ଦିଲୀପ ଖାଣ୍ଡଭି ୨.୩୪ ମିନିଟର ସମୟ ବିତାଇ ଡିଫେଣ୍ଡର ଅଫ୍ ଦ ଡେ ପୁରସ୍କାର ହାସଲ କରିଥିଲେ। ଅ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସମ୍ମୁଖରେ ମୁମ୍ବାଇ ସମ୍ପୂର୍ଣ୍ଣ ଅସହାୟ ମନେ ହୋଇଥିଲା। ଉଭୟ ଆଟାକ୍ ଓ ଡିଫେନ୍ସରେ ମୁମ୍ବାଇକୁ ମାତ୍ ଦେବା ସହିତ ଚେନ୍ନାଇ ଚତୁର୍ଥ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଏହା ସହିତ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହି ଟୁର୍ନାମେଣ୍ଟରୁ ବିଦାୟ ନେଇଛି ମୁମ୍ବାଇ ଖିଲାଡିଜ୍ ଓ ରାଜସ୍ଥାନ ୱାରିୟର୍ସ। ଓଡ଼ିଶା ଜଗରନଟ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ମ୍ୟାଚକୁ ଓଡ଼ିଆ ଫିଲ୍ମ 'ଡିଅର ପୁରୁଷ'କଳାକାର ଝିଲିକ ଭଟ୍ଟାଚାର୍ଜୀ, ବବି ମିଶ୍ର, ଦେବାଶିଷ ପାତ୍ର, ପାର୍ଥ ସାରଥୀ ରାୟ, ବିଏମ୍ ବୈଶାଳୀ, ଅନନ୍ୟା ମିଶ୍ର, ଅନୁରାଧା ପାଣିଗ୍ରାହୀ ଓ ଜିତ୍ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ଉପଭୋଗ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ସର୍ବଭାରତୀୟ କରାଟେ ପ୍ରତିଯୋଗିତା

କଟକ, ୬।୧(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ବଭାରତୀୟ ନବମ ଟିଏସ୍‌କେଏଫ୍‌ଆଇ (ଟ୍ରାଡିଶନାଲ ସୋଟୋକାନ କରାଟେ ଫେଡେରେଶନ୍ ଅଫ୍ ଇଣ୍ଡିଆ) କରାଟେ –୨୦୨୪ ପ୍ରତିଯୋଗିତା ଶନିବାର ଚାଉଳିଆଗଞ୍ଜସ୍ଥିତ ଶ୍ରୀକ୍ଷେତ୍ର ମଣ୍ଡପଠାରେ ଉଦ୍‌ଘାଟନ ହୋଇଯାଇଛି। ଟିଏସ୍‌କେଏଫ୍‌ଆଇର ନିର୍ଦ୍ଦେଶକ ଆଦିତ୍ୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା, ମହାରାଷ୍ଟ୍ର, ଛତିଶଗଡ, ଝାଡଖଣ୍ଡ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରୁ ୫ବର୍ଷରୁ ଆରମ୍ଭ କରି ୪୦ବର୍ଷ ବୟସର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସର କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ସହିତ ପଦକ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। ଟିଏସ୍‌କେଏଫ୍‌ଆଇ ଉପସଭାପତି ମନିଷ ନାଥାନୀ, ସଞ୍ଜୟ ସାହା, ଅରବିନ୍ଦ ବାରିକ, ପ୍ରଭାତ କୁମାର ପାଣୀ, ପଞ୍ଚାନନ ନାୟକ, ରଞ୍ଜୀତ ଘୋରାଇ, ରଞ୍ଜନ ଦାସ, ପ୍ରିୟବ୍ରତ ମହାରଣା, ସ୍ଥିତପ୍ରଜ୍ଞା ସାହୁ, ଚିନ୍ମୟ କୁମାର ମଲ୍ଲିକ, ଶୁଭଶ୍ରୀ ଲେଙ୍କା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି।

# ବାସନ୍ଦ ଉଠାଇବା ଲାଗି କହିଲା ଭାରତ କୁସ୍ତି ମହାସଂଘ

ନୂଆଦିଲ୍ଲୀ, ୬।୧ (ପି.ଟି.)



ନୂଆ କର୍ମକର୍ତ୍ତା ନିର୍ବାଚନ ହେବାର ୩ ଦିନ ପରେ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସସ୍‌ପେଣ୍ଡ ହୋଇଥିବା ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ମୁଖ୍ୟ ସଞ୍ଜୟ ସିଂ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)କୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ସନନ୍ଦ ଅନୁସାରେ ନବନିର୍ବାଚିତ ଡବ୍ଲ୍ୟୁଏଫ୍‌ଆଇ ଉପରେ ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଓଏ)ର କୌଣସି କର୍ତ୍ତୃତ୍ୱ ରହିବା ଉଚିତ ନୁହେଁ। ଅନ୍ୟପକ୍ଷରେ ଗତବର୍ଷ ଅଗଷ୍ଟ ମାସରୁ ଲାଗୁ ହୋଇଥିବା ସସ୍‌ପେଣ୍ଡ ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରିନେବା ଲାଗି ସେ ନିବେଦନ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଆଇଓଏ ଦ୍ୱାରା ଗଠିତ ଆଡହକ୍ ପ୍ୟାନେଲ ଭାରତ କୁସ୍ତି ମହାସଂଘର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରୁଛି। କୁସ୍ତି ଉପରେ ଆଇଓଏ ପ୍ରଭାବ ବିସ୍ତାରକୁ ବେଆଇନ ବୋଲି ମନେ କରାଯିବା ଉଚିତ ବୋଲି ସଞ୍ଜୟ ୟୁଡବ୍ଲ୍ୟୁଡବ୍ଲ୍ୟୁ ନିକଟକୁ ଲେଖିଥିବା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଡିସେମ୍ବର ୨୧ରେ ବିପୁଳ ବ୍ୟବଧାନରେ ନିର୍ବାଚନ ଜିତିଥିବା ସଞ୍ଜୟ ୟୁଡବ୍ଲ୍ୟୁଡବ୍ଲ୍ୟୁର ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, ଦିଲ୍ଲୀ ହାଇକୋର୍ଟ ତାଙ୍କର ଏକ ନିର୍ଦ୍ଦେଶନାମାରେ ଜାତୀୟ କ୍ରୀଡ଼ା ମହାସଂଘ ବ୍ୟାପାରରେ ଆଇଓଏର ହସ୍ତକ୍ଷେପକୁ ବେଆଇନ ବୋଲି ଦର୍ଶାଇଥିଲେ। ଡବ୍ଲ୍ୟୁଏଫ୍‌ଆଇର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶରଣ ସିଂଙ୍କ ଘନିଷ୍ଠ ବୋଲି କୁହାଯାଉଥିବା ସଞ୍ଜୟ କହିଛନ୍ତି, ଭାରତୀୟ କୋର୍ଟ, ୟୁଡବ୍ଲ୍ୟୁଡବ୍ଲ୍ୟୁ ନିୟମାବଳୀ ଏବଂ ଅଲିମ୍ପିକ ସନନ୍ଦ ଅନୁସାରେ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ହେଉଛନ୍ତି ସ୍ୱୟଂଶାସିତ ସଂସ୍ଥା। ଆଇଓଏ କିପରି ନିୟମ ଉଲ୍ଲଂଘନ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରାଯାଇଥିଲା। ଆଇଓଏ ଏ ବିଷୟରେ ସମ୍ପୂର୍ଣ୍ଣ ଅବଗତ। ସମସ୍ତ ସଫଳ ପ୍ରାର୍ଥୀଙ୍କୁ ରିଟର୍ନିଂ ଅଫିସର ସାର୍ଟିଫିକେଟ ମଧ୍ୟ ପ୍ରଦାନ କରିଛନ୍ତି।

## ଡବ୍ଲ୍ୟୁଟିସି ଟେବୁଲ

# ଭାରତକୁ ହଟାଇ ଅଷ୍ଟ୍ରେଲିଆ ପ୍ରଥମ

ଦୁବାଇ, ୬।୧ (ପି.ଟି.)

ସଦ୍ୟ ପ୍ରକାଶିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଟେବୁଲରେ ଭାରତକୁ ହଟାଇ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନ ଅଧିକାର କରି ନେଇଛି। ଶନିବାର ସିଡ୍‌ନୀଠାରେ ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ ଜିତିବା ପରେ ଅଷ୍ଟ୍ରେଲିଆର ପଏଣ୍ଟ ୫୬.୨୫ ପ୍ରତିଶତରେ ପହଞ୍ଚିଛି। ଭାରତ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ପ୍ୟାଟ୍ କମିନ୍ସଙ୍କ ଦଳ ରୋହିତ ଶର୍ମାଙ୍କ ଭାରତଠାରୁ ୨.୦୯ ପ୍ରତିଶତ ପଏଣ୍ଟ ଆଗରେ ରହିଛି। ଭାରତର ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୫୪.୧୬ ପ୍ରତିଶତ ରହିଛି। ଚଳିତ ଡବ୍ଲ୍ୟୁଟିସି ସାଇକେଲରେ ଭାରତ ଇତିମଧ୍ୟରେ ମାତ୍ର ୪ଟି ଟେଷ୍ଟ ମ୍ୟାଚ ଖେଳିସାରିଥିବା ବେଳେ ଅଷ୍ଟ୍ରେଲିଆ ୮ଟି ଖେଳି ସାରିଛି। ଚଳିତ ସପ୍ତାହ ପ୍ରାରମ୍ଭରେ କେପ୍‌ଟାଉନଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସ୍ମରଣୀୟ ୭ଉଇକେଟରେ ବିଜୟ ଦ୍ୱାରା ଭାରତ ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିନେଇଥିଲା। କିନ୍ତୁ ଶନିବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ପାକିସ୍ତାନକୁ ହରାଇ ଦେବା ଫଳରେ ଭାରତକୁ ପ୍ରଥମ ସ୍ଥାନରୁ ହଟାଇ ଦେଇଛି। ଅଷ୍ଟ୍ରେଲିଆ ହେଉଛି ବର୍ତ୍ତମାନର ବିଶ୍ୱ ଟେଷ୍ଟ ଚାମ୍ପିୟନ ଅଷ୍ଟ୍ରେଲିଆ ଗତ ଗ୍ରୀଷ୍ମ ଋତୁରେ ଦି ଓଭାଲଠାରେ ଅନୁଷ୍ଠିତ ଫାଇନାଲରେ ଭାରତକୁ ପରାସ୍ତ କରିଥିଲା। ଅଷ୍ଟ୍ରେଲିଆ ଆଗକୁ ନିଜ ଦେଶରେ ୱେଷ୍ଟଇଣ୍ଡିଜ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଥିବା ବେଳେ ଇଂଲଣ୍ଡ ବିପକ୍ଷରେ ନିଜ ମାଟିରେ ଭାରତ ୫ ମ୍ୟାଚ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ ଖେଳିବ।

# ୟୁକି ଭାମ୍ବ୍ରି-ରବିନ ହାସେ ଯୋଡ଼ି ପରାସ୍ତ





ବ୍ରିସବେନ୍, ୬।୧ (ପି.ଟି.)

ଭାରତର ୟୁକି ଭାମ୍ବ୍ରି ଏବଂ ତାଙ୍କ ଡଚ୍ ପାର୍ଟନର ରବିନ ହାସେ ବ୍ରିସବେନ୍ ଇଣ୍ଟରନ୍ୟାଶନାଲ ଏଟିପି ଟୁର୍ ଟୁର୍ନାମେଣ୍ଟର ପୁରୁଷଙ୍କ ଡବଲ୍ସ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଅଷ୍ଟମ ସିଡ୍ ଇଣ୍ଡୋ–ଡଚ୍ ଯୋଡ଼ି ଇଂଲଣ୍ଡର ଲୟଡ ଗ୍ଲାସପୁଲ୍ ଏବଂ ନେଦରଲାଣ୍ଡ୍ସର ଜିନ୍ ଜୁଲିଏନ୍ ରୋଜରଙ୍କଠାରୁ ୩–୬, ୭–୬, ୯–୧୧ରେ ହାରିଯାଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୧ ଘଣ୍ଟା ୪୦ ମିନିଟରେ ଶେଷ ହୋଇଥିଲା। ଭାମ୍ବ୍ରି–ହାସେ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ଆମେରିକୀୟ ଯୋଡ଼ି ନାଥାନିଲ ଲାମନ୍ସ ଓ ଜ୍ୟାକସନ ୱିଥ୍ରୋଙ୍କୁ ୭–୬ (୫), ୭–୬ (୬) ସିଧାସଳଖ ସେଟ୍‌ରେ ହରାଇ ଦେଇଥିଲେ। ନୂଆଦିଲ୍ଲୀର ୩୧ ବର୍ଷୀୟ ଭାମ୍ବ୍ରି ଗତବର୍ଷ ମାଲୋର୍କା ଚାମ୍ପିୟନଶିପ୍ ଡବଲ୍ସ ପ୍ରତିଯୋଗିତାରେ ତାଙ୍କର ପ୍ରଥମ ଟାଇଟଲ ଜିତିଥିଲେ। ସେତେବେଳେ ତାଙ୍କ ପାର୍ଟନର ଥିଲେ ଦକ୍ଷିଣ ଆଫ୍ରିକାର ଲୟଡ ହାରିସ।

# ଅଭିମନ୍ୟୁ ଈଶ୍ୱରନ ଭାରତ 'ଏ' ଅଧିନାୟକ

ମୁମ୍ବାଇ, ୬।୧(ପି.ଟି.)



ଅଭିମନ୍ୟୁ ଈଶ୍ୱରନ

ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ବିପକ୍ଷ ୪ ଦିନିଆ ମ୍ୟାଚ ପାଇଁ ଶନିବାର ୧୩ ଜଣିଆ ଭାରତ 'ଏ' କ୍ରିକେଟ ଦଳ ଘୋଷଣା କରାଯାଇଛି। ବେଙ୍ଗଲ ଭେଟେରାନ ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। ଦୁଇ ଦଳ ମଧ୍ୟରେ ଏକ ଦୁଇଦିନିଆ ମ୍ୟାଚ ଜାନୁୟାରୀ ୧୨–୧୩ରେ ଅହମଦାବାଦରେ ଖେଳାଯିବ। ପରେ ଜାନୁୟାରୀ ୧୭ରୁ ୨୦ ଚାରିଦିନିଆ ମ୍ୟାଚ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆୟୋଜନ କରାଯାଇଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ସାଇ ସୁଦର୍ଶନ, ରଜତ ପଟିଦାର, କେ.ଏସ୍. ଭରତ ଓ ନବଦୀପ ସଇନି। ଭାରତ 'ଏ' ଦଳ ଦକ୍ଷିଣ ଆଫ୍ରିକା ଟୁର୍‌ରୁ ଫେରିଛି। ଦଳ ସେଠାରେ ଦୁଇଟି ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚ ଖେଳିଛି। ଉଭୟ ମ୍ୟାଚ ଡ୍ର' ଭାବେ ଶେଷ ହୋଇଛି। ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ସିରିଜରେ ଭରତଙ୍କୁ ଅଧିନାୟକ ମନୋନୀତ କରାଯାଇଥିଲା। ଏହି ଦଳରେ ଈଶ୍ୱରନ ମଧ୍ୟ ଅନ୍ୟତମ ସଦସ୍ୟ ଥିଲେ। ସେ କେବଳ ଗୋଟିଏ ଗେମ୍ ଖେଳିବାର ସୁଯୋଗ ପାଇଥିଲେ ଏବଂ ୧୮ ରନ କରିଥିବାବେଳେ ଭରତ ମାତ୍ର ୬ ରନ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକାରେ ଭାରତ 'ଏ'ର ଟପ୍ ସ୍କୋରର ଥିଲେ ପ୍ରଦୋଷ ରଞ୍ଜନ ପଲ୍। ସେ ୧୬୩ ରନ କରିଥିଲେ। ତାଙ୍କୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ସିରିଜ ପାଇଁ ମନୋନୀତ କରାଯାଇଛି। ଏହି ସିରିଜରେ ତାଙ୍କର ପ୍ରଦର୍ଶନ କିପରି ରହୁଛି ତାହା ଲକ୍ଷ୍ୟ କରିବାର କଥା।

**ଭାରତ 'ଏ' ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସାଇ ସୁଦର୍ଶନ, ରଜତ ପଟିଦାର, ସର୍ଫରାଜ ଖାନ୍, ପ୍ରଦୋଷ ରଞ୍ଜନ ପଲ୍, କେ.ଏସ୍. ଭରତ (ଉଇକେଟକିପର), ମାନବ ସୁଥର, ପୁଲକିତ ନାରଙ୍ଗ, ନବଦୀପ ସଇନି, ତୁଷାର ଦେଶପାଣ୍ଡେ, ବିଦ୍ୟାଥ କାଭେରାପ୍ପା, ଧ୍ରୁବ ଜୁରେଲ୍ (ଉଇକେଟକିପର) ଓ ଆକାଶ ଦୀପ।

# ଫୁଟ୍‌ବଲ କିମ୍ବଦନ୍ତୀ ଜାଗାଲୋଙ୍କ ଦେହାନ୍ତ

ରିଓ ଡି' ଜେନିରୋ, ୬।୧(ଏପି)



ବ୍ରାଜିଲର ପୂର୍ବତନ ଫୁଟ୍‌ବଲ ଖେଳାଳି ତଥା କୋଚ୍ ମାରିଓ ଜାଗାଲୋଙ୍କ ପରଲୋକ ଘଟିଛି। ତାଙ୍କୁ ୯୨ବର୍ଷ ବୟସ ହୋଇଥିଲା। ଜଣେ ଖେଳାଳି ହିସାବରେ ସେ ଦୁଇଥର ବିଶ୍ୱକପ୍ ଜିତିଥିବା ବେଳେ ବ୍ରାଜିଲର କୋଚ୍ ଭାବେ ଥରେ ଏବଂ ସହକାରୀ କୋଚ୍ ଭାବେ ଆଉ ଥରେ ବିଶ୍ୱକପ୍ ଜିତିଛନ୍ତି। ସେ ଜଣେ ଖେଳାଳି ଓ କୋଚ୍ ହିସାବରେ ବିଶ୍ୱକପ୍ ଜିତିବାରେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ତାଙ୍କ ମୃତ୍ୟୁର କାରଣ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। ବ୍ରାଜିଲ ଫୁଟ୍‌ବଲ ଇତିହାସରେ ଜାଗାଲୋଙ୍କୁ ଏକ ପ୍ରମୁଖ ଚରିତ୍ର ବିବେଚନା କରାଯାଏ। ୧୯୫୮ରେ ପ୍ରଥମ ବିଶ୍ୱକପ୍ ଟାଇଟଲଠାରୁ ଆରମ୍ଭ କରି ୨୦୧୪ରେ ଟୁର୍ନାମେଣ୍ଟର ଆୟୋଜନ ପର୍ଯ୍ୟନ୍ତ ସେ ବ୍ରାଜିଲ ଫୁଟ୍‌ବଲ ସହିତ ଅଙ୍ଗାଙ୍ଗି ଭାବେ ସମ୍ପୃକ୍ତ ଥିଲେ। ୨୦୧୮ ଏବଂ ୨୦୨୨ ବିଶ୍ୱକପ୍ ପାଇଁ ଦଳକୁ ନେଇ ଯିବା ପୂର୍ବରୁ କୋଚ୍ ଟିଟେ ତାଙ୍କଠାରୁ ପରାମର୍ଶ ନେଇଥିଲେ। ୧୯୫୮ରେ ସୁଇଡେନରେ ଏବଂ ୧୯୬୨ରେ ଚିଲିରେ ବିଶ୍ୱକପ୍ ଜିତିଥିବା ବ୍ରାଜିଲ ଦଳର ସେ ଫରୱାର୍ଡ ଖେଳାଳି ଥିଲେ। ମିଡ୍‌ଫିଲ୍ଡର ଏବଂ ଷ୍ଟ୍ରାଇକର ମଧ୍ୟରେ ଫଲ୍ସ ୱିଙ୍ଗର ଭାବେ ଖେଳିପାରୁଥିବା ସେ ଜଣେ ଅନ୍ୟତମ ଖେଳାଳି। ୧୯୬୫ରେ ଜାଗାଲୋ ପ୍ରଫେସନାଲ ଖେଳିବା ଛାଡ଼ି ଦେଇଥିଲେ। ଏହାର ବର୍ଷକ ପରେ ସେ ରିଓ ଡି ଜେନିରୋ କ୍ଲବ ବୋଟାଫୋଗୋ ସହିତ ତାଙ୍କ କୋଚିଂ କ୍ୟାରିୟର ଆରମ୍ଭ କରିଥିଲେ। ମେକ୍ସିକୋ ବିଶ୍ୱକପ୍ ପୂର୍ବରୁ ତାଙ୍କୁ ୧୯୭୦ରେ ଜାତୀୟ ଦଳର କୋଚ୍ ମନୋନୀତ କରାଯାଇଥିଲା। ଏହି ଦଳରେ ପେଲେ, ଜୈରଜିନ୍‌ହୋ, ଜେର୍ସନ, ରବର୍ଟ ରିଭେଲିନୋ ଓ ଟୋଷ୍ଟାଓଙ୍କ ଭଳି ଦକ୍ଷ ଖେଳାଳି ରହିଥିଲେ। ଫାଇନାଲରେ ଇଟାଲିକୁ ୪–୧ ଗୋଲ୍‌ରେ ପରାସ୍ତ କରି ୩ଥର ବିଶ୍ୱକପ୍ ଜିତିବାରେ ବ୍ରାଜିଲ ପ୍ରଥମ ଦଳ ବିବେଚିତ ହୋଇଥିଲା। ସେ ୧୯୭୪ରେ ମଧ୍ୟ ବ୍ରାଜିଲ ଦଳର କୋଚ୍ ରହିଥିଲେ। ସେ ଥର ପେଲେଙ୍କ ଅନୁପସ୍ଥିତିରେ ବ୍ରାଜିଲ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଜାଗାଲୋ ପରେ କାର୍ଲୋସ ଅଲବର୍ଟୋ ପେରିରାଙ୍କ ସହକାରୀ କୋଚ୍ ଭାବେ କାର୍ଯ୍ୟ କରୁଥିବା ବେଳେ ବ୍ରାଜିଲ ୧୯୯୪ରେ ଇଟାଲିକୁ ଫାଇନାଲରେ ପରାସ୍ତ କରି ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ବିଶ୍ୱକପ୍ ଜିତିଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 50 Years
(ପୃଷ୍ଠା-୧୨+୮)
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୭/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Sunday, January 7/2024 Page 20







## ପୋଖରୀରେ ପଡ଼ି ୨ ଶିଶୁ ମୃତ

ଯାଜପୁର,୬।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ଅନ୍ତର୍ଗତ କୁଳସାହି ଗ୍ରାମରେ ଶନିବାର ମଧ୍ୟାହ୍ନରେ ୨ ଶିଶୁଙ୍କ ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ମାନସ ଜେନାଙ୍କ ପୁଅ କାହ୍ନୁ(୫) ଏବଂ ମନୋଜ ଜେନାଙ୍କ ଝିଅ ପ୍ରଜ୍ଞା(୨)। ଉଭୟ ଖେଳୁଥିବା ସମୟରେ ଅସାବଧାନତା ଯୋଗୁ ନିକଟସ୍ଥ ଏକ ଛୋଟ ପୋଖରୀରେ ଖସିପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ନ ପାଇ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ। ଏହାର କିଛି ସମୟ ପରେ ଉଭୟଙ୍କୁ ପୋଖରୀରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତୁରନ୍ତ ସେମାନଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡ଼ିବା ପରେ କୁଳସାହି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମନ୍ତ୍ରୀ ଜଗନ୍ନାଥଙ୍କ ଗାଡ଼ି ଧକ୍କାରେ ୪ବର୍ଷର ଶିଶୁ ଗୁରୁତର

■ ଗ୍ରାମବାସୀଙ୍କୁ ବନ୍ଧୁକ ଦେଖାଇଲେ ପାଇଲଟିଂ ଯବାନ, ଚାପା ଉତ୍ତେଜନା
■ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଲେ ମନ୍ତ୍ରୀ

ରାୟଗଡ଼ା,୬।୧
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକରେ ଶନିବାର ମୋ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଶେଷ ଦିବସ ଥିଲା। ଏଥିରେ ଯୋଗଦେଇ ଅପରାହ୍ନ ୫ଟାରେ ଅନୁସୂଚିତ ଜାତି, ଜନଜାତି ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଫେରୁଥିବାବେଳେ ବେଲକଣା ଛକ ନିକଟରେ ଏକ ଦୁର୍ଘଟଣା ଘଟିଥିଲା। ଜଣେ ୪ବର୍ଷର ଶିଶୁ ରାସ୍ତା ପାରିହେବା ସମୟରେ ମନ୍ତ୍ରୀଙ୍କ ଗାଡ଼ି ଧକ୍କାରେ ଆହତ ହୋଇଥିଲା। ଆହତ ଶିଶୁ ଜଣଙ୍କ ବିଷମକଟକ ବ୍ଲକ ଢେପାଗୁଡ଼ା ଗ୍ରାମର ସୁଧୀର ଗୁନୋଲୁଙ୍କ ପୁଅ ନବୀନ ବୋଲି ଜଣାପଡ଼ିଛି। ସେ ବେଲକଣା ନିଜ ଅଜାଘରକୁ ବୁଲିବାକୁ ଆସିଥିଲେ। ତେବେ ଦୁର୍ଘଟଣା ଘଟିବା ପରେ ମନ୍ତ୍ରୀଙ୍କ ଗାଡ଼ି ସେଠାରୁ ଚାଲିଯିବା ସମୟରେ ଗ୍ରାମବାସୀ କାର୍‌କୁ ଅଟକାଇଥିଲେ। ଫଳରେ ମନ୍ତ୍ରୀଙ୍କ ସୁରକ୍ଷା ପାଇଁ ରହିଥିବା ପାଇଲଟିଂ ଯବାନ ଓହ୍ଲାଇ ଗ୍ରାମବାସୀଙ୍କୁ ବନ୍ଧୁକ ଦେଖାଇ ଡରାଇଥିଲେ। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ତେଜିତ ଗ୍ରାମବାସୀ ମନ୍ତ୍ରୀ ଓ ପାଇଲଟିଂ ଯବାନଙ୍କୁ ଘେରିଥିଲେ। ଏହାପରେ ମନ୍ତ୍ରୀ ସାରକା ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେ ଗୁରୁତର ନବୀନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନବୀନଙ୍କ ଗୋଡ଼ ଭାଙ୍ଗିଥିବାରୁ ତାହାକୁ ବ୍ୟାଣ୍ଡେଜ କରାଯାଇଛି। ଅଧିକ ଚିକିତ୍ସା ପାଇଁ ନବୀନଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଲକ୍ଷ୍ୟସ୍ଥଳରେ ଆଦିତ୍ୟ-ଏଲ୍୧



ବେଙ୍ଗାଲୁରୁ,୬।୧(ପି.ଟି.)

ଭାରତର ପ୍ରଥମ ସୌର ମିଶନ ମହାକାଶ ଯାନ ଆଦିତ୍ୟ-ଏଲ୍୧ ଶନିବାର ଏହାର ଶେଷ ଲକ୍ଷ୍ୟସ୍ଥଳ ଏଲ୍୧ ପଏଣ୍ଟରେ ପହଞ୍ଚିଛି। ଏହି ସ୍ଥାନ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂର। ସେଠାରେ ଆଦିତ୍ୟ ଏଲ୍୧ ରହି ସୂର୍ଯ୍ୟଙ୍କୁ ପରିକ୍ରମା କରିବା ସହ ଏହା ଉପରେ ଅଧ୍ୟୟନ ଚଳାଇବ। ଆଦିତ୍ୟ-ଏଲ୍୧ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବାରୁ ଦେଶର ମହାକାଶ କାର୍ଯ୍ୟକ୍ରମରେ ଆଉ ଏକ ସଫଳତା ଯୋଡ଼ିହୋଇଛି। ଇସ୍ରୋର ଏହି ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂୟସୀ ପ୍ରଶଂସା କରିଛନ୍ତି। ଚନ୍ଦ୍ରୟାନ-୩କୁ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ କରାଇବାର ୪ ମାସ ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାକୁ ଆଉ ଏକ ବଡ଼ ସଫଳତା ମିଳିଛି। ସୂର୍ଯ୍ୟ-ପୃଥିବୀ ସିଷ୍ଟମର ଲାଗ୍ରାଞ୍ଜ ପଏଣ୍ଟ-୧ (ଏଲ୍୧) ହେଉଛି ଉଭୟଙ୍କ ମଧ୍ୟରେ ମୋଟ ଦୂରତାର ୧ ପ୍ରତିଶତ। ଉକ୍ତ ପଏଣ୍ଟ ଚାରିପଟେ ଥିବା ହଲୋ ଅର୍ବିଟ୍‌ରେ ଏକ ସାଟେଲାଇଟ୍‌ର ବଡ଼ ସୁବିଧା ହେଲା ଏହା ବିନା

☞ପୃଷ୍ଠା-୬

## ମିଶନ ପଛରେ ମହିଳା


ନିଗାର ଶାଜି

ଇସ୍ରୋର ସଫଳ ସୌର ମିଶନ ପଛରେ ରହିଛନ୍ତି ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟରର ମହିଳା ବୈଜ୍ଞାନିକ ନିଗାର ଶାଜି। ସେ ଆଦିତ୍ୟ-ଏଲ୍୧ ସାଟେଲାଇଟର ନେତୃତ୍ୱ ନେଇଥିଲେ। ଭାରତର ପ୍ରଥମ ମହାକାଶ ଭିତ୍ତିକ ସୋଲାର ଅବ୍‌ଜରଭେଟୋରିର ସେ ପ୍ରୋଜେକ୍ଟ ଡାଇରେକ୍ଟର। ଜଟିଳ ସାଟେଲାଇଟ୍ ମିଶନ ପ୍ରସ୍ତୁତିରେ ଇସ୍ରୋ ଟିମ୍‌ର ନେତୃତ୍ୱ ନେଉଥିବା ମହିଳାମାନଙ୍କ ମଧ୍ୟରୁ ନିଗାର ଅନ୍ୟତମ। କେତୋଟି ହାତଗଣତି ଦେଶ ସୋଲାର ଅବ୍‌ଜରଭେଟୋରି ପ୍ରସ୍ତୁତ କରିଥିବାବେଳେ ଭାରତ ଉକ୍ତ କ୍ଲବ୍‌ରେ ସାମିଲ ହୋଇଛି। ମହାକାଶ ବିଭାଗରେ ଲିଙ୍ଗଗତ ତାରତମ୍ୟ ରହିଥିବା ଅଧିକାଂଶ ବିଶ୍ୱାସ କରୁଥିବାବେଳେ ସେଭଳି କିଛି ନାହିଁ ବୋଲି ନିଗାର କହିଛନ୍ତି। ଇସ୍ରୋରେ ଲିଙ୍ଗଭେଦର ସ୍ଥାନ ନାହିଁ, କେବଳ ଦକ୍ଷଙ୍କୁ ସୁଯୋଗ ଦିଆଯାଇଥାଏ। ପୂର୍ବରୁ ଏମ୍. ବନିତା ଚନ୍ଦ୍ରୟାନ-୨ର ନେତୃତ୍ୱ ନେଇଥିବାବେଳେ ଥେନ୍‌ମୋଝି ସେଲ୍‌ଭି କେ. ଆର୍ଥ ଇମେଜିଂ ସାଟେଲାଇଟ୍ ନିର୍ମାଣର ନେତୃତ୍ୱ ନେଇଥିଲେ। ସେହିପରି ନିକଟରେ ସଫଳ ଚନ୍ଦ୍ରୟାନ-୩ର ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ଥିଲେ କଳ୍ପନା କେ.। ଇସ୍ରୋ କର୍ମଶାଳାରେ ମହିଳା ଓ ପୁରୁଷ କାନ୍ଧକୁ କାନ୍ଧ ମିଳାଇ ଦେଶ ପାଇଁ ଗର୍ବ ଆଣିଥିବା ନିଗାର କହିଛନ୍ତି।




# ଆଗକୁ ଆସିଲେଣି ମହିଳା ଆଶାୟୀ

ଉଦଳା, ୬।୧
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲାର ଉଦଳା ବିଧାନସଭା ନିର୍ବାଚନମଣ୍ଡଳୀରେ କୌଣସି ରାଜନୈତିକ ଦଳ ଦୀର୍ଘ ବର୍ଷ ଧରି କ୍ଷମତା ଧରି ରଖିପାରି ନାହାନ୍ତି। ଯଦି ବିଗତ କେତୋଟି ନିର୍ବାଚନକୁ ଦେଖାଯାଏ, ତେବେ ୨୦୧୯ରେ ଭାଜପାର ଭାସ୍କର ମଢ଼େଇ ବିଜୟୀ ହୋଇଥିଲେ। ୨୦୧୪ରେ ବିଜେଡିର ଗୋଲକ ବିହାରୀ ନାୟକ ଓ ୨୦୦୯ରେ ଶ୍ରୀନାଥ ସୋରେନ ଜିତିଥିଲେ। ୨୦୦୪ ଓ ୨୦୦୦ ମସିହାରେ ଭାଜପାର ଭାସ୍କର ମଢ଼େଇ କ୍ରମାଗତ ଦୁଇଥର ବିଧାୟକ ହୋଇଥିଲେ। ତାଙ୍କ ପୂର୍ବରୁ ୧୯୯୫ରେ କଂଗ୍ରେସରୁ ରାବଣେଶ୍ୱର ମଢ଼େଇ ଉଦଳାରୁ ବିଧାନସଭାକୁ ଯାଇଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ନେଇ ଏଠାରେ ରାଜନୈତିକ ତତ୍ପରତା ଦେଖାଦେଲାଣି। ନୂତନ ବର୍ଷକୁ ଶୁଭେଚ୍ଛା ଜଣାଇବା ଆଳରେ ଆଶାୟୀଙ୍କ ମଧ୍ୟରେ ପୋଷ୍ଟର ୱାର୍ ଆରମ୍ଭ ହୋଇଯାଇଛି। ବିଶେଷକରି ମହିଳା ଆଶାୟୀଙ୍କ ସଂଖ୍ୟା ଆଗରେ ରହିଥିବା ଦେଖିବାକୁ ମିଳୁଛି।


ଭାରତୀ ସିଂ


ସବିତା ହାଁସଦା


ସୁଲୁମଣୀ ମଢ଼େଇ


ପୁଷ୍ପେଶ୍ୱରୀ ସିଂ

## ଉଦଳା ବିଧାନସଭା ନିର୍ବାଚନମଣ୍ଡଳୀ

୨୦୦୯ରେ ବିଜେଡିରୁ ଶ୍ରୀନାଥ ସୋରେନ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ୨୦୧୪ରେ ସମସ୍ତଙ୍କୁ ଝଟକା ଦେଇ ଭାଜପାରୁ ଆସି ବିଜେଡିରୁ ଟିକେଟ ନେଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗୋଲକ ବିହାରୀ ନାଏକ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ମାତ୍ର ଅଳ୍ପ ଭୋଟ ବ୍ୟବଧାନରେ ବିଜେଡିର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କୁ ହରାଇ ଭାଜପାର ଭାସ୍କର ମଢ଼େଇ ବିଧାୟକ ହୋଇଥିଲେ। ତେବେ ଆସନ୍ତା ନିର୍ବାଚନରେ ଉଦଳା ନିର୍ବାଚନମଣ୍ଡଳୀ ମହିଳାଙ୍କ ପାଇଁ ସଂରକ୍ଷଣ ହେବା ନେଇ ଆଲୋଚନା ହେଉଥିବାରୁ ସବୁ ଦଳରେ ମହିଳା ଆଶାୟୀଙ୍କ ସଂଖ୍ୟା ବଢ଼ିଲାଣି। ମହିଳାଙ୍କ ପାଇଁ ଯଦି ଉଦଳା ସଂରକ୍ଷିତ ହୁଏ, ତେବେ କିଏ ବାଜି ମାରିବେ ସେନେଇ ମଧ୍ୟ ତର୍ଜମା ଚାଲିଲାଣି। ସ୍ଥାନୀୟ ଅଞ୍ଚଳରେ ହେଉଥିବା ଟୁପୁରଟାପରକୁ ଦେଖିଲେ ବିଜୁ ଜନତା ଦଳରେ ଏବେ ମହିଳା ଆଶାୟୀଙ୍କ ସଂଖ୍ୟା ଅଧିକ। ସେମାନଙ୍କ ମଧ୍ୟରୁ ୨୦୧୯ରେ ଉଦଳା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଭୁବନେଶ୍ୱରର ପୂର୍ବତନ ଡେପୁଟି ମେୟର ଭାରତୀ ସିଂଙ୍କୁ ନେଇ ଚର୍ଚ୍ଚା ହେଉଛି। ବର୍ତ୍ତମାନ ଭୁବନେଶ୍ୱର ୧୨ ନଂ. ୱାର୍ଡର କର୍ପୋରେଟର ଥିବା ଭାରତୀ ଗାଁ ଗହଳି ବୁଲିବା ସହିତ ଉଦଳାରେ ଏକପ୍ରକାର ଡେରା ପକାଇଛନ୍ତି। ଅନ୍ୟପକ୍ଷେ ଏବେ ମୟୂରଭଞ୍ଜ-୧ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ଥିବା ସବିତା ହାଁସଦା ମଧ୍ୟ ବିଜେଡିରୁ ପ୍ରାର୍ଥୀ ହେବା ଆଶାରେ ଅଛନ୍ତି। ସବିତା ୨୦୦୭ରେ ଉଦଳା ବ୍ଲକ ଅଧ୍ୟକ୍ଷ ଥିବା ବେଳେ ୨୦୧୭ରୁ ୨୦୨୨ ଯାଏ କୁଣ୍ଡାବାଇ ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୨୦୨୧-୨୨ରେ ସେ ବିଜୁ ଜନତା ଦଳ ପକ୍ଷରୁ ଖୁଣ୍ଟା ଓ କପ୍ତିପଦା ବ୍ଲକ୍ ନିମନ୍ତେ ବିଜେଡିର ସଂଯୋଜକ ଭାବେ କାର୍ଯ୍ୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦେଖିଲେ ସବିତାଙ୍କର ସ୍ଥାନୀୟ ଅଞ୍ଚଳରେ ପ୍ରଭାବ ଥିବା ତାଙ୍କ ସମର୍ଥକମାନେ କହୁଥିବା ବେଳେ ବିଜେଡିର ଉପର ସ୍ତରରୁ ଲବି କରୁଥିବା ଭାରତୀ ମଧ୍ୟ ସବୁ ରଣକୌଶଳ ପ୍ରୟୋଗ କରୁଥିବା ଶୁଣିବାକୁ ମିଳୁଛି। ଯଦି ଚଳିତ ନିର୍ବାଚନରେ ଉଦଳା ନିର୍ବାଚନମଣ୍ଡଳୀ ନିମନ୍ତେ ମହିଳା ସିଟ୍ ହୁଏ, ତା' ହେଲେ ଭାରତୀ ଓ ସବିତାଙ୍କ ମଧ୍ୟରୁ କାହାର ପଲା ଭାରି ପଡ଼ିବ ଦେଖାଯିବ।

ସେପଟେ ଭାଜପାର ସେଭଳି କୌଣସି ମହିଳା ଆଶାୟୀ ନିଜେ ରେସ୍‌ରେ ଥିବା ଜଣାପଡ଼ି ନ ଥିଲେ ମଧ୍ୟ ଉଦଳା ବ୍ଲକ୍ ଖଲାଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ବିଧାୟକ ରାବଣେଶ୍ୱର ମଢ଼େଇଙ୍କ ବୋହୂ ସୁଲୁମଣୀ ମଢ଼େଇ ଭାଜପାରୁ ଟିକେଟ ପାଇଁ ଯୋଗାଯୋଗ କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ କଂଗ୍ରେସରୁ ପୁଷ୍ପେଶ୍ୱରୀ ସିଂ ଗୋପବନ୍ଧୁନଗର ବ୍ଲକ୍ ଅଞ୍ଚଳରେ ପୋଷ୍ଟର ମାରି ଆଗାମୀ ନିର୍ବାଚନ ପାଇଁ ନିଜର ଉପସ୍ଥିତି ଜାହିର କରୁଥିବା ଦେଖାଯାଇଛି।

# ବିଜେଡିରେ ମିଶିଲେ ୧୫୦ ଲୋକ

ଉମରକୋଟ, ୬।୧
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉମରକୋଟସ୍ଥିତ ବାସଭବନରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିଙ୍କ ସମେତ ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି , ବ୍ଲକ ଅଧକ୍ଷା, ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କ ରାଜ୍ୟ ପ୍ରତିନିଧି ପ୍ରକାଶ ମହାନ୍ତି, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ରଙ୍କ ସହ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ଜିତେନ୍ଦ୍ର ଜେନା ଓ ସଲିମ ରାଠୋରଙ୍କ ନେତୃତ୍ୱରେ ୧୫୦ ଜଣ ବିଜେଡିରେ ସାମିଲ ହୋଇଛନ୍ତି। ଉମରକୋଟର ମା ପେଣ୍ଡ୍ରାଣୀ ଖଲାସୀ ସଂଘ ସଭ୍ୟ ଓ ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡର ଅନେକ ବ୍ୟକ୍ତି ବିଜେଡିରେ ମିଶିଛନ୍ତି। ଏମ୍‌ପି ମାଝି ସମସ୍ତଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ଦ୍ୱାରା ଉମରକୋଟରେ ବିଜେଡି ଅଧିକ ଶକ୍ତିଶାଳୀ ହେବା ସହ ଆଗାମୀ ନିର୍ବାଚନରେ ଏହା ଦଳ ପାଇଁ ସାହାଯ୍ୟ କରିବ ବୋଲି ଏମ୍‌ପି କହିଛନ୍ତି। ଆଗାମୀ ନିର୍ବାଚନରେ ବିଜେଡିର ପ୍ରାର୍ଥୀଙ୍କୁ ଜିତାଇବାରେ ସାହାଯ୍ୟ କରିବୁ ବୋଲି ନୂତନ କର୍ମୀମାନେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମନୋଜ ଧଳ, କୈଳାସ ନାୟକ, ବୀରସିଂ ମାଝିଙ୍କ ସହ ପ୍ରମୁଖ ଅନ୍ୟ କର୍ମୀମାନେ ଯୋଗଦେଇଥିଲେ।


ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଅନ୍ୟ ନେତାଙ୍କ ସହ ବିଜେଡିରେ ମିଶିଥିବା ନୂତନ କର୍ମୀମାନେ।

# ବିଜେଡିର ବିଧାୟକଙ୍କ ଘରେ, ଭାଜପାର ଦୁଇ ଜାଗାରେ, ମୁକ୍ତା ମାର୍କେଟରେ କଂଗ୍ରେସ



ଜାରକା ଶାନ୍ତିବଜାର ନିକଟରେ ସ୍ମୃତିରେଖା ପହିଙ୍କ ଭାଜପା କାର୍ଯ୍ୟାଳୟ।

## ଧର୍ମଶାଳା ନିର୍ବାଚନମଣ୍ଡଳୀ

ଯାଜପୁର,୬।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ନିର୍ବାଚନୀ ହାୱା ବହିଲାଣି। ଜନସମ୍ପର୍କ ଶୋଭାଯାତ୍ରା ଓ ସଭାସମିତି ସଂଖ୍ୟା ବଢ଼ିବା ସହ ଗ୍ରାମାଞ୍ଚଳରେ ନେତା ଓ କର୍ମୀ ଭିଡ଼ ଜମାଇଲେଣି। ନିର୍ବାଚନମଣ୍ଡଳୀଗୁଡ଼ିକରେ ଦୀର୍ଘଦିନ ଧରି ବନ୍ଦ ଥିବା ଦଳୀୟ କାର୍ଯ୍ୟାଳୟଗୁଡ଼ିକ ଏବେ ନିୟମିତ ଖୋଲିଲାଣି। ଏପରିକି ନେତାମାନେ ସେଠାରେ ବସି ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିବା କଥା ପଦାକୁ ଆସୁଛି। ଏହିକ୍ରମରେ ଧର୍ମଶାଳା ନିର୍ବାଚନମଣ୍ଡଳୀକୁ ଦେଖିଲେ ବିଜେଡି, ଭାଜପା ଓ କଂଗ୍ରେସର କାର୍ଯ୍ୟାଳୟଗୁଡ଼ିକରେ ନେତା ଓ କର୍ମୀ ଦେଖା ହେଲେଣି।

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ୟତମ ବିଜେଡି ଗଡ଼ ଭାବେ ପରିଚିତ। ୨୦୧୪ରୁ ଏଠାରୁ ପ୍ରଣବ ବଳବନ୍ତରାୟ(ଜିତୁ) ଲଗାତର ୨ ଥର ବିଜୟୀ ହୋଇଛନ୍ତି। ଏଠାରେ ବିଜେଡିର କାର୍ଯ୍ୟାଳୟ କହିଲେ ଆଇଟି ଅଫିସ ସମ୍ମୁଖରେ ଥିବା ବିଧାୟକଙ୍କ ଘର। ବିଜେଡି ନେତା ଓ କର୍ମୀ ପ୍ରାୟ ସମୟରେ ସେଠାରେ ରୁଣ୍ଡ ହୋଇ ରଣନୀତି କରୁଥିବା କୁହାଯାଉଛି। ହେଲେ ଧର୍ମଶାଳା ବ୍ଲକ ସମ୍ମୁଖରେ ଥିବା ବିଜେଡି କାର୍ଯ୍ୟାଳୟ ପ୍ରାୟ ସମୟରେ ବନ୍ଦ ରହିଥାଏ। ପୁଣି ଧର୍ମଶାଳା ବିକାଶ ପରିଷଦର ସଭାପତି ଶ୍ରୀକାନ୍ତ ସାହୁ ବିଜେଡି ଟିକେଟ ଆଶାରେ ରହି ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଫଟୋ ଲଗାଇ ବିଭିନ୍ନ କାର୍ଯ୍ୟକ୍ରମରେ ମାତିଥିବା ଦେଖାଯାଉଛି। ଗତଥର ଭାଜପାର ରମେଶ ଚନ୍ଦ୍ର ପରିଡ଼ା ଓ ଜିତୁଙ୍କ ମଧ୍ୟରେ ଟକ୍କର ହୋଇଥିଲା। ହେଲେ ରମେଶ ଏବେ ବିଜେଡି ଶିବିରରେ। ସେପଟେ ଭାଜପାରେ ମିଶିଥିବା ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ ଓ ୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ଲଢ଼ି ଭାଜପାରେ ମିଶିଥିବା ସ୍ମୃତିରେଖା ପହି ମଧ୍ୟ ଜିତୁଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବେ ବୋଲି ଆଲୋଚନା ହେଉଛି। ସମ୍ଭବତଃ ସେଥିପାଇଁ ଜିତୁ ନିଜ ଘରେ ଦଳୀୟ କର୍ମୀଙ୍କୁ ନେଇ ବୈଠକ କରୁଛନ୍ତି।

ଜାରକା ଶାନ୍ତିବଜାର ନିକଟରେ ଭାଜପା ପକ୍ଷରୁ ଟିକେଟ ଲବି ଦୌଡ଼ରେ ଥିବା ସ୍ମୃତିରେଖା ପହିଙ୍କ କାର୍ଯ୍ୟାଳୟ ରହିଛି। ଏହା ଏବେ ପ୍ରାୟ ସମୟରେ ଖୋଲା ରହୁଛି। ଏଠାରେ ମଣ୍ଡଳ ସଭାପତି ହେମନ୍ତ ଆଚାର୍ଯ୍ୟ, ମାନସ ମହାନ୍ତି, ହିମାଂଶୁ ମହାପାତ୍ର, ନୀଳମଣି ଦାସ, କୁଳମଣି ମଲ୍ଲିକ, ଚିନ୍ତାମଣି ସାମଲ ପ୍ରମୁଖ ବସି ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛନ୍ତି। ଅନ୍ୟପକ୍ଷେ ଭାଜପା ଟିକେଟ ଦୌଡ଼ରେ ଥିବା ଅନ୍ୟତମ ଯୁବନେତା ହିମାଂଶୁ ଜାରକା କୁମାରୀସ୍ଥିତ ବାସଭବନରେ ଏକ କାର୍ଯ୍ୟାଳୟ ଖୋଲିଛନ୍ତି। ନିକଟରେ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ଯୋଗଦାନ ହିମାଂଶୁଙ୍କୁ ଅଧିକ ବଳ ଦେଇଛି ବୋଲି କୁହାଯାଉଛି। ନିଜ ଘରେ ଉଭୟ ନେତା ବହୁ ଆଲୋଚନା କରିଥିବା ଜଣାପଡ଼ିଛି। ଏଥିସହିତ ଗତ ବୁଧବାର ରାତିରେ ପୂର୍ବରୁ ଭାଜପା ଛାଡିଥିବା କେତେକ କର୍ମୀ ଏବଂ ଶନିବାର ପୁରୁଣା କର୍ମୀଙ୍କ ସହ କିଛି ନୂଆକରି ଯୁବଗୋଷ୍ଠୀ ହିମାଂଶୁଙ୍କ ଶିବିରରେ ଯୋଗଦେଇଛନ୍ତି। ତେଣୁ ଭାଜପା ଟିକେଟ ବଣ୍ଟନରେ ଏଥର ଏକ ବଡ ପରିବର୍ତ୍ତନ ହେବ ବୋଲି କୁହାଯାଉଛି। ତେଣୁ ଆଶାୟୀମାନେ ଯେଝା ସୁବିଧାରେ ରହି ନିଜ କାର୍ଯ୍ୟାଳୟ ଚଳାଉଛନ୍ତି।

ଜାରକା ମୁକ୍ତା ମାର୍କେଟରେ କଂଗ୍ରେସର କାର୍ଯ୍ୟାଳୟ ଖୋଲା ରହୁଛି। ହେଲେ ଏହା ସେଭଳି ଚଳଚଞ୍ଚଳ ହୋଇ ନ ଥିବା ଦେଖିବାକୁ ମିଳିଛି। କଂଗ୍ରେସର ପୂର୍ବତନ ବିଧାୟକ କାଙ୍ଗାଳି ପଣ୍ଡାଙ୍କ ବୋହୂ ମଧୁସ୍ମିତା ଆଚାର୍ଯ୍ୟ ଏବଂ ବରିଷ୍ଠ ନେତା କିଷାନ ପଣ୍ଡା ପ୍ରାର୍ଥୀ ଦୌଡ଼ରେ ଅଛନ୍ତି।



ଧର୍ମଶାଳା ବ୍ଲକ ସମ୍ମୁଖରେ ଥିବା ବିଜେଡି କାର୍ଯ୍ୟାଳୟ।



ଜାରକା ମୁକ୍ତା ମାର୍କେଟରେ କଂଗ୍ରେସର କାର୍ଯ୍ୟାଳୟ।






















## ସେଲ୍ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭିଜିତ୍



@ପ୍ରସନ୍ନ



@ ଯଯାତି



@ ଶକ୍ତପ୍ରଜ୍ଞା



@ ରଘୁନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ଭୁବନେଶ୍ୱର ବରମୁଣ୍ଡା ଖେଳପଡ଼ିଆରେ ଶନିବାର ଆରମ୍ଭ ହୋଇଥିବା 'ଶିଶିର ସରସ ମେଳା'ରେ ଖୋଲିଥିବା ଷ୍ଟଲ୍‌ରେ ଲୋକେ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ କିଣାକିଣି କରୁଛନ୍ତି। (ଫଟୋ-ବିକାଶ ନାୟକ)

# ଗ୍ରାମୀଣ ଅର୍ଥନୀତିରେ କାରିଗରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆରମ୍ଭ ହେଲା 'ଶିଶିର ସରସ ମେଳା'

ଭୁବନେଶ୍ୱର,୬।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଗ୍ରାମୀଣ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ମସଲାର ଜାତୀୟ ସ୍ତରୀୟ ପ୍ରଦର୍ଶନୀ 'ଶିଶିର ସରସ ମେଳା' ଶନିବାର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ୨୬ରାଜ୍ୟର କାରିଗର, ଶିଳ୍ପୀଙ୍କୁ ନବ ବର୍ଷର ଶୁଭେଚ୍ଛା ଜଣାଇ କହିଛନ୍ତି, ଏହି ମେଳା ସାରା ଭାରତର କାରିଗରଙ୍କୁ ଆକାଠି କରିପାରିଛି। ଖୁସିର କଥା, ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ମିଶନ ଶକ୍ତିର ମା'ମାନେ ବହୁ ସଂଖ୍ୟାରେ ଯୋଗ ଦେଇଛନ୍ତି। ଓଡ଼ିଶା କଳାର ଭୂମି। ବିଭିନ୍ନ ଅଞ୍ଚଳର କଳା ଆମ ସଂସ୍କୃତିକୁ ସମୃଦ୍ଧ କରିଛି। ପଟ୍ଟଚିତ୍ର କାମ ହେଉ ବା ଡକ୍ରା, ଆପ୍ଲିକ୍ୟୁ କାମ, ଷ୍ଟୋନ କାର୍ଭିଂ ଆଦି ଆମ କାରିଗରଙ୍କ ଦକ୍ଷତାର ପରିଚୟ। ସେହିପରି ଆମର ହସ୍ତତନ୍ତ ମଧ୍ୟ ବେଶ୍ ପ୍ରସିଦ୍ଧ। ଆମ କାରିଗରଙ୍କ କାମ ସମସ୍ତେ ଦେଖୁଛନ୍ତି। କାରିଗରଙ୍କ ପାଇଁ ଆମେ ସମସ୍ତେ ଗର୍ବିତ। ଗ୍ରାମୀଣ ଅର୍ଥନୀତିରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୋର ବିଶ୍ୱାସ ଏହି ମେଳା କାରିଗରଙ୍କୁ ଏକ ଉପଯୁକ୍ତ ବଜାର ଯୋଗାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି, ଓର୍‌ମାସର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଚଳିତ ବର୍ଷ ମେଳାରେ ପ୍ରାୟ ୪୦୦ ଷ୍ଟଲ୍ ଖୋଲିଛି। ଓଡ଼ିଶାର ୩୦ଟି ଜିଲା ସହିତ ୨୬ଟି ରାଜ୍ୟର ମହିଳା ଏସ୍‌ଏଚ୍‌ଜି, ଉତ୍ପାଦକ ଗୋଷ୍ଠୀ ଏବଂ ଉତ୍ପାଦକ ଉଦ୍ୟୋଗୀ ଯୋଗଦେଇ ହସ୍ତଶିଳ୍ପ, ହସ୍ତତନ୍ତ ଓ ଖାଦ୍ୟ ମସଲା ସାମଗ୍ରୀର ପ୍ରଦର୍ଶନୀ ସହ ବିକ୍ରି କରୁଛନ୍ତି। ସେହିପରି ୨୪ଟି ଷ୍ଟଲ୍‌କୁ ନେଇ ସ୍ୱତନ୍ତ୍ର ଫୁଡ୍ କୋର୍ଟ ସହ ସେଲ୍‌ଫି ପଏଣ୍ଟ, ଓର୍‌ମାସର ମାର୍କେଟିଂ, ଆଜିବୀକା ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମକୁ ନେଇ ସ୍ୱତନ୍ତ୍ର ଥିମ୍ ଷ୍ଟଲ ରହିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି(ଓର୍‌ମାସ) ପକ୍ଷରୁ ଏହି ମେଳା ଆୟୋଜନ କରାଯାଇଛି। ଜାନୁଆରୀ ୧୫ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୧ଟା ୩୦ରୁ ରାତି ୯ଟା ପର୍ଯ୍ୟନ୍ତ ଏହି ମେଳା ଖୋଲା ରହିବ। ଉଦ୍‌ଘାଟନୀ ଉତ୍ସବରେ ଶୋଭନା ଓ ଶୁଭମ ମଞ୍ଚ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ବାର୍ତ୍ତା ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ ଓ ଅନ୍ୟମାନେ।

# 'ରିପୋର୍ଟର୍ସ ଟୁଡେ' ମାଲିକ ଗିରଫ

## କୋଟିଏ ଟଙ୍କା ଠକେଇ ମାମଲା

### ୩ ଦିନିଆ ରିମାଣ୍ଡରେ ଆସିବେ



ଭୁବନେଶ୍ୱର,୬।୧(ସୂର୍ଯ୍ୟକାନ୍ତ ବେହେରା)

ବିଲ୍ଡରଙ୍କଠାରୁ ୧ କୋଟି ଟଙ୍କା ଠକିନେବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶନିବାର ଜଣେ ୱେବ୍ ନ୍ୟୁଜ୍ ପୋର୍ଟାଲ ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ସୁର୍‌ଜିତ କୁମାର ଧଳ। ସେ ୱେବ୍ ନ୍ୟୁଜ୍ ପୋର୍ଟାଲ 'ରିପୋର୍ଟର୍ସ ଟୁଡେ' ଓ ଖବରକାଗଜ 'ମହାଭାରତ'ର ମାଲିକ ଥିବା ଇଓଡବ୍ଲ୍ୟୁ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏନେଇ ଠକେଇର ଶିକାର ହୋଇଥିବା ରିଅଲ ଇଷ୍ଟେଟ ବ୍ୟବସାୟୀ କଳିଙ୍ଗ କେଶରୀ ରଥଙ୍କ ଅଭିଯୋଗ ଅନୁଯାୟୀ ରୁଜୁ ହୋଇଥିବା ମାମଲା (ନଂ.୨୬/୨୦୨୩) ଆଧାରରେ ଗିରଫ ଅଭିଯୁକ୍ତ ସୁର୍‌ଜିତଙ୍କୁ କଟକସ୍ଥିତ ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଇଓଡବ୍ଲ୍ୟୁ ପକ୍ଷରୁ ୫ ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିବା ବେଳେ ୩ଦିନ ଲାଗି ଅନୁମତି ମିଳିଛି। ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସୁର୍‌ଜିତଙ୍କୁ ରିମାଣ୍ଡରେ ନେଇ ତାଙ୍କ ଠକେଇ ସଂକ୍ରାନ୍ତରେ ଅଧିକ ତଥ୍ୟ ପାଇବାକୁ ଆଶା ରଖିଛି ଇଓଡବ୍ଲ୍ୟୁ।

ସୂଚନାନୁସାରେ, କଳିଙ୍ଗ କେଶରୀଙ୍କର ଭୁବନେଶ୍ୱର, ପୁରୀ ଆଦି ବିଭିନ୍ନ ସ୍ଥାନରେ ରିଅଲ ଇଷ୍ଟେଟ୍ ବ୍ୟବସାୟ ରହିଛି। ଅଭିଯୁକ୍ତ ସୁର୍‌ଜିତ ନିଜକୁ ଗଣମାଧ୍ୟମ କ୍ଷେତ୍ରରେ ଜଣାଶୁଣା ବ୍ୟକ୍ତିର ପରିଚୟ ଦେବା ସହ ବହୁ ପ୍ରଭାବଶାଳୀଙ୍କ ସହ ଭଲ ସମ୍ପର୍କ ଥିବା କହି ତାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ବ୍ୟବସାୟ କ୍ଷେତ୍ରରେ ସରକାରୀ ସହାୟତା କରିବାକୁ ପ୍ରତିଶ୍ରୁତି ଦେବା ସହ ଅଟକିଥିବା ଏକ ପ୍ରୋଜେକ୍ଟର ଅନୁମୋଦନ ଲାଗି ବିଭିନ୍ନ ପର୍ଯ୍ୟାୟରେ କୋଟିଏ ଟଙ୍କା ସହ ୨ଟି ଦାମୀ କାର ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ନକଲି ବିଡିଏ ଅନୁମୋଦନପତ୍ର ଦେଇଥିଲେ। ଏହା ଜାଣିବା ପରେ କଳିଙ୍ଗ କେଶରୀ ଅଭିଯୁକ୍ତ ସୁର୍‌ଜିତଙ୍କୁ ଟଙ୍କା ମାଗିବାରୁ ସେ ଧମକ ଦେଇଥିଲେ।

# ନିମାପଡ଼ାରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ

## ଛାତ୍ର ଗିରଫ, ଜେଲ ଗଲେ



ସୁଜିତ କୁମାର ମହାନ୍ତି

**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ନିମାପଡା, ୬।୧(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ):** ପୁରୀ ଜିଲା ନିମାପଡା ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ବ୍ରାଉନସୁଗାର ବେପାର ପାଇଁ ଡିଲ୍ ଚାଲିଥିବା ବେଳେ ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଶୁକ୍ରବାର ଚଢ଼ାଉ କରି ଜଣେ ଛାତ୍ରଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସୁଜିତ କୁମାର ମହାନ୍ତି। ତାଙ୍କଠାରୁ ୧ କେଜି ୬୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ଏକ କୋଟିରୁ ଅଧିକ ଟଙ୍କା ହେବ। ଏନେଇ ଏସ୍‌ଟିଏଫ ଅଧୀକ୍ଷକ କିଶୋର କୁମାର ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତ ନିଜକୁ ପୁରୀର ଏକ କଲେଜର ପିଜିପ୍ରଥମ ବର୍ଷ (ପଦାର୍ଥ ବିଜ୍ଞାନ)ର ଛାତ୍ର ବୋଲି କହୁଛନ୍ତି। ହେଲେ ଏନେଇ ସେ କୌଣସି ପ୍ରମାଣ ଏସ୍‌ଟିଏଫ୍‌କୁ ଦେଖାଇପାରିନାହାନ୍ତି। ତେଣୁ ତାଙ୍କ ପ୍ରକୃତ ପରିଚୟ ଜାଣିବା ପାଇଁ ଏସ୍‌ଟିଏଫ ଅଧିକ ଖୋଳତାଡ କରୁଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧/୨୦୨୪) ରୁଜୁ କରି ଅଭିଯୁକ୍ତଙ୍କୁ ପୁରୀ ଜିଲା ଦୌରାଜଜ ଓ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତ ନିଶା କାରବାର କେବେଠାରୁ କରି ଆସୁଥିଲେ ଓ ବ୍ରାଉନସୁଗାର କେଉଁଠୁ ଆଣି କାହାକୁ ଯୋଗାଉଥିଲେ ତାହାର ଖୋଳତାଡ଼ ଚାଲିଥିବା ସୂଚନା ଦିଆଯାଇଛି।

# ପତାକା ଉତ୍ତୋଳନ କରିବେ ରାଜ୍ୟପାଳ

## ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୬।୧(ଅସମାପିକା ସାହୁ)

୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାନ ଦିବସ ସହ ସମସ୍ତଙ୍କ ଭାବାବେଗ ଜଡ଼ିତ ଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଚଳିତ ବର୍ଷ ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ କରାଯିବ। ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରାଷ୍ଟ୍ରୀୟ ସମାରୋହରେ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି। ସେହିପରି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପରେଡ୍ ଓ ପତାକା ଉତ୍ତୋଳନ ସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ୍ ପରିବେଷଣ, ଉତ୍ସବସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥି, ବିଶିଷ୍ଟ ଅତିଥିଙ୍କ ଉପବେଶନ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସେହିଭଳି ସ୍କୁଲ ଛାତ୍ରୀଛାତ୍ରଙ୍କ ନିମନ୍ତେ ଦର୍ଶକ ଗ୍ୟାଲେରିର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ତ୍ରିରଙ୍ଗା ଦ୍ୱାରା ସାଜସଜ୍ଜା ଏବଂ ଉତ୍ସବସ୍ଥଳକୁ ଆକର୍ଷଣୀୟ କରିବା ପାଇଁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେଶନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ। ପୂର୍ବବର୍ଷ ପରି କୋଲକାତାଠାରେ ବିଭାଗ ପକ୍ଷରୁ ଉତ୍ସବ ପାଳନ କରାଯିବ। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ ସାମଲ, ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂହ ଓ ବିଶ୍ୱଜିତ ଦାଶ, ଉପନିର୍ଦ୍ଦେଶକ ଡ. ଜ୍ୟୋତିର୍ମୟୀ ସାମନ୍ତରାୟ ଏବଂ ଦୀପ୍ତିମୟୀ ମହାପାତ୍ର, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


सत्यमेव जयते

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା**

ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ

**ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି**

ସମ୍ପର୍କରେ ଘୋଷଣା କରୁଛନ୍ତି

**ଯୋଗ୍ୟତା**
- ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

**ପରିସର**
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

**ହକ୍‌ଦାରିତା**
- ବାଧ୍ୟତାମୂଳକ ଅଣ-ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି' ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/25

cbc 38101/11/0057/2324

**ଆଜି ଶିଖରଚଣ୍ଡୀ-ଇନ୍‌ଫୋସିସ୍ ରାସ୍ତାରେ 'ପଥ ଉତ୍ସବ'**

ଭୁବନେଶ୍ୱର, (ବନ୍ଦନା ସେଠୀ) - ଚଳିତ ବର୍ଷର ଦ୍ୱିତୀୟ ପଥ ଉତ୍ସବ ରବିବାର ଶିଖରଚଣ୍ଡୀରୁ ଇନ୍‌ଫୋସିଟି ରାସ୍ତାରେ ଅନୁଷ୍ଠିତ ହେବ। ଏଥରର ଆକର୍ଷଣ ସାଜିବେ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓ ପ୍ରଜ୍ଞା ହୋତା। ତା' ସାଙ୍ଗକୁ ମନ ମୋହିବ ସିଜ୍‌ଲର୍ସ ଡ୍ୟାନ୍ସ ଗ୍ରୁପ୍ ସହ ସମ୍ବଲପୁରୀ ଓ ଓଡିଶୀ ନୃତ୍ୟର ଛନ୍ଦ। ଏହି ପଥ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବା ସହ ଶୀତ ଋତୁର ଏହି ମନମୁଗ୍ଧକର ପରିବେଶକୁ ଉପଭୋଗ କରିବା ପାଇଁ ବିଏମ୍‌ସି ପକ୍ଷରୁ ଆହ୍ୱାନ ଦିଆଯାଇଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ', କିଟ୍ ବିଶ୍ୱବିଦ୍ୟାଳୟ କନ୍‌ଭେନଶନ ସେଣ୍ଟର, ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର', ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ, ପୂର୍ବାହ୍ନ ୧୦ଟା।
- ୧୭ତମ ଏସୀୟ ଜ୍ୟୋତିଷ ସମ୍ମିଳନୀ, ଇନ୍‌ଷ୍ଟିଚ୍ୟୁଶନ ଅଫ ଇଞ୍ଜିନିୟର୍ସ ସଭାକକ୍ଷ, ପୂର୍ବାହ୍ନ ୧୧ଟା।
- ସନାତନ ସନ୍ଥ ସୁରକ୍ଷା ଆଇନ ଦାବିରେ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଇଂରାଜୀ ନୂତନ ବର୍ଷର ବନ୍ଧୁମିଳନ ଓ କ୍ୟାଲେଣ୍ଡର ଉନ୍ମୋଚନ ଉତ୍ସବ, ଭୁବନେଶ୍ୱରୀ ମନ୍ଦିର, ଡି ଏଲ୍ କଲୋନି, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ, ସେଣ୍ଟର ଅଫ ୟୁଥ୍ ଆଣ୍ଡ ସୋସିଆଲ ଡେଭେଲପମେଣ୍ଟ, ମଧ୍ୟାହ୍ନ ୧୨ଟା ୩୦।
- ରେଭେନ୍ସା କଲେଜର ପୂର୍ବତନ ଅଧ୍ୟକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା, ରେଡକ୍ରସ ଭବନ, ଅପରାହ୍ନ ୩ଟା।
- ପୁସ୍ତକ ଉନ୍ମୋଚନ ଓ ଲୋକାର୍ପଣ ଉତ୍ସବ, ଭାରତୀୟ ବିଦ୍ୟାଭବନ, ୟୁନିଟ୍-୯, ସନ୍ଧ୍ୟା ୬ଟା।

# କୁକୁର ବନ୍ଧ୍ୟାକରଣ ନେଇ ଫିଟିପାରେ ବାଟ

## ସୋମବାର ହାଇକୋର୍ଟରେ ଶୁଣାଣି

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢି ଚାଲିଛି। କଲୋନୀ, ଗଳିକନ୍ଦି ସମେତ ରାଜରାସ୍ତାରାରେ ଉତ୍ପାତ କରୁଛନ୍ତି। ଗୋଡ଼ାଇ କାମୁଡୁଛନ୍ତି। ଗାଡ଼ି ଚାଳକ ହୁଅନ୍ତୁ ଅବା ପଥଚାରୀ, କାହାକୁ ଛାଡୁନାହାନ୍ତି। ଆନିମଲ୍ ବାର୍ଥ କଣ୍ଟ୍ରୋଲ (ଏବିସି) ବନ୍ଦ ଥିବାରୁ ଏହି ସମସ୍ୟା ଜଟିଳ ହେବାରେ ଲାଗିଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢି ଚାଲିଥିବାବେଳେ ଖୁବ୍‌ଶୀଘ୍ର ଏହାର ସମାଧାନ ହେବା ନେଇ ଆଶା ଦେଖାଦେଇଛି। ଆସନ୍ତା ସୋମବାର ୮ ତାରିଖରେ ହାଇକୋର୍ଟରେ କୁକୁର ବନ୍ଧ୍ୟାକରଣ ମାମଲାର ଶୁଣାଣି ହେବ। ହାଇକୋର୍ଟ ବିଏମ୍‌ସି ସପକ୍ଷରେ ଅର୍ଥାତ୍ ବନ୍ଧ୍ୟାକରଣ ଉପରେ ଲାଗିଥିବା ଷ୍ଟେ' ଅର୍ଡର ହଟାଇବାର ଯଥେଷ୍ଟ ସମ୍ଭାବନା ଥିବା ବିଏମ୍‌ସି ଅଧିକାରୀ କହିଛନ୍ତି। ତେଣୁ ଅନୁମତି ମିଳିବା ପରେ ତୁରନ୍ତ କୁକୁରଙ୍କ ଅସ୍ତ୍ରୋପଚାର କରାଯିବ ଓ କୁକୁରଜନିତ ସମସ୍ୟାରେ କିଛିଟା ସୁଧାର ଆସିବ ବୋଲି ସେ କହିଛନ୍ତି। ସମସ୍ୟା ବଢୁଥିବାରୁ ବିଏମ୍‌ସି ନିଜ ପକ୍ଷରୁ ଏହି ମାମଲାରେ ହସ୍ତକ୍ଷେପ କରିଥିବାବେଳେ ଅନ୍ୟ କୌଣସି ସହରାଞ୍ଚଳ ବା ମ୍ୟୁନିସିପାଲିଟି ପକ୍ଷରୁ ଏଥିରେ ହସ୍ତକ୍ଷେପ କରାଯାଇଛି କି ନାହିଁ ସେ ନେଇ ସୂଚନା ମିଳିନାହିଁ। ତେଣୁ ଏହି ଶୁଣାଣି ସମଗ୍ର ରାଜ୍ୟରେ ବନ୍ଦ ଥିବା ଏବିସି କାର୍ଯ୍ୟକ୍ରମ ପାଇଁ ଲାଭଦାୟକ ହେବ ନା କେବଳ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ ପାଇଁ ହେବ ତାହା ଶୁଣାଣି ଦିନ ଜଣାପଡ଼ିବ।

ରାଜ୍ୟରେ ଏବିସି କାର୍ଯ୍ୟକ୍ରମ ଠିକ୍ ତଥା ସୁରକ୍ଷିତ ଭାବେ ହେଉ ନ ଥିବା ଅଭିଯୋଗ କରି ହାଇକୋର୍ଟରେ କେସ୍ କରାଯାଇଥିଲା। ଏହାର ଶୁଣାଣି କରି ହାଇକୋର୍ଟ ୨୦୨୨ ଜୁଲାଇ ୧୦ରୁ ସମଗ୍ର ରାଜ୍ୟରେ ଏବିସି କାର୍ଯ୍ୟକ୍ରମ ଉପରେ ରୋକ ଲଗାଇଥିଲେ। ପ୍ରଥମେ ଅଗଷ୍ଟ ୩୧ ଯାଏ ରୋକ୍ ଲଗାଇବା ସହ ରାଜ୍ୟରେ କୌଣସି ପ୍ରକାରର ଏବିସି



କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ। ମାତ୍ର କୌଣସି କାରଣରୁ ଏହାର ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଥିଲା। ଇତି ମଧ୍ୟରେ ୪ମାସରୁ ଅଧିକ ସମୟ ବିତିଯାଇଥିଲେ ବି କେସ୍‌ଟି ସେପରି ପଡି ରହିଥିବାରୁ କିଛିଦିନ ତଳେ ବିଏମ୍‌ସି ନିଜ ଆଡୁ ହସ୍ତକ୍ଷେପ କରି ତୁରନ୍ତ ଏହାର ଫଇସଲା କରିବାକୁ ନିବେଦନ କରିଥିଲା। ଫଳସ୍ୱରୁପ ସୋମବାର କେସ୍‌ର ଶୁଣାଣି ହେବା ନେଇ ସୂଚନା ଦିଆଯାଇଛି। ଅପରପକ୍ଷେ ୬ମାସରୁ ଅଧିକ ସମୟ ଧରି କୁକୁରଙ୍କ ବନ୍ଧ୍ୟାକରଣ ବନ୍ଦ ରହିଥିବାରୁ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଛି। ଏକ ଆକଳନ ଅନୁଯାୟୀ ୬ମାସ ତଳେ କୁକୁରଙ୍କ ସଂଖ୍ୟା ୫୦ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୬୦ ହଜାର ଡେଇଁଛି। ହେଲେ ବିଏମ୍‌ସି ଏଯାବତ୍ କୁକୁର ଗଣନା କରିପାରି ନ ଥିବାରୁ ଠିକ୍ ତଥ୍ୟ ଦିଆଯାଇନାହିଁ। ପ୍ରତି ୱାର୍ଡ ବୁଲି କେଉଁଠି କେତେ କୁକୁର ଅଛନ୍ତି ତାହାର ଗଣନା କରି ରିପୋର୍ଟ ପ୍ରସ୍ତୁତ କରିବାକୁ ବିଏମ୍‌ସି ଏକ ସଂସ୍ଥାକୁ ନିଯୁକ୍ତ କରିବା ନେଇ ଯୋଜନା କରିଥିଲା। ମାତ୍ର ସମୟକ୍ରମେ ଏହା ମଧ୍ୟ ନାଲିଫିତା ତଳେ ରହିଯାଇଛି। ସେହିପରି କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ ବିଏମ୍‌ସି ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହୁଥିବାବେଳେ ମଞ୍ଚେଶ୍ୱରଠାରେ ନିର୍ମାଣ ହେଉଥିବା ହସ୍ପିଟାଲ ଏଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ୨୦୨୨ ମେ' ସୁଦ୍ଧା ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। ତେଣୁ ବିଏମ୍‌ସି କିଭଳି ନିଜ ଲକ୍ଷ୍ୟ ପୂରଣ କରି ପାରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ପ୍ରଜନନ ଋତୁ ସମୟରେ କୁକୁରମାନେ ଅଧିକ ହିଂସ୍ର ହେଉଥିବାବେଳେ ଏବେ ଛୁଆଙ୍କ ସୁରକ୍ଷା ନେଇ ଆକ୍ରମଣାତ୍ମକ ହେଉଥିବା ପଶୁପ୍ରେମୀମାନେ ମତ ରଖିଛନ୍ତି।

## ଜଳହସ୍ତୀ ଏନ୍‌କ୍ଲୋଜରରେ ବୁଲୁଛି କୁମ୍ଭୀର

ବାରଙ୍ଗ,୬।୧ (ଲିଙ୍ଗରାଜ ରାଉତ)

ନନ୍ଦନକାନନର ଜଳହସ୍ତୀ ଏନ୍‌କ୍ଲୋଜର ଜଳାଶୟରେ ଏକ କୁମ୍ଭୀର ବୁଲୁଥିବା ଜଣାପଡ଼ିଛି। କୁମ୍ଭୀରକୁ ଧରିବାକୁ ଶନିବାର ପ୍ରାଣୀ ବିଭାଗର କର୍ମଚାରୀ ଯାଇ ଘଟଣାସ୍ଥଳ ପରିଦର୍ଶନ ସାରି ଫେରିଛନ୍ତି। ଯନ୍ତା ବସାଇବାର ସ୍ଥାନ ନିରୂପଣ ସାଙ୍ଗକୁ କୁମ୍ଭୀରକୁ ଧରିବାର କୌଶଳ ବିଷୟରେ କର୍ମଚାରୀ ଘଟଣାସ୍ଥଳର ଅନୁଧ୍ୟାନ ପୂର୍ବକ ସ୍ଥିତିକୁ ପରଖି ଫେରିଥିବା ଜଣାପଡ଼ିଛି। ଯନ୍ତାରେ କୁକୁଡ଼ା ରଖି କୁମ୍ଭୀରକୁ ଧରିବାର ଉଦ୍ୟମ ସହ ଜାଲ ପକାଇ ମଧ୍ୟ କୁମ୍ଭୀରକୁ ଧରିବାକୁ ଉଦ୍ୟମ କରାଯିବାର ଯୋଜନା କରୁଥିବା ଜଣାପଡ଼ିଛି। ଗତ କିଛି ମାସ ପୂର୍ବେ କୁମ୍ଭୀର ବୁଲୁଥିବା ଚର୍ଚ୍ଚା ଜୋର ଧରିବା ଫଳରେ ପ୍ରକୃତ ସ୍ଥିତି ଅନୁଧ୍ୟାନ ପାଇଁ ଜଳହସ୍ତୀ ଏନ୍‌କ୍ଲୋଜର ପରିସରରେ ଥିବା ବିଭିନ୍ନ ଗଛରେ ସିସି କ୍ୟାମେରା ଲଗାଯାଇଥିଲା। ଏହାର କିଛି ଦିନ ପରେ ଯନ୍ତା ମଧ୍ୟ ବସାଯାଇଥିଲା। ତେବେ ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଏବେ କୁମ୍ଭୀର ଧରିବାକୁ ଯୋଜନା କରାଯାଉଥିବା ଜଣାପଡ଼ିଛି।

## ବ୍ରାଉନସୁଗାର ଜବତ, ଚିଆଁ ସମେତ ୨ ଗିରଫ

ଭୁବନେଶ୍ୱର,୬।୧(ସୂର୍ଯ୍ୟକାନ୍ତ ବେହେରା) – କ୍ୟାପିଟାଲ ଥାନା ଅନ୍ତର୍ଗତ ଫରେଷ୍ଟ ପାର୍କ ଗେଟ୍ ନିକଟରେ ବେଆଇନ ଭାବେ ନିଶା ବେପାର କରୁଥିବାବେଳେ ପୋଲିସ ୨ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ପୁରୀର ବିଶ୍ୱରଞ୍ଜନ ସାହୁ ଓ ଯାଜପୁରର ତ୍ରିଲୋଚନ ନାଥ ଓରଫ ଚିଆଁ। ଉଭୟଙ୍କଠାରୁ ୪୪.୧୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଅଭିଯୁକ୍ତ ଚିଆଁ ନାମରେ ବିଭିନ୍ନ ଥାନାରେ ୧୫ଟି ଓ ବିଶ୍ୱରଞ୍ଜନ ନାମରେ କ୍ୟାପିଟାଲ ଥାନାରେ ଗୋଟିଏ ମାମଲା ରହିଛି।



ମନନ ନାଟ୍ୟସଂସ୍ଥା ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଏପ୍ରିଲ୍ ୨୭'ର ଏକ ଦୃଶ୍ୟ। (ଫଟୋ: ମୌସମ୍ ନନ୍ଦ)

## ନିଖିଳ ଉତ୍କଳ ଅବସରପ୍ରାପ୍ତ ଟ୍ରେଜେରୀ କର୍ମଚାରୀ ସଂଘର ବନ୍ଧୁ ମିଳନ

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)

ନିଖିଳ ଉତ୍କଳ ଅବସରପ୍ରାପ୍ତ ଟ୍ରେଜେରୀ କର୍ମଚାରୀ ସଂଘର ଦ୍ୱିତୀୟ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଖଣ୍ଡଗିରିସ୍ଥିତ ଜୟଦେବ ବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ଅବସରପ୍ରାପ୍ତ ଟ୍ରେଜେରୀ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରସନ୍ନ କୁମାର ଦାସ, ବୈଷ୍ଣବ ଚରଣ ସ୍ୱାଇଁ, ନରେନ୍ଦ୍ରନାଥ ମିଶ୍ର, ଦୁଃଶାସନ ମଲ୍ଲିକ ଓ ଜ୍ଞାନବତୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସରକାର କିଛି ଉନ୍ନତିମୂଳକ ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଥିଲେ। ଆଗାମୀ ଦିନରେ ସଂଘ କେତେକ ଉନ୍ନତିମୂଳକ କାର୍ଯ୍ୟକ୍ରମ କରିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକାରୀ କମିଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଉକ୍ତ କମିଟିର ସଭାପତି ରୂପେ ସୁଶାନ୍ତ କୁମାର ଦାସ, ଉପସଭାପତି ଉଦୟନାଥ ସୁବୁଦ୍ଧି, ସମ୍ପାଦକ ଭବାନୀମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ଦାସ, କୋଷାଧ୍ୟକ୍ଷ ଜୀବନାନନ୍ଦ ସାମନ୍ତରାୟ ଏବଂ ବୈଷ୍ଣବ ଚରଣ ସ୍ୱାଇଁ ଓ ନରେନ୍ଦ୍ରନାଥ ମିଶ୍ର ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ସ୍ମୃତି ସ୍ୱରୂପ ଏକ କୋଣାର୍କ ଚକ୍ରର ଉପହାର ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା। ଭବାନୀମୋହନ ପଟ୍ଟନାୟକ, ସୁଶାନ୍ତ କୁମାର ଦାସ, ଜୀବନାନନ୍ଦ ସାମନ୍ତରାୟ, କାର୍ତ୍ତିକ ସେଠୀ, ଦୁର୍ଯ୍ୟୋଧନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧୁ ମିଳନ ଉତ୍ସବରେ ଯୋଗଦେଇଥିବା ନିଖିଳ ଉତ୍କଳ ଅବସରପ୍ରାପ୍ତ ଟ୍ରେଜେରୀ କର୍ମଚାରୀ ସଂଘର ସଦସ୍ୟାସଦସ୍ୟମାନେ।

## ପରିବା ବୋଝେଇ ମିନି ଟ୍ରକ୍ ଧକ୍କାରେ ଭାଙ୍ଗିଲା ୪ ଗାଡ଼ି, ୩ ଆହତ

ବାରଙ୍ଗ,୬।୧(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅଧୀନ ମୁଣ୍ଡଳୀ ନବୋଦୟ ବିଦ୍ୟାଳୟ ନିକଟରେ ଶନିବାର ଅଟକି ରହିଥିବା ଏକ ମିନି ଟ୍ରକ (ଓଡ଼ି୦୫ –ବିଜି– ୫୧୪୨)ଗଡ଼ିଯିବାରୁ ଏହାର ଧକ୍କାରେ ୪ ଗାଡ଼ି ଭାଙ୍ଗିବା ସହ ୩ଜଣ ଆହତ ହୋଇଛନ୍ତି। ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ମିନି ଟ୍ରକ୍ କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି।

## ଶିଶିର ସରସ ମେଳାରେ 'ମୋ ସ୍କୁଲ୍ ଅଭିଯାନ' ଷ୍ଟଲ

### ଲୋକେ ବୁଝିଲେ ଅଭିଯାନର ଆଭିମୁଖ୍ୟ

ଭୁବନେଶ୍ୱର, ୬।୧ (ଅସମାପିକା ସାହୁ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଶନିବାରଠାରୁ ଆରମ୍ଭ ହୋଇଥିବା 'ଶିଶିର ସରସ' ମେଳାରେ 'ମୋ ସ୍କୁଲ୍ ଅଭିଯାନ' ପକ୍ଷରୁ ଏକ ଆଇଇସି(ସୂଚନା, ଶିକ୍ଷା ଓ ଯୋଗାଯୋଗ) ଷ୍ଟଲ ଖୋଲାଯାଇଛି। ଏଥିରେ 'ମୋ ସ୍କୁଲ୍ ଅଭିଯାନ'ର ଲକ୍ଷ୍ୟ ଓ ଆଭିମୁଖ୍ୟ ପ୍ରଦର୍ଶିତ ହୋଇଛି। ଏଥିସହ କଫି ଟେବୁଲ ବୁକ୍, 'ମୋ ସ୍କୁଲ' ତରଫରୁ ପ୍ରକାଶ ପାଉଥିବା ତ୍ରୈମାସିକ ସୂଚନା ପତ୍ରିକା, ବ୍ରୋଚର, ଲିଫ୍‌ଲେଟ୍, ବ୍ୟାଜ୍ ଆଦି ଦ୍ୱାରା ଲୋକଙ୍କୁ ଏହାର ସଫଳତା ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଉଛି। ଯେଉଁ ବିଦ୍ୟାଳୟଗୁଡ଼ିକ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଉଛନ୍ତି, ସେମାନଙ୍କ ସମ୍ପର୍କରେ ସୂଚନାପତ୍ରରେ ତଥ୍ୟ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରାଯାଉଛି। ଏହି ଷ୍ଟଲ୍ ଜରିଆରେ ଚଳିତ ମାସ ଶେଷରେ ହେବାକୁ ଯାଉଥିବା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯାଉଛି। ପ୍ରଥମ ଦିନରେ ଏହି ଷ୍ଟଲକୁ ପ୍ରାୟ ୨ହଜାର ଦର୍ଶକ ବୁଲି ଦେଖିଥିବା ବେଳେ ଲିଫଲେଟ୍ ଜରିଆରେ ଏହାର ସଫଳତା ସମ୍ପର୍କରେ ସେମାନଙ୍କୁ ସୂଚନା ଦିଆଯାଇଛି।

## ତ୍ରିଶୂଳିଆ ଛକରେ ଗାଡ଼ିକୁ ରୋକିଲେ ଡ୍ରାଇଭର

ବାରଙ୍ଗ,୬।୧ (ଲିଙ୍ଗରାଜ ରାଉତ)

ଶନିବାର ଓଡ଼ିଶା ସମେତ ଦେଶରେ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଥିଲେ। ବାରଙ୍ଗ ତ୍ରିଶୂଳିଆ ଛକରେ ବାରଙ୍ଗ ବ୍ଲକର ୮ ପଞ୍ଚାୟତ ଓ କଟକ ସଦରର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଡ୍ରାଇଭର ଏକାଠି ହୋଇଥିଲେ। ରାସ୍ତାରେ ଗାଡ଼ି ନେଇ ଆସୁଥିବା କାଁ ଭାଁ କେତେଜଣ ଆମାନିଆ ଡ୍ରାଇଭରଙ୍କୁ ଏମାନେ ରୋକି ଆନ୍ଦୋଳନରେ ସାମିଲ ହେବାକୁ ବୁଝାଉଥିବା ଦେଖିବାକୁ ମିଳିଥିଲା।

## ଏକାମ୍ରରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୬।୧
(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ୱାର୍ଡ ନଂ.୫୧ ଓ ୫୨ରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଏବଂ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଏବଂ କୋଠାବାଡ଼ିଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇଥିଲେ। ଡମଣେଇ ମନ୍ଦିରଠାରୁ ଭୀମପୁର, ଗଙ୍ଗାନଗର ପଲ୍ଲୀ ଏ ଏବଂ ବି ଫର୍ମଗେଟ ପ୍ରମୁଖ ଅଞ୍ଚଳରେ ପଦଯାତ୍ରା ହୋଇଥିଲା। ସେହିପରି ଅପରାହ୍ନରେ ଶିରିପୁର ଶବର ସାହି, ନୂଆସାହି, ଶତାବ୍ଦୀ ନଗର, ରଙ୍ଗଣୀ ସାହି, ପ୍ରକୃତି ବିହାର ଅଞ୍ଚଳରେ ରାଜ୍ୟ





ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମରେ କର୍ପୋରେଟର ଶ୍ରୀଧର ବେହେରା, ବିନୟିନୀ ଜେନା, ମହାମାୟା ସ୍ୱାଇଁ, ଛବି ଦାସ, ଚନ୍ଦ୍ରଶେଖର ମଲ୍ଲିଆ, ଶିବ ପ୍ରସାଦ ରାୟ, ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ, ବିଜୁ ଜନତା ଦଳ ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, ଏକାମ୍ର ଯୁବ ସଭାପତି ରାଜେଶ ପାତ୍ର, ଛାତ୍ର ସଭାପତି ଶିବ ପ୍ରସାଦ ମହାପାତ୍ର, ଯୁବ ସମ୍ପାଦକ ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ପୂର୍ବତନ କର୍ପୋରେଟର ସୁଜିତ୍ ସ୍ୱାଇଁ, ରାଜ୍ୟ ମହାସଚିବ ଈପ୍‌ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଫେଇ କେନାଲ ପାଣିରେ ଧାନ ଫସଲ ନଷ୍ଟ

ବାଲିଅନ୍ତା,୬।୧ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ଅଟଳା– କୋଟକଣା ଗ୍ରାମ ନିକଟରେ ପ୍ରବାହିତ ଏକ ସଫେଇ କେନାଲ ପାଇଁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସଫେଇ କେନାଲର ପାଣି ନିଷ୍କାସନ ନ ହୋଇ ଚାଷଜମିରେ ଜମି ରହିବାରୁ ଧାନ ଫସଲ ନଷ୍ଟ ହୋଇଯାଇଛି। ଧାନ ଅମଳ ସମୟରେ ପାଣିରେ ପଡ଼ି ଫସଲ ନଷ୍ଟ ହୋଇଯିବା କାରଣରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସ୍ଥାନୀୟ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପ୍ରାୟ ୩୦ ଏକର ଜମିରେ ଧାନଚାଷ ସମ୍ପୂର୍ଣ୍ଣ ଭାବେ ଶଢ଼ି ଗଲାଣି। ନଖରାର ଗମ୍ଭିରିଆରୁ ବାହାରିଥିବା ଏହି ସଫେଇ କେନାଲ କାଳକ୍ରମେ ଲୋକେ ପୋତି ରାସ୍ତା ନିର୍ମାଣ କରିବା ଓ ଅବରୋଧ ଯୋଗୁ ପାଣି ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ସଫେଇ କେନାଲର ତଳ ମୁଣ୍ଡକୁ ପାଣି ନିଷ୍କାସନ ନ ହୋଇ ପାରି ପାଖ ଚାଷଜମି ଜଳମଗ୍ନ ହେଉଛି। ସଫେଇ କେନାଲରେ ଲୋକେ ସେମାନଙ୍କ ଘରୁ ଓ ବ୍ୟବସାୟିକ ପ୍ରତିଷ୍ଠାନର ବାହାରୁଥିବା ମଇଳା ପାଣିକୁ ଛାଡୁଥିବା ଅଭିଯୋଗ ହେଉଛି। ଫଳରେ ସଫେଇ କେନାଲର ଉଦ୍‌ବୃତ୍ତ ଜଳ ନିଷ୍କାସନ ନ ହୋଇ ପାଖ ଚାଷଜମିକୁ ମାଡ଼ିଯାଇଛି। ଫଳରେ ପାଣିରେ ପଡ଼ି ଯାଇଥିବାରୁ ଚାଷୀ ବିଲରୁ ଧାନ ଅମଳ କରିପାରିନାହାନ୍ତି। ଧାନ ଅମଳ ସମୟରେ ଏଭଳି ପରିସ୍ଥିତି ଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏଥିପ୍ରତି ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି।





ମା' ସମଲେଶ୍ୱରୀ ମନ୍ଦିର ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ବେଳେ ଶନିବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ନିମନ୍ତ୍ରଣ ଦେବା ପାଇଁ ଆସିଥିବା ୨୪ଜଣିଆ ଏକ ପ୍ରତିନିଧି ଦଳ।







କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ୍ ରନ୍‌କୁ ନେଇ ହୋଇଥିବା ନୂଆ ଆଇନ ଓ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଶନିବାର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍ ଏବଂ ଯାତ୍ରୀମାନେ।

## ଦୀପ ନିଆଁରେ ପୋଡ଼ିହୋଇ ମହିଳା ଗୁରୁତର

ଟାଙ୍ଗୀ,(ରଘୁନାଥ ସାହୁ): ଦୀପରୁ ନିଆଁ ଲାଗିଯିବାରୁ ଜଣେ ମହିଳା ପୋଡ଼ିହୋଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଚାନ୍ଦପୁର କୋଣାର୍କ ଜୁଏଲାରୀ ଦୋକାନ ମାଲିକ ବସନ୍ତ ପୃଷ୍ଟିଙ୍କ ସହଧର୍ମିଣୀ ମାମୁନି (୫୦)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପ୍ରାତଃରେ ମାମୁନି ଦୀପ ଲଗାଇ ପୂଜା କରୁଥିବା ବେଳେ ତାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ଫଳରେ ସେ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ

ଖୋର୍ଦ୍ଧା,୬।୧(ପ୍ରଭାତ ପାଣିଗ୍ରାହୀ)



ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସମ୍ମିଳନୀ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲାର ୧୦ଟି ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ୨୯୧ ଜଣ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏଥିସହିତ ୧୦ଟି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଯୋଗଦେଇଥିଲେ। ରାଜ୍ୟ ଆଦର୍ଶ ବିଦ୍ୟାଳୟ(ଓଏଭି)ର ପ୍ରକଳ୍ପ ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାଶ ପ୍ରଧାନ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି, ଗୃହକର୍ମ, ଲେସନ ନୋଟ ସମ୍ପର୍କରେ ଆଲୋଚନା ସହ ପ୍ରାର୍ଥନା ଶ୍ରେଣୀରେ ସବୁ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେବାକୁ ପରାମର୍ଶ ଦେଇଥିଲେ। ଓଏଭି ନିର୍ଦ୍ଦେଶିକା ଷଡ଼ଙ୍ଗୀ କହିଥିଲେ, ଭିତ୍ତିଭୂମି ବିକାଶ ହୋଇଥିଲେ ମଧ୍ୟ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଖୋର୍ଦ୍ଧା ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ତାପସ କୁମାର ନାୟକ କହିଥିଲେ, ସ୍କୁଲ ଏବଂ ପଢ଼ାଇବାକୁ ଭଲପାଇଲେ ଏକ ଆଦର୍ଶ ପ୍ରଧାନ ଶିକ୍ଷକ ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ନୀହାର ରଞ୍ଜନ ମହାନ୍ତି ଯୋଗଦେଇ ମାଧ୍ୟମିକ ବିଦ୍ୟାଳୟର ପାଠ୍ୟଖସଡ଼ା ପ୍ରସ୍ତୁତି ଏବଂ ପରୀକ୍ଷା ପରିଚାଳନାରେ ପ୍ରଧାନ ଶିକ୍ଷକଙ୍କ ଭୂମିକା ଏବଂ ଉତ୍ତମ ପରିଚାଳନା ନେଇ ପରାମର୍ଶ ଦେଇଥିଲେ।

ଅପରାହ୍ନ ଅଧିବେଶନରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ଅମ୍ରିତା ପ୍ରୀତିନନ୍ଦା ଓ ସ୍ନିଗ୍ଧା ମିଶ୍ର ଯୋଗଦେଇଥିଲେ। ୨୦୨୩ ଅକ୍ଟୋବରଠାରୁ ଜିଲା ଶିକ୍ଷା କାର୍ଯ୍ୟାଳୟ ପ୍ରତି ମାସରେ ଅବସର

## ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ମିଳନୀ

ଗ୍ରହଣ କରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସର ଦିନ ଫାଇନାଲ ପେନସନ୍ ଦିଆଯାଉଛି। ଏହାର ସଫଳ ରୂପାୟନ ପାଇଁ ସମସ୍ତ ପ୍ରଧାନ ଶିକ୍ଷକଙ୍କ ସହଯୋଗ କାମନା କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆୟାର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖିବାର ନିୟମ ଓ ଦିଆଯାଉଥିବା କୋଚିଂ ସୁବିଧା ବିଷୟରେ ପିଲାମାନଙ୍କୁ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂ, କ୍ରୀଡ଼ା ଅଧିକାରୀ ପଠାଣି ଆଗ୍ରାସିଂହ, ଅବସରପ୍ରାପ୍ତ ବିଇଓ ନିରଞ୍ଜନ ମହାନ୍ତି, ବିଜ୍ଞାନ ଶିକ୍ଷକ ତୋଫାନ କୁମାର ରାଉତ, ବିଜେବି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଭୁ ପ୍ରସାଦ ସେନାପତି, ସମସ୍ତ ସିଆର୍‌ସିସି, ଖୋର୍ଦ୍ଧା ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସମ୍ପାଦକ ଶରତ କୁମାର ରାଉତ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଯୁଧିଷ୍ଠିର ସାହୁ, ସୁଧାକର ମହାପାତ୍ର, ପ୍ରସନ୍ନ କୁମାର ମହାପାତ୍ର, ସମଗ୍ର ଶିକ୍ଷାର ସମସ୍ତ ସଂଯୋଜକ ଓ ଜିଲା ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଖୋର୍ଦ୍ଧା ମଣ୍ଡଳ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୨୦ ଦିନରେ ସାନପଦର ପାସେଞ୍ଜର ହଲ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ: ରେଳମନ୍ତ୍ରୀ

ବୋଲଗଡ଼,୬।୧(ଦେବବ୍ରତ ହୋତା)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସ୍ୱତନ୍ତ୍ର ଦୁଇ ବଗି ବିଶିଷ୍ଟ ଟ୍ରେନରେ ଶନିବାର ଆସି ପ୍ରସ୍ତାବିତ ସାନପଦର ପାସେଞ୍ଜର ହଲ୍ଟ ନିର୍ମାଣ ସ୍ଥାନ ନିକଟରେ ଓହ୍ଲାଇଥିଲେ। ୨୦ଦିନ ମଧ୍ୟରେ ସାନପଦର ପାସେଞ୍ଜର ହଲ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସାମାଜିକକର୍ମୀ ଅଜୟ ମଙ୍ଗରାଜଙ୍କ ନେତୃତ୍ୱରେ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲ୍ଲୀପ ମହାପାତ୍ର, ପ୍ରିୟଦର୍ଶୀ ମହାନ୍ତି, ଗ୍ରାମସଭାପତି ସୁରେଶ ମହାପାତ୍ର, ଅର୍ଜୁନ ପଟ୍ଟନାୟକ, ବିଜୟ ଗୁମାନସିଂହ, ବିଶ୍ୱରଞ୍ଜନ ଦାସ, ମଧୁ ସାମନ୍ତରାୟ, ଅଜୟ ଦଳବେହେରା, ସୁରେଶ ଚନ୍ଦ୍ର ସାମନ୍ତସିଂହାର, ବିଜୟ ସାହୁ, ଭାଗୀରଥି ପରିମାଣିକ, ମନୋଜ ସାହୁ, ଜଟିଆ ମହାରଣା, ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶତାଧିକ ରେଳ କ୍ରିୟାନୁଷ୍ଠାନ କମିଟି ସଭ୍ୟ ରେଳମନ୍ତ୍ରୀଙ୍କୁ ଫୁଲତୋଡ଼ା ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

### ଟାଙ୍ଗୀ ରଘୁନାଥ ଦେବ କ୍ଲବ ଫାଇନାଲରେ

ବେଗୁନିଆ,୬।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମ ସ୍ଥିତ ଖେଳପଡିଆରେ ଚାଲିଥିବା ଜୟଦୁର୍ଗା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଟାଙ୍ଗୀର ରଘୁନାଥ ଦେବ ଫୁଟବଲ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ନୟାଗଡ଼ ଟାଉନ ଟାଇଗର କ୍ଲବ ଓ ଟାଙ୍ଗୀର ରଘୁନାଥ ଦେବ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ରଘୁନାଥ ଦେବ କ୍ଲବ ଗୋଟିଏ ଏବଂ ଦ୍ୱିତୀୟାର୍ଦ୍ଧରେ ଆଉ ଏକ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ନୟାଗଡ ଟାଉନ ଟାଇଗର କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ରଘୁନାଥ ଦେବ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିଦେଶୀ ନାୟକ, ଟୁଟୁ ବାହିନୀପତି, ସଗିର ଅହମ୍ମଦ ଓ ପ୍ରଫୁଲ୍ଲ କୁମାର ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ଦୟାନ ଖାଁ ମ୍ୟାଚ୍ କମିଶନର ଥିଲେ। ଶୁଭେନ୍ଦୁ ବଳିୟାରସିଂହ ଓ ମିହିର ରଞ୍ଜନ ମହାପାତ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଜନ୍ମେଶ୍ୱର ରାଉତରାୟ, କୃପାସିନ୍ଧୁ ମାର୍ଥା, ସଂଗ୍ରାମ କେଶରୀ ରାୟ, ଆର୍ତ୍ତବନ୍ଧୁ ମାଝି, ପ୍ରଦୀପ ବଳିୟାରସିଂହ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ଟାଙ୍ଗୀ ରଘୁନାଥ କ୍ଲବ ଓ ବାଙ୍କୀ ମା'ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

# ଚିଲିକାର ପରିବେଶ ସୁରକ୍ଷା ପ୍ରଶିକ୍ଷଣ ସମାରୋହ

ବାଲୁଗାଁ,୬।୧(ସଂଗ୍ରାମ ପାଇକରାୟ)

କେନ୍ଦ୍ର ସରକାରଙ୍କ ଅମ୍ରିତ ଧରହର ଯୋଜନାକ୍ରମେ ରାଜ୍ୟ ଜଙ୍ଗଲ ପରିବେଶ ଓ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ରାମସରଭୁକ୍ତ ଆର୍ଦ୍ରଭୂମି ଚିଲିକାର ପରିବେଶ ସ୍ୱଚ୍ଛତା, ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ କାର୍ଯ୍ୟରତ ପର୍ଯ୍ୟଟନ ନାବିକଙ୍କ ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ନିମିତ୍ତ ଏକ ପ୍ରଶିକ୍ଷଣ ସମାରୋହ ଶନିବାର ସ୍ଥାନୀୟ ସିଡିଏ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଡ.ସାଗ୍ନିକ୍ ଚୌଧୁରୀ, ପରିବେଶ ବିଶେଷଜ୍ଞ ଡ.ଏମ୍. ରମେଶ, ଭୁବନେଶ୍ୱର ପର୍ଯ୍ୟଟନ ବିଭାଗ ମୁଖ୍ୟ ଡ.ଏମ୍.ଡି ସାବିର ହୁସେନ୍, ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ପ୍ରମୁଖ ଯୋଗଦେଇ ଚିଲିକାରେ ପର୍ଯ୍ୟଟକଙ୍କୁ ସେବା ଯୋଗାଇ ଆସୁଥିବା ନାବିକଙ୍କୁ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ବିଶେଷକରି ଆର୍ଦ୍ରଭୂମି ଚିଲିକା ଏବଂ ଏହାର ଚତୁଃପାର୍ଶ୍ୱ ପରିବେଶର ସ୍ୱଚ୍ଛତା ଓ ସୁରକ୍ଷା ସହ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ଏବଂ ଦୈବ ଦୁର୍ଘଟଣା ସମୟରେ ସୁରକ୍ଷା ଦିଗରେ ପ୍ରାଧାନ୍ୟତା ଉପରେ ଉପସ୍ଥିତ ନାବିକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ୟୁକୋ ଟୁରିଜମ୍ ମାଧ୍ୟମରେ ପର୍ଯ୍ୟଟନ ନାବିକଙ୍କ ଜୀବନଜୀବିକା କ୍ଷେତ୍ରରେ କିପରି ଉନ୍ନତି ହୋଇପାରିବ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚିଲିକାରେ ଯାତ୍ରୀ ପରିବହନ କ୍ଷେତ୍ରରେ ଚୟନ ହୋଇଥିବା ବିଭିନ୍ନ ଡଙ୍ଗା ମାଲିକ ସଂଘର ମୋଟ୍ ୬୦ଜଣ ନାବିକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ ଦୀର୍ଘ ୧୫ଦିନ ଧରି ପର୍ଯ୍ୟାକ୍ରମେ ଜାରି ରହିବ। ସିଡିଏ କର୍ମଚାରୀ ମନୋରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୫-ଟି ଅଧ୍ୟକ୍ଷଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ


ବୈଠକରେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ଏବଂ ଅନ୍ୟମାନେ।

ଗମ୍ଭାରୀମୁଣ୍ଡା,୬।୧(ଦିଲୀପ ସ୍ୱାଇଁ)

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସନ୍ତା ୧୦ ତାରିଖରେ ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବେ। ଏଥିସହ ପଲଟଣ ପଡ଼ିଆରେ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବେ। ଏନେଇ ଶନିବାର ନାରୁଣୀ ସୁନାଖଳା ଡାକ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ, ଚିଲିକା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ରାଜା ଚକ୍ର, ଖୋର୍ଦ୍ଧା ଜିଲା ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ଖୋର୍ଦ୍ଧା ଜିଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ମନୋଜ କୁମାର ପ୍ରଧାନ, ପ୍ରଭାସ କୁମାର ସୁନ୍ଦରାୟ, ବିଜେଡି ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଆସନ୍ତା ୧୭ ତାରିଖରେ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ହେବ। ସେଥିଲାଗି ପରିକ୍ରମା ପ୍ରକଳ୍ପ ରଥ କିପରି ସମସ୍ତ ପଞ୍ଚାୟତ ପରିକ୍ରମା କରିବ ଓ ଅରୁଆ ଚାଉଳ, ଗୁଆ ସଂଗ୍ରହ କରାଯିବ ସେଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ରାଜ୍ୟ ମଙ୍ଗରାଜ କହିଛନ୍ତି। ପାଣ୍ଡିଆନଙ୍କ ଗସ୍ତ ନେଇ ସଭାସ୍ଥଳ, ବ୍ୟାରିକେଡ୍, ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା।



ଜଟଣୀ ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଦିବସରେ ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

## ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

କୃଷ୍ଣପ୍ରସାଦ,୬।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୁରୁପାଳ ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ଉପେନ୍ଦ୍ର ଜେନା(୪୫)। ସୂଚନା ମୁତାବକ, ଶନିବାର ମଇଁଷି ଚରାଉଥିବା ବେଳେ ଉପେନ୍ଦ୍ର ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉପେନ୍ଦ୍ରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ପ୍ରତିଭା ବିକାଶର ବଳିଷ୍ଠ ମାଧ୍ୟମ ପ୍ରତିଯୋଗିତା

ଜଟଣୀ,୬।୧(ରବୀନ୍ଦ୍ରନାଥ ମହାକୁଡ଼)

ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଜଟଣୀ ପୌର ପରିଷଦ ପକ୍ଷରୁ ଚାଲିଥିବା କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ନଗରପାଳ ଅନନ୍ତ ବେହେରା, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। ପୌର ଉପାଧ୍ୟକ୍ଷା ଆରତୀ ରାଉତଙ୍କ ସମେତ ସମସ୍ତ ପାରିଷଦଗଣ ଏବଂ ପୌର କର୍ମଚାରୀ ଉପସ୍ଥିତ ଥିଲେ। ପ୍ରତିଭାର ବିକାଶ ଏବଂ ସୁସ୍ଥ ନୀରୋଗ ଜୀବନଯାପନ ପାଇଁ କ୍ରୀଡ଼ା ହେଉଛି ଏକ ଉତ୍କୃଷ୍ଟ ମାଧ୍ୟମ। ତେଣୁ ସମସ୍ତେ ଖେଳକୁଦରେ ନିଜକୁ ସାମିଲ କରି ରଖିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରଥମ ୪ଟି ଦଳଙ୍କୁ ପୁରସ୍କାର ସହିତ ସରକାରଙ୍କ ଧାର୍ଯ୍ୟ କ୍ୟାଶ୍ ପ୍ରାଇଜ୍ ପ୍ରଦାନ କରାଯାଇଥିଲା। ଚାମ୍ପିୟନଙ୍କୁ ୨୦ହଜାର ପ୍ରଦାନ କରାଯାଇଥିବା ବେଳେ ପ୍ରଥମ ରନର୍ସଅପଙ୍କୁ ୧୫ ହଜାର, ଦ୍ୱିତୀୟ ରନର୍ସଅପ (୧) ଏବଂ ଦ୍ୱିତୀୟ ରନର୍ସଅପ (୨)ଙ୍କୁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହି କ୍ରୀଡ଼ା ଉତ୍ସବରେ ପ୍ରତିଯୋଗୀମାନେ ହକି, ଭଲିବଲ, ଫୁଟ୍‌ବଲ, ଖୋଖୋ, କବାଡ଼ି, କ୍ରିକେଟ ଆଦି ଖେଳରେ ଭାଗନେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ଖେଳାଳିଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ପୌର କର୍ମଚାରୀ ସାଗରିକା ପ୍ରଧାନ, ମଧୁସ୍ମିତା ବିଶ୍ୱାଳ, ଅଟଳ ଧର୍ମରାଜ, ଚିନ୍ମୟ ସାହୁ, ରାଜେଶ ସାହୁ, ଜ୍ୟୋତିରଞ୍ଜନ ରାଉତରାୟ, ଲିପ୍ସା ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କ୍ରିକେଟ: କୁମାରବସ୍ତ ବିଜୟୀ

ଖୋର୍ଦ୍ଧା,୬।୧(ପ୍ରଭାତ ପାଣିଗ୍ରାହୀ)

ରେନ୍‌ବୋ କ୍ରିକେଟ କ୍ଲବ ପତନିବର ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍ କୁମାରବସ୍ତ କ୍ରିକେଟ କ୍ଲବ ଓ ଭାଲିଆବାଡ଼ି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ବିନିମୟରେ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ଗୋଟିଏ ଉଇକେଟ ବିନିମୟରେ ୧୬୫ରନ ସଂଗ୍ରହ କରି ବିଜୟୀ ହୋଇଛି। କୁମାରବସ୍ତ ଟିମର କାହ୍ନା ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନିକୁଞ୍ଜ ବଳିୟାରସିଂ ଓ ସୁଧୀର ସୁନ୍ଦରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଟୁ ପାଇକରାୟ ଏବଂ ମୃତ୍ୟୁଞ୍ଜୟ ଚମ୍ପତି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ କାହ୍ନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜଳ ସମ୍ପଦ ସଂସଦୀୟ କମିଟିର ନନ୍ଦପୁର ଗସ୍ତ

ଖୋର୍ଦ୍ଧା,୬।୧(ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ର ଜଳ ସମ୍ପଦ ବିଭାଗର ସଂସଦୀୟ କମିଟିର ପ୍ରତିନିଧି ଦଳ ଶନିବାର ଖୋର୍ଦ୍ଧା ଗସ୍ତରେ ଆସି ନନ୍ଦପୁର ପଞ୍ଚାୟତ ଗସ୍ତ କରି ଜଳ ସମସ୍ୟା ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଛନ୍ତି। ସ୍ଥାନୀୟ ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ ଓ ନନ୍ଦପୁର ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ସୀତା ଦେଈ, ବିଡିଓ କ୍ଷୀରାବ୍ଧିତନୟା ସାହୁ ପ୍ରମୁଖ କମିଟି ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ପାଛୋଟି ନେଇଥିଲେ। ପ୍ରତିନିଧି ଦଳ ମହାଦେବ ମନ୍ଦିର ନିକଟରେ ଥିବା ସାମୂହିକ ଜଳଉତ୍ସ ତଥା ମଡେଲ ପୁଷ୍କରିଣୀ ପରିଦର୍ଶନ କରିଥିଲେ। ସେଠାକାର ପରିବେଶ ଓ ଜଳ ଉତ୍ସ ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହା ପରେ ଛତ୍ରମା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଜଳ ପ୍ରକଳ୍ପ, ପାଇପ୍ ବ୍ୟବସ୍ଥା ଭିତ୍ତିଭୂମି ପରଖିବା ସହିତ ଜଳ ଯୋଗାଣ ପ୍ରକଳ୍ପ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ପାନୀୟଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଖୋର୍ଦ୍ଧା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ.ବାଦଲ ମହାନ୍ତି, ଜିଲା ପରିମଳ ସଂଯୋଜକ ମନୋଜ ଶତପଥୀ, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାହୁ, ବ୍ଲକ ପରିମଳ ସଂଯୋଜକ ରମେଶ ଚନ୍ଦ୍ର ମାଝୀ, କନିଷ୍ଠ ଯନ୍ତ୍ରୀ ସ୍ନିଗ୍ଧା ରାଣୀ ଜେନା, ତୁଷାରକାନ୍ତ ଦାସ, ଜିତେନ୍ଦ୍ର ବଳବନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।


ନନ୍ଦପୁର ଗସ୍ତରେ କେନ୍ଦ୍ର ଜଳ ସମ୍ପଦ ବିଭାଗର ସଂସଦୀୟ କମିଟିର ପ୍ରତିନିଧି ଦଳ।

# ଏମ୍‌କେସିସି ମୁକୁନ୍ଦପ୍ରସାଦ ଚାମ୍ପିୟନ


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ନିରାକାରପୁର,୬।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଢୋ ପଞ୍ଚାୟତ ଆରେଡିଗ୍ରାମ ଖେଳପଡିଆରେ ଚାଲିଥିବା ମା'ଖଣ୍ଡେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏମ୍‌କେସିସି ମୁକୁନ୍ଦପ୍ରସାଦ ଟିମ୍ ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍ ଏମ୍‌କେସିସି ମୁକୁନ୍ଦପ୍ରସାଦ ଓ ଡିଲାୟନ କ୍ରିକେଟ କ୍ଲବ ରାୟପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ଏମ୍‌କେସିସି ମୁକୁନ୍ଦପ୍ରସାଦ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୫ରନ ସଂଗ୍ରହ କରିଥିଲା। ଜବାବରେ ଡିଲାୟନ କ୍ରିକେଟ କ୍ଲବ ରାୟପୁର ଟିମ୍ ୧୨ ଓଭରରେ ୯ ଉଇକେଟ ବିନିମୟରେ ୮୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଏମ୍‌କେସିସି ମୁକୁନ୍ଦପ୍ରସାଦ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସତ୍ୟନାରାୟଣ ଜେନା ଓ ଧର୍ମେନ୍ଦ୍ର ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ସମ୍ମାନିତ ଅତିଥିଭାବେ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, କାଶୀପୁର ସେବା ସମବାୟ ସମିତିର ପୂର୍ବତନ ସଭାପତି ଲଛମନ ନାୟକ, ଟାଙ୍ଗୀ ସାହାରା ଇଣ୍ଡିଆର କାର୍ଯ୍ୟାଳୟର ଶାଖା ପରିଚାଳକ ଅପର୍ତ୍ତି ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ସହ ଅର୍ଥ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ମୁକୁନ୍ଦପ୍ରସାଦର ସୂର୍ଯ୍ୟକୁମାର ଓ ରାୟପୁର ଟିମ୍‌ର ବିକାଶ କୁମାରଙ୍କୁ ସମ୍ମାନିତ କରାଯାଇଥିଲା। ସୌରଭ କୁମାର ପଟ୍ଟନାୟକ, ଶ୍ରୀକୃଷ୍ଣ ଶ୍ରୀଚନ୍ଦନ, ପ୍ରୀତିଶ ବଳିୟାରସିଂ, ବସନ୍ତ କୁମାର ଗଜେନ୍ଦ୍ର, ବିଶ୍ୱ ରଞ୍ଜନ ଜେନାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ସେମିରେ ଅହମ୍ମଦିଆ କ୍ଲବ

ବୋଲଗଡ଼,୬।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହାଟବସ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ମା'ଯୋଗମାୟା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କାଳିଆ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଶନିବାର ଅହମ୍ମଦିଆ କ୍ଲବ କେରଙ୍ଗ ଓ ରଘୁନାଥ କ୍ଲବ ଟାଙ୍ଗୀ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଅହମ୍ମଦିଆ କ୍ଲବ ଗୋଟିଏ ଏବଂ ଦ୍ୱିତୀୟାର୍ଦ୍ଧରେ ଆଉ ଏକ ଗୋଲ ଦେଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ରଘୁନାଥ କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ଅହମ୍ମଦିଆ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରବିନାରାୟଣ ଦୋରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ଚୌଧୁରୀ ଏବଂ ଏମ୍.ଏସ୍. ବେଗ ଲାଇନ୍ସରେ ସହାୟତା କରିଥିଲେ। ଅତିଥିଭାବେ ଶିକ୍ଷକ ମଳୟ ପଣ୍ଡା, ଶିକ୍ଷାବିତ୍ ଗୌରାଙ୍ଗ ଛୋଟରାୟ, ଫକୀର ମହାରଣା, ସୁଧାଂଶୁ ଚମ୍ପତିରାୟ, ନରେଶ କୁମାର ପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନାରାୟଣ ମାଝୀ, ପ୍ରତାପ ବଳିୟାରସିଂହ, ପ୍ରଦୀପ କୁମାର ଦଳେଇଙ୍କ ସମେତ ଆସୋସିଏଶନର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ ମ୍ୟାଚ୍ କନ୍ଧମାଳର ବାପୁଜୀ ଫୁଟବଲ କ୍ଲବ ବାଲିଗୁଡା ଓ ନୟାଗଡ଼ର ଯଦୁମଣି ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।


ଖେଳାଳିଙ୍କ ସହ ଅତିଥି ହାତ ମିଳାଉଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୧।୨୦୨୪

| | |
|---|---|
| ୪,୩୫,୦୫୯ ଟଙ୍କା | |
| ସୁନା | ୯୫୦ ଗ୍ରାମ୍ |
| ରୁପା | ୨୩.୩୦୦ ଗ୍ରାମ୍ |

# ସମଲେଇ ମନ୍ଦିରରୁ ମହାପ୍ରଭୁଙ୍କ ପାଇଁ ଆସିଲା ନିମନ୍ତ୍ରଣ

ପୁରୀ,୬।୧(ଅଜିତ୍ ମହାନ୍ତି):

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠର ଚାଲିଛି ରୂପାନ୍ତରଣ। ଆଗାମୀ ୨୭ତାରିଖରେ ପ୍ରକଳ୍ପର ଲୋକାର୍ପଣ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଦସ୍ୟ ଓ ପୂଜାରୀମାନେ ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ପାରମ୍ପରିକ ବିଧି ମୁତାବକ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ନିମନ୍ତ୍ରଣକାରୀ ଦଳ ପହଞ୍ଚିବା ପରେ ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଶ୍ରୀବିଗ୍ରହଙ୍କ ଲାଗି ଖଣ୍ଡୁଆ ପାଟ ଅର୍ପଣ କରିଥିଲେ। ଓଡ଼ିଶା ମୋ ପରିବାରର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ଷୋଡ଼ଶ ଶତାବ୍ଦୀର ଏକ ପ୍ରସିଦ୍ଧ ପୀଠ। ଏହାର ଉନ୍ନତି ପାଇଁ ୨୦୨୧ରେ ମୁଖ୍ୟମନ୍ତ୍ରୀ ସମଲେଇ ପ୍ରକଳ୍ପ ଆରମ୍ଭ କରିଛନ୍ତି । ଏଥିପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଭକ୍ତମାନଙ୍କ ପାଇଁ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ମନ୍ଦିର ସହିତ ମହାନଦୀ ଘାଟର ମଧ ଉନ୍ନତିକରଣ କରାଯାଉଛି। ନିମନ୍ତ୍ରଣ ଦଳରେ ଅନ୍ୟମାନଙ୍କ ମଧ୍ୟରେ କଟକର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ସନ୍ତୋଷ ପୃଷେଠ୍, ପୂଜାକାଶ, ଅମ୍ବିକା ରାୟ,ଅମୀୟ ରାୟ,ପ୍ରକାଶ ରାୟ ଓ ଓକିଲ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ନିମନ୍ତ୍ରଣ ପତ୍ର ନେଇ ଆସିଥିବା ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଂଜୟ ବାବୁ କହିଛନ୍ତି କି ମା ସମେଲଶ୍ୱରୀଙ୍କ ପୀଠରୁ ନିମନ୍ତ୍ରଣ ପତ୍ର ପରି ମହାପ୍ରଭୁଙ୍କୁ ନିମନ୍ତ୍ରଣ କରିବା ପାଇଁ ଆସିଛୁ। ଲୋକାର୍ପଣ କାର୍ଯ୍ୟକ୍ରମରେ ଶ୍ରୀବିଗ୍ରହଙ୍କ ସହ ମା ବିମଳା ଓ ମା' ମହାଲକ୍ଷ୍ମୀ ଉପସ୍ଥିତ ରହି ଆର୍ଶୀବାଦ କରିବାକୁ ମହାପ୍ରଭୁଙ୍କୁ ପ୍ରାର୍ଥନା କରାଯାଇଛି।



ମା' ସମଲେଇ ମନ୍ଦିର ଲୋକାର୍ପଣ ପ୍ରକଳ୍ପ ପାଇଁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିମନ୍ତ୍ରଣ ପତ୍ର ଆଣି ଆସିଥିବା ସଦସ୍ୟଙ୍କୁ ଶ୍ରୀମନ୍ଦିର ପକ୍ଷରୁ ସ୍ୱାଗତ କରାଯାଉଛି ।

# କିନ୍ନରଙ୍କ ମୁର୍ଗୀମାତା ପୂଜା ଉଦ୍‌ଯାପିତ

ପୁରୀ,୬।୧(ଅଜିତ୍ ମହାନ୍ତି):

ଶ୍ରୀକ୍ଷେତ୍ରରେ ବହୁଚରା ମୁର୍ଗୀମାତାଙ୍କ ପୂଜା ଉତ୍ସବ ପାଳିତ ହୋଇଛି। ଜିଲା କିନ୍ନର ସଂଘ ପକ୍ଷରୁ ବଡ଼ଶଙ୍ଖସ୍ଥିତ ରାଣୀସତୀ ଭବନଠାରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ପ୍ରତ୍ୟୁଷରୁ କିନ୍ନରମାନେ ନୂତନ ବସ୍ତ୍ର ପରିଧାନ କରି ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀକୁ ଯାଇଥିଲେ। କଳସରେ ପବିତ୍ର ଜଳ ନେଇ ପୂଜାସ୍ଥଳକୁ ଆସିଥିଲେ। ମଧ୍ୟାହ୍ନରେ ମୁର୍ଗୀମାତାଙ୍କ ନିକଟରେ ହୋମଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ମାତାଙ୍କ ଆଳତି ନୀତି ଅନୁଷ୍ଠିତ ହୋଇଥିଲା। ସଂସାରର ମଙ୍ଗଳ କାମନା ସହ ମହାମାରୀ ରୋଗ ଉପଶମ ପାଇଁ କିନ୍ନରମାନେ ଇଷ୍ଟଦେବୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ପୂଜା ୩ଦିନ ଧରି ଚାଲିଥାଏ। ପ୍ରଥମ ଦିନ ରାତିରେ ଗୁପ୍ତ ପୂଜା କରାଯିବାପରେ ଦ୍ୱିତୀୟ ଦିନ କଳସ ଯାତ୍ରା ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରିୟା ତ୍ରିପାଠୀ ଯଜ୍ଞରେ କର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ଉଦ୍‌ଯାପନୀ ଦିବସରେ ରାଣୀସତୀଭବନଠାରେ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ସ୍ୱେଚ୍ଛାସେବୀ ସଂଗଠନ 'ଦି ବେଲ୍'ର ଅଧକ୍ଷ ସିଦ୍ଧାର୍ଥ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଗରିବ, ନିରୀହ ଓ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମୁର୍ଗୀମାତାଙ୍କୁ ପୂଜାର୍ଚ୍ଚନା ଓ ଆଳତି କରିବା ପରେ ମା'ଙ୍କ ମୁଣ୍ମୟୀ ମୂର୍ତ୍ତିକୁ ଏକ ବିରାଟ ଶୋଭାଯାତ୍ରାରେ ନେଇ ନୂଆ ନଈଁରେ ବିସର୍ଜନ କରିଥିଲେ। ଅନୁଷ୍ଠାର ସଭାନେତ୍ରୀ ପ୍ରିୟାଂଶୀ ଦାସ, ସମ୍ପାଦିକା ପିହୁ ମିଶ୍ର, ଦେବକୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗୌରୀ ସାହୁ, କ୍ଲାକକୁଇନ ଜେନା, ରିମିଝିମ ଦାସଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ କିନ୍ନରମାନେ ଏହି ପୂଜା ପାଇଁ ବିଗତ ୪୦ ଦିନ ହେବ ବ୍ରତ ଧାରଣ କରି ଦିନକୁ ଏକ ବେଳା ସାତ୍ତ୍ୱିକ ଭୋଜନ ଗ୍ରହଣ କରି ଶ୍ରଦ୍ଧା, ନିଷ୍ଠା ଓ ଭକ୍ତିର ସହ ମା'ଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ବୁଲିଲା ୫ ଜଗନ୍ନାଥ ଅର୍ପଣ ରଥ

ଅସ୍ତରଙ୍ଗ,୬।୧(ମମତା ଜେନା/ପ୍ରଦୀପ୍ତ ଦିକ୍ଷୀତ):

ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରୁ ଶନିବାର ୫ଟି ଅର୍ପଣ ରଥର ଉଦ୍‌ଘାଟନ କରାଯାଇ ନଇଗୁଆ ପଞ୍ଚାୟତ ପରିକ୍ରମା କରିଛି। ପରେ ଆଳସାହି, ନଗର, ଆଳଙ୍ଗପୁର, ଅସ୍ତରଙ୍ଗ ଏବଂ ଅନ୍ୟ ପଞ୍ଚାୟତରେ ଏହିରଥ ପରିକ୍ରମା କରିବ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକ, ଉପାଧକ୍ଷ ଦୁର୍ଜୟ ମିଶ୍ର, ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲା ପରିଷଦ ସଭ୍ୟ ସରସ୍ୱତୀ ସ୍ୱାଇଁ, ନଇଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ଅସ୍ତରଙ୍ଗର ବହୁ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଐତିହାସିକ ପ୍ରକଳ୍ପ ଲୋକାର୍ପଣରେ ଜଗନ୍ନାଥଙ୍କ ଦାନ ରୂପେ ସ୍ୱଇଚ୍ଛାରେ ଅଞ୍ଚଳବାସୀ ଗୁଆ, ନଡ଼ିଆ, ଅରୁଆ ଚାଉଳ ପ୍ରଦାନ କରିବା ସହିତ ରାଜ୍ୟ ସରକାରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି।

### ଅସ୍ତରଙ୍ଗରେ ଶାନ୍ତିପୂର୍ଣ୍ଣ ଚାବି ଛାଡ଼ ଆନ୍ଦୋଳନ

ଅସ୍ତରଙ୍ଗ,୬।୧(ପ୍ରଦୀପ୍ତ ଦୀକ୍ଷିତ):

ପୁରୀ ଜିଲା ଅସ୍ତରଙ୍ଗ ଡ୍ରାଇଭର ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିଛି। ନୂଆ ହିଟ୍ ଆଣ୍ଡ ରନ୍ ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଜରିମାନା ଓ କଠୋର ଦଣ୍ଡବିଧାନ ବ୍ୟବସ୍ଥାରେ ତୁରନ୍ତ ସଂଶୋଧନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେବା ଯାଏଁ ଡ୍ରାଇଭର ଚାବି ଛାଡ଼ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଏହି ଆନ୍ଦୋଳନରେ ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ସଭାପତି କୃପାସିନ୍ଧୁ ବଡ଼ିଆ, ଉପସଭାପତି ବସନ୍ତ ମଲ୍ଲିକ, ଅଜୟ ବେହେରା, ଶଙ୍କର ଛାଟୋଇଙ୍କ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ପୂର୍ବ ଶତ୍ରୁତାରୁ ଦୋକାନରେ ନିଆଁ ଲଗାଇଲେ

ନିମାପଡ଼ା,୬।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଶଗଡ଼ା ଗ୍ରାମ ପଞ୍ଚାୟତର ଚିତା ଗ୍ରାମର ସୁମନ୍ତ ମୁଦୁଲି ନାମକ ଜଣେ ବ୍ୟବସାୟୀଙ୍କ ଗ୍ରାମଠାରେ ଥିବା ଏକ ଗ୍ରୋସରୁ ଓ ଭେରାଇଟି ଷ୍ଟୋରରେ ଅଗ୍ନିକାଣ୍ଡ ଘଟିଛି। କେହି ଦୁର୍ବୃତ୍ତ ପୂର୍ବ ଶତ୍ରୁତାରୁ କ୍ରୋଧାନ୍ୱିତ ହୋଇ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇ ଦୋକାନକୁ ପୋଡ଼ି ଦେଇଥିବା ସୁମନ୍ତ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୪।୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଗ୍ନିକାଣ୍ଡରେ ଟିଭି, ଫ୍ରିଜ୍, ଫ୍ୟାନ, ଷ୍ଟାବିଲାଇଜର ଆଦି ସମେତ ମୋଟ ୧୨ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ସୁମନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।





ମା ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ସମତା ସାହିତ୍ୟ ସମିତିର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ବିଶିଷ୍ଟ ବ୍ୟକ୍ତିମାନେ ।

## ଶ୍ରୀ ବାବା ବାଲିକପିଳେଶ୍ୱର ମନ୍ଦିରରେ ପହିଲି ଭୋଗ ନୀତି

ପୁରୀ,୬।୧(ଅଜିତ୍ ମହାନ୍ତି):

ନରେନ୍ଦ୍ର କୋଣସ୍ଥିତ ଶ୍ରୀଶ୍ରୀ ବାବା ବାଲିକପିଳେଶ୍ୱର ମନ୍ଦିରରେ ପହିଲିଭୋଗ ନୀତି ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ବିଧାୟକ ଉନ୍ନୟନ ପାଣ୍ଠିରୁ ମନ୍ଦିରର ମୁଖ୍ୟ ତୋରଣ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ସୌଜନ୍ୟରୁ ବ୍ୟାଙ୍କର ସାଧାରଣ ପରିଚାଳକ ଜଗଦୀଶ ଚନ୍ଦ୍ରା ଭକ୍ତ ଓ ଜନସାଧାରଣଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଓ ପାଦ ପ୍ରକ୍ଷାଳନ ସ୍ଥଳୀର ଶୁଭ ଉଦ୍‌ଘାଟନ କରିଥିଲେ। ଶ୍ରୀଶ୍ରୀ ବାବା ବାଲିକପିଳେଶ୍ୱର ମନ୍ଦିର ଏକ ସର୍ବପୁରାତନ ଶୈବପୀଠ ହୋଇଥିବାସ୍ଥଳେ ଗତ ଫନି ମହାବାତ୍ୟାରେ ଏହାର ସମ୍ମୁଖଭାଗ ମନ୍ଦିର ନଷ୍ଟ ହୋଇଯାଇଥିଲା। ଏହି ମନ୍ଦିରଟି ପୁନରୁଦ୍ଧାର କରିବା ପାଇଁ ରାଜ୍ୟସରକାରଙ୍କ ସଂସ୍କୃତି ବିଭାଗ ଦାୟିତ୍ୱ ନେବା ପାଇଁ ଭକ୍ତ ଓ ସ୍ଥାନୀୟ ଲୋକମାନେ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି।

## ପଦା ପ୍ରିମିୟମ ଲିଗ୍ ଉଦ୍‌ଯାପିତ



ପଦା ପ୍ରିମିୟମ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ।

ପିପିଲି,୬।୧(ଦୁର୍ଗାମାଧବ ମିଶ୍ର):

ପିପିଲି ଇନ୍ଦିରା ମଇଦାନଠାରେ ବାବା ନୀଳକଣ୍ଠେଶ୍ୱର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୨ ଦିନିଆ ପଦା ପ୍ରିମିୟମ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୬ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଖବରଦାତା ରାଜକିଶୋର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଦିବାକର ପ୍ରଧାନ, ଅଞ୍ଚଳର ବରିଷ୍ଠ ନାଗରିକ ଭବାନୀ ବେହେରା ଓ ବିଘ୍ନେଶ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓମ୍‌କାର ନାୟକ, କାଲୁ ମଲ୍ଲିକ, ସତ୍ୟମ ଦାସ, ଆଶିଷ ବେହେରା ପ୍ରମୁଖ ଅନୁଷ୍ଠାନର ସଭ୍ୟମାନେ ଏହି କ୍ରୀଡ଼ା ପ୍ରତିଯୋଗିତାରେ ସହଯୋଗ କରିଥିଲେ।

# ୧୭ରେ ମୌନ ସତ୍ୟାଗ୍ରହ

ପୁରୀ,୬।୧(ଅଜିତ୍ ମହାନ୍ତି):

ବେଲଦଳଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଚାଷୀନେତା ତଥା ସଭାପତି ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବେଦାନ୍ତ ବିଶ୍ୱ ବିଦ୍ୟାଳୟ ଜମି ମାମଲାରେ ସୁପ୍ରିମ କୋର୍ଟଙ୍କ ରାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୀର୍ଘ ଆଠ ମାସ ବିତିଯାଇଥିଲେ ମଧ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ ନ କରାଇବା, ଅଧିଗୃହୀତ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ଓ ଚାଷୀଙ୍କ ଚାଷ ଜମି ନ ଫେରେଇବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ବେଦାନ୍ତ କମ୍ପାନୀର ସ୍ୱାର୍ଥ ପାଇଁ ପୁରୀ ବାସୀଙ୍କ ଜୀବନ ଜୀବିକା ନଷ୍ଟ କରୁଥିଲା ବେଳେ କମ୍ପାନୀମାନଙ୍କ ବ୍ୟବସାୟିକ ସ୍ୱାର୍ଥରେ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ନାମରେ ମଠ ମନ୍ଦିର ସଂସ୍କୃତିକୁ ଧ୍ୱଂସ କରିବା ପାଇଁ ଚାଲିଥିବା ପ୍ରକ୍ରିୟାକୁ ବିରୋଧ କରାଯାଇଥିଲା। ବେଦାନ୍ତ ବିଶ୍ୱ ବିଦ୍ୟାଳୟ ପାଇଁ ଅଧିଗୃହୀତ ଜମି ତୁରନ୍ତ ଫେରାଇବା ଦାବିରେ ଆସନ୍ତା ୧୭ତାରିଖରେ ବେଦାନ୍ତ ବିଶ୍ୱ ବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ତରଫରୁ ମୌନ ସତ୍ୟାଗ୍ରହ ବ୍ରତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ଦୁଇ ହଜାର ଚାଷୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ସାମିଲ ହେବେ ବୋଲି ସମିତିର ଆବାହକ ଉମାବଲ୍ଲଭ ରଥ କହିଛନ୍ତି। ବୈଠକରେ ନବ ନିର୍ମାଣ କୃଷକ ସଂଘର ଅକ୍ଷୟ କୁମାର, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ମଧୁସୂଦନ ରାଉତରାୟ, ବିଷ୍ଣୁ ପ୍ରସାଦ ମିଶ୍ର, ଦାମୋଦର ମହାପାତ୍ର, କୈଳାସ ଜେନା, ମଙ୍ଗୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ପ୍ରଶାସନକୁ ପତ୍ର ଲେଖିଲେ ବ୍ଲକ୍ ଅଧକ୍ଷ

### ସାକ୍ଷୀଗୋପାଳ ମନ୍ଦିରକୁ ମିଳିନି ନିମନ୍ତ୍ରଣ ପତ୍ର

ସାକ୍ଷୀଗୋପାଳ,୬।୧
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରାଯିବ। ଏହି ଆଧ୍ୟାତ୍ମିକ ପ୍ରକଳ୍ପ ଉତ୍ସବ ପାଇଁ ଦେଶର ଦେବଦେବୀ ପୀଠକୁ ନିମନ୍ତ୍ରଣ କରାଯାଇଛି। ମାତ୍ର ଜିଲାର ଅତି ନିକଟରେ ଥିବା ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିର ନିମନ୍ତେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ମନ୍ଦିର ପ୍ରଶାସନକୁ ନିମନ୍ତ୍ରଣ ମିଳିନାହିଁ। ଏନେଇ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା ଏକ ପତ୍ର ଦ୍ୱାରା ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ଥାଉକି, ସାକ୍ଷୀଗୋପାଳଙ୍କ ନୀତିକାନ୍ତି ସହ ପୁରୀ ଶ୍ରୀମନ୍ଦିରର ଅନେକ ସମ୍ପର୍କ ରହିଛି। ୪ ଧାମର ତୀର୍ଥ ସାରି ଭକ୍ତ ସାକ୍ଷୀ ଦେବାକୁ ସାକ୍ଷୀଗୋପାଳକୁ ଆସିଥାନ୍ତି।

## ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ



ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି ।

କାକଟପୁର/ଅସ୍ତରଙ୍ଗ,୬।୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ):

ୟୁକୋ ବ୍ୟାଙ୍କର ୮୨ତମ ପ୍ରତିଷ୍ଠା ଦିବସ ଓ ୟୁକୋ ବ୍ୟାଙ୍କ ଶାଖା, କାକଟପୁରର ୪୮ତମ ପ୍ରତିଷ୍ଠା ଦିବସ ବ୍ୟାଙ୍କ ପରିସରରେ ଶନିବାର ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ବହୁ ଗ୍ରାହକ ଯୋଗଦେଇ କାକଟପୁର ୟୁକୋ ବ୍ୟାଙ୍କର ଗ୍ରାହକ ସେବାର ଭୂୟସୀ ପ୍ରଶଂସା କରିବା ସହ ଅଧିକ ଷ୍ଟାଫ୍, ଡିଜିଟାଲ ବ୍ୟାଙ୍କ ସେବାର ପ୍ରଚାରପ୍ରସାର ଉପରେ ପଦକ୍ଷେପ ନେବାକୁ ନିଜର ମତ ରଖିଥିଲେ। ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କ ଡିଜିଏମ୍ ପ୍ରମୋଦଚନ୍ଦ୍ର ନାୟକ, ୟୁକୋ ବ୍ୟାଙ୍କ କାକଟପୁର ଶାଖାର ପରିଚାଳକ ଶୁଭାଶିଷ ପଣ୍ଡାଙ୍କ ସହ ପରିଚାଳକ ସୌମ୍ୟକାନ୍ତ ରାଉତରାୟ, ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କାକଟପୁର ବ୍ୟାଙ୍କ କେମିତି ଉନ୍ନତ ସେବା ଗ୍ରାହକଙ୍କୁ ଯୋଗାଇଦେବା ସହ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ କରିବେ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ।

ସେହିପରି ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ଶାଖାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଡି.ଜି.ଏମ୍ ପ୍ରମୋଦ ଚରଣ ନାୟକ, ଶାଖା ପ୍ରବନ୍ଧକ, ସହ ପ୍ରବନ୍ଧକ ଉଦୟରାଜ ସିହ୍ନା, କ୍ୟାସିୟର ଦୀପକ ପ୍ରଧାନ, ସହ କର୍ମଚାରୀ ତରୁଣ ଗୋଛାୟତ, ସୋନାଲି ମଲ୍ଲିକଙ୍କ ସହ ବିଶିଷ୍ଟ ବ୍ୟବସାୟୀ ଯୋଗେନ୍ଦ୍ର ଲେଙ୍କା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ମହାସଂଘ ସଭ୍ୟା ଉପସ୍ଥିତ ଥିଲେ।

# ଫଟୋଗ୍ରାଫି ଓ ଚିତ୍ରକଳାର ଯୁଗଳବନ୍ଦୀ ପ୍ରଦର୍ଶନୀ

ପୁରୀ,୬।୧(ଅଜିତ୍ ମହାନ୍ତି):

ସଂସ୍କୃତି ଭବନସ୍ଥିତ ଲଳିତ କଳା ଏକାଡେମୀ ଗ୍ୟାଲେରୀଠାରେ ଥାର୍ଡ ଆଇ ଅନୁଷ୍ଠାନ ପକ୍ଷରୁ ୪ର୍ଥ କଳା ପ୍ରଦର୍ଶନୀ ଆଧାରରେ ଫଟୋଗ୍ରାଫି ଓ ଚିତ୍ରକଳାର ଯୁଗଳବନ୍ଦୀ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରି କହିଥିଲେ କି ପ୍ରତ୍ୟେକ ଫଟୋ ଓ ଚିତ୍ରକଳା ଗୋଟାଏ ଗୋଟିଏ କାହାଣୀ ଅଟେ। ଲୋକଙ୍କ ଆଖିରେ ଯାହା ସାଧାରଣ କଳାକାର ଆଖିରେ ତାହା ଅନନ୍ୟ ଓ ଭିନ୍ନ। ଫଟୋ ବା ଚିତ୍ରକଳା ସୂକ୍ଷ୍ମରୁ ଅତି ସୂକ୍ଷ୍ମ ଚରିତ୍ରକୁ ଉଦ୍‌ଭାସିତ କରିଥାଏ ବୋଲି କହିଥିଲେ। ଶ୍ୟାମ ପ୍ରକାଶ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫଟୋଗ୍ରାଫର ତଥା ଥାର୍ଡ଼ ଆଇର ନିର୍ଦ୍ଦେଶକ ଅତନୁ ପଲ, ଚିତ୍ରଶିଳ୍ପୀ ମୀନାକ୍ଷୀ ଦାସ, ଗ୍ୟାଲେରୀ କ୍ୟୁରେଟର ସତ୍ୟ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ପଲଙ୍କ ୫୫ଟି ଫଟୋ ଓ ୫୦ଟି ସ୍ଲାଇଡ ଏବଂ ମୀନାକ୍ଷୀଙ୍କ ୧୮ ଟି ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସାୟନ ହଜାରୀ, ଅଙ୍କୁର ଭଟ୍ଟାଚାର୍ଯ୍ୟ, ଜୟ ଗୋପାଳ ବନ୍ଦୋପାଧ୍ୟାୟ, ତାପସ କୁମାର ମାନ୍ନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେବ।

# ଆଇଟି ଦକ୍ଷତା ତାଲିମ ଶିବିର ଉଦ୍‌ଯାପିତ

କାକଟପୁର,୬।୧(ଶୁଭଦର୍ଶନ ମିଶ୍ର):

କାକଟପୁରସ୍ଥିତ ମା' ମଙ୍ଗଳା ଆଇଟିସିରେ ମିଶନ ଶକ୍ତି ଓ ଓକେସିଏଲ୍ ଦ୍ୱାରା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ସମସ୍ତ ଏମ୍‌ବିକେଙ୍କୁ ନେଇ ଦୀର୍ଘ ୨୦ ଦିନ ବ୍ୟାପୀ ଚାଲି ଆସୁଥିବା ଆଇଟି ଦକ୍ଷତା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏମ୍‌ବିକେଙ୍କ ନିମନ୍ତେ ଉଦ୍ଦିଷ୍ଟ କମ୍ପ୍ୟୁଟର ଦକ୍ଷତା ବୃଦ୍ଧି ତଥା ବିକାଶ ଉଦ୍ଦେଶ୍ୟରେ ସମଗ୍ର କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ ମା' ମଙ୍ଗଳା ଆଇଟିସିରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଥିଓରି ଓ ପ୍ରାକ୍ଟିକାଲ କ୍ଲାସ ମାଧ୍ୟମରେ ଶିକ୍ଷାଦାନ କରାଯାଇଥିଲା। ଏହି ତାଲିମ୍ ନିମନ୍ତେ ଆବଶ୍ୟକ ଆର୍ଥିକ ସହାୟତା ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲାବେଳେ ଏହାକୁ ଓକାକ୍ ଓ ଓକେସିଏଲ୍ ସଂସ୍ଥା ମାଧ୍ୟମରେ ରାଜ୍ୟ ମିଶନ ଶକ୍ତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀର ଆର୍ଥିକ ନେଣଦେଣ ଆଦି କାର୍ଯ୍ୟ କମ୍ପ୍ୟୁଟର ତଥା ମୋବାଇଲ ମାଧ୍ୟମରେ ଅତିଶୀଘ୍ର କିପରି ଏମ୍‌ବିକେମାନେ କରିପାରିବେ, ଏହି ତାଲିମର ମୂଳ ଲକ୍ଷ୍ୟ। ମା' ମଙ୍ଗଳା ଆଇଟିସି ଶିକ୍ଷାନୁଷ୍ଠାନରେ ତାଲିମ ନେଇଥିବା କାକଟପୁର ଓ ଅସ୍ତରଙ୍ଗର ସମସ୍ତ ଏମ୍‌ବିକେ ଅତି ସହଜରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିବା ସହ ନିଜର ଦକ୍ଷତା ହାସଲ କରିପାରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ କାକଟପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପାର୍ଥସାରଥି ମହାନ୍ତି, ବ୍ଲକ ପ୍ରୋଗ୍ରାମ ସଞ୍ଚାଳକ ନୟନ ଜେନା, ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୈଳାସ ଚନ୍ଦ୍ର ବରାଳ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେବା ସହିତ ଅନୁଷ୍ଠାନର ଉପାଧକ୍ଷା ମଧୁସ୍ମିତା ବରାଳ ଓ ଅନ୍ୟାନ୍ୟ କର୍ମକର୍ତ୍ତା ନିହାର ରଞ୍ଜନ କର, ବର୍ଷାରାଣୀ ବିଶ୍ୱାଳ, ପ୍ରିୟଦର୍ଶିନୀ ମହାରଣା ଓ ସ୍ମିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଭୋକର ଭୂଗୋଳ କଳାହାଣ୍ଡି ଆଜି ବିକାଶର ରତ୍ନଭଣ୍ଡାର

ଗୋପ,୬।୧(ଭାରତୀ ଭୂଷଣ ଉପାଧ୍ୟାୟ):

ଭୋକର ଭୂଗୋଳ କୁହାଯାଉଥିବା କଳାହାଣ୍ଡି ଜିଲାର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ପିଲା ବିକ୍ରି କଥା କୁହନ୍ତୁ ବା ଅଭାବୀ କଥା କୁହନ୍ତୁ,ଏ ସବୁକୁ ପଛରେ ପକାଇ କଳାହାଣ୍ଡି ଜିଲା ଆଜି ଧାନ ଉତ୍ପାଦନ କ୍ଷେତ୍ରରେ ୨ ନମ୍ବର ସ୍ଥାନରେ ରହିବା ସହିତ ଅନ୍ୟ ଜିଲାରେ ବିକାଶମୂଳକ କାର୍ଯ୍ୟକୁ ନେଇ ବିକାଶର ରତ୍ନଭଣ୍ଡାର ହୋଇପାରିଛି। ଶନିବାର ଗୋପ ମହାବିଦ୍ୟାଳୟର ନୂଆ– ଓ ଯୋଜନାର ଉଦ୍‌ଯାପିତ କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶଚନ୍ଦ୍ର ଖଟୋଇ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ପ୍ରିୟମ୍ବଦା ପଣ୍ଡା, ଅଧ୍ୟାପକ ବିଭୂତି ଭୂଷଣ ସେନାପତି, ଅଧ୍ୟାପିକା ପ୍ରତିମା ଦେଈ, ମହେନ୍ଦ୍ର ପ୍ରଧାନ, ଅମିତାଭ ମହାନ୍ତି ପ୍ରମୁଖ ଯୋଗଦେଇ କଲେଜର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ମାନପତ୍ର, କପ୍ ଦେଇ ସମ୍ମାନିତ କରିଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ନିରଞ୍ଜନ ଦାସ, ଲୋକନାଥ ବେହେରା, ଜୋତ୍ସ୍ନା ଦାସ, ସାଗର ଜେନା, ପ୍ରଶାନ୍ତ ସେନାପତି, ସୁମନ୍ତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



ଗୋପ ମହାବିଦ୍ୟାଳୟର ନୂଆ– ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ।

## ଆଜି କ'ଣ କେଉଁଠି

**ତିଗିରିଆ**

- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ଜେମାଦେଇପୁର ଉ.ପ୍ରା. ବିଦ୍ୟାଳୟ ପରିସର, ସକାଳ ୮ଟା।
- ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାମଣ୍ଡଳ, ତିଗିରିଆ-ଆଠଗଡର ପଞ୍ଚଦଶ ବାର୍ଷିକ ଉତ୍ସବ ପାଳନ, ପଞ୍ଚଗାଁ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପରିସର, ସକାଳ ୯ଟା।
- ନୂଆ-ଓ ଉଦ୍‌ଯାପନୀ ଉତ୍ସବ, କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତିଗିରିଆ ପରିସର, ପୂର୍ବାହ୍ନ ୧୧ଟା।
- ୮ମ ପାଞ୍ଚଗାଁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ପାଞ୍ଚଗାଁ ମିନି ଷ୍ଟାଡିୟମ, ଅପରାହ୍ନ ୩ଟା।
- ୬୯ତମ ବୋଧିଦ୍ରୁମ ରୋପଣ ଦିବସ, ବୋଧିଦ୍ରୁମ ବୁଦ୍ଧ ବିହାର, ଜେମାଦେଇପୁର, ଅପରାହ୍ନ ୫ଟା।

**ଫୁଲନଖରା**

- ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ୨୩ତମ ବାର୍ଷିକ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ମହା ସତ୍‌ସଂଗ ଓ ସମ୍ବର୍ଦ୍ଧନା ସମାରୋହ, ନଛିପୁରସ୍ଥିତ ଶ୍ରୀକେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣ, ସକାଳ ୯ଟା ୩୦।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

ଚୌଦ୍ୱାର,୬।୧ (ଆଶୁତୋଷ ଦାସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଉପଲକ୍ଷେ ଚୌଦ୍ୱାର ସହରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥ ବୁଲିବ। ଏଥିପାଇଁ ଚୌଦ୍ୱାର ପୌର ପରିଷଦ ସଭାଗୃହରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଏହି ରଥ ସହରର ପ୍ରତ୍ୟେକ ୱାର୍ଡରେ ପରିକ୍ରମା କରିବା ଏବଂ ଲୋକମାନେ ଏହାକୁ ସ୍ୱାଗତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ରଥ କହିଥିଲେ, ଆସନ୍ତା ୧୦ ତାରିଖରେ ଚାରବାଟିଆ ହାଉସିଂ ବୋର୍ଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ରଥ ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହିତ ୧୭ ତାରିଖରେ ଏହି କାର୍ଯ୍ୟକ୍ରମ ଶେଷ ହେବ। ରଥ ପରିକ୍ରମା ସମୟରେ ଶ୍ରଦ୍ଧାଳୁଙ୍କଠାରୁ ଚାଉଳ ଏବଂ ଗୁଆ ସଂଗ୍ରହ କରାଯାଇ ପୁରୀ ପଠାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଏହି ବୈଠକରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ଏମ୍.ଇ. ପତିତପାବନ ପଟ୍ଟନାୟକ, ଇଂ. ଶୁଭଶ୍ରୀ ନାୟକ, ଇଂ. ଶୁଭଶ୍ରୀ ବେହେରା, ସଞ୍ଜୟ କୁମାର ବେହେରା, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା, ବିମଳ କୁମାର ବେଉରାଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



କଳା ଆଇନ ବାତିଲ ଦାବିରେ ଶନିବାର ବାଦାମବାଡ଼ି ଟ୍ରାଫିକ୍ ଛକଠାରେ କଟକ ମୋଟର କର୍ମଚାରୀ ୟୁନିୟନ, ଓଡ଼ିଶା ଡ୍ରାଇଭର ମହାସଂଘ ଏବଂ ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ବିକ୍ଷୋଭ।

# ଗଡ଼ିଲାନି ବସ୍, ଯାତ୍ରୀ ହନ୍ତସନ୍ତ

### ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

କଟକ,୬।୧ (କାର୍ତ୍ତିକ ସାହୁ/ ସଚ୍ଚିଦାନନ୍ଦ ପଣ୍ଡା)

କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍‌କୁ ନେଇ ହୋଇଥିବା ନୂଆ ଆଇନ ଓ ଦୀର୍ଘଦିନ ଧରି ରାଜ୍ୟସରକାରଙ୍କ ନିକଟରେ କରାଯାଇଥିବା ଦାବି ନେଇ ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଉଛି। ଏହାକୁ ଓଡ଼ିଶା ଡ୍ରାଇଭର ମହାସଂଘ ସମର୍ଥନ କରିଛି। ଏହି ପରିପ୍ରେକ୍ଷୀରେ କଟକରେ ଡ୍ରାଇଭରମାନେ ଆନ୍ଦୋଳନରେ ଯୋଗ ଦେଇଥିଲେ। ଫଳରେ ଏଠାରେ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ ରହିଥିଲା। ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲରେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରି ହନ୍ତସନ୍ତ ହୋଇଥିଲେ। ଅପରପକ୍ଷରେ ଟ୍ୟାକ୍ସି ଓ ଅଟୋ ଚାଳକମାନେ ମଧ୍ୟ ଧର୍ମଘଟରେ ସାମିଲ ହୋଇଥିଲେ।

କଟକ ମୋଟର କର୍ମଚାରୀ ୟୁନିୟନ, ଓଡ଼ିଶା ମୋଟର ଚାଳକ ସଂଘ ଓ ଡ୍ରାଇଭର ମହାସଂଘ ପକ୍ଷରୁ ମିଳିତ ଶୋଭାଯାତ୍ରା କରାଯାଇଥିଲା। ଡ୍ରାଇଭରମାନେ ଶୋଭାଯାତ୍ରାରେ ବାହାରି ମୁଖ୍ୟ ରାସ୍ତା ପରିକ୍ରମା କରିଥିଲେ। କେନ୍ଦ୍ର ସରକାର ଏଭଳି କଳା ଆଇନ ପ୍ରତ୍ୟାହାର କରିବାକୁ ଦାବି କରି ସେମାନେ ସ୍ଲୋଗାନ ଦେଇଥିଲେ। ଶେଷରେ ବାଦାମବାଡ଼ି ଗଣେଶ ମନ୍ଦିର ନିକଟରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। କର୍ମଚାରୀ ୟୁନିୟନର ସମ୍ପାଦକ ଶିଶିର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ବଦ୍ରି ନାରାୟଣ ଦାସ, ସହସମ୍ପାଦକ ଗଗନ ପରିଡ଼ା, କୃଷ୍ଣଚନ୍ଦ୍ର ଦାସ, ଓଡ଼ିଶା ମୋଟର ଚାଳକ ସଂଘର ଜିଲା ସଭାପତି ଦେବେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି କହିଥିଲେ। ଓଡ଼ିଶା ମୋଟର ଚାଳକ ସଂଘର ଜିଲା ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ସହସମ୍ପାଦକ ବିକ୍ରମ ନାଥ ଶର୍ମା, ଡ୍ରାଇଭର ମହାସଂଘର ଜିଲା ସଭାପତି ରଞ୍ଜନ ଜେନା, ସମ୍ପାଦକ ଆରତ ଗଣ୍ଡିଆ, ସହସମ୍ପାଦକ ଅନିଲ ବାରିକ, ଜଗନ୍ନାଥ ବେହେରା, ଅଜୟ ଦାସ, ମନୋଜ ମଲ୍ଲିକ, କଟକ ମୋଟର କର୍ମଚାରୀ ୟୁନିୟନର ଉପସଭାପତି ହୀରାଲାଲ ପଣ୍ଡା, କୋଷାଧ୍ୟକ୍ଷ ବିଭୂତି ଭୂଷଣ ରାଉତ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅପରପକ୍ଷରେ ଆନ୍ଦୋଳନ ଯୋଗୁ ପେଟ୍ରୋଲ ନ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଫଳରେ ଲୋକମାନେ ଗାଡିରେ ପେଟ୍ରୋଲ ପକାଇବା ପାଇଁ ପେଟ୍ରାଲ ପମ୍ପରେ ଧାଡି ଲଗାଇଥିଲେ।

ସେହିପରି ଆଠଗଡ଼ ଟ୍ରକ ଡ୍ରାଇଭର ମହାସଂଘର ଶତାଧିକ ଡ୍ରାଇଭର ୫୫ ନମ୍ବର ଜାତୀୟ ରାଜପଥ ଖୁଣ୍ଟୁଣୀ କଲେଜ ସମ୍ମୁଖରେ ବସିଥିଲେ। ଫଳରେ କଟକ-ସମ୍ବଲପୁର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଠପ ହୋଇଯାଇଥିଲା। ଏଥିରେ ଆଠଗଡ଼ ଡ୍ରାଇଭର ମହାସଂଘ ସଭାପତି ଶ୍ରୀମନ୍ତ ପ୍ରଧାନ, ଉପସଭାପତି ଅଜୟ ଗଡ଼ନାୟକ, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ସାହୁ, ଲକ୍ଷ୍ମୀଧର ବେହେରା, ମାନସ ସାହୁ, ବେଣୁଧର ସାମଲ, ରମାକାନ୍ତ ସେଠୀ, ବିମଳ ଜେନା, ଅନିଲ କୁମାର ପ୍ରଧାନ, ସ୍ୱାଧୀନ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।


ଆନ୍ଦୋଳନ ଯୋଗୁ କଟକ ନେତାଜୀ ବସ୍ ଟର୍ମିନାଲରେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଅପେକ୍ଷାରତ ଯାତ୍ରୀ।

## କଲଭର୍ଟ ନିର୍ମାଣକୁ ନେଇ ଉତ୍ତେଜନା

### ଶୁକପାଇକା ଯୋରି ଖନନ କାର୍ଯ୍ୟ ସାମୟିକ ସ୍ଥଗିତ

କଟକ ସଦର,୬।୧ (ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅନ୍ତର୍ଗତ ଧରିଣା ପଞ୍ଚାୟତର କମରପଦା-ଯଶପଡ଼ା ରାସ୍ତାରେ କଲଭର୍ଟ ନିର୍ମାଣକୁ ନେଇ ଶନିବାର ବିବାଦ ସୃଷ୍ଟି ହୋଇଛି। ଯୋରିର ନୂଆ ଚଉଡ଼ା ଅନୁସାରେ ଠିକାଦାର କଲଭର୍ଟ ନିର୍ମାଣ କରିବା ପାଇଁ ରାଜି ନ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକମାନେ କାର୍ଯ୍ୟସ୍ଥଳକୁ ଯାଇ ବିରୋଧ କରିବାରୁ ସାମୟିକ ଭାବେ ଖନନ ସ୍ଥଗିତ ରଖାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଶୁକପାଇକା ନଦୀର କମରପଦା ନିକଟରେ ପ୍ରାୟ ୪୦ ବର୍ଷ ତଳେ ଏକ ସ୍ୱଳ୍ପ ଲମ୍ବର କଲଭର୍ଟ ନିର୍ମାଣ କରାଯାଇଥିଲା। କାରଣ ସେହି ସମୟରେ ଉକ୍ତ ନଦୀରେ ଜଳ ପ୍ରବାହ ହେଉ ନ ଥିଲା। ଏବେ ମହାନଦୀର ମୁହାଣ ଖୋଲାଯିବା ବ୍ୟବସ୍ଥା କରାଯାଇ ଶୁକପାଇକା ନଦୀକୁ ଯୋରିରେ ରୂପାନ୍ତରିତ କରାଯାଉଛି। ୬୦ ଫୁଟ ଚଉଡ଼ା କରାଯାଇଥିବାରୁ କଲଭର୍ଟ ମଧ୍ୟ ସେହି ଅନୁସାରେ କରାଯିବା ଦରକାର ବୋଲି ଲୋକମାନେ କହିଥିଲେ। କାମକୁ ସ୍ଥଗିତ ରଖି ପାଇଁ ପ୍ରଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଲୋକମାନେ ଶନିବାର କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ ବ୍ଲକ କାର୍ଯ୍ୟାଳୟରେ ଭେଟିଥିଲେ। କାର୍ଯ୍ୟସ୍ଥଳକୁ ଡ୍ରେନେଜ ଡିଭିଜନର ଯନ୍ତ୍ରୀମାନେ ଆସି ଲୋକଙ୍କ ସହିତ ଆଲୋଚନା ନ କରିବା ପର୍ଯ୍ୟନ୍ତ ଖନନ ସ୍ଥଗିତ ରଖାଯିବ ବୋଲି ବିଧାୟକ ବେହେରା ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଶାନ୍ତ ପଡିଥିଲା।

## ୮୦ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୩ କୋଟି



ବୈଠକରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

### ଆମ ଓଡ଼ିଶା ନବୀନ ଓଡ଼ିଶା ସ୍ୱତନ୍ତ୍ର ସମୀକ୍ଷା ବୈଠକ

ମଙ୍ଗୁଳି-ଜଗତପୁର,୬।୧ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁରସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସ୍ୱତନ୍ତ୍ର ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସେକ୍ ସାହାଜାନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ପ୍ରତି ଗ୍ରାମରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥ ପରିକ୍ରମା କରିବା ସହ ଘରୁ ମାନସିକ ଗୁଆ ଓ ଅରୁଆ ଚାଉଳ ନେଇ ପୁରୀରେ ପହଞ୍ଚିବ। ସେଥିପାଇଁ ସମସ୍ତେ ଏକଜୁଟ ହୋଇ ସହଯୋଗ କରିବାକୁ ମନ୍ତ୍ରୀ ସ୍ୱାଇଁ କହିଥିଲେ। ପରେ ୮୦ଟି ପ୍ରକଳ୍ପ ନିର୍ମାଣ ପାଇଁ ୩ କୋଟି ବ୍ୟୟ ବରାଦର କାର୍ଯ୍ୟାଦେଶ ଗ୍ରାମ ମୁରବିଙ୍କୁ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଡିଓ ହେମନ୍ତ କୁମାର ମହନ୍ତ, ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ସମିତି ସଭ୍ୟ ଦେବୀ ପ୍ରସାଦ ସ୍ୱାଇଁ, ମଧୁସ୍ମିତା ସେଠୀ, ପୂର୍ବତନ ସରପଞ୍ଚ ରଞ୍ଜିତ ରାଉତ, ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ, ବିଶ୍ୱଜିତ ମାଝି, ସରପଞ୍ଚଙ୍କ ପ୍ରତିନିଧି ପବିତ୍ର ରାଉତ, ରବୀନ୍ଦ୍ର ସାହୁ, ପରମାନନ୍ଦ ରାଉତ, ଅଶୋକ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ ଧନ୍ୟବାଦ ଦେଇଥିଲେ।

## 'ବିଫଳତା ମଧ୍ୟରେ ସଫଳତାର ବାଟ ଖୋଜ'



ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ,୬।୧ (ଶିଳ୍ପା ପ୍ରିୟଦର୍ଶିନୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ରମାନଙ୍କ ସାର୍ବଜନୀନ ବିକାଶ ହିଁ ଦେଶର ପ୍ରକୃତ ବିକାଶ। ସରକାର ସବୁବେଳେ ପିଲାମାନଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଆସିଛନ୍ତି। ଜୀବନରେ ଉନ୍ନତି ପାଇଁ ବିଫଳତା ଭିତରେ ବି ସଫଳତାର ସମ୍ଭାବନା ଖୋଜି ବାଟ ଚାଲିଲେ ସଫଳତା ଆପେଆପେ ମିଳିବ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ସାମାଜିକ ଜୀବନ ଓ କାର୍ଯ୍ୟକ୍ରମ ସହିତ ଜଡ଼ିତ ହେବା ପାଇଁ ପ୍ରେରଣା ଦେଇଥିଲେ। ଶିକ୍ଷକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଲୁନା ସାମନ୍ତ ଅତିଥି ପରିଚୟ ଏବଂ ବିଶ୍ୱବିଦ୍ୟାଳୟର ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରଫେସର ଧର୍ମବ୍ରତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମାଜସେବା, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠତ୍ୱ ଲାଭ କରିଥିବା ଅଧ୍ୟାୟୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାଧ୍ୟାପିକା, ପ୍ରାଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ଗ୍ରାମରେ ଅକ୍ଷତ କଳସ ଶୋଭାଯାତ୍ରା

ଫୁଲନଖରା,୬।୧ (ସତ୍ୟରଞ୍ଜନ ଦାସମହାପାତ୍ର)

ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ପାଇଁ ଭାରତର ପ୍ରତ୍ୟେକ ଗ୍ରାମରେ ଅକ୍ଷତ କଳସ ଧରି ଶୋଭାଯାତ୍ରା କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲିଅନ୍ତା ମଣ୍ଡଳର ମନ୍ଦିର ପ୍ରତିଷ୍ଠା ସମିତି ସଂଯୋଜକ ସଞ୍ଜୟ କୁମାର ପରିଜା, ସହସଂଯୋଜକ ଦେବେନ୍ଦ୍ର ନାଥ ସାହୁଙ୍କ ତତ୍ତ୍ୱାବଧାନରେ ଶନିବାର ଜଗନ୍ନାଥପୁର ପଞ୍ଚାୟତକୁ ଆସିଥିବା ଅକ୍ଷତ କଳସ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଲକ୍ଷ୍ମୀଧର ପରିଜା, ପପୁନି ମଲିକ, ଦିଲୀପ ପ୍ରଧାନ ପ୍ରମୁଖ ଯୋଗଦେଇ ଅକ୍ଷତ କଳସକୁ ଘରେ ଘରେ ପ୍ରଦାନ କରିଥିଲେ। ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମୟରେ ପ୍ରତ୍ୟେକ ଗ୍ରାମରେ ଥିବା ମନ୍ଦିରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ଭକ୍ତମାନେ ଏକତ୍ରିତ ହୋଇ ଭଜନ, କୀର୍ତ୍ତନ କରିବା ପାଇଁ ଆହ୍ୱାନ ଦିଆଯାଇଛି।

## ନାଟକରେ ସଡ଼କ ସୁରକ୍ଷା ସଚେତନତା

କଟକ,୬।୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ କମିଶନରେଟ୍ ପୋଲିସ, ସଡ଼କ ପରିବହନ ବିଭାଗ ଏବଂ ସାମାଜିକ ଅନୁଷ୍ଠାନ କାର୍ସ (କମନ୍ ଆକ୍ସନ ଫର୍ ରୋଡ ସେଫ୍ଟି) ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ସ୍ଥାନୀୟ ଦରଖାପାଟଣା ଦୁର୍ଗା ମଣ୍ଡପ ସମ୍ମୁଖରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ସୁଜିତ୍ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ପରିବହନ ଅଧିକାରୀ ସଞ୍ଜୟ ବେହେରା, ଟ୍ରାଫିକ ଏସିପି ସୁଶାନ୍ତ ସିଂହ, କର୍ପୋରେଟର ଅରବିନ୍ଦ ଜେନା, ସୌଭାଗିନୀ ଜେନାଙ୍କ ସମେତ ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକ ଯୋଗଦେଇ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେବା ସହ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକଙ୍କୁ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଟକ ଅଟୋ ମହାସଂଘର କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ମହିଳାମାନେ ଉପସ୍ଥିତ ଥିଲେ। କଳାକାରମାନେ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ।

ସେହିପରି ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଚଣ୍ଡୀମନ୍ଦିରସ୍ଥିତ ଟ୍ରାଫିକ ପୋଷ୍ଟରେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ଯାତ୍ରୀଙ୍କୁ ଟ୍ରାଫିକ ନିୟମ ସମ୍ବନ୍ଧରେ ଅବଗତ କରାଇଛନ୍ତି। ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଯୋଗମାୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଷ୍ଠାର ସହ କାର୍ଯ୍ୟ କରିବାକୁ ଗୁରୁତ୍ୱ



### ଶିକ୍ଷାନବିଶ ଦେୱାନୀ ନ୍ୟାୟାଧୀଶଙ୍କ ଦୀକ୍ଷାନ୍ତ ସମାରୋହ

କଟକ,୬।୧ (କାର୍ତ୍ତିକ ସାହୁ)

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀର ମୁଖ୍ୟ ବିଚାରପତି ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ଶନିବାର ସନ୍ଧ୍ୟାରେ ୨୦୨୧ ବ୍ୟାଚ୍‌ର ୪୮ ଜଣ ଶିକ୍ଷାନବିଶ ଦେୱାନୀ ନ୍ୟାୟାଧୀଶଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ଓଡ଼ିଶା ଜୁଡିସିଆଲ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳତାର ସହିତ ୧ ବର୍ଷ ତାଲିମ ସମାପ୍ତ କରିଥିବା ଶିକ୍ଷାନବିଶ ଦେୱାନୀ ନ୍ୟାୟାଧୀଶମାନଙ୍କୁ ଶପଥପାଠ କରାଇଥିଲେ। ନିଷ୍ଠାର ସହିତ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଦେୱାନୀ ନ୍ୟାୟାଧୀଶମାନଙ୍କୁ ସାର୍ଟିଫିକେଟ, ପଦକ, ମାନପତ୍ର ଓ ରୋଜେସ ଇନ୍ ବହି ପ୍ରଦାନ କରିଥିଲେ। ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ ଓ ତାଲିମ ସମିତିର ଅଧ୍ୟକ୍ଷ ଦେବବ୍ରତ ଦାଶ ସ୍ୱାଗତ ଭାଷଣ, ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ସମାରୋହରେ ହାଇକୋର୍ଟ ବିଚାରପତି, ଅଧିକାରୀଙ୍କ ସମେତ ଆମନ୍ତ୍ରିତ ଦେୱାନୀ ନ୍ୟାୟାଧୀଶଙ୍କ ପରିବାର ସଦସ୍ୟ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଓଡ଼ିଶା ଜୁଡ଼ିସିଆଲ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦ ସଭା ପରିଚାଳନା, ଉପ ନିର୍ଦ୍ଦେଶିକା ସ୍ୱପ୍ନା ସାଗରିକା ମିଶ୍ର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିବାବେଳେ ସହନିର୍ଦ୍ଦେଶକ ମାନସ ରଞ୍ଜନ ପ୍ରଧାନଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

## ଫେବୃଆରୀ ପ୍ରଥମ ସପ୍ତାହ ସୁଦ୍ଧା କାର୍ଯ୍ୟ ଶେଷକର

### ବକ୍ସଡ୍ରେନ୍ କାର୍ଯ୍ୟ ସମୀକ୍ଷା କଲେ ନଗର ଉନ୍ନୟନ ସଚିବ

■ ଉଭୟ ପାର୍ଶ୍ୱରେ ହେବ ଫୁଟପାଥ୍, ସାଇକ୍ଲିଂ ଟ୍ରାକ୍, ପାର୍କିଂସ୍ଥଳ

କଟକ,୬।୧ (କାର୍ତ୍ତିକ ସାହୁ)

କଟକ ସହରରେ ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନାନ୍ ଶନିବାର ଅପରାହ୍ନରେ ବକ୍ସଡ୍ରେନ୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷକରି ବକ୍ସିବଜାର, ବଜ୍ରକବାଟି, ଗହ୍ଲାଡିଆ, ଫ୍ରେଣ୍ଡ୍‌ସ କଲୋନୀ ଓ ପ୍ରଫେସରପଡ଼ା ଅଞ୍ଚଳରେ ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀଙ୍କ ସହିତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହ ସୁଦ୍ଧା ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବାରପଥର ଓ ବଜ୍ରକବାଟି ରୋଡ୍‌ଠାରେ ନିର୍ମାଣ ହେଉଥିବା କଲ୍‌ଭର୍ଟ କାର୍ଯ୍ୟ ଅନୁଧ୍ୟାନ କରି ତୁରନ୍ତ ଶେଷ କରିବାକୁ କହିଥିଲେ। ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ସେ ଯନ୍ତ୍ରୀମାନଙ୍କୁ କହିଥିଲେ।

୨.୮କିଲୋମିଟର ବ୍ୟାପୀ ନିର୍ମାଣାଧୀନ ଏହି ବକ୍ସଡ୍ରେନ୍ ଉପରେ ମେରିଆବଜାରଠାରେ କଲ୍‌ଭର୍ଟ କାମ ଶେଷ ହୋଇଛି। ତେଣୁ ବକ୍ସିବଜାର, ବଜ୍ରକବାଟିରେ ଥିବା କଲ୍‌ଭର୍ଟ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଶେଷ କରିବାକୁ ସଚିବ ମାଥିଭାଥାନାନ୍ ଉପସ୍ଥିତ ଅଧିକାରୀ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଓ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସେ ସିଡିଏ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହ ଏକ ବୈଠକ କରିଥିଲେ। ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟର ଅଗ୍ରଗତି, ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ୨.୮ କିଲୋମିଟର ଲମ୍ବ ଓ ୯.୫ ମିଟର ଚଉଡ଼ା ବକ୍ସଡ୍ରେନ୍ ଉପରେ ରାସ୍ତା ନିର୍ମାଣ ହେବା ସମ୍ପର୍କରେ ମଧ୍ୟ ସଚିବ ଆଲୋଚନା କରିଥିଲେ।

ସେହିପରି ବକ୍ସଡ୍ରେନ୍‌ର ଉଭୟ ପାର୍ଶ୍ୱରେ ଫୁଟ୍‌ପାଥ୍, ସାଇକ୍ଲିଂ ଟ୍ରାକ୍, ମେଡିଆନ୍ସ, ପାର୍କିଂ ଜାଗା ଓ ବୃକ୍ଷରୋପଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୱାଟ୍‌କୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁ, ୱାଟ୍‌କୋର ଡ୍ରେନେଜ୍ ଓ ସ୍ୱେରେଜ୍ ବିଭାଗର ପରିଚାଳକ ବିଜୟ କୁମାର ପଣ୍ଡା, ୱାଟ୍‌କୋ ଡ୍ରେନେଜ୍ ବିଭାଗ ଜି.ଏମ୍. ଅଚ୍ୟୁତାନନ୍ଦ ବେହେରା, ପରିଚାଳକ ଦେବବ୍ରତ ମହାନ୍ତି, ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜାଇକା କାର୍ଯ୍ୟ ପାଇଁ ଗଠନ କରାଯାଇଥିବା ସଂସ୍ଥାକୁ ରାଜ୍ୟ ସରକାର ଭାଙ୍ଗିଦେବା ପରେ ସିଏମ୍‌ସି କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ୱାଟ୍‌କୋ ପକ୍ଷରୁ ଜାରି ରହିଛି।


ନଗର ଉନ୍ନୟନ ସଚିବ ବକ୍ସଡ୍ରେନ୍ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଜନ୍ମଦିନର ଶୁଭେଚ୍ଛା




**ସାହିଲ୍ ଶେଖର ଜେନା (ସିପୁ)**
ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆଜି ତୁମର ୨୪ତମ ଜନ୍ମଦିନ ଅବସରରେ ଜଗତରନାଥ ପ୍ରଭୁ ଜଗନ୍ନାଥ ତୋର ଚଳାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ପାପା, ମାମି, ସାଙ୍ଗସାଥୀମାନେ ।
ଧ-୭୫୦୯୩



## ନିରୁଦ୍ଦିଷ୍ଟ



ଭୁବନେଶ୍ୱର ୨୨।୧୧ କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୁଳାନ୍ଦଳ ଗ୍ରାମର ବାବାଜୀ ସାହୁ, ବୟସ-୫୫ବର୍ଷ, ରଙ୍ଗ-ଶ୍ୟାମଳ, ଉଚ୍ଚତା- ୫ଫୁଟ ୫ଇଞ୍ଚ, ପତଳା ସ୍ୱାସ୍ଥ୍ୟ, ନିଜ ଗ୍ରାମରେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ସାମାନ୍ୟ କଥାକୁ ନେଇ ରାଗରେ ଘରୁ ଚାଲି ଆସିଛନ୍ତି। ଭୁବନେଶ୍ୱରରେ ଥିବା ତାଙ୍କ ପୁତ୍ର ବାବୁଲି ସାହୁ କହିଛନ୍ତି, ଯଦି କୌଣସି ସହୃଦୟ ବ୍ୟକ୍ତି ବାବାଜୀଙ୍କ ପରିଚୟ ପାଆନ୍ତି, ତେବେ ଦୟାକରି ମୋ: ୯୩୩୭୨୨୪୭୫୫, ୯୭୭୮୨୩୩୫୨୯ରେ ଜଣାଇବାକୁ ଅନୁରୋଧ।
ଧ-୨୧୯୪


# କ୍ରାଲ୍ ଭାଙ୍ଗିଲା ବୌଦ୍ଧରୁ ଆସିଥିବା ଦନ୍ତା ହାତୀ

**ଢେଙ୍କାନାଳ,୬।୧(ରତନ ନାୟାର)**

ବୌଦ୍ଧ ଜିଲାରେ ଆତଙ୍କ ସୃଷ୍ଟି କରିଥିବା ଏକ ଦନ୍ତା ହାତୀକୁ ଶନିବାର ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଛି। ହେଲେ ଏଠାରେ ପହଞ୍ଚିବା ପରେ ଉକ୍ତ ଦନ୍ତା କ୍ରାଲ୍ (ଶକ୍ତ କାଠ ଘର) ଭାଙ୍ଗିବା ସହ ପରିବେଶକୁ ଏକପ୍ରକାର ଆତଙ୍କିତ କରି ରଖିଛି। ଫଳରେ ବନ କର୍ମଚାରୀମାନେ ହାତୀ ଉଦ୍ଧାର କେନ୍ଦ୍ରରେ ଉକ୍ତ ହାତୀକୁ ଜଗି ରହିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ବୌଦ୍ଧ ଜିଲାରେ ଲୋକଙ୍କୁ ଆକ୍ରମଣ କରିବା, ଫସଲ ନଷ୍ଟ କରିବା ଓ ଘର ଭାଙ୍ଗି ଆତଙ୍କ ସୃଷ୍ଟି କରିଥିବା ଏହି ୩୦ରୁ ୩୦ ବର୍ଷର ଦନ୍ତା ହାତୀକୁ ରାଜ୍ୟ ବନବିଭାଗ ଉଚ୍ଚ

**କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ଜଗି ରହିଛନ୍ତି ବନ କର୍ମଚାରୀ**



ବୌଦ୍ଧରୁ ଦନ୍ତା ହାତୀକୁ ହାଇୱାରେ କପିଳାସ ଅଣାଯାଉଛି।

କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି କ୍ରମେ ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ର ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଛି। ଏଠାରେ ତାହାର ବ୍ୟବହାର ପରିବର୍ତ୍ତନ ଦିଗରେ ଉଦ୍ୟମ କରାଯିବ। ଶୁକ୍ରବାର ସନ୍ଧ୍ୟା ୬ଟାରେ ଉକ୍ତ ହାତୀକୁ ଟ୍ରାଙ୍କୁଲାଇଜ କରି ଏକ ହାଇୱା ଯୋଗେ କପିଳାସ ଅଭିମୁଖେ ଅଣାଯାଇଥିଲା। ବାଟରେ ହାତୀଟି ଗାଡ଼ିରୁ ଗୋଡ କାଢ଼ି ଦେଉଥିବାରୁ ବନ କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ପ୍ରାଣୀ ଉଦ୍ୟାନ ପରିସରରେ ପହଞ୍ଚିବା ପରେ ଅଧଘଣ୍ଟା ପାଇଁ ପ୍ରାଣୀ ଉଦ୍ୟାନକୁ ବନ୍ଦ ରଖାଯାଇଥିଲା। ଏହାପରେ ତାକୁ ହାତୀ ଉଦ୍ଧାର କେନ୍ଦ୍ର ପରିସରରେ ଥିବା କ୍ରାଲ୍ ଭିତରେ ରଖାଯାଇଥିଲା। ଚାରିଗୋଡକୁ ଚେନ୍ ଦ୍ୱାରା ବନ୍ଧାଯାଇଥିଲା। ଏହାସତ୍ତ୍ୱେ ଟ୍ରାଙ୍କୁଲାଇଜ ପ୍ରଭାବରେ ହାତୀଟି କ୍ରାଲ୍‌ର ୩ଟି କାଠକୁ ଭାଙ୍ଗି ଦେଇଥିଲା। ଏହାକୁ ଦେଖି ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, କ୍ରାଲ୍‌ରେ ହାତୀକୁ ରଖାଯାଇ ବ୍ୟବହାର ଉପରେ ନଜର ରଖାଯିବ। ବ୍ୟବହାରରେ ପରିବର୍ତ୍ତନ ଆସିବା ନେଇ ଅନୁଭବ ହେଲେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଲକ୍ଷ୍ୟସ୍ଥଳରେ...

ପ୍ରଥମ ପୃଷ୍ଠାରୁ...

କୌଣସି ପ୍ରଚ୍ଛାଦନ କିମ୍ବା ଗ୍ରହଣରେ ସୂର୍ଯ୍ୟଙ୍କୁ କ୍ରମାଗତ ଦେଖିପାରିବ। ଫଳରେ ସୌର କାର୍ଯ୍ୟକଳାପ ଏବଂ ରିଅଲ ଟାଇମ୍‌ରେ ମହାକାଶ ଜଳବାୟୁ ଉପରେ ସେଗୁଡ଼ିକର ପ୍ରଭାବ ଅନୁଧ୍ୟାନ କରିବାରେ ସୁବିଧା ହେବ। ଭାରତ ପ୍ରଥମ ଉଦ୍ୟମରେ ଆଦିତ୍ୟ-ଏଲ୍‌୧କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଇତିହାସ ସୃଷ୍ଟି କରିଛି। ଅତ୍ୟନ୍ତ ଜଟିଳ ମହାକାଶ ମିଶନକୁ ବୁଝିବାରେ ଆମ ବୈଜ୍ଞାନିକମାନଙ୍କ ଅବିଶ୍ରାନ୍ତ ସମର୍ପଣର ଏହା ପ୍ରମାଣ ବୋଲି ପ୍ରଧାନମନ୍ତ୍ରୀ ମାଇକ୍ରୋ-ବ୍ଲଗିଂ ସାଇଟ୍ ଏକ୍ସ'ରେ ପୋଷ୍ଟ କରିଛନ୍ତି।

୨୦୨୩ ସେପ୍ଟେମ୍ବର ୨ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକିଲ୍ (ପିଏସ୍‌ଏଲ୍‌ଭି-ସି୫୭) ଆଦିତ୍ୟ-ଏଲ୍‌୧କୁ ନେଇ ସୂର୍ଯ୍ୟ ଅଭିମୁଖେ ଯାଇଥିଲା। ୬୩ ମିନିଟ୍ ୨୦ ସେକେଣ୍ଡ ପରେ ଏହା ପୃଥିବୀର ୨୩୫x୧୯,୫୦୦ କିଲୋମିଟର ଅଣ୍ଡାକୃତି କକ୍ଷପଥରେ ସଫଳତାର ସହ ଅବସ୍ଥାପିତ ହୋଇଥିଲା। ପରେ ଅନେକ ଥର କକ୍ଷ ଉତ୍ଥାନ ପରେ ଏହା ପୃଥିବୀର ପ୍ରଭାବ ବଳୟରୁ ମୁକ୍ତ ହୋଇ ଏଲ୍‌୧ ପଏଣ୍ଟ ଅଭିମୁଖେ ଯାତ୍ରା କରିଥିଲା। ସୂର୍ଯ୍ୟଙ୍କ ଫଟୋସ୍ଫିୟର, କ୍ରୋମୋସ୍ଫିୟର ଏବଂ ବାହ୍ୟସ୍ତର ଉପରେ ଅନୁଧ୍ୟାନ ପାଇଁ ଆଦିତ୍ୟ-ଏଲ୍‌୧ରେ ୭ଟି ପେ'ଲୋଡ୍ ରହିଛି। ଏଲ୍‌୧ ପଏଣ୍ଟରୁ ୪ଟି ପେ'ଲୋଡ୍ ସିଧାସଳଖ ସୂର୍ଯ୍ୟଙ୍କୁ ଅନୁଧ୍ୟାନ କରିବାକୁ ଥିବାବେଳେ ଅନ୍ୟ ୩ଟି ପେ' ଲୋଡ୍ ସେଠାର କଣିକା ଓ କ୍ଷେତ୍ରଗୁଡ଼ିକ ଉପରେ ବାସ୍ତବ ସ୍ଥାନରୁ ଅଧ୍ୟୟନ କରିବ। ଫଳରେ ଆନ୍ତଃଗ୍ରହ ମାଧ୍ୟମରେ ସୌର ଡାଇନାମିକ୍ସର ପ୍ରଭାବ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ଅଧ୍ୟୟନ ସମ୍ପର୍କରେ ଜଣାଇବ ବୋଲି ଇସ୍ରୋ କହିଛି।

# ସିକିମ ସ୍ୱତ୍ୱ ସମସ୍ୟାର ସ୍ଥାୟୀ ସମାଧାନ

**ଭୁବନେଶ୍ୱର,୬।୧(ଅନିଲ ଦାସ)**

- **ଜିଲାକୁ ପଠାଗଲା ଗାଇଡ୍‌ଲାଇନ**
- **୨୬ ଜିଲାର ୨ ଲକ୍ଷ ୫୦ ହଜାର ରୟତ ଉପକୃତ ହେବେ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ସମୟରେ ଲୋକମାନଙ୍କଠାରୁ ସିକିମ ସ୍ୱତ୍ୱ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ନିବେଦନପତ୍ର ପ୍ରାପ୍ତ ହୋଇଥିଲା। ଏହିସବୁ ନିବେଦନପତ୍ରକୁ ଅନୁଧ୍ୟାନ କରି ସିକିମ ସ୍ୱତ୍ୱ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ ରାଜସ୍ୱ ଟାସ୍କଫୋର୍ସକୁ ପ୍ରେରଣ କରାଯାଇଥିଲା। ରାଜସ୍ୱ ଟାସ୍କଫୋର୍ସ ରାଜସ୍ୱ ଆୟୁକ୍ତ, ବିଭିନ୍ନ ଜିଲାର ଜିଲାପାଳ ଓ ରାଜସ୍ୱ ବିଭାଗର କାର୍ଯ୍ୟରତ ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ଓଡ଼ିଶା ଭୂ-ସଂସ୍କାର ଆଇନକୁ ସଂଶୋଧନ କରିବା ନିମନ୍ତେ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏ ସମ୍ବନ୍ଧରେ ବିସ୍ତୃତ ନିୟମାବଳୀ ଶନିବାର ସମସ୍ତ ଜିଲାପାଳ ଓ ରାଜସ୍ୱ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟରେ ୮୧,୫୨୪ ଖାତାରେ ପ୍ରାୟ ଏ୧,୨୩,୧୧୧ଡି. ଜମି ସିକିମ ଭାବରେ ରେକର୍ଡ ହୋଇଛି। ସିକିମ ଭାବରେ ରେକର୍ଡ ହୋଇଥିବା ଜମିକୁ ଦଖଲ କରୁଥିବା ବ୍ୟକ୍ତିମାନଙ୍କୁ ଉପ-ରୟତ କିମ୍ବା ଅଧସ୍ତନ-ରୟତ କୁହାଯାଏ। ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ ଅନୁସାରେ ସିକିମ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ମସିହା ପର୍ଯ୍ୟନ୍ତ ଥିଲା। ସମସ୍ତ ସିକିମ ଚାଷୀ ଏହି ସମୟ ଅବଧି ଭିତରେ ଆବେଦନ କରିପାରି ନ ଥିଲେ। ତେଣୁ ସିକିମ ଭାବରେ ରେକର୍ଡ ହୋଇଥିବା ଜମିକୁ ଦଖଲ କରୁଥିବା ଉପ-ରୟତ କିମ୍ବା ଅଧସ୍ତନ-ରୟତ ଅଥବା ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ସେହି ଜମି ଉପରେ ରୟତି ଅଧିକାର ଦେବା ପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ର ଆବଶ୍ୟକ ସଂଶୋଧନ ବିଧାନସଭା ଦ୍ୱାରା ପାରିତ ହୋଇ ବିଧି ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ହୋଇଛି। ଯାହାଫଳରେ ସିକିମ ଜମିକୁ ଚାଷ ଓ ବାସଗୃହ ଭାବେ ବ୍ୟବହାର କରୁଥିଲେ, ସେହି ଜମିରେ ରୟତି ଅଧିକାର ପାଇବା ପାଇଁ ଦୁଇ ବର୍ଷ ମଧ୍ୟରେ ରାଜସ୍ୱ ଅଧିକାରୀଙ୍କ ନିକଟରେ ସମ୍ପୃକ୍ତ ଚାଷୀମାନେ ଆବେଦନ କରିପାରିବେ। ରାଜସ୍ୱ ଅଧିକାରୀ ଆଦେଶନାମା ଜାରି କଲାବେଳେ ଷ୍ଟାଣ୍ଡାର୍ଡ ଏକର ପିଛା ୧୪,୨୦୦ ଟଙ୍କା ହିସାବରେ କ୍ଷତିପୂରଣ ସ୍ଥିର କରିବେ। ଏହି କ୍ଷତିପୂରଣ ଟଙ୍କା ଉପ-ରୟତ କିମ୍ବା ଅଧସ୍ତନ-ରୟତ ଅଥବା ସେମାନଙ୍କର ଉତ୍ତରାଧିକାରୀମାନେ ସିକିମ ଜମିର ମୂଳ ରୟତଙ୍କୁ କିମ୍ବା ଉତ୍ତରାଧିକାରୀମାନଙ୍କୁ ପ୍ରଦାନ କରିବେ। ଏହି କ୍ଷତିପୂରଣ ରାଶିର ପରିମାଣ ସରକାର ସମୟାନୁକ୍ରମେ ପରିବର୍ତ୍ତନ କରିପାରନ୍ତି। ଏହାପରେ ଏହି ସିକିମ ଜମି ଉପରେ ଉପ-ରୟତ କିମ୍ବା ଅଧସ୍ତନ-ରୟତ ଅଥବା ସେମାନଙ୍କର ଉତ୍ତରାଧିକାରୀମାନେ ରୟତ ଭାବରେ ଘୋଷିତ ହେବେ ଏବଂ ଉକ୍ତ ଜମି ଉପରେ ସେମାନଙ୍କର ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ପ୍ରାପ୍ତି ହେବ। ଏହି ସଂଶୋଧନ ଫଳରେ ଓଡ଼ିଶାର ୨୬ ଜିଲାର ପ୍ରାୟ ୨ଲକ୍ଷ ୫୦ ହଜାର ରୟତ ଓ ସେମାନଙ୍କ ଉତ୍ତରାଧିକାରୀ ଉପକୃତ ହେବେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱବିଶ୍ୱନାଥ ଧଳ**
ଗ୍ରା: ତେନ୍ତୁଳିପଦୀ, ହାଟଡିହୀ, କେନ୍ଦୁଝର
ତୁମ ଅମର ଆତ୍ମା ଖୁବ୍‌ଶୀଘ୍ର ଆମ ଗହଣରେ ଜନ୍ମ ନେଉ ଜଗଜ୍ଜନନୀ ମା'ଙ୍କ ଚରଣରେ ଏହି ପ୍ରାର୍ଥନା ।
ଶୋକସନ୍ତପ୍ତ: ବଡ଼ଭାଇ: ଭାଗବତ, ପୁଅ: ସନା, ବନା, ବୋହୂ: ରୋଜି, ବନି, ଝିଅ: ସୌଦାମିନୀ, ମଞ୍ଜୁ, ଜ୍ୱାଇଁ: ପର୍ଣ୍ଣ, ପୁତୁରା: ସୁଶାନ୍ତ, ଶ୍ରୀକାନ୍ତ, ପୁତୁରାବୋହୂ ଓ ନାତି, ନାତୁଣୀ ।
ଧ-୨୧୮୮

**ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚୈତନ୍ୟ ବରାଳ**
(ଅବସରପ୍ରାପ୍ତ ପୋଲିସ କର୍ମଚାରୀ)
ଆଳସରଙ୍ଗ, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ- ୦୧।୦୭।୧୯୩୧
ତିରୋଧାନ- ୨୮।୧୨।୨୦୨୩
ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ- ପତ୍ନୀ: କୁନ୍ତଳା, ପୁତ୍ର: ରଞ୍ଜନ, ନିରଞ୍ଜନ, ବିଜୟ, ବିଚିତ୍ରାନନ୍ଦ; ପୁତ୍ରବଧୂ, ନାତି, ନାତୁଣୀ, ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ ।
ଧ-୭୬୭୬୧



# Classified Everyday
**0674-2580101, 2549949**



MATRIMONIAL

## BRIDE WANTED

Beautiful Khandayat Girl/ 28/ OAS Officer/ Bhubaneswar. 'SUHAG'. 9938199964, 9090486408. D-2165

Suitable Karan/ Khandayat Girl for MBA Boy (Business), Age-36, settle in Bhubaneswar. Contact: 9861074921. D-2160

For Hindu MBBS Doctor boy, 41, bride relocate Maharashtra, call 8329865948, 8378050149. D-2184

## GROOM WANTED

58 ବୟସ୍କା Retd. କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735426. D-2201

Sambalpur-Based Bengali Kayastha girl 26/5'4 MBA-KIIT in US-MNC-Bglr seeks Bengali general boy MBA 9889031493. D-2200

Wanted qualified Odia Groom of any caste Service/Business 35-40Yrs. for a beautiful bride Ph.D. continue Bhubaneswar. 8917585202. D-74315

61 ବୟସ୍କା Retd. କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ।(Urgent need). (9040735429). D-2202



REAL ESTATE

## SALE

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ଗୃହପଯୋଗୀ ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ ମୌଜାରେ ୩୦ଫୁଟ୍ ରୋଡ୍ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495. D-2093

4BHK Duplex RERA BMC approved at Hanspal. Gharabari Plots at Gudiapokhari, Rangabazar, Uttara, OEC. 8847887273. D-2198

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75092

ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ **readymade 2BHK flat,** ଉତ୍ତରା ଛକ ଓ ରଙ୍ଗବଜାର ପାଖରେ ପାଚେରି ଘରବାଡ଼ି ପ୍ଲଟ୍ ଓ ପୁରୀ ମଙ୍ଗଳାଘାଟ ଛକ **New Bus Stand** ପାଖରେ **29Dcml. commercial plot** ବିକ୍ରୟ ହେବ। **Only genuine buyer please call: 9438220432, 8144658008.** D-2187

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289




Two Rooms, Drawing, Dining, Kitchen in between Bypass- GGP Road. Contact- 8249484647. D-2195

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits SPA special offer @ 799 Bapuji Nagar. 8018429809. D-75183

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

Newly open Jyoti SPA positively health benefits (expert therapist). 8458067955. D-75182

Relax, refresh your body, mind by expert therapist. Contact: 8338800330. D-75181

**Ashirvaad Salon and SPA get good massage for your health tha best therapy. 7077181074.** D-75081

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**Asribadda Panchakarma herbal SPA, Kesharimall, Bhubaneswar. Contact: 8926173473.** D-75091

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

It is hereby inform that there are three nos of following mentioned original documents i.e 1-Original Sale Deed cum Certificate of Sale bearing No-11392300398 Dated 22.02.2012 by Sub-Registar Khandapada executed by Sambhunath Agarwal in favour of Rukmani Infra Projects Pvt Ltd in favour of Rashmita Swain, Mukta Swain and Lopamudra Sahoo. 2-Original ROR/Patta bearing Khatian No.-290/111 Dated 20.07.2012 from Tahasildar, Bhapur in the name of Rukmuni Infra Projects. 3-Original Registered Sale Deed No 11371005189 Dated 08.11.2010 by Sub-Registar, Nayagarh executed by Saroj Kumar Nayak, Manoj Kumar Nayak and Kumar Bharat Bhusan in favour of Rukmuni Infra Projects Private Limited represented through its Director Rajkishore Sahoo has been lost by me on dt 15.12.2023 at 11.30 am on the way,while coming from Nayagarh Bus Stand to my office SSC Pvt Ltd, Gadasahi,Fategarh, P.S-Fategarh Dist.-Nayagarh-752063. If found I request to handover me and not to misuse.
Sd./- Siba Prasad Jena
Mob-9556575499
D-2203

## LEGAL NOTICE

ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, ନୟାଗଡ଼, ସି.ଏସ୍.କେସ୍ ନମ୍ବର-୩୧୮/୨୦୨୩
ମୁସ୍ତାକ ମଲ୍ଲିକ ଆଣ୍ଡ ଅଦର୍ସ
......ବାଦୀମାନେ
ବନାମ
ସଞ୍ଜୀବ କୁମାର ସୁବୁଦ୍ଧି ଆଣ୍ଡ ଅଦର୍ସ
.....ପ୍ରତିବାଦୀମାନେ
ନୋଟିସ
ଏତଦ୍ୱାରା ଅପରପକ୍ଷ ପ୍ରତିବାଦୀ ପ୍ରମୋଦ କୁମାର ତ୍ରିପାଠୀ, ପିତା- ମୃତ ଗଙ୍ଗାଧର ତ୍ରିପାଠୀ, ନୟାଗଡ଼ ମେନ ରୋଡ୍ ୱାର୍ଡ ନଂ.-୧୩, ପୋଷ୍ଟ/ଥାନା-ନୟାଗଡ଼, ପିନ୍-୭୫୨୦୬୯, ବର୍ତ୍ତମାନ ଠିକଣା- ଅରୟାଳୟ ଆପାର୍ଟମେଣ୍ଟ, ପ୍ଲଟ୍ ନଂ.-୪୫୫, ଲେନ୍-୨
ଅଜିତ ବାର ସାମ୍ନା, ସି.ଆର୍.ପି. ସ୍କୋୟାର, ନିୟର ଏଚ୍‌ଡିଏଫ୍.ସି. ବ୍ୟାଙ୍କ ନିକଟ, ପୋଷ୍ଟ- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍ ନଂ.-୭୫୧୦୧୨ଙ୍କୁ ଜଣାଇଦିଆଯାଉଛି ଯେ ଆପଣ ଏହି କେସ୍‌ରେ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ ଅଛନ୍ତି। ବାରମ୍ବାର ନୋଟିସ ସତ୍ତ୍ୱେ ଆପଣ ଅଦାଲତରେ ହାଜର ହେଉ ନଥିବାରୁ ଉକ୍ତ ମୋକଦ୍ଦମାଟିକୁ ଆସନ୍ତା ତା ୦୫।୦୨।୨୪ରିଖ ଦିବା ୧୦ଘଟିକା ୩୦ମିନିଟ୍ ସମୟକୁ ଧାର୍ଯ୍ୟ କରାଯାଇଛି। ଆପଣ ପ୍ରତିବାଦୀ ବ୍ୟକ୍ତିଗତ ଭାବେ କିମ୍ବା ଆପଣଙ୍କ ଓକିଲଙ୍କ ମାଧ୍ୟମରେ ଅଦାଲତରେ ହାଜର ହେବେ। ଏଥିରେ ଖିଲାପ କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ବରିଷ୍ଠ ଦେୱାନୀ ଜଜ୍, ନୟାଗଡ଼
ଧ-୨୭୬୭

ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, ନୟାଗଡ଼, ଆଇ.ଏ.- ୧୦୩/୨୦୨୩, (ସି.ଏସ୍.କେସ୍ ନମ୍ବର-୩୧୮/୨୦୨୩)
ମୁସ୍ତାକ ମଲ୍ଲିକ ଆଣ୍ଡ ଅଦର୍ସ
......ବାଦୀମାନେ
ବନାମ
ସଞ୍ଜୀବ କୁମାର ସୁବୁଦ୍ଧି ଆଣ୍ଡ ଅଦର୍ସ
.....ପ୍ରତିବାଦୀମାନେ
ନୋଟିସ
ଏତଦ୍ୱାରା ଅପରପକ୍ଷ ପ୍ରତିବାଦୀ ପ୍ରମୋଦ କୁମାର ତ୍ରିପାଠୀ, ପିତା- ମୃତ ଗଙ୍ଗାଧର ତ୍ରିପାଠୀ, ନୟାଗଡ଼ ମେନ୍ ରୋଡ୍, ୱାର୍ଡ ନଂ.-୧୩, ପୋଷ୍ଟ/ଥାନା-ନୟାଗଡ଼, ପିନ୍-୭୫୨୦୬୯, ବର୍ତ୍ତମାନ ଠିକଣା- ଅରୟାଳୟ ଆପାର୍ଟମେଣ୍ଟ, ପ୍ଲଟ୍ ନଂ.-୪୫୫, ଲେନ୍-୨
ଅଜିତ ବାର ସାମ୍ନା, ସି.ଆର୍.ପି. ସ୍କୋୟାର, ନିୟର ଏଚ୍‌ଡିଏଫ୍.ସି. ବ୍ୟାଙ୍କ ନିକଟ, ପୋଷ୍ଟ- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୧୨ଙ୍କୁ ଜଣାଇଦିଆଯାଉଛି ଯେ ଆପଣ ଏହି କେସ୍‌ରେ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ ଅଛନ୍ତି। ବାରମ୍ବାର ନୋଟିସ ସତ୍ତ୍ୱେ ଆପଣ ଅଦାଲତରେ ହାଜର ହେଉ ନଥିବାରୁ ଉକ୍ତ ମୋକଦ୍ଦମାଟିକୁ ଆସନ୍ତା ତା ୦୫।୦୨।୨୪ରିଖ ଦିବା ୧୦ଘଟିକା ୩୦ ମିନିଟ୍ ସମୟକୁ ଧାର୍ଯ୍ୟ କରାଯାଇଛି। ଆପଣ ପ୍ରତିବାଦୀ ବ୍ୟକ୍ତିଗତ ଭାବେ କିମ୍ବା ଆପଣଙ୍କ ଓକିଲଙ୍କ ମାଧ୍ୟମରେ ଅଦାଲତରେ ହାଜର ହେବେ। ଏଥିରେ ଖିଲାପ କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ବରିଷ୍ଠ ଦେୱାନୀ ଜଜ୍, ନୟାଗଡ଼
ଧ-୨୧୯୭

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ଏସିଆନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ହେଡକ୍ୱାର୍ଟର ........ ଠାରେ ଆବସ୍ଥିତ ?
୨– ଇଣ୍ଟରନ୍ୟାଶନାଲ୍ ସିଭିଲ୍ ଆଭିଏଶନ୍ ଡେ' ............ ତାରିଖରେ ପାଳନ କରାଯାଏ ?
୩– ଭାରତ ୧୯୭୫ ମସିହାରେ .............. ବିପକ୍ଷରେ ପ୍ରଥମ ୱାନ୍ ଡେ' ଇଣ୍ଟରନ୍ୟାଶନାଲ୍ ମ୍ୟାଚ୍ ଖେଳିଥିଲା ?
୪– 'ଇର୍‌ଫାନ୍ ଖାନ୍: ଏ ଲାଇଫ୍ ଇନ୍ ମୁଭିଜ୍' ପୁସ୍ତକର ଲେଖକ .......... ?
୫– ଭାରତର ପ୍ରଥମ ଟେଷ୍ଟ କ୍ୟାପେଟନ୍ .............. ?

## ଗତ ସପ୍ତାହର ଉତ୍ତର

୧ ଭାରତ
୨ ଜାଭିଅର୍ ମିଲେଇ
୩ ଫାତିମା ୱାଶିମ୍
୪ କର୍ନାଟକ
୫ ମାନ୍‌ସୀ ଗୁଲାଟି

## ଉତ୍ତରଦାତା


ସୁନୀଲ ବେହେରା, ବ୍ରହ୍ମପୁର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

# ଚାଷମୁହାଁ ଯୁବପିଢ଼ି



**ଆଜିର ଯୁବପିଢ଼ି ଚାକିରି ପାଇଁ ଅନେକ କଷ୍ଟ କରୁଛନ୍ତି। ସଫଳ ହେବା ଲାଗି କିଏ ବର୍ଷ ବର୍ଷ କୋଚିଂ ନେଉଥିବା ବେଳେ କିଏ ଅଧିକ ଦରମା ଆଶାରେ ରାଜ୍ୟ ତଥା ଦେଶ ବାହାରକୁ ଯିବାକୁ ବି ପଛାଉନାହାନ୍ତି। ହେଲେ ଏମିତି ବି କିଛି ଯୁବପିଢ଼ି ଅଛନ୍ତି, ଯେଉଁମାନେ ଚାକିରି ପଛରେ ନ ଧାଇଁ ଉଚ୍ଚଶିକ୍ଷିତ ହୋଇ ମଧ୍ୟ ପେସା ଭାବେ ବାଛି ନେଇଛନ୍ତି ଚାଷ କାର୍ଯ୍ୟକୁ। ଆଉ ନିଜେ ଭଲ ଅର୍ଥ ଉପାର୍ଜନ କରିବା ସହ ଅନ୍ୟମାନଙ୍କୁ ବି ଦେଇପାରିଛନ୍ତି ରୋଜଗାରକ୍ଷମ ହେବାର ସୁଯୋଗ...**

### ଅନ୍ୟକୁ ରୋଜଗାରକ୍ଷମ କରାଇ ବହୁତ ଖୁସି

ଗୋଟେପଟେ ଚାଷୀ ଚାଷ କାମ ଛାଡ଼ି ଚାକିରି ପାଇଁ ରାଜ୍ୟ ବାହାରକୁ ଯାଉଥିବା ବେଳେ ଅନ୍ୟପଟେ କେତେକ ଉଚ୍ଚଶିକ୍ଷିତ ଯୁବଗୋଷ୍ଠୀ ଚାକିରି ଛାଡ଼ି ଚାଷକୁ ଆପଣାଉଛନ୍ତି। ଆଧୁନିକ ପ୍ରଣାଳୀରେ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଯୋଗାଇବାକୁ ଇଚ୍ଛାପ୍ରକାଶ କରୁଛନ୍ତି। ଏଭଳି ଜଣେ ଯୁବ ଚାଷୀ ହେଲେ ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଅମ୍ଲାଭଟା ଗ୍ରାମର



ସତ୍ୟ ପ୍ରବୀଣ। ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେଶନରେ ବି.ଟେକ୍ କରି ସେ ବିଭିନ୍ନ ବଡ଼ କମ୍ପାନୀରେ କାମ କରିଛନ୍ତି। ମାଲେସିଆର ଏକ ଘରୋଇ କମ୍ପାନୀରେ କାମ କରି ଭଲ ଦରମା ମଧ୍ୟ ପାଉଥିଲେ। ହେଲେ ଦେଶ ବାହାରେ କାମ କରିବା ବଦଳରେ ଗାଁରେ ଚାଷ କରି ଅନ୍ୟ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସକାଶେ ସେ ଚିନ୍ତା କରି ଗାଁକୁ ଫେରିଥିଲେ। ଏବେ ସେ ଆତ୍ମନିର୍ଭରଶୀଳ ହେବା ସହ ୪୦ ଜଣଙ୍କୁ କାମ ଯୋଗାଇ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି। ପାରମ୍ପରିକ ଚାଷ ବଦଳରେ ସେ ଆଧୁନିକ ଚାଷ ପ୍ରଣାଳୀକୁ ଆପଣାଇ ସଫଳତା ପାଇଛନ୍ତି। ସତ୍ୟ ପ୍ରବୀଣଙ୍କ ବାପା କପା ଏବଂ ପାମ୍ ଅଏଲ ଚାଷ କରି ସତ୍ୟ ପ୍ରବୀଣଙ୍କ ସମେତ ଅନ୍ୟ ୨ ପୁଅଙ୍କୁ ଉଚ୍ଚ ଶିକ୍ଷିତ କରାଇଛନ୍ତି। ଏବେ ସେ ବାପାଙ୍କ ପଥକୁ ଅନୁସରଣ କରିଛନ୍ତି। ସେ କୁହନ୍ତି, ପ୍ରଥମେ ଚାକିରି ଛାଡ଼ି ଚାଷ କରିବା ନିଷ୍ପତ୍ତିକୁ ମୋ ପରିବାର ଲୋକ ଗ୍ରହଣ କରି ନ ଥିଲେ। ହେଲେ ଇଚ୍ଛାଶକ୍ତି ଏବଂ ନିଷ୍ଠା ବଳରେ ସଫଳ ହେବା ପରେ ପରିବାର ବେଶ୍ ଖୁସି ଅଛନ୍ତି। ଜମି ଲିଜ୍‌ରେ ନେଇ ୧୦ ଏକର ଜମିରେ ଫୁଲକୋବି, ୬ ଏକର ଜମିରେ ଲେମନ ଗ୍ରାସ୍, ସାଢ଼େ ୩ ଏକରରେ ଟମାଟୋ


ସତ୍ୟ ପ୍ରବୀଣ

ଲଗାଇଛି। ପାରମ୍ପରିକ ବର୍ଷାଜଳ ଉପରେ ନିର୍ଭର ନ କରି ବୋର୍‌ୱେଲରୁ ପାଇପ୍ ଦ୍ୱାରା ସିଧାସଳଖ ଡ୍ରିପ୍ ଜଳସେଚନ ମାଧ୍ୟମରେ ଚାଷ କରୁଛି। ଏହାଦ୍ୱାରା ବାଟରେ ପାଣି ଅପଚୟ ମଧ୍ୟ ହେଉନାହିଁ। ତେବେ ମୋର ଏହି କାର୍ଯ୍ୟ ଦ୍ୱାରା ଯୁବଗୋଷ୍ଠୀ ଉତ୍ସାହିତ ହୋଇ ଆଗେଇ ଆସୁଥିବାରୁ ଭାରି ଖୁସି ଲାଗୁଛି।

## ଆତ୍ମନିର୍ଭର କରାଇଛି ସୁନାର ଫସଲ

ଯୁବସମାଜ ଚାଷ କାର୍ଯ୍ୟରୁ ମୁହଁ ଫେରାଉଥିବା ବେଳେ ଦୁଇ ଭାଇ ଉଚ୍ଚ ଶିକ୍ଷା ଲାଭ ପରେ ଚାଷକାର୍ଯ୍ୟକୁ ଆପଣାଇ ସଫଳ ଚାଷୀ ହୋଇପାରିଛନ୍ତି। ଚାକିରି ପଛରେ ଗୋଡ଼ାଇବା ପରିବର୍ତ୍ତେ ନିଜ ବିଲରେ ଚାଷ କରି ସ୍ୱାବଲମ୍ବୀ ହେବା ସହ ଅନ୍ୟ ପାଇଁ ପାଲଟିଛନ୍ତି ପ୍ରେରଣାର ଉତ୍ସ। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ସାନବାଡ଼ ଗ୍ରାମର ଦୁଇଭାଇ ଅଶୋକ ସାହୁ ଓ ଅରୁଣ ସାହୁ। ନିଜର ନିଷ୍ଠା ଏବଂ କଠିନ ପରିଶ୍ରମ ବଳରେ ଟାଙ୍ଗରା ଜମିରେ ସୁନାର ଫସଲ କରିଛନ୍ତି। ତାଙ୍କ ଉଦ୍ୟମରେ ଏବେ ଓଡ଼ିଶା ମାଟିରେ ଫଳୁଛି ଥାଇଲାଣ୍ଡର କୋଳି। ଏହି ଚାଷ କରି ଦୁଇ ଭାଇ ଲାଭାନ୍ୱିତ ହେବା ସହ ଜଣେ ସଫଳ ଯୁବ ଚାଷୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। "କଥାରେ ଅଛି ଇଚ୍ଛା ଥିଲେ ସଫଳତା ଆପେ ମିଳିଥାଏ ଏବଂ କଷ୍ଟ କଲେ କୃଷ୍ଣ ମିଳେ''। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ଏହି ଦୁଇ ଭାଇ। ପାଠପଢ଼ା ସରିବା ପରେ ଦୁହେଁ ପିଚୁକୁଳି ବଜାରରେ ଦୋକାନ କଲେ। ଅରୁଣ କୁହନ୍ତି, ବଜାରରେ ଦୋକାନ ଦେଇଥିଲେ ମଧ୍ୟ ଆମ ପଡ଼ିଆ ପଡ଼ିଥିବା ଜମିରେ କିଛି ନୂଆ ଚାଷ ପାଇଁ ଇଚ୍ଛା ଥିଲା। ସୋସିଆଲ ମିଡିଆରୁ ଥାଇଲାଣ୍ଡ ଚାଷ ସମ୍ପର୍କରେ ଜାଣି ଏହି ଚାଷ କରିବା ପାଇଁ ଆଗ୍ରହ ବଢ଼ିଥିଲା। ଗତ ମାର୍ଚ୍ଚ ମାସରେ ଚାଷକାର୍ଯ୍ୟ ଆରମ୍ଭ କରିଥିଲୁ। ଅଶୋକ କୁହନ୍ତି, ଆମ ଜମି ଚାଷ ନ ହେବାରୁ ଟାଙ୍ଗରା ପାଲଟି ଯାଇଥିଲା। ଥାଇଲାଣ୍ଡ କୋଳି ଚାଷ ପାଇଁ ଜମିକୁ ପ୍ରସ୍ତୁତ କରିଥିଲୁ। ଦୀର୍ଘ ମାସର ପରିଶ୍ରମ ପରେ ଏହି ସଫଳତା ମିଳିଛି। କମ୍ ଖର୍ଚ୍ଚରେ ଜୈବିକ ପଦ୍ଧତିରେ ଆଧୁନିକ ଜ୍ଞାନକୌଶଳରେ ଏହି ଚାଷ କରୁଛୁ। ଏଭଳି ଲାଭଦାୟକ ଫସଲ ଦ୍ୱାରା ବେକାରି ସମସ୍ୟା ଦୂର ହୋଇପାରିବ ବୋଲି ଆମେ ଆଶା ରଖିଛୁ। ଆଜିର ଯୁବସମାଜ ଚାକିରି ପଛରେ ଗୋଡ଼ାଇ ସମୟ ଅପଚୟ କରିବା ଅପେକ୍ଷା ନିଜସ୍ୱ ପ୍ରଚେଷ୍ଟାରେ ଚାଷ କଲେ ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେଇପାରିବେ ବୋଲି ସେମାନେ ମତ ରଖିଛନ୍ତି।


ଅଶୋକ ସାହୁ


ଅରୁଣ ସାହୁ

## ଚାଷକାର୍ଯ୍ୟ ଦେଉଛି ଆତ୍ମସନ୍ତୋଷ

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆ ଗ୍ରାମର ୨୮ ବର୍ଷୀୟ ଯୁବକ ଉଜ୍ଜ୍ୱଳ ଦେହୁରୀ। ୨୦୧୭ ମସିହାରେ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ । ଇଂଜିନିୟରିଂ ପଢ଼ା ସାରିଥିଲେ ସୁଦ୍ଧା ଚାକିରି ନ ଖୋଜି ୨୦୧୮ରେ ଆରମ୍ଭ କରିଥିଲେ ନିଜର କୃଷିଦ୍ୟୋଗ । ପ୍ରଥମେ ଅଳ୍ପ ଚାଷ ଜମିରେ ସେ ବିଭିନ୍ନ ପ୍ରକାର ପନିପରିବା ଚାଷ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ୮ ଏକର ପରିମିତ ଚାଷଜମିରେ କରୁଛନ୍ତି କୁକୁଡ଼ା ଚାଷ, ମାଛଚାଷ ଓ ପନିପରିବା ଚାଷ । ୫ ହଜାର ବ୍ରଏଲର କୁକୁଡ଼ା ସହ ପାଳିଛନ୍ତି ଏକ ହଜାରରୁ ଅଧିକ କଳର ବାର୍ଡ । ପୋଖରୀରେ ୨ ହଜାରରୁ ଅଧିକ ଯାଁଳ ଛାଡ଼ି ମାଛଚାଷ କରିଛନ୍ତି। କଲରା, ବାଇଗଣ, ଲଙ୍କା, ଟମାଟୋ ଆଦି ପରିବା ସହ ଧାନଚାଷକୁ ମଧ୍ୟ ସେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ସେ କୁହନ୍ତି, ପ୍ରଥମେ ଇଂଜିନିୟର ହେବାକୁ ଇଚ୍ଛା ଥିବାରୁ ବି.ଟେକ୍ ପାଠ ପଢ଼ିଲି, ହେଲେ ଚାକିରିରେ ଏକ ନିର୍ଦ୍ଦିଷ୍ଟ ଦରମା ପାଇବା ଅପେକ୍ଷା ଚାଷ କରି ଅଧିକ ଲାଭବାନ୍ ହୋଇପାରିବି ବୋଲି ଭାବି ଏଥିରେ ମନ ନିବେଶ କଲି। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଚାଷରୁ ବାର୍ଷିକ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର କରିପାରୁଛି। ତେବେ ଏଥିପାଇଁ କେବଳ ନିଜେ ଲାଭବାନ୍ ନ ହୋଇ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ରୋଜଗାର ଯୋଗାଇ ଦେଇପାରିଥିବାରୁ ବେଶି ଖୁସି ଲାଗୁଛି। ଏହି କାର୍ଯ୍ୟ ମୋତେ ଆତ୍ମସନ୍ତୋଷ ଦେଉଛି। ଭବିଷ୍ୟତରେ ଛେଳି ଏବଂ ଗାଈ ଫାର୍ମ କରିବାକୁ ମନସ୍ଥ କରିଛି ।


ଉଜ୍ଜ୍ୱଳ ଦେହୁରୀ

### ଜାଣନ୍ତୁ ଦୁନିଆ

## ଉତ୍ତର କୋରିଆ



**ପୂର୍ବ ଏସୀୟ ଦେଶ ଉତ୍ତର କୋରିଆ, ଯାହାକି ଅଫିସିଆଲି ଡେମୋକ୍ରାଟିକ୍ ପିପୁଲ୍ସ ରିପବ୍ଲିକ୍ ଅଫ୍ କୋରିଆ (ଡିପିଆର୍‌କେ) ଭାବେ ଜଣାଶୁଣା। ଏହି ଦେଶରେ କିଛି ଏଭଳି ଅଜବ ଘଟଣା ଦେଖିବାକୁ ମିଳେ, ଯାହା ସମ୍ପର୍କରେ ଜାଣିବା ଲାଗି ସଭିଙ୍କ ମନରେ ଉତ୍ସୁକତା ଦେଖାଦେଇଥାଏ। ଜାଣିବା ଏହି ଦେଶ ସମ୍ପର୍କରେ ଏଭଳି କିଛି ତଥ୍ୟ...**

➲ ଏହି ଦେଶ ସେଠାରେ ଥିବା କିମ୍ ପରିବାର ଦ୍ୱାରା ପରିଚାଳତ ହୋଇଥାଏ। ବର୍ତ୍ତମାନ ଦେଶର ଶାସନ ଦାୟିତ୍ୱ ତୁଲାଉଛନ୍ତି କିମ୍ ଜଙ୍ଗ–ଉନ୍।

➲ ଏହା ପୃଥିବୀର ଏକ ଗରିବ ରାଷ୍ଟ୍ର, ଯେଉଁଠାରେ ଅନେକ ଲୋକ ପୁଷ୍ଟିହୀନତାର ଶିକାର ହୋଇଥା'ନ୍ତି।

➲ ଏହି ଦେଶରେ ଇଣ୍ଟରନେଟ୍ ବ୍ୟବହାର କରିବା ମନା। ଅଳ୍ପ କେତେଜଣଙ୍କୁ କେତେକ ସରକାରୀ ୱେବ୍‌ସାଇଟ୍ ବ୍ୟବହାର କରିବା ପାଇଁ ଅନୁମତି ରହିଛି।

➲ ଏହି ଦେଶ ପୃଥିବୀର ସବୁଠୁ ଭିନ୍ନ ରହୁଥିବା ଦେଶ। କେବଳ କେତେକ ବ୍ୟବସାୟିକ ସମ୍ପର୍କ ବ୍ୟତୀତ ଏଠାକାର ବାସିନ୍ଦାଙ୍କୁ ଅନ୍ୟ ଦେଶକୁ ଯିବା ସମ୍ପୂର୍ଣ୍ଣ ମନା। ବାହାରକୁ ଯିବାକୁ ହେଲେ ସରକାରଙ୍କ ଅନୁମତି ନିହାତି ଆବଶ୍ୟକ।

➲ ଏହି ଦେଶରେ ଖୁବ୍ ଶକ୍ତ ମିଲିଟାରୀ ବ୍ୟବସ୍ଥା ରହିଛି। ଏଠାରେ ପୃଥିବୀର ସର୍ବାଧିକ ସଂଖ୍ୟକ ସ୍ଥାୟୀ ସେନାବାହିନୀ ରହିଛନ୍ତି।

➲ ଏହି ଦେଶର ରାଜଧାନୀ ପ୍ୟୋଙ୍ଗ୍‌ୟାଙ୍ଗ୍‌ରେ ରହିଛି ସବୁଠୁ ଉଚ୍ଚତମ କୋଠା ୧୦୭୯ ଫୁଟ୍ ଉଚ୍ଚତା ବିଶିଷ୍ଟ ର୍ୟୁଗ୍‌ୟୋଙ୍ଗ୍ ହୋଟେଲ୍। ୧୯୮୭ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଦେଶର ଦୁର୍ବଳ ଆର୍ଥିକ ସ୍ଥିତି ପାଇଁ ଏହା ଏବେବି ଅସମ୍ପୂର୍ଣ୍ଣ ହୋଇ ଭୂତକୋଠି ଭଳି ପଡ଼ିରହିଛି। ୧୦୫ ମହଲା ବିଶିଷ୍ଟ ଏହି ବିଲ୍ଡିଂକୁ ସବୁଠୁ ଖାଲି ଉଚ୍ଚତମ ବିଲ୍ଡିଂ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ କରାଯାଇଛି।

➲ ଏହି ଦେଶର ମହିଳାଙ୍କୁ ମାତ୍ର ୧୫ ପ୍ରକାର ଷ୍ଟାଇଲ୍‌ରେ ବାଳ କାଟିବାର ଅନୁମତି ରହିଛି। ଏହା ବ୍ୟତୀତ କେହି ଅନ୍ୟ ଷ୍ଟାଇଲ୍‌ରେ କାଟିଲେ ଆଇନ ଉଲ୍ଲଂଘନ କରିବା ଅପରାଧରେ ଗିରଫ କରାଯାଇଥାଏ। ସେହିପରି ଯୁବତୀମାନଙ୍କୁ କେବଳ ଛୋଟ ହେୟାରଷ୍ଟାଇଲ୍ ରଖିବାର ଅନୁମତି ରହିଛି।



➲ ଏହି ଦେଶରେ ବ୍ଲୁ ଜିନ୍ସ ପିନ୍ଧିବା ଅପରାଧ।

➲ ଏଠାରେ ମାନବାଧିକାର ଉଲ୍ଲଂଘନ ପାଇଁ ତିନି ପିଢ଼ିଙ୍କୁ ଦଣ୍ଡିତ କରିବା ସବୁଠୁ କଠୋର ଦଣ୍ଡ। ବିଭିନ୍ନ ଦଣ୍ଡ ମଧ୍ୟରୁ ଏହି ଦଣ୍ଡରେ ଯଦି କେହି ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଆନ୍ତି, ତେବେ ତାଙ୍କ ତିନି ପିଢ଼ିଙ୍କୁ ମଧ୍ୟ ଜେଲରେ ଜୀବନ କାଟିବାକୁ ପଡ଼ିଥାଏ।

### ଯୁଥ୍ ଆଲର୍ଟ

## ଶୋଇବାବେଳେ ମୁହଁ ଘୋଡ଼ାଉଥିଲେ...



**ସୁସ୍ଥ ରହିବା ପାଇଁ ପ୍ରତିଦିନ ଆବଶ୍ୟକ ମାତ୍ରାରେ ନିଦ୍ରା ଯିବା ଜରୁରୀ। ହେଲେ ଶୋଇବା ବେଳେ ଅନେକଙ୍କର ମୁହଁ ଘୋଡ଼ାଇ ଶୋଇବାର ଅଭ୍ୟାସ ରହିଛି। ହେଲେ ଏପରି ଶୋଇବା ଅଭ୍ୟାସ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ...**

⇨ ମୁହଁ ଘୋଡ଼ାଇ ଶୋଇବା ଅଭ୍ୟାସ ଥିଲେ କେବଳ ମୁଣ୍ଡ ଏବଂ କାନ ଢାଙ୍କନ୍ତୁ ଏବଂ ନିଃଶ୍ୱାସପ୍ରଶ୍ୱାସ ନେବା ପାଇଁ ମୁହଁ ଖୋଲା ରଖନ୍ତୁ। କାରଣ ସମ୍ପୂର୍ଣ୍ଣ ମୁହଁ ଢାଙ୍କି ଶୋଇବା ଦ୍ୱାରା ସ୍ଲିପ୍ ଆପ୍ନିଆ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦେଖାଯାଏ। ଶୋଇବାରେ ଅସୁବିଧା ଖାସ୍ କରି ଅନିଦ୍ରା ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଏହା କ୍ଷତିକାରକ ହୋଇଥାଏ।

⇨ ଶୋଇବାବେଳେ ଚାଦର କିମ୍ବା କମ୍ବଳ ନାକ ଉପରେ ରହିବା କାରଣରୁ ଅମ୍ଳଜାନ ଠିକ୍ ଭାବେ ମିଳିପାରି ନ ଥାଏ। ଫଳରେ ମାଂସପେଶୀ ଏବଂ ରକ୍ତ ସଞ୍ଚାଳନରେ ପ୍ରଭାବ ପଡ଼ିଥାଏ। ଏମିତିରେ ଅଣନିଃଶ୍ୱାସୀ ଲାଗିବା ଯୋଗୁ ବ୍ରେନ୍ ଡ୍ୟାମେଜ୍, ଆଲ୍‌ଝିମର୍, ଡେମେନ୍‌ସିଆ ଏବଂ ହୃଦ୍‌ଘାତ ହେବାର ଆଶଙ୍କା ଅଛି।



⇨ ଏକ ଗବେଷଣାରୁ ଜଣାପଡ଼ିଛି, ୨୩% ଲୋକ ଶୋଇବାବେଳେ ମୁହଁ ଢାଙ୍କି ଶୋଇଥା'ନ୍ତି। ତେଣୁ ଅନେକେ ଡେମେନ୍‌ସିଆର ଶିକାର ହୋଇଥା'ନ୍ତି।

⇨ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୪୨ ନିୟୁତ ଆମେରିକୀୟ ସ୍ଲିପ୍ ଡିଜ୍‌ଅର୍ଡରରେ ପୀଡ଼ିତ। ୫ ଜଣଙ୍କ ମଧ୍ୟରୁ ଜଣଙ୍କୁ ସ୍ଲିପ୍ ଆପ୍‌ନିଆ ହୋଇଛି। ଏହି ଗମ୍ଭୀର ସମସ୍ୟା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେଲେ ଦେଖାଯାଏ, ଯାହା ମୁହଁ ଢାଙ୍କି ଶୋଇବା ଦ୍ୱାରା ହୋଇଥାଏ।

⇨ ସ୍ଲିପ୍ ଆପ୍‌ନିଆ, ଆସ୍ଥମା ଏବଂ ହୃଦ୍‌ରୋଗରେ ପୀଡ଼ିତ ବ୍ୟକ୍ତି ମୁହଁ ଢାଙ୍କି ଶୋଇବାରୁ ନିବୃତ୍ତ ରୁହନ୍ତୁ। ମସ୍ତିଷ୍କରେ ଅମ୍ଳଜାନ କମ୍ ମିଳିବା ଦ୍ୱାରା ମାନସିକ ସମସ୍ୟା ଯଥା ମୁଣ୍ଡବିନ୍ଧା ଏବଂ ମାଇଗ୍ରେନ୍ ସମସ୍ୟା ମଧ୍ୟ ଦେଖାଯାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁଆରୀ ୭/୨୦୨୪ Bhubaneswar, Sunday, January 7/ 2024



ଟ୍ରଫି ସହ ଅଷ୍ଟ୍ରେଲିଆ ଦଳ।



କ୍ୟାରିୟରର ଅନ୍ତିମ ଟେଷ୍ଟ ଇନିଂସରେ ବ୍ୟାଟିଂ ପାଇଁ ଆସୁଛନ୍ତି ଡେଭିଡ୍ ୱାର୍ନର।

# ଅଷ୍ଟ୍ରେଲିଆର ସିରିଜ୍ କ୍ଲିନ୍ ସୁଇପ୍

ସିଡ୍ନୀ,୬।୧(ପି.ଟି)

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଅନ୍ତିମ ଟେଷ୍ଟ ଖେଳୁଥିବା ଡେଭିଡ୍ ୱାର୍ନରଙ୍କ ଅର୍ଦ୍ଧଶତକ ବଳରେ ପାକିସ୍ତାନ ବିପକ୍ଷ ଅନ୍ତିମ ଟେଷ୍ଟକୁ ୮ ଉଇକେଟରେ ଜିତି ନେଇଛି ଅଷ୍ଟ୍ରେଲିଆ। ଏହା ସହିତ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି ଅଷ୍ଟ୍ରେଲିଆ। ଚତୁର୍ଥ ଦିନରେ ଘରୋଇ ଦଳ ଆଗରେ ୧୩୦ ରନ୍‌ର ଲକ୍ଷ୍ୟ ରହିଥିବା ବେଳେ ୨ ଉଇକେଟ ହରାଇ ଏହାକୁ ହାସଲ କରି ନେଇଥିଲା। ଡେଭିଡ୍ ୱାର୍ନର ୫୭ ରନ୍ କରିଥିବା ବେଳେ ମାର୍ନସ୍ ଲାବୁଶେନ୍ ୬୨ ରନ୍‌ରେ ଅପରାଜିତ ରହିଥିଲେ। ବିଜୟ ପାଇଁ ୧୧ ରନ୍ ଆବଶ୍ୟକ ରହିଥିବା ବେଳେ ୱାର୍ନର ଆଉଟ ହୋଇଥିଲେ। ୱାର୍ନରଙ୍କୁ ସମ୍ପୂର୍ଣ୍ଣ ଷ୍ଟାଡିୟମ ଷ୍ଟାଣ୍ଡିଂ ଓଭେସନ୍ ପ୍ରଦାନ କରିଥିଲା। ପୂର୍ବରୁ ଅନ୍ତିମ ଟେଷ୍ଟରେ ବ୍ୟାଟିଂ ପାଇଁ ଓହ୍ଲାଇବା ବେଳେ ପାକିସ୍ତାନ ଦଳ ୱାର୍ନରଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୬୭/୭ରୁ ଖେଳ ଆରମ୍ଭ କରି ପାକିସ୍ତାନ ୧୧୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ମହମ୍ମଦ ରିଜୱାନ(୨୮) ଓ ଆମିର ଜମାଲ(୧୮) ଅଷ୍ଟମ ଉଇକେଟରେ ୪୨ ରନ୍ ଯୋଡିଥିଲେ। ତେବେ ରିଜୱାନ ଆଉଟ ହେବା

## ବିଦାୟୀ ଟେଷ୍ଟରେ ୱାର୍ନରଙ୍କ ଅର୍ଦ୍ଧଶତକ

ସହ ପାକିସ୍ତାନର ସମ୍ଭାବନା ଶେଷ ହୋଇ ଥିଲା। ତୃତୀୟ ଦିନରେ ଜୋଶ ହେଜେଲଉଡ୍ ୪ ଉଇକେଟ ନେଇ ପାକିସ୍ତାନର ବିପର୍ଯ୍ୟୟ ଘଟାଇଥିଲେ। ପ୍ରଥମ ଇନିଂସରେ ପାକିସ୍ତାନ ୧୪ ରନ୍‌ରେ ଆଗୁଆ ରହିଥିବା ବେଳେ ଅଷ୍ଟ୍ରେଲିଆ ସମ୍ମୁଖରେ ୧୩୦ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ପ୍ରଥମ ଓଭରରେ ଖାତା ଖୋଲିବା ପୂର୍ବରୁ ଉସ୍‌ମାନ ଖ୍ୱାଜା ଆଉଟ ହୋଇଥିଲେ। ତେବେ ଡେଭିଡ୍ ୱାର୍ନର ଓ ଲାବୁଶେନ୍ ଦ୍ୱିତୀୟ ଉଇକେଟରେ ୧୧୯ ରନ୍ ଯୋଡିଥିଲେ। ୱାର୍ନର ୭୫ ବଲ୍ ଖେଳି ୭ ଚୌକା ମାରିଥିଲେ। ଅନ୍ୟପକ୍ଷରେ ଲାବୁଶେନ୍ ୭୩ ବଲ୍ ଖେଳି ୯ ଚୌକା ମାରିଥିଲେ। ପାକିସ୍ତାନ ପକ୍ଷରୁ ସାଜିଦ୍ ଖାନ୍ ଦୁଇଟି ଉଇକେଟ ନେଇଥିଲେ। ପାକିସ୍ତାନ ପ୍ରଥମ ଇନିଂସରେ ୩୧୩ ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆ ୨୯୯ ରନ୍‌ରେ ସୀମିତ ରହିଥିଲା। ପାକିସ୍ତାନର ଦ୍ୱିତୀୟ ଇନିଂସ ମାତ୍ର ୧୧୫ ରନ୍‌ରେ ସୀମିତ ରହିଥିଲା। ଅଲରାଉଣ୍ଡ ପ୍ରଦର୍ଶନ(୮୨ ଓ ୧୮ ରନ୍, ୬ ଉଇକେଟ) ପାଇଁ ଆମିର ଜମାଲଙ୍କୁ ପ୍ଲେୟର ଅଫ ଦ ମ୍ୟାଚ ଓ ପ୍ୟାଟ କୁମିନ୍ସଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ ପ୍ରଥମ ଇନିଂସ: ୩୧୩/୧୦
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୯୯/୧୦
ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୧୫/୧୦(ସାଇମ ଆୟୁବ-୩୩, ମହମ୍ମଦ ରିଜୱାନ-୨୮, ବାବର ଆଜମ-୨୩, ଜୋଶ ହେଜେଲଉଡ୍-୪/୧୬, ନାଥାନ ଲିୟନ-୩/୩୬, ମିଚେଲ୍ ଷ୍ଟାର୍କ-୧/୧୫)।
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୩୦/୨(ମାର୍ନସ ଲାବୁଶେନ୍-୬୨*, ଡେଭିଡ୍ ୱାର୍ନର-୫୭, ସାଜିଦ୍ ଖାନ୍-୨/୪୯)।

# ସିରିଜ ଜିତିବା ଲକ୍ଷ୍ୟରେ ଭାରତ

## ମହିଳା ଟି୨୦

ନଭି ମୁମ୍ବାଇ,୬।୧(ପି.ଟି)

ପ୍ରଥମ ଟି୨୦ରେ ପ୍ରଭାବୀ ବିଜୟ ହାସଲ କରିବା ପରେ ରବିବାର ଦ୍ୱିତୀୟ ମ୍ୟାଚ୍ ସହିତ ସିରିଜ ଜିତବା ଲକ୍ଷ୍ୟରେ ରହିଛି ଭାରତୀୟ ମହିଳା ଦଳ। ଦିନିକିଆ ସିରିଜର ଖରାପ ପ୍ରଦର୍ଶନକୁ ପଛରେ ପକାଇ ପ୍ରଥମ ଟି୨୦ରେ ଭାରତ ଦମଦାର ବିଜୟ ହାସଲ କରିଥିଲା। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲା। ଦିନିକିଆରେ ଖରାପ ପ୍ରଦର୍ଶନ ପାଇଁ ସମାଲୋଚିତ ହୋଇଥିଲେ ହେଁ ପ୍ରଥମେ ବୋଲିଂ ଓ ଫିଲ୍ଡିଂରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲା। ପରେ ବ୍ୟାଟିଂରେ ଶେଫାଳି ବର୍ମା(୬୪*) ଓ ସ୍ମୃତି ମନ୍ଧାନା(୫୪) ପ୍ରଥମ ଉଇକେଟରେ ୧୩୭ ରନ୍ ଯୋଡିଥିଲେ। ୧୯ ବର୍ଷୀୟା ପେସ୍ ବୋଲର ତିତାସ ସାଧୁ ୧୭ ରନ୍ ଦେଇ ୪ ଉଇକେଟ ନେଇଥିବା ବେଳେ ଦୀପ୍ତି ଶର୍ମା ଓ ଶ୍ରେୟଙ୍କା ପାଟିଲ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଭାରତୀୟ ଦଳର ଫିଲ୍ଡିଂ ଚମତ୍କାର ରହିଥିବା ବେଳେ ଅଧିନାୟିକା ହରମନ୍‌ପ୍ରୀତ୍ କୌର ଏକାକୀ ୪ଟି କ୍ୟାଚ ନେଇଥିଲେ। ଶୁକ୍ରବାର ଆମର ଫିଲ୍ଡିଂ ଚମତ୍କାର ରହିବା କାରଣରୁ ହିଁ ବୋଲରଙ୍କ ପ୍ରଦର୍ଶନ ନଜରକୁ ଆସିଥିଲା ବୋଲି କହିଛନ୍ତି ହରମନ୍‌ପ୍ରୀତ୍। ରବିବାର ଦ୍ୱିତୀୟ ଟି୨୦ ଖେଳା ଯିବାକୁ ଥିବା ବେଳେ ଭାରତ ଏହାକୁ ଜିତି ଆଗୁଆ ସିରିଜ୍ ଜିତିବାକୁ ପ୍ରୟାସ କରିବ। ପୂର୍ବରୁ ୨୦୧୫-୧୬ରେ ମଧ୍ୟ ଭାରତ ସମାନ ଷ୍ଟାଡିୟମରେ ସିରିଜ୍ ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆର ବରିଷ୍ଠ ଖେଳାଳି ଏଲିସ୍ ପେରୀଙ୍କର ଏହା ୩୦୦ ତମ ମ୍ୟାଚ୍ ହୋଇଥିବା ବେଳେ ଦଳ ଏହାକୁ ସ୍ମରଣୀୟ କରିବାକୁ ଚାହିଁବ। ପ୍ରଥମ ଟି୨୦ରେ ଅଷ୍ଟ୍ରେଲିଆ ପକ୍ଷରୁ ଫିବ ଲିଚଫିଲ୍ଡ ୪୯ ରନ୍ ସ୍କୋର କରିଥିବା ବେଳେ ଏଲିସ୍ ପେରୀଙ୍କ ସହିତ ୭୯ ରନ୍ ଯୋଡିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଡାର୍ସି ବ୍ରାଉନ୍ ପ୍ରଥମ ଓଭରରେ ୧୪ ଅତିରିକ୍ତ ରନ୍ ବ୍ୟୟ କରିଥିବା ବେଳେ ଦଳ ଏହାକୁ ସୁଧାରିବାକୁ ଚାହିଁବ।

**ମ୍ୟାଚ୍ ସ୍ଥାନ**
ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମ,
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ : ସ୍ପୋର୍ଟ୍ସ ୧୮



ନେଟ୍ ସେସନ୍ ଅବସରରେ ମହିଳା କ୍ରିକେଟ ଦଳ।

# ଆଫଗାନିସ୍ତାନ ଦଳରେ ରଶିଦ ଖାନ୍

## ଭାରତ ବିପକ୍ଷ ଟି୨୦ ସିରିଜ

କାବୁଲ, ୬।୧(ପି.ଟି.)

ମୋହାଲିଠାରେ ଜାନୁୟାରୀ ୧୧ରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ପାଇଁ ଶନିବାର ୧୯ ଜଣିଆ ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ଯୁବ ଖେଳାଳି ଇବ୍ରାହିମ ଜାଦ୍ରାନଙ୍କୁ ଦଳର ଅଧିନାୟକ କରାଯାଇଥିବା ବେଳେ ପ୍ରମୁଖ ଲେଗ୍ ସ୍ପିନର ରଶିଦ ଖାନ୍‌ଙ୍କୁ ଦଳରେ ନିଆଯାଇଛି। ରଶିଦ ହେଉଛନ୍ତି ଆଫଗାନିସ୍ତାନ ଟି୨୦ ଦଳର ନିୟମିତ ଅଧିନାୟକ। ସେ ନିକଟରେ ପିଠି ଇଞ୍ଜୁରିରୁ ମୁକ୍ତି ପାଇଥିବାରୁ ତାଙ୍କୁ ହୁଏତ କୌଣସି ଗେମ୍‌ରେ ଖେଳା ନ ଯାଇପାରେ। ନିକଟରେ ୟୁଏଇ ବିପକ୍ଷରେ ଖେଳାଯାଇଥିବା ୩ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ଖେଳି ନ ଥିବା ମୁଜିବୁର ରହମନଙ୍କୁ ଭାରତ ବିପକ୍ଷ ସିରିଜ ପାଇଁ ମନୋନୀତ କରାଯାଇଥିବା ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ସୂଚନା ଦେଇଛି। ୟୁଏଇରେ ରିଜର୍ଭ ଖେଳାଳି ରହିଥିବା ଇକ୍ରାମ ଅଲିଖିଲଙ୍କୁ ପଦୋନ୍ନତି କରାଯାଇ ମୁଖ୍ୟ ଦଳରେ ବ୍ୟାକ୍‌ଅପ୍



ଉଇକେଟକିପର ବ୍ୟାଟର ଭାବେ ସାମିଲ କରାଯାଇଛି। ଶାରଜାଠାରେ ୟୁଏଇ ବିପକ୍ଷରେ ୨-୧ରେ ସିରିଜ ଜିତିଥିବା ଆଫଗାନିସ୍ତାନ ଦଳର ନେତୃତ୍ୱ ନେଇଥିବା ଜାଦ୍ରାନଙ୍କୁ ଭାରତ ବିପକ୍ଷ ସିରିଜ ପାଇଁ ମଧ୍ୟ ଅଧିନାୟକ ମନୋନୀତ କରାଯାଇଛି।

**ଆଫଗାନିସ୍ତାନ ଟି୨୦ ଦଳ:** ଇବ୍ରାହିମ ଜାଦ୍ରାନ (ଅଧିନାୟକ), ରହମାନୁଲ୍ଲା ଗୁର୍‌ବାଜ (ଉଇକେଟକିପର), ଇକ୍ରାମ ଆଲିଖିଲ (ଉଇକେଟକିପର), ହଜରତୁଲ୍ଲା ଜାଜାଇ, ରହମତ ଶାହା, ନାଜୁବୁଲ୍ଲା ଜାଦ୍ରାନ, ମହମ୍ମଦ ନବି, କରିମ ଜନତ, ଅଜମୁଲ୍ଲା ଓମାରଜାଇ, ଶାରାଫୁଦ୍ଦିନ ଅଶ୍ରଫ, ମୁଜିବୁର ରହମନ, ଫଜଲ ହକ୍ ଫାରୁକି, ଫରିଦ ଅହମଦ, ନବୀନ ଉଲ୍ ହକ୍, ନୁର ଅହମ୍ମଦ, ମହମ୍ମଦ ସଲିମ, କ୍ୱାଇସ ଅହମଦ, ଗୁଲବାଦିନ ନାଇବ ଓ ରଶିଦ ଖାନ୍।

# ସାଙ୍ଗରେ ରୋଷେୟା ଆଣିବ ଇଂଲଣ୍ଡ ଦଳ

ଲଣ୍ଡନ,୬।୧(ପି.ଟି): ଆଗାମୀ ଭାରତ ଗସ୍ତରେ ଇଂଲଣ୍ଡ ଦଳ ନିଜ ସାଥୀରେ ଫୁଟବଲ୍ କ୍ଲବ ମାଞ୍ଚେଷ୍ଟର ୟୁନାଇଟେଡର ସେଫଙ୍କୁ ସାଙ୍ଗରେ ଆଣିବ ବୋଲି ଶନିବାର ପ୍ରକାଶ ପାଇଛି। ଖେଳାଳିଙ୍କ ପୋଷଣର ଧ୍ୟାନ ରଖିବା ପାଇଁ ପୂର୍ବରୁ ସେଫ୍ ଓମାର ମେଜିଏନ୍ ୨୦୨୨ରେ ଇଂଲଣ୍ଡ ଦଳ ସହ ପାକିସ୍ତାନ ଗସ୍ତ କରିଥିଲେ।




# ଓଡ଼ିଶା ୨୧୬ ରନ୍‌ରେ ପଛୁଆ

## ରଣଜୀ ଟ୍ରଫି

ଭୁବନେଶ୍ୱର,୬।୧(ସରୋଜ ଜେନା): ଭଦୋଦରାର ମୋତିବାଗ ଷ୍ଟାଡିୟମରେ ବରୋଦା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ୨୧୬ ରନ୍ ପଛରେ ରହିଛି ଓଡ଼ିଶା। ବରୋଦା ପ୍ରଥମ ଇନିଂସରେ ୩୫୧ ରନ୍ ସ୍କୋର କରିବା ପରେ ଓଡ଼ିଶା ୧୭୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବରୋଦା ୧ ଉଇକେଟ ବିନିମୟରେ ୪୩ ରନ୍ ସ୍କୋର କରି ୨୧୬ ରନ୍‌ରେ ଆଗୁଆ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୨୨/୬ ରୁ ଖେଳ ଆରମ୍ଭ କରି ବରୋଦା ୩୫୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଉଇକେଟ କିପର ମିତେଶ ପଟେଲ ୧୧୬ ରନ୍ କରିଥିବା ବେଳେ ଅତୀତ ସେଠ୍ ପୂର୍ବଦିନର ସ୍କୋରରେ ୧ ରନ୍ ଯୋଡି ଆଉଟ ହୋଇଥିଲେ। ମିତେଶ ୧୫୧ ବଲ୍ ଖେଳି ୧୪ ଚୌକା ଓ ୨ ଛକା ସହ ୧୧୬ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସଫଳ ବୋଲର ଭାବେ ରାଜେଶ ମହାନ୍ତି ୪ ଉଇକେଟ ନେଇଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ପ୍ରଧାନ, ଜୟନ୍ତ ବେହେରା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଓଡ଼ିଶାର ଆରମ୍ଭ କିନ୍ତୁ ବିପର୍ଯ୍ୟୟ ପୂର୍ଣ୍ଣ ରହିଥିଲା। ଦଳ ୪୨ ରନ୍‌ରେ ଏହାର



ଗୋବିନ୍ଦ ପୋଦ୍ଦାର

୪ ବ୍ୟାଟରଙ୍କ ଉଇକେଟ ହରାଇଥିଲା। ଅନୁରାଗ ଷଡଙ୍ଗୀ(୫), ସନ୍ଦୀପ ପଟ୍ଟନାୟକ(୮), ଶୁଭ୍ରାଂଶୁ ସେନାପତି(୪) ଓ କାର୍ତ୍ତିକ ବିଶ୍ୱାଳ(୨) ଆଉଟ ହେବାରୁ ଓଡ଼ିଶା ସଙ୍କଟରେ ପଡିଥିଲା। ତେବେ ଅଧିନାୟକ ଶାନ୍ତନୁ ମିଶ୍ର(୪୫) ଓ ଗୋବିନ୍ଦ ପୋଦ୍ଦାର(୬୮) ଙ୍କ ମଧ୍ୟରେ ପଞ୍ଚମ ଉଇକେଟରେ ୬୫ ରନ୍‌ର ଭାଗୀଦାରି ହୋଇଥିଲା। ତେବେ ଶାନ୍ତନୁ ଆଉଟ ହେବା ପରେ ଓଡ଼ିଶା ଆଉ ଏକ ମିନି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଆଶୀର୍ବାଦ ସ୍ୱାଇଁ(୨) ଓ ଦେବବ୍ରତ ପ୍ରଧାନ(୦) ଆଉଟ ହେବା ପରେ ୧୧୦ ରନ୍‌ରେ ସପ୍ତମ ଉଇକେଟ ହରାଇଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ(୨୭)ଙ୍କ ସହ ମିଶି ପୋଦ୍ଦାର ଆଉ ୫୭ ରନ୍ ଯୋଡିଥିଲେ। ୧୨୧ ବଲ୍ ଖେଳି ୯ ଚୌକା ସହିତ ପୋଦ୍ଦାର ଆଉଟ ହେବା ପରେ ଓଡ଼ିଶା ୧୭୮ ରନ୍‌ରେ ଅଲଆଉଟ ହୋଇଥିଲା। ବରୋଦା ପକ୍ଷରୁ ଅତୀତ ସେଠ୍ ୩, ଭାର୍ଗବ ଭଟ୍ଟ ଓ ନିନାଦ ରଥୱା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୧୭୩ ରନ୍‌ରେ ଆଗୁଆ ଥିବା ବରୋଦା ଦ୍ୱିତୀୟ ଇନିଂସ ଆରମ୍ଭ କରି ୧ ଉଇକେଟ ହରାଇ ୪୩ ରନ୍ ସ୍କୋର କରିଛି। କିନିତ ପଟେଲ ୧ ରନ୍ କରି ଦ୍ୱିତୀୟ ଓଭରରେ ଆଉଟ ହୋଇଥିବା ବେଳେ ଜ୍ୟୋତ୍ସ୍ନିଲ ସିଂ ୨୮ ଓ ଶାଶ୍ୱତ ରାୱତ ୧୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଦେବବ୍ରତ ପ୍ରଧାନ ଏକମାତ୍ର ଉଇକେଟ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବରୋଦା ପ୍ରଥମ ଇନିଂସ (୯୬.୫ ଓଭରରେ): ୩୫୧/୧୦ (ମିତେଶ ପଟେଲ-୧୧୬, ଜ୍ୟୋତ୍ସ୍ନିଲ ସିଂ-୭୩, ଅତୀତ ଶେଠ୍-୫୭, ରାଜେଶ ମହାନ୍ତି-୪/୭୪, ସୂର୍ଯ୍ୟକାନ୍ତ ପ୍ରଧାନ-୨/୮୬, ଦେବବ୍ରତ ପ୍ରଧାନ-୧/୪୮)।
ଓଡ଼ିଶା ପ୍ରଥମ ଇନିଂସ(୫୮.୨ ଓଭରରେ): ୧୭୮/୧୦(ଗୋବିନ୍ଦ ପୋଦ୍ଦାର-୬୮, ଶାନ୍ତନୁ ମିଶ୍ର-୪୫, ସୂର୍ଯ୍ୟକାନ୍ତ ପ୍ରଧାନ-୨୭, ଅତୀତ ସେଠ-୩/୫୦, ଭାର୍ଗବ ଭଟ୍ଟ-୨/୨୮, ନିନାଦ ରଥୱା-୨/୨୧)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ